

ଜାତୀୟ ସମବାୟ ନୀତିକୁ ଉନ୍ମୋଚନ କରିବେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଅକ୍ଷୟଙ୍କ ମହାନତା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୩ Vol. 22 No-113 23 JULY 2025 WEDNESDAY, BHUBANESWAR ବୁଧବାର, ୨୩ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଦିଲ୍ଲୀ ଗସ୍ତରେ ମନମୋହନ

ଭୁବନେଶ୍ୱର, ୨୨।୭(ଭାସ୍କର ନ୍ୟୁଜ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପୁଣି ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ତାଙ୍କ ସହ ବିଜେପିର ସଂଗଠନ ସଂପାଦକ ମାନସ ମହାନ୍ତି ମଧ୍ୟ ସାମିଲ ହୋଇଥିବା ସୂଚନା ମିଳିଛି। ସୋମବାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ ପାଟିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାକ୍ଷାତ କରିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ମନମୋହନଙ୍କ ଦିଲ୍ଲୀ ଗସ୍ତ ଏହି ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି। ମନମୋହନଙ୍କ ପରେ ମୁଖ୍ୟମନ୍ତ୍ରୀ ମଧ୍ୟ ଦିଲ୍ଲୀ ଯିବାର ସମ୍ଭାବନା ରହିଛି।

### କୁବେର ଡିଏଫଓ ଗିରଫ

କେନ୍ଦୁଝର, ୨୨।୭(ଭାସ୍କର ନ୍ୟୁଜ): କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫଓ ନିତ୍ୟାନନ୍ଦ ନାୟକଙ୍କୁ ଆୟ ବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ଭିଜିଲାନ୍ସ ମଙ୍ଗଳବାର ଗିରଫ କରିଛି। ଆୟଠାରୁ ତାଙ୍କର ୨୧୮ ପ୍ରତିଶତ ଅଧିକ ସମ୍ପତ୍ତି ରହିଛି। ଭିଜିଲାନ୍ସ ଚଢାଉବେଳେ ତାଙ୍କର ୧୨୩ଟି ପ୍ଲଟ୍, ୯ ହଜାର ବର୍ଗଫୁଟର ୪ ମହଲା କୋଠା, ୨ଟି ଫାର୍ମ ହାଉସ, ୨ଟି ଚାରିଚକିଆ ଗାଡ଼ି, ନଗଦ ୧୦ଲକ୍ଷ, ୨୦୦ଗ୍ରାମ ସୁନାଗହଣା ଓ ୨୩.୮୦ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ ଜବତ କରାଯାଇଛି।

### ଝାଡ଼ାବାନ୍ତିରେ ୨ ମୃତ

ସାନଖେମୁଣ୍ଡି, ୨୨।୭(ଭାସ୍କର ନ୍ୟୁଜ): ରାଜ୍ୟରେ ଏବେ ବି ଝାଡ଼ାବାନ୍ତିର ପ୍ରକୋପ ଜାରି ରହିଛି। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପି.ଗୋବିନ୍ଦପୁର ପଞ୍ଚାୟତର ଦାମପୁରରେ ଝାଡ଼ାବାନ୍ତିରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।


ସେନ୍ସେକ୍ସ: ୮୨,୧୮୬.୮୧
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ


**୨୨।୭।୨୦୨୫ ର ମତାମତ**

ରାଗିଂ ନେଇ ସରକାର କଠୋର ଆଇନ ପ୍ରଣୟନ କରିବା ଉଚିତ୍ ନୁହେଁ କି ?

| ହଁ | ନା |
|---|---|
| ୯୮% | ୦୨% |

**ଆଜିର ପ୍ରସଙ୍ଗ**

ଏଫଏମ୍ କଲେଜ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ଭରସା ରଖିବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ www.odishabhaskar.com

## ହାଇକୋର୍ଟରେ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

# ଏସ୍ଆଇଟି ତଦନ୍ତକୁ ନା

**କ୍ରାଇମବ୍ରାଞ୍ଚର ତଦନ୍ତ ସନ୍ତୋଷଜନକ**

**ତଦନ୍ତ ଅଗ୍ରଗତି ରିପୋର୍ଟ ଦାଖଲ କଲେ ଏଜି**

**ବନ୍ଦ ପାଳନ ନେଇ ବିଜେଡି-କଂଗ୍ରେସକୁ ନୋଟିସ୍**



କଟକ, ୨୨।୭(ଭାସ୍କର ନ୍ୟୁଜ): ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାକୁ ନେଇ ରୁଜୁ ମାମଲାରେ ଆଡଭୋକେଟ ଜେନେରାଲ ସରକାରଙ୍କ ପକ୍ଷରୁ ପକ୍ଷ ରଖିବା ସହ କ୍ରାଇମବ୍ରାଞ୍ଚ ତଦନ୍ତ ସଂକ୍ରାନ୍ତ ରିପୋର୍ଟ ଅଦାଲତରେ ଦାଖଲ କରିଛନ୍ତି। ତେବେ କ୍ରାଇମବ୍ରାଞ୍ଚର ତଦନ୍ତ ସନ୍ତୋଷଜନକ ରହିଥିବାରୁ ଏସଆଇଟି ତଦନ୍ତର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ସୌମ୍ୟାଶ୍ରୀଙ୍କ • ପୃଷ୍ଠା ୫ ଦେଖନ୍ତୁ

**ଷଷ୍ଠ ଦିନରେ କ୍ରାଇମବ୍ରାଞ୍ଚର ତନାଘନା**

## ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପଛରେ ଏକାଧିକ ହାତ !

ବାଲେଶ୍ୱର, ୨୨।୭(ଭାସ୍କର ନ୍ୟୁଜ): ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷାବିଭାଗ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟା ଷଷ୍ଠଦିନରେ ପହଞ୍ଚିଛି। ମଙ୍ଗଳବାର ପୁଣିଥରେ କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ ଫକୀରମୋହନ କଲେଜ କ୍ୟାମ୍ପସରେ ପହଞ୍ଚି ତନାଘନା କରିଛନ୍ତି। କଲେଜରେ ଲାଗିଥିବା ସିସିଟିଭି ଫୁଟେଜ ଅନୁଧ୍ୟାନ କରିବା ସହ ଅଧ୍ୟକ୍ଷଙ୍କ ଚାମ୍ବରରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିବା ସୂଚନା ମିଳିଛି। ଆତ୍ମାହୁତି ସ୍ଥଳର ସ୍ପଟ୍ ଭେରିଫିକେସନ କରିବା ସହ ଅନେକ ଜଣ ଏହି ଘଟଣାରେ ସାମିଲ ଥିବା ନେଇ ସୁରାକ ମିଳିଥିବା ତଦନ୍ତକାରୀ ଅଧିକାରିଣୀ ଡିଏସ୍ପି ଇମନ କଲ୍ୟାଣ ନାୟକ ସୂଚନା ଦେଇଛନ୍ତି। ଏକାଧିକ ଲୋକ ସାମିଲ ଥିବା ତଦନ୍ତ ପ୍ରକ୍ରିୟାରେ ସୂଚନା ମିଳିଥିବାବେଳେ ଘଟଣା ଦିନକୁ ଦିନ ଜଟିଳ ରୂପ ନେଉଛି। କ୍ରାଇମବ୍ରାଞ୍ଚ ଟିମ୍ ଆତ୍ମାହୁତି ଘଟଣାର ଛାନଭିନ୍ କରିବା ସହ ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ଆଇସିସି ଟିମ୍‌କୁ ପଚରାଉଚୁରା କରିସାରିଛି। ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ଘଟୁଥିବାରୁ ଏହି ଆତ୍ମାହୁତି ଘଟଣା ଉପରେ ସମସ୍ତଙ୍କ ନଜର • ପୃଷ୍ଠା ୫ ଦେଖନ୍ତୁ

# ଧନଖଡ଼ଙ୍କ ଇସ୍ତଫା ଗ୍ରହଣ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୨।୭: ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ସୋମବାର ରାତିରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିବାବେଳେ ସେ ତାଙ୍କର ଇସ୍ତଫାପତ୍ର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରିଥିଲେ। ତେବେ ମଙ୍ଗଳବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରି ନେଇଛନ୍ତି। ଏଥିସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ପାଇଁ ଏହି ଇସ୍ତଫାପତ୍ରକୁ ଗୃହ ବିଭାଗକୁ ପଠାଇଥିବା ସୂଚନା ମିଳିଛି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଶ୍ରୀ ଧନଖଡ଼ ତୁରନ୍ତ ପ୍ରଭାବରୁ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଧନଖଡ଼ଙ୍କ ଏହି ଇସ୍ତଫା ପରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ 'ଏକ୍ସ'ରେ ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ ଜଗଦୀପ ଧନଖଡ଼ଜୀ ଭାରତର ଉପରାଷ୍ଟ୍ରପତି ସମେତ ଅନେକ ଭୂମିକାରେ ଦେଶସେବା କରିବାର ସୁଯୋଗ ପାଇଛନ୍ତି। ମୁଁ ତାଙ୍କର ସୁସ୍ଥତା କାମନା କରୁଛି। ତାଙ୍କ ଇସ୍ତଫା ପରେ • ପୃଷ୍ଠା ୫ ଦେଖନ୍ତୁ

**ସୁସ୍ଥତା କାମନା କଲେ ମୋଦୀ**



**ଉପରାଷ୍ଟ୍ରପତି ନିର୍ବାଚନ**

## କାହା ପାଖରେ କେତେ ସଂଖ୍ୟା !

ନୂଆଦିଲ୍ଲୀ, ୨୨।୭: ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ନିଜ ପଦବୀରୁ ଇସ୍ତଫା ଦେଇଥିବାବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଗ୍ରହଣ କରି ନେଇଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ସୂଚନା ମଧ୍ୟ ଦିଆଯାଇଛି। ଏବେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନିର୍ବାଚନ କମିଶନ ନିଜ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରିବେ। ସମ୍ବିଧାନ ଅନୁଯାୟୀ ଉପରାଷ୍ଟ୍ରପତିଙ୍କ ଇସ୍ତଫା, ନିଧନ କିମ୍ବା ଅନ୍ୟ କୌଣସି କାରଣ ଯୋଗୁ ପଦରେ ନ ରହିବା ସ୍ଥିତିରେ ଶୀଘ୍ର ନିର୍ବାଚନ କରାଯିବା ଆବଶ୍ୟକ। ଏଣୁ ନିର୍ବାଚନ ଆୟୋଗ ଯେକୌଣସି ସମୟରେ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିବାର ସମ୍ଭାବନା ରହିଛି। ଏନଡିଏ ଏହି ନିର୍ବାଚନରେ ସହଜରେ ବିଜୟୀ ହୋଇପାରିବ ବୋଲି ଆଶା ବାନ୍ଧିଥିବାବେଳେ ବିରୋଧୀଙ୍କୁ ନେଇ ସର୍ବସମ୍ମତିରେ ନୂଆ ଅଧ୍ୟକ୍ଷ ଚୟନ ପାଇଁ କେନ୍ଦ୍ର ସରକାର ଚାହିଁବେ ବୋଲି କୁହାଯାଉଛି। ତଥାପି ଯଦି ନିର୍ବାଚନ ହୁଏ ତେବେ • ପୃଷ୍ଠା ୫ ଦେଖନ୍ତୁ

**ସଚିବ, ଜିଲ୍ଲାପାଳ ସ୍ତରରେ ବଡ଼ ଧରଣର ଅଦଳବଦଳ**

## ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୨୨।୭(ଭାସ୍କର ନ୍ୟୁଜ): ମଙ୍ଗଳବାର ରାଜ୍ୟ ସରକାର ସଚିବ ଓ ଜିଲ୍ଲାପାଳ ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିବା ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଥିବା ସଞ୍ଜିବ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ବରିଷ୍ଠ ଆଇଏଏସ୍ ଅଫିସର ଏନ.ବି.ଏସ.ରାଜପୁତଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସେ ଓଏସଆରଟିସିର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ବରିଷ୍ଠ ଆଇଏଏସ୍ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଅବକାରୀ ବିଭାଗର



ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଶ୍ରୀ ଶର୍ମା ଓପିଟିସିଏଲର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ବରିଷ୍ଠ ଆଇଏଏସ୍ ରୁପାରୋଶନ ସାହୁଙ୍କୁ ରାଜ୍ୟପାଳଙ୍କ

**ବଦଳିଲେ ୧୬ ଜିଲ୍ଲାର ଜିଲ୍ଲାପାଳ**

ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସଚିନ ରାମଚନ୍ଦ୍ର ଯାଦବଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ବି.ପରମେଶ୍ୱରନଙ୍କୁ ଏସଟି ଏବଂ ଏସ୍‌ସି ବିକାଶ ସଂଖ୍ୟାଲଘୁ ଓ ପଛୁଆଲଘୁ ବିକାଶ କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଗୁହାପୁନମ ତାପସକୁମାରଙ୍କୁ କେନ୍ଦ୍ରାଞ୍ଚଳ ଆରଡିସି ଭାବେ କଟକରେ ନିଯୁକ୍ତି ଦିଆଯାଇଥିବାବେଳେ ପ୍ରଶାନ୍ତ କୁମାର ରେଡ୍ଡୀଙ୍କୁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ସେ ଇଡକୋର ଏମଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବରିଷ୍ଠ ଆଇଏଏସ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫ୍ୟାକ୍ଟ୍ରି ଏବଂ ବ୍ୱଏଲର ବିଭାଗର ଅତିରିକ୍ତ ଇନ୍ସପେକ୍ଟର ଦାୟିତ୍ୱ ଦିଆଯାଇଥିବାବେଳେ ସେ ପୂର୍ବପରି ଶ୍ରମ କମିଶନର ଦାୟିତ୍ୱ ନିର୍ବାହ କରିବେ। • ପୃଷ୍ଠା ୫ ଦେଖନ୍ତୁ

## ବଳଙ୍ଗା ପୀଡ଼ିତା ପୋଡ଼ି ଘଟଣା

# ଏବେ ବି ସସ୍‌ପେନ୍ସ ଜାରି

ନିମାପଡ଼ା, ୨୨।୭ (ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଗୋପିନାଥପୁର ପଂଚାୟତ ବଳଙ୍ଗା ଥାନା ନାବାଳିକା ପୋଡ଼ି ଘଟଣାକୁ ନେଇ ଏବେ ବି ସସ୍‌ପେନ୍ସ ଲାଗି ରହିଥିବା ବେଳେ କିପରି ପୀଡ଼ିତା ପୋଡ଼ି ହେଲେ, ବାମପଟ ଅଂଶ କିପରି ପୋଡ଼ିଲା ତାହାକୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି। ଚାରିଦିନ ପରେ ମଧ୍ୟ ପୀଡ଼ିତାଙ୍କ ପୋଡ଼ି ଘଟଣାର ପର୍ଦ୍ଦାଫାସ ହୋଇପାରି ନାହିଁ। ପୋଲିସ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଉଠାଇ ନେଇ ପଚାର ଉଚରା ଚଳାଇଛି। ମାତ୍ର କୌଣସି ସୁରାକ୍ ମିଳିପାରୁ ନାହିଁ। ପୀଡ଼ିତାଙ୍କ ପରିବାର ମଧ୍ୟ ଭିନ୍ନ ଭିନ୍ନ ମତ ଦେଉଥିବା ଘଟଣା ଏବେ ଚହଳ ସୃଷ୍ଟି କରିଛି। ବିରୋଧୀ ଦଳ ଏହାକୁ ମହାଇସ୍ୟୁ କରିଥିବା ବେଳେ ଏହାକୁ ନେଇ ରାଜନୀତି ଜୋର ଧରିଛି। ପୀଡ଼ିତା ସାହାଯ୍ୟ ମାଗୁଥିବା ଦୁଃଖିଶ୍ୟାମ ସେନାପତିଙ୍କୁ ତିନିଜଣ ଯୁବକ ବୁଲେଟ୍ ବାଇକ୍‌ରେ ଆସି ହତ୍ୟା ଧମକ ଦେଇ ଯାଇଥିବା କାରଣରୁ ପ୍ରତ୍ୟକ୍ଷଦର୍ଶୀ ଏବେ



**ପ୍ରତ୍ୟକ୍ଷଦର୍ଶୀଙ୍କୁ ହତ୍ୟା ଧମକ**

ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପୋଲିସ ପ୍ରତ୍ୟକ୍ଷଦର୍ଶୀଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି କହିଥିବା ବେଳେ ଦିନରାତି ପ୍ରତ୍ୟକ୍ଷଦର୍ଶୀଙ୍କ ଘରେ ପୋଲିସ ପହରା ଲାଗି ରହିଛି। କ୍ରାଇମ୍ ବ୍ରାଞ୍ଚ ଓ ସ୍ପେଶାଲ ଟିମ୍ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି। ବଳଙ୍ଗା ଥାନାକୁ ଗଲେ ଥାନା ଖାଁ ଖାଁ। କାହାର ସାକ୍ଷାତ ମିଳିପାରୁ ନାହିଁ। ଏହି ଘଟଣା ଏବେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ବେଳେ ନିମାପଡ଼ା ଘଟଣା ରାଜଧାନୀ ଭୁବନେଶ୍ୱରରେ କମ୍ପନ ସୃଷ୍ଟି କରିଛି। ଏକ ପୋଲିସ ଟିମ୍ ଜଣେ ଆଇଜିଙ୍କ ନେତୃତ୍ୱରେ ଦିଲ୍ଲୀ ଏମ୍‌ସକୁ ଯାଇ ପୀଡ଼ିତାଙ୍କୁ ପଚରା ଉଚରା କରିବେ ବୋଲି ଏମ୍‌ସ ନିର୍ଦ୍ଦେଶକଙ୍କର ଆଦେଶକୁ ଅପେକ୍ଷା କରିଛନ୍ତି। ପୀଡ଼ିତାଙ୍କ ଅବସ୍ଥା ସ୍ଥିର ଥିବା ବେଳେ ଆସ୍ତେ ଆସ୍ତେ ସୁସ୍ଥ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଗୋପିନାଥପୁର ପଂଚାୟତ ନୂଆଗୋପାଳପୁର ମୁସଲିମ୍ ବସ୍ତିରେ ସକାଳ ୮ଟା ସମୟରେ ଭାର୍ଗବୀ ନଦୀ ପଠାରେ ନାବାଳିକା ପୋଡ଼ି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବର୍ତ୍ତମାନ ନଈପଠା ଖାଁ ଖାଁ ଲାଗୁଥିବା ବେଳେ ସେଠାକୁ ଯିବାକୁ ଲୋକ ଭୟ କରୁଛନ୍ତି। ଏହି ଘଟଣାକୁ ପ୍ରଶାସନ ପର୍ଦ୍ଦାଫାସ କରିବା ପାଇଁ ଲାଗି ପଡ଼ିଛି। ପ୍ରକୃତ ପୋଡ଼ିର କାରଣ କ'ଣ ସେ ସଂପର୍କରେ ପୋଲିସ ତଥ୍ୟ ଖୋଜୁଛି। ଚାରି ଆଡ଼ୁ ପୋଲିସ ତା'ର ତଦନ୍ତ ଜୋରସୋର କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କୁ ଧମକ ଦେଇଥିବା ଯୁବକମାନେ କିଏ। କ'ଣ ପାଇଁ ଧମକ ଦେଲେ, ସେମାନଙ୍କର ପରିଚୟ କ'ଣ ବୋଲି ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଦିନେ ଦୁଇଦିନ ମଧ୍ୟରେ ଏହି ରହସ୍ୟ ଉନ୍ମୋଚନ କରାଯିବ ବୋଲି ବିଭିନ୍ନ ମହଲରେ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୁରନ୍ତ ଘଟଣାର ଉନ୍ମୋଚନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଉପ ରାଷ୍ଟ୍ରପତି କେତେବଡ଼ ପଦ
ନାଆଁ କେତେ ଥିଲେ କରି,
ଦିହପା' କାରଣେ ଇସ୍ତଫା ଦେବାଟା
ଲାଗୁଛି ଗଜବ ଷ୍ଟୋରୀ ।
ଧରମକୁ ଆଖି ଠାରି,
ଜଣେ ଅଧେ ସିନା କୁଶଳ ପୁଚ୍ଛନ୍ତି
ବାକି ସବୁ ଡରିମରି !

**ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ ସହନଶୀଳତା ନୀତି**

## ୨ ସରକାରୀ ବାବୁ ବହିଷ୍କୃତ



ଭୁବନେଶ୍ୱର, ୨୨।୭(ଭାସ୍କର ନ୍ୟୁଜ): ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ଜାରି ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁର୍ନୀତି ଅଭିଯୋଗରେ ଦଣ୍ଡିତ ହେବାପରେ ଗୋଟିଏ ଦିନରେ ୨ ସରକାରୀ ବାବୁଙ୍କୁ ଚାକିରିରୁ ବିଦା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ମେଡ଼ିକାଲ ଅଫିସର ଡାକ୍ତର କରୁଣାକର ରାଉତଙ୍କୁ ଚାକିରିରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବହିଷ୍କାର କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ସୂଚନା ଦିଆଯାଇଛି। ଡାକ୍ତର ରାଉତ ବର୍ତ୍ତମାନ ଭଦ୍ରକ ଜିଲ୍ଲା ସଦର ମହକୁମା ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ଓ କ୍ୟାନସର ବିଭାଗର ବରିଷ୍ଠ ମେଡ଼ିକାଲ ଅଫିସରଭାବେ କାର୍ଯ୍ୟରତ ଅଛନ୍ତି। ଡାକ୍ତର କରୁଣାକର ରାଉତଙ୍କ ନାମରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ଡାକ୍ତର ରାଉତଙ୍କ ନାମରେ ମଧ୍ୟ ବିଭାଗୀୟ ପ୍ରୋସିଡିଂ କରାଯାଇଥିଲା। ତାଙ୍କୁ କାର୍ଯ୍ୟରୁ ନିଲମ୍ବନ ସହ ଅନ୍ୟାନ୍ୟ ଦଣ୍ଡବିଧାନ ମଧ୍ୟ କରାଯାଇଥିଲା। ଭିଜିଲାନ୍ସ କୋର୍ଟ ପକ୍ଷରୁ ରାୟ ପ୍ରକାଶ କରାଯାଇ ତାଙ୍କୁ • ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟରେ ବଢି ଚାଲିଛି ନାରୀ ନିର୍ଯାତନା

# ଏ 'ଲଜ୍ଜା'ର ଅନ୍ତଃ କେବେ?

**ଯାଜପୁର,ଜଗତସିଂହପୁର,ମାଲକାନଗିରିରେ ଗଣଦୁଷ୍କର୍ମ**

**ପୁରୀରେ ୩ ଯୁବତୀଙ୍କୁ ୬ ଯୁବକଙ୍କ ଅସଦାଚରଣ ଅଭିଯୋଗ**

**ବିଭିନ୍ନ ମହଲରେ ଉଦ୍‌ବେଗ, ପ୍ରଶ୍ନ ଘେରରେ ମହିଳା ସୁରକ୍ଷା**



ପୁରୀ/ ଯାଜପୁର/ ମାଲକାନଗିରି/ ଜଗତସିଂହପୁର/ ଭୁବନେଶ୍ୱର, ୨୨।୭ (ଭାସ୍କର ନ୍ୟୁଜ): ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ । ମହିଳା ନିର୍ଯାତନା ଏବେ ଓଡ଼ିଶା ପାଇଁ ନୂଆ ସଂକଟ ହୋଇ ଛିଡ଼ା ହେଲାଣି। ରାତି ପାହିଲେ ଗଣଦୁଷ୍କର୍ମ, ଦୁଷ୍କର୍ମ ଓ ଅସଦାଚରଣ ଗଣମାଧ୍ୟମର ଶିରୋନାମା ପାଲଟିଛି। ଯେଉଁ କାରଣରୁ ମହିଳାଙ୍କ ମନରେ ପ୍ରଶ୍ନ ଉଠିଲାଣି, ସତରେ କ'ଣ ଓଡ଼ିଶା ଆମପାଇଁ ଏତେ ଅସୁରକ୍ଷିତ ? ଉପକୂଳରୁ ଉପାନ୍ତ ସବୁଠି ଅସୁରକ୍ଷିତ ମହିଳା। ଜଗତସିଂହପୁର ପରେ ମାଲକାନଗିରିର ଗଣ ଦୁଷ୍କର୍ମ ଘଟଣା ପୁରା ଓଡ଼ିଶାକୁ ଦୋହଲାଇ ଦେଇଛି। ମାଲକାନଗିରି ସଦର ମହକୁମାର ଜଣେ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ମାଲକାନଗିରି ଏସପି ବିନୋଦ ପାଟିଲ ଗଣମାଧ୍ୟମକୁ ଅବଗତ କରାଇଛନ୍ତି ଯେ ଏହା ଏକ ଗଣଦୁଷ୍କର୍ମ ଘଟଣା। ମାଲକାନଗିରି ଠାରୁ ୧୪ କି.ମି. ଦୂର ମାଲକାନଗିରି-ଜୟପୁର ରାସ୍ତାର ବିଜାଘାଟି ନିକଟରେ ଏହି ଦୁଷ୍କର୍ମ ଘଟଣା ଘଟିଛି। ମାଲକାନଗିରି ସଦର ଥାନା ଅଞ୍ଚଳର ଜଣେ ନାବାଳିକା ଗତ ରବିବାର ସନ୍ଧ୍ୟାରେ ଜଣେ ସାଙ୍ଗଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେବାକୁ ଯାଇଥିଲା ବେଳେ ସେ କିନ୍ତୁ ଘରକୁ ଫେରିନଥିଲା। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ଯ ଝିଅଟିକୁ ପାଇ ନଥିଲେ। ରାତିରେ ବିଜାଘାଟିର ସ୍ଥାନୀୟ ଲୋକେ • ପୃଷ୍ଠା ୫ ଦେଖନ୍ତୁ

## ଆଉ ୧୧ ବ୍ଲକ୍ ଆକାଂକ୍ଷୀ ଯୋଜନାରେ ସାମିଲ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୭ (ବ୍ୟୁରୋ): ଓଡ଼ିଶାର ଆଉ ୧୧ଟି ବ୍ଲକକୁ ଆକାଂକ୍ଷୀ ବ୍ଲକରେ ସାମିଲ କରାଯାଇଛି। ଏଥିରେ କେନ୍ଦୁଝରର ୫ଟି ବ୍ଲକ ରହିଥିବାବେଳେ ମୟୂରଭଞ୍ଜର ୬ଟି ବ୍ଲକ୍ ରହିଛି। ନୀତି ଆୟୋଗ ପକ୍ଷରୁ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁରୋଧକ୍ରମେ ଏହି ୧୧ଟି ବ୍ଲକ୍‌କୁ ସାମିଲ କରାଯାଇଥିବା ସୂଚନା ମିଳିଛି। କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ବ୍ଲକ ସାମିଲ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଦା, କୁସୁମୀ, ରାଇରଙ୍ଗପୁର ଓ ତିରିଂ ବ୍ଲକକୁ ଏହି ଯୋଜନାରେ ସାମିଲ କରାଯାଇଥିବା ନେଇ ସୂଚନା ଦିଆଯାଇଛି।



ଜଳେଶ୍ୱର(ଭାସ୍କର ନ୍ୟୁଜ୍):ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳକୁ ବଳାତ୍କାରୀ ଦଳ ଏବଂ ବିରୋଧୀ ଦଳ ନେତା ଜନନାୟକ ରାହୁଲଗାନ୍ଧୀଜୀଙ୍କୁ ଦେଶଦ୍ରୋହୀ କହିବା ଅତ୍ୟନ୍ତ ନିନ୍ଦନୀୟ।ଜଳେଶ୍ୱର କଂଗ୍ରେସ ତରଫରୁ ଉକ୍ତ ଘଟଣାକୁ ନିନ୍ଦା କରାଯିବା ସହିତ ଯୁବମୋର୍ଚ୍ଚର ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ଗିରଫ ଦାବିରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଅଭିଳାଷ ପଣ୍ଡାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।ଉକ୍ତ ପ୍ରତିନିଧି ଦଳରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡ଼ା, ପୂର୍ବତନ କିଷାନ ସଭାପତି ସୁଦାମ ଚରଣ ପାତ୍ର, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ଫରିଦ ଅହମଦ, ସବ୍ୟସାଚୀ ଦାସ, ହରିଶଙ୍କର ଜେନା ଏବଂ ଏସ୍‌କେ ଅଫସର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁଭେନାଇଲ ଆଇନ ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରାୟଗଡା ବ୍ଲକ୍‌ର ସନାତୁଣ୍ଡି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଚମ୍ପାପୁର ଗାଁରେ ଆଜି ଜୁଭେନାଇଲ୍ ଜଷ୍ଟିସ (କେୟାର ଏଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ୍) ଆଇନ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ଜାଗରୁକତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା ଶ୍ରୀ ବିମଳ ରାଉଲ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକାରଣ (ଡାଲସା), ଗଜପତି କରିଥିଲେ । ସେ ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧନ କରି, ଶିଶୁଙ୍କ ସୁରକ୍ଷା ଓ ଶିକ୍ଷା ସମ୍ବନ୍ଧୀୟ ଅଧିକାର ସୁନିଶ୍ଚିତ କରିବାରେ ଏହି ଆଇନମାନଙ୍କ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଶ୍ରୀମତୀ ସ୍ୱପ୍ନା ଚୌଧୁରୀ, ଆଇ.ଆଇ.ସି., ରାୟଗଡା ଥାନା; ଶ୍ରୀମତୀ ସଂଘମିତ୍ରା ସବର, ସରପଞ୍ଚ, ସନାତୁଣ୍ଡି ଜି.ପି.; ଶ୍ରୀ ଯୁଧିଷ୍ଠିର ବେହେରା, ସହଯୋଗୀ ବ୍ଲକ୍ ଶିକ୍ଷା ଅଧିକାରୀ, ରାୟଗଡା; ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ, ସମାଜସେବୀ; ଓ ଶ୍ରୀ ଲକ୍ଷ୍ମଣ ରାଓ, କ୍ଲଷ୍ଟର ରିସୋର୍ସ ସେଣ୍ଟର କୋ-ଓର୍ଡିନେଟର (ଉଜଉଉ), ରାୟଗଡା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଓ ସ୍ଥାନୀୟ ଲୋକଙ୍କୁ ଉପରୋକ୍ତ ଆଇନଗୁଡିକର ବିଭିନ୍ନ ପ୍ରାବଧାନ ବିଷୟରେ ସଚେତନ କରିଥିଲେ । ବକ୍ତାମାନେ ଶିଶୁ ଅଧିକାର ରକ୍ଷା ଓ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ଦେବା ବିଷୟରେ ଉତ୍ତାପୂର୍ଣ୍ଣ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ, ଶିକ୍ଷକ ଓ ସମୁଦାୟ ନେତାମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖାଯାଇଥିଲା ।

# ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣରେ ବିଳମ୍ବ

## ■ ୩ଟି କୋଠରୀରେ ୧୬୩ ଛାତ୍ରଛାତ୍ରୀ



ଖପ୍ରାଖୋଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ସଦର ଗ୍ରାମରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମ ରେ ଦୀର୍ଘ ବର୍ଷରୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥିବା ଅତିରିକ୍ତ ଶ୍ରେଣୀ ଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ଦାବି ହେଉଥିଲେ ମଧ କେହି କଥାକୁ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ ୧୯୫୪ ମସିହାରେ ସ୍ଥାପିତ ଉକ୍ତ ସେବାଶ୍ରମ ରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଓ ବାଲ ବାଟିକା ପର୍ଯ୍ୟନ୍ତ ୧୬୩ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେମାନଙ୍କ ପାଇଁ କେବଳ ୩ ଗୋଟି ଶ୍ରେଣୀ ଗୃହ ରହିଛି । ଉକ୍ତ ୩ ଗୋଟି ଶ୍ରେଣୀ ଗୃହରେ ୧୬୩ ପିଲା ବସି ପାଠ ପଢିବା ପାଇଁ ଜାଗା ନିଅଣ୍ଟ ହେଉଛି ଏହା ସତ୍ତ୍ୱେ ମଧ ପିଲା ପାଠ ପଢୁଛନ୍ତି । ପିଲାଙ୍କ ସୁବିଧା ଦୃଷ୍ଟିରୁ ଗତ ୨୦୧୭ ମସିହାରେ ୭ ଲକ୍ଷ ଟଙ୍କା ବ୍ୟୟରେ ଦୁଇ ଗୋଟି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କାମକୁ ଜଣେ ପେଟି ଠିକାଦାର କଲେ । ଗୃହ ଛାତ ପଡ଼ିବା ପର୍ଯ୍ୟନ୍ତ ନିର୍ମାଣ କରି ଠିକାଦାର ଟଙ୍କା ସରିଗଲା କାହି କାମ ବନ୍ଦ କରି ଦେଲେ । ସେହି ଛାତ ପଡ଼ିବା ଅବସ୍ଥାରେ ଗୃହଟି ଦୀର୍ଘ ୮ ବର୍ଷ ହେଲା ସେମିତି ହିଁ ପଡ଼ି ରହିଛି । କେହି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନାହାନ୍ତି । ଅନେକ ଥର ବିଭାଗୀୟ ଅଧିକାରୀ ସେବାଶ୍ରମକୁ ପରିଦର୍ଶନରେ ଆସି ସମସ୍ୟା ଉପରେ ଅବଗତ ହୋଇ ପ୍ରତିଶ୍ରୁତି ଦେଇଥିଲେ ମଧ ଶ୍ରେଣୀ ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇ ପାରୁନାହିଁ । ସରକାର ଅନୁସୂଚୀତ ଜାତି ଜନଜାତି ଉନ୍ନୟନ ବିଭାଗକୁ ପର୍ଯ୍ୟାପ୍ତ ପରିମାଣରେ ଅନୁଦାନ ରାଶି ପ୍ରଦାନ କରୁଛନ୍ତି । ହେଲେ ୮ ବର୍ଷ ହୋଇ ଗଲା ଦୁଇ ଗୋଟି ଶ୍ରେଣୀ ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇ ନପାରି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଛି । ଏହା ନିଶ୍ଚିତ ରୂପେ ଏକ ପରିତାପର ବିଷୟ ବୋଲି ବିଭିନ୍ନ ମହଲରେ ସମାଲୋଚନା ହେଉଛି । ଏନେଇ ସେବାଶ୍ରମ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଦୁମଣି ଭୁଏ ଙ୍କୁ ପଚାରିବାରୁ ଆମେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଙ୍କୁ ବାରମ୍ବାର ଅବଗତ କରୁଛୁ । ସେମାନେ ପରିଦର୍ଶନରେ ମଧ ଆସିଛନ୍ତି । ପଚାରିଲେ କେବେ ଫଣ୍ଡ ନାହିଁ ବୋଲି କହୁଛନ୍ତି ତ ଆଉ କେବେ ଫଣ୍ଡ ଦେଇ ଶୀଘ୍ର କାମ କରାଯିବ କହି ସମୟ ଗଡ଼େଇ ଚାଲିଛନ୍ତି ବୋଲି କହିଥିଲେ । ତେବେ ଖପ୍ରାଖୋଲ ବ୍ଲକ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥିବା ଅତିରିକ୍ତ ଶ୍ରେଣୀ ଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ବିଭିନ୍ନ ସମସ୍ୟା ନେଇ ଏମ୍‌ସିଏଲ୍‌ସି ଏମ୍‌ଡିଙ୍କ ସହିତ ମହେଶଙ୍କ ଆଲୋଚନା



ତାଳଚେର (ଭାସ୍କର ନ୍ୟୁଜ୍): ତାଳଚେରରେ ଦେଖା ଦେଇଥିବା ରାସ୍ତାଘାଟ ଜନିତ ସମସ୍ୟା ବିଶେଷ କରି ଗୋଡ଼ିବନ୍ଧ ଠାରୁ ବଅଁରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ୧୪୯ ନମ୍ବର ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ କୋଇଲା ପରିବହନ କ୍ଷେତ୍ରରେ ଘୋର ବାଧା ଉପୁଜିବା ସହ ସାଧାରଣ ଯାନ ବାହାନ ତଥା ବାଟୋଇ ଙ୍କୁ ମଧ ହଇରାଣ ହେବାକୁ ପଡୁଛି । ତେଣୁ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ବିଭାଗ ଓ କୋଇଲା ଖଣି କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସମ୍ବଲପୁର ଠାରେ ଏମସିଏଲ ସି ଏମଡି ଅନନ୍ତ ଉଦ୍ଧବ କାଉଏଲଙ୍କୁ ଢେଙ୍କାନାଳର ପୂର୍ବତନ ସାଂସଦ ତଥା ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ପରିଷଦର କାର୍ଯ୍ୟକାରୀ ସଭାପତି ମହେଶ ସାହୁ ଭେଟି ଆଲୋଚନା କରିଥିଲେ । ଏହା ସହିତ ତାଳଚେର କଲେଜର ୧୦୦୦ ସିଟ୍ ସଂଖ୍ୟା ବିଶିଷ୍ଟ ଏକ ଅଡିଟୋରିୟମ ହଲ ନିର୍ମାଣ ପାଇଁ ପୂର୍ବରୁ କୋଇଲା ଖଣି କର୍ତ୍ତୃପକ୍ଷଙ୍କୁ ଶ୍ରୀସାହୁ ସାଂସଦ ଥିବା ବେଳେ ଏମସିଏଲ ପକ୍ଷରୁ ହୋଇଥିବା ନିଷ୍ପତ୍ତି କାହିଁକି ହୋଇପାରି ନାହିଁ ବୋଲି ଶ୍ରୀ କାଉଲ ଙ୍କୁ ଅବଗତ କରାଇବା ସହ ସେଥିପ୍ରତି ଦୃଷ୍ଟି ଦେବାକୁ ଏମସିଏଲ ସିଏମଡିଙ୍କୁ କହିବା ସହ ଏହାକୁ କିପରି ଆସନ୍ତା ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ଶୁଭ ଓ ଭୂମି ପୂଜନ କାର୍ଯ୍ୟକ୍ରମ କରାଯିବ ସେଥିପ୍ରତି ଧ୍ୟାନ ଦେବାକୁ ସିଏମଡି ଙ୍କୁ କହିଥିଲେ ଏବଂ ଉଭୟଙ୍କ ମଧ୍ୟରେ ସନ୍ତୋଷଜନକ ଆଲୋଚନା ହୋଇଥିବା ପ୍ରାକ୍ତନ ସାଂସଦ ଶ୍ରୀ ସାହୁ ପ୍ରେସ ବିବୃତି ରେ ପ୍ରକାଶ କରିଛନ୍ତି । ଏହି ଅବସରରେ ସି ଏମ ଡି ମହେଶ ସାହୁ ଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।।

## ନୂତନ ଓ ବିଦାୟୀ ସିଆରସିସିଙ୍କୁ ସମ୍ବର୍ଦ୍ଧନା

ବାରିପଦା:(ଭାସ୍କର ନ୍ୟୁଜ୍):ସ୍ଥାନୀୟ ମୁର୍ଗାବାଡି ସ୍ଥିତ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୪ ଜଣଙ୍କ ୫ ବର୍ଷୀୟା କାର୍ଯ୍ୟକାଳ ପୁରିଯାଇଥିବାରୁ ସେମାନଙ୍କ ସ୍ଥାନରେ ନୂତନ ୪ ଜଣ ସିଆରସିସି ଯୋଗଦାନ କରିଛନ୍ତି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀଙ୍କ ମାର୍ଗଦର୍ଶନରେ ଏବିଇଓ ଡଃ ସ୍ନେହଲତା ବେହେରା, ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ ତଥା ସମସ୍ତ ସିଆରସିସି ଓ କର୍ମଚାରୀଙ୍କ ଉପସ୍ଥିତିରେ ନୂତନ ସି ଆର ସି ସି ପଙ୍କଜ କୁମାର ମିଶ୍ର, ଅଜୟ କୁମାର ସାହୁ, ପୁଣ୍ୟତୟା ଦାସ ଓ ଅହଲ୍ୟା ସ୍ୱାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ବିଦାୟୀ ସିଆରସିସି କଲ୍ୟାଣଶିଷ ଦାସ, ଦେବରଞ୍ଜନ ସାହୁ, ଅଭିରାମ ହେମ୍ବ୍ରମ ଓ ଚୈତନ୍ୟ ହେମ୍ବ୍ରମଙ୍କୁ ମଧ ଉତ୍ତମ କାର୍ଯ୍ୟକଳାପ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ପ୍ରାଥମିକ ଶିକ୍ଷା ବିଭାଗର ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ସିଆରସିସି ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଇଓ ଶ୍ରୀ ସେଠି ପ୍ରକାଶ କରିବା ସହ ଭବିଷ୍ୟତରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ପଞ୍ଚାୟତ ଗୃହରେ ଚାଲିଛି ଉପସ୍ୱାସ୍ଥ୍ୟକେନ୍ଦ୍ର

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ୍ ସୁଙ୍ଗୁଡା ପଞ୍ଚାୟତ ସୁଙ୍ଗୁଡା ଠାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିଜସ୍ୱ କୋଠା ନିର୍ମାଣ ସରିଛି । କିନ୍ତୁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗ୍ରାମ ପଞ୍ଚାୟତ ଘରେ ଚାଲୁଛି । ଗାଁ ଲୋକଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରିଛନ୍ତି । ଏଠାରେ ଜଣେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିକାରୀ ମଧ ନିଯୁକ୍ତି ପାଇଛନ୍ତି । ପ୍ରାଥମିକ ଭାବେ ବିଭିନ୍ନ ରକ୍ତ ପରୀକ୍ଷା, ରକ୍ତଚାପ ଓ ଔଷଧ ଏଠାରେ ଉପଲବ୍ଧ ହେବ ୨୦୨୪ ମସିହା ବଡ଼ଚଣାର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଙ୍କ ପ୍ରଚେଷ୍ଟା ରେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ କୋଠା ନିର୍ମାଣ ପାଇଁ ବ୍ଲକ୍ ପକ୍ଷରୁ ଟେଣ୍ଡର କରାଯାଇଥିଲା । ଠିକା ସଂସ୍ଥା ସଠିକ ସମୟରେ କାର୍ଯ୍ୟ ସାରିଦେଇଛି । ଏହି ଘର ରଙ୍ଗ ରଙ୍ଗ ଛାଡ଼ିବାକୁ ବସିଲାଣି । ବ୍ୟବହାର ନହେବାରୁ ବିଭିନ୍ନ ସ୍ଥାନରେ ଶିଉଳି ଲାଗିବା ଆରମ୍ଭ କଲାଣି । ବାରଣ୍ଡା



ଅସାମାଜିକଙ୍କର ଆଡ଼ାସ୍ଥଳୀ ପାଲଟିଛି ପୁଳାପୁଳା ଖଣ୍ଡିଆ ବିଡ଼ି, ଦିଆସିଲି କାଠି, ପାଣି ପାଉଚ, ପ୍ଲାଷ୍ଟିକ ପଲିଥିନ ଓ ବୋତଲ ଗଦା ହୋଇଛି । ଅନ୍ୟପକ୍ଷରେ ନିଜସ୍ୱ ଗୃହ ନିର୍ମାଣ ସରିଥିଲେ ବି ଉପକେନ୍ଦ୍ରଟି ଏବେ ସୁଙ୍ଗୁଡ଼ା ଗ୍ରାମ ପଂଚାୟତ ଗୃହ ରେ ଚାଲିଛି । ନିର୍ମିତ ଗୃହ ବ୍ୟବହାର ନହେଲେ ଧୀରେଧୀରେ ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଉଛି । ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଯାଜପୁର ଓ ସିଡିଏମଓ ଙ୍କ ନିକଟରେ ପୂର୍ବତନ ସରପଞ୍ଚ ଚାଟାଲିନ୍ ସ୍ୱାଇଁ ଓ୍ୱାର୍ଡ ସଭ୍ୟ ସଭ୍ୟା ମମତା ବିଶ୍ୱାଳ ବିଜୟଲକ୍ଷ୍ମୀ ରାଉତ ବୈକୁଣ୍ଠ ସାହୁ ମସିର ଆଲାମ୍ କବ୍ରଜ ଖାଁ ଦାବି କରୁଛନ୍ତି ।

# ପାହାଡ ଉଚ୍ଚାର ବାଲିଗଦାକୁ ଜବତ କଲା ସ୍ଥାନୀୟ ପ୍ରଶାସନ



ପୁରୁଷୋତ୍ତମପୁର(ଭାସ୍କର ନ୍ୟୁଜ): ଗଦା ଗଦା ଗଚ୍ଛିତ ବାଲି କାହାର, ଋଷିକୁଲ୍ୟା ନଦୀପଠାରୁ ବାଲି ଚୋରାଚାଲାଣ କରି ଶହ ଶହ ହାଇୱା ଟ୍ରକରେ ନଦୀରୁ ବିନା ଆର ଫର୍ମରେ ଉଠାଇ ଗଚ୍ଛିତ କରି ବର୍ଷାଦିନେ ଚଢ଼ା ଦରରେ ବିକ୍ରୀ କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା କରୁଛନ୍ତି । ଏହି ଗଚ୍ଛିତ ବାଲି ଜାଗା ଉପରେ ଚଢ଼ାଉ କରାଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ସଂଗୀତା କୁମାରୀ ସେଠୀ ,ଆଇଆଇସି ରାଜେଶ୍ କୁମାର ନାୟକ ଓ ପୋଲିସ ଟିମ୍ ,କନିଷ୍ଠ ମାଇନିଂ ଅଧିକାରୀ ସନ୍ତୋଷ କୁମାର ବେହେରାଙ୍କ ସହ ୪ ଜଣିଆ ମାଇନିଂ ଦଳ ମିଳିତ ଭାବେ ମୁକୁନ୍ଦପୁର ଗ୍ରାମ ନିକଟରେ ଥିବା ପ୍ରାୟ ୫୦ ଟ୍ରକ୍ ଗଚ୍ଛିତ ଚୋରାବାଲି ଏବଂ ବ୍ରାହ୍ମଣ ଶାସନ ନିକଟ ରଜ ବଲ୍ଲଭ ପଲ୍ଲୀ ମୌଜା ଜମିରେ ପାହାଡ ପାହାଡ ଗଦା ହୋଇଥିବା ବାଲି ଜାଗା ଉପରେ ଚଢାଉ କରି ଜବତ କରାଯାଇଛି । ତେବେ ଏହି ବାଲି କିଏ ଗଚ୍ଛିତ କରିଥିଲା,ଗଚ୍ଛିତ ଜାଗାର ମାଲିକାନା କୁ ତଦନ୍ତ ପରିସରକୁ ନେଲେ ଅଧିକା ଜଣା ପଡ଼ିବ ବୋଲି ଜଣାପଡିଛି । ସଂପୃକ୍ତ ବ୍ୟକ୍ତି ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ବିନୋଦ କୁମାର ବେହେରା କହିଛନ୍ତି ।

# ନୂଆଗଡ଼କୁ ଦାଦନ ପ୍ରବଣ ପଞ୍ଚାୟତ ଘୋଷଣା ଓ ୩୦୦ ଦିନର କର୍ମନିଯୁକ୍ତି ଦାବି

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ସମ୍ବଲପୁର ଗ୍ରାମ ପଞ୍ଚାୟତ ଠାରେ ଜିଲ୍ଲା ପ୍ରଶାସନର ଜନ ଅଭିଯୋଗ ଶୁଣାଣିରେ ନୂଆଗଡ଼ ବ୍ଲକକୁ ଦାଦନ ପ୍ରବଣ ପଞ୍ଚାୟତ ସମିତି ଭାବେ ଗ୍ରହଣ କରି ମନରେଗା ଯୋଜନାର ଜବ କାର୍ଡ ଧାରୀ ଅଣ କୁଶଳୀ ଶ୍ରମିକ ମାନଙ୍କୁ ୧୦୦ ଦିନ ପରିବର୍ତ୍ତେ ୩୦୦ ଦିନର କର୍ମ ନିଯୁକ୍ତି ଦେବା ନିମନ୍ତେ ଦରଖାସ୍ତ ମାଧ୍ୟମରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଛନ୍ତି ମେଟ୍ ବା ଗାଁସାଥୀ । ସୂଚନା ପ୍ରକାରେ ଏହି ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ । ଏଠାକାର ଲୋକେ ନୀତି କୁଲି ମଜୁରୀ କାମ କରି ପରିବାର ପ୍ରତି ପୋଷଣ କରନ୍ତି । ଅଞ୍ଚଳରେ ମଜୁରୀ କାର୍ଯ୍ୟ ଠିକ ଭାବରେ ପାଇ ପାରୁନଥିବାରୁ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ପରିବାରର ପ୍ରତି ପୋଷଣ କରନ୍ତି । ସରକାରଙ୍କ ଲୋକାଭିମୁଖୀ ମନରେଗା ଯୋଜନା ମାଧ୍ୟମରେ ଜବ କାର୍ଡ ଅଣ କୁଶଳୀ ଶ୍ରମିକ ମାନେ ୧୦୦ ଦିନର କର୍ମ ନିଯୁକ୍ତି ପାଇବା ପରେ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ତେଣୁ ରାଜ୍ୟ ସରକାର ଅଞ୍ଚଳର ଅଣ

**ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ଗାଁସାଥୀ**

କୁଶଳୀ ମାନଙ୍କ ପାଇଁ ସୁଚିନ୍ତା କରି ଜିଲ୍ଲାର ନୂଆଗଡ଼ ଏବଂ ମହନା ବ୍ଲକକୁ ଦାଦନ ପ୍ରବଣ ବ୍ଲକ ଭାବରେ ଘୋଷଣା କରିଥିଲେ । ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ନିଷ୍ପତି ପ୍ରକାରେ ନୂଆଗଡ଼ ବ୍ଲକର ମନରେଗା ଯୋଜନାର ଜବକାର୍ଡଧାରୀ ଅଣ କୁଶଳୀ ଶ୍ରମିକମାନଙ୍କୁ ବର୍ଷରେ ୧୦୦ ଦିନ ପରିବର୍ତ୍ତେ ୩୦୦ ଦିନର କର୍ମ ନିଯୁକ୍ତି ପାଉଥିଲେ । କିନ୍ତୁ ଚଳିତ ବର୍ଷ ୨୦୨୫-୨୬ ଆର୍ଥିକ ବର୍ଷରେ ଦୀର୍ଘ ୫ମାସ ହେଲାଣି ୧୦୦ ଦିନରୁ ଅଧିକ କର୍ମ ନିଯୁକ୍ତି ପାଇ ପାରୁ ନାହାଁନ୍ତି ଅଣ କୁଶଳୀ ତେଣୁ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ତେଣୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ଏହି ବ୍ଲକ ଦାଦନ ପ୍ରବଣ ପଞ୍ଚାୟତ ସମିତି ଭାବେ ଗ୍ରହଣ କରି ମନରେଗା ଯୋଜନାର ଜବ କାର୍ଡ ଧାରୀ ଅଣ କୁଶଳୀ ଶ୍ରମିକମାନଙ୍କୁ ୩୦୦ ଦିନର କର୍ମ ନିଯୁକ୍ତି ଦେବା ନିମନ୍ତେ ଜିଲ୍ଲା ପ୍ରଶାସନ ଜନ ଅଭିଯୋଗ ଶୁଣାଣିରେ ବ୍ଲକର ମେଟ୍ ବା ଗାଁସାଥୀ ମାନେ ଦରଖାସ୍ତ ମାଧ୍ୟମରେ ଅଭିଯୋଗ କରିଛନ୍ତି ।

# ୩୩୭ଟି ପ୍ରକଳ୍ପ ଶିଳାନ୍ୟାସ କଲେ ପଞ୍ଚାୟତରାଜ ମନ୍ତ୍ରୀ



କୋରାପୁଟ,(ଭାସ୍କର ନ୍ୟୁଜ) : ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗଣ ମନ୍ତ୍ରୀ ରବି ନାରାୟଣ ନାଏକ କୋରାପୁଟ ଜିଲ୍ଲାରେ ୧୬୩.୫ କୋଟି ବ୍ୟୟରେ ୩୩୭ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଛନ୍ତି । ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ ୨୫୮ପ୍ରକଳ୍ପ ପାଇଁ ୧୨.୭୧ କୋଟି ଟଙ୍କା ଆନୁମାନିକ ମୂଲ୍ୟ ରହିଛି । ଗ୍ରାମୀଣ ବିକାଶ ବିଭାଗର ୩୦ଟି ପ୍ରକଳ୍ପ ରହିଛି, ଯାହାର ଆନୁମାନିକ ମୂଲ୍ୟ ୧୨୫.୧୯କୋଟି ଟଙ୍କା ବୋଲି ମନ୍ତ୍ରୀ କହିଛନ୍ତି । ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ୪୯ଟି ପ୍ରକଳ୍ପ ନିମନ୍ତେ ଆନୁମାନିକ ମୂଲ୍ୟ ୨୫.୬୫କୋଟି ଟଙ୍କା ରହିଛି । ଏହି ପ୍ରକଳ୍ପ ଗୁଡିକ ଶେଷ ହେଲେ ଜିଲ୍ଲାବାସୀ ଉପକୃତ ହେବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ମନ୍ତ୍ରୀ ବଡ ଘୋଷଣା କରିଥିଲେ । ୨୦୨୯ ମସିହା ସୁଦ୍ଧା କୋରାପୁଟ ଜିଲ୍ଲାକୁ ଦାଦନ ମୁକ୍ତ କରିବାକୁ ନିଷ୍ପତି ନିଆଯାଇଛି । ନୂଆପଡା ଜିଲ୍ଲାରେ ଦାଦନମୁକ୍ତ ପ୍ରକଳ୍ପ ଆରମ୍ଭ ହୋଇଥିଲା ବେଳେ ଆଗକୁ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଏବଂ ଗଞ୍ଜାମ ଜିଲ୍ଲାରେ ଆରମ୍ଭ କରାଯିବ । ସେହିପରି କୋରାପୁଟ ଜିଲ୍ଲାରେ ୩ଟି ସବୁଜ ପାର୍କ ନିର୍ମାଣ ହୋଇଥିବାବେଳେ କଫି ଚାଷ ପାଇଁ ଅନେକ ଯୁବ ଉଦ୍ୟୋଗୀ ବାହାରିଲେଣି । ପନିପରିବା ବଜାରୀକରଣ ସହ ଆଳୁ ସଂରକ୍ଷଣ ପାଇଁ ସୁବିଧା କରାଗଲେ ଲୋକ ଆଉ ବାହାର ରାଜ୍ୟକୁ ଯିବେ ନାହିଁ । ୨୦୨୬ମସିହା ସୁଦ୍ଧା କୋରାପୁଟ ଜିଲ୍ଲାର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗଣ ହେବ । କୋରାପୁଟରେ ଶିଳ୍ପ କରିଡର ଓ ପର୍ଯ୍ୟଟନ କରିଡର କରାଗଲେ ଓଡିଶାର କାଶ୍ମୀର ଭାବେ ପରିଚିତ କୋରାପୁଟ ଜିଲ୍ଲାର ଆର୍ଥିକ ବିକାଶ ହୋଇପାରିବ । ପ୍ରତି ଜିଲ୍ଲାରେ ଶିଳ୍ପ ହେବ ଏବଂ ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି ମିଳିବ । ନୂଆ ସରକାର ଆସିଲା ବେଳକୁ ଆବାସ ଯୋଜନା ପାଇଁ ତାଲିକା ନଥିଲା । ଏବେ ଜିଲ୍ଲାରେ ୩୭ହଜାର ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ଭି କୀର୍ତ୍ତିଭାସନ, ପ୍ରୋବେସନର ଆଇଏଏସ୍ ସନ୍ତୋଷ କୁମାର ପାତ୍ର ଉପସ୍ଥିତ ଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ମନ୍ତ୍ରୀ ନିର୍ମାଣଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ । ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ । ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଉଁଶଗୁଡା କଫି ନର୍ସରି, ସେମିଳିଗୁଡା ବ୍ଲକ ଅନ୍ତର୍ଗତ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ ।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ କଟକ ଦମ୍ପତି

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରୁ ୭୨ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀ ପୋଷ୍ୟ ସନ୍ତାନ ଭାବେ କଟକ ଜିଲ୍ଲାର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି । ପିତୃମାତୃହୀନ ଏହି ଶିଶୁଙ୍କୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ, ପାରଳାଖେମୁଣ୍ଡିଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା । ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ । ଉପରୋକ୍ତ ଦମ୍ପତ୍ତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ । ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ । ଶିଶୁଟିର ବୟସ ୧୨ ବର୍ଷ, ଶିଶୁପୁତ୍ର ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା । ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମହାପାତ୍ର, ଶିଶୁ ମଙ୍ଗଳ ସମିତି ସଦସ୍ୟା ମମତା ଶତପଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ମିଶନ ଶକ୍ତି ସିଆର୍‌ପି ପକ୍ଷରୁ ସ୍ଥାୟୀ ଦରମା ଦାବି

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ଠାରେ ବ୍ଲକର ବିଭିନ୍ନ ଗ୍ରାମରେ କାର୍ଯ୍ୟରତ ମିଶନ ଶକ୍ତି ସିଆରପିମାନେ ସେମାନେ ପୂର୍ବରୁ ପାଉଥିବା ମାସିକ ୬୧୦୦ ଟଙ୍କା ଦରମା ପ୍ରଦାନ ପାଇଁ ଦାବି କରିଛନ୍ତି । ବର୍ତ୍ତମାନ ସିଆରପିମାନଙ୍କୁ କାର୍ଯ୍ୟକୁ ଦେଖି ପାରିଶ୍ରମିକ ସରକାର ଦେଉଥିବାରୁ ତାର ପ୍ରତିବାଦ କରିଛନ୍ତି । ସ୍ଥାୟୀ ଦରମା ଦାବିକରି ସେମାନେ ବିଡିଓ ଏବଂ ମିଶନ ଶକ୍ତି ବିପିଏମଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।



# ବିଦ୍ୟାଳୟରେ ଚାରା ବଣ୍ଟନ କାର୍ଯ୍ୟକ୍ରମ




ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ତରଫରୁ ବ୍ୟକ୍ତିଟିଏ ଗଛଟିଏ କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର, ସମ୍ମାନୀତ ଅତିଥି ରୂପେ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ଅତିଥି ମାନେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିବା ବେଳେ ଛାତ୍ର ଛାତ୍ରୀ ଙ୍କୁ ଚାରା ବଣ୍ଟନ କରିଥିଲେ । ଏହି ଅବସରରେ ହରିଶ ବେହେରା, ମୀନା ସାହୁ, ମଧୁସ୍ମିତା ସାହୁ, ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା , ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# କାଗଜପତ୍ରରେ ସୀମିତ ରହିଛି କେନ୍ଦ୍ର ସରକାରଙ୍କ 'ଅମୃତ ସହର ଯୋଜନା'

## ■ ଦୟନୀୟ ସ୍ଥିତିରେ ସହରର ଗଳିକନ୍ଦି ରାସ୍ତା




ବାରିପଦା(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ଓ ଅମୃତ ସହର ବାରିପଦା, ଯାହା ଓଡ଼ିଶାର ପ୍ରମୁଖ ସହରମାନଙ୍କ ମଧ୍ୟରୁ ଅନ୍ୟତମ । ବର୍ତ୍ତମାନ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପହଞ୍ଚିଛି ସହରର ପ୍ରତିଟି ରାସ୍ତା ଏପରିକି ସହରର ଗଳିକନ୍ଦି ରାସ୍ତାର ଅବସ୍ଥା ମଧ ସଂପୂର୍ଣ୍ଣ ବେହାଲ୍ । କେନ୍ଦ୍ର ସରକାରଙ୍କ 'ଅମୃତ ସହର ଯୋଜନା' ଅନ୍ତର୍ଗତ ହଜାର ହଜାର କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ଉନ୍ନତି କାଗଜ ପତ୍ରରେ ସୀମିତ ରହିଯାଇଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହେଉନାହିଁ । ବାସ୍ତବ ଜୀବନରେ ସହର ବାସିନ୍ଦାମାନେ ଦୈନିକ ନାନା ଅସୁବିଧା ଭୋଗୁଛନ୍ତି ଛିନଛତରିଆ ରାସ୍ତା, ଅଣନିଃଶ୍ୱାସୀ ଡ୍ରେନେଜ୍, ଓ ପାଣି ଜମା ହେବା ଜନିତ ଦୁର୍ଘଟଣାର ଯନ୍ତ୍ରଣା କହିଲେ ନସରେ । ସାଧାରଣ ବର୍ଷାରେ ମଧ ସହରର ଅଧିକାଂଶ ରାସ୍ତା ମାନ ପୋଖରୀର ରୂପ ଧାରଣ କରୁଛି । ନିମ୍ନମାନର ଡ୍ରେନେଜ୍ ବ୍ୟବସ୍ଥା, ଅତିକ୍ରମଣ ଓ ଅବୈଜ୍ଞାନିକ ନାଳ ତିଆରି ହେବା ଯୋଗୁଁ ବର୍ଷା ପାଣି ଘର ଭିତରକୁ ପ୍ରବେଶ କରୁଛି । ବାରିପଦା ପୌର ପ୍ରଶାସନର କଣ୍ଟ୍ରାକ୍ଟର ତୁଷ୍ଟିକରଣ ନୀତି ଅନୁସରଣ କରି ବେପରୱା ଭାବେ ଫେଭର ବ୍ଲକ୍ ବସାଇ ରାସ୍ତା ଉଚ୍ଚ କରି ଡ୍ରେନେଜ୍ ବ୍ୟବସ୍ଥାକୁ ଅପର୍ଯ୍ୟାପ୍ତ କରିଦେଇଛନ୍ତି । ଏହା ଫଳରେ ରାସ୍ତା ଖାଲ ହୋଇ ବର୍ଷା ପାଣି ରାସ୍ତାରେ ଜମିରହୁଛି । ବାରିପଦା ସହରର ବେଶିଭାଗ ରାସ୍ତାକୁ ଏକାଧିକବାର ମରାମତି କରାଯାଇଛି ବୋଲି ବିଭିନ୍ନ ରେକର୍ଡରେ ଦେଖାଯାଉଛି, ଯେଉଁଥି ପାଇଁ ଶହ ଶହ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି,କିନ୍ତୁ ରାସ୍ତାର ଦୁର୍ବଳ ନିର୍ମାଣ ହେତୁ, ମାସେ ପନ୍ଦର ଦିନ ଭିତରେ ପିଚୁ ଛାଡ଼ି ଚିପ୍ସ ଅଲଗା ହୋଇଯାଉଛି । ସବୁଠାରୁ ବଡ଼ ଦୁଃଖ ଓ ପରିତାପର ବିଷୟ ଉକ୍ତ କାର୍ଯ୍ୟ ଗୁଡିକର ମାନ ପରୀକ୍ଷଣକାରୀ ଜେ.ଇ ମାନଙ୍କର ଦୀର୍ଘମିଆଦି ରହଣି ସହିତ ପ୍ରଶମନ ପରେ ପ୍ରମୋସନ ସେମାନଙ୍କୁ କେଉଁ ଆଧାରରେ ମିଳୁଛି ତାହାମଧ ସାଧାରଣରେ ପ୍ରଶ୍ନବାଚୀ ? ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି ।ଖରା ହେଲେ ରାସ୍ତାରୁ ଉଡୁଥିବା ଧୂଳି ବାୟୁ ପ୍ରଦୂଷଣ ସୃଷ୍ଟି କରି ଲୋକମାନଙ୍କର ଶ୍ୱାସକ୍ରିୟାକୁ ପ୍ରଭାବିତ କରୁଛି । ଏଥିରେ ଛୋଟ ପିଲା, ବୃଦ୍ଧ ଓ ରୋଗାକ୍ରାନ୍ତ ଲୋକମାନେ ବେଶି ପ୍ରଭାବିତ ହେଉଛନ୍ତି ।ଏପରି ଭୟାବହ ପରିସ୍ଥିତି ପାଇଁ ସହର ବାସିନ୍ଦାମାନେ ପୌର ପ୍ରଶାସନ ଓ ପୂର୍ତ୍ତ ବିଭାଗକୁ ସିଧାସଳଖ ଭାବେ ଦାୟୀ କରୁଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଟ୍ୟାକ୍ସ ଦେଉଥିବା ସାଧାରଣ ଲୋକମାନେ ବଦଳରେ ରୋଗ, ଦୁର୍ଘଟଣା ଓ ଅସୁବିଧା ଭୋଗୁଛନ୍ତି, ଯାହା ଜନଜୀବନକୁ ମୃତ୍ୟୁ ପଥକୁ ଠେଲି ଦେଉଛି ।ସମଗ୍ର ସହରରେ ଏନେଇ ଆକ୍ରୋଶ ମୂଳକ ଚର୍ଚ୍ଚା ହେଉଛି । ରାସ୍ତା ଘାଟ, ଚା ଖଟି, ହାଟବଜାର ଓ ଟ୍ରାଫିକ୍ ପଏଣ୍ଟରେ ଏହା ମୁଖ୍ୟ ଆଲୋଚନାର ବିଷୟ ହୋଇଯାଇଛି । ସହରବାସୀ ଓ ବୁଦ୍ଧିଜୀବିମାନେ ଦାବି କରୁଛନ୍ତି ଯେ, ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ମାଧ୍ୟମରେ ବାରିପଦା ଅମୃତ ସହର ପ୍ରକଳ୍ପର ଉଚ୍ଚସ୍ତରୀୟ ତଦନ୍ତ ଓ ଦାୟୀ ଅଧିକାରୀ ତଦାରଖକାରୀ ଜେ.ଇ ଓ କଣ୍ଟ୍ରାକ୍ଟରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ।



କଟକ(ଭାସ୍କର ନ୍ୟୁଜ): ମାଆ ରମାଦେବୀ ସେବା ଓ ତ୍ୟାଗର ପ୍ରତୀକ ଥିଲେ ବୋଲି ଶ୍ରଦ୍ଧାଳି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ଡ଼ଗରପଡ଼ା ସ୍ଥିତ ଶ୍ରୀ ଭାରତୀ ବିଦ୍ୟାଳୟରେ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ମାଆ ରମାଦେବୀଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଉତ୍କଳ ସର୍ବୋଦୟ ମଣ୍ଡଳର ଉପସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି, ବରିଷ୍ଠ ଫଟୋ ସାମ୍ବାଦିକ ଦେବୁ ବୋଷ, ଉତ୍କଳ ସର୍ବୋଦୟ ମଣ୍ଡଳର କୋଷାଧ୍ୟକ୍ଷ ତଥା ସର୍ବସେବା ସଂଘ ଟ୍ରଷ୍ଟି ରମାକାନ୍ତ ନାଥ, ସର୍ବୋଦୟ ଲୋକସେବକ ରେଣୁକା ସାହୁ, ଶ୍ରୀଭାରତୀ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ଜୟନ୍ତୀ ସିଂହ ଏବଂ ଅନ୍ୟତମ ଶିକ୍ଷୟତ୍ରୀ ସ୍ମିତା ମିଶ୍ର ରମାଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରମାଦେବୀ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରି ଅନ୍ୟ ଏକ ସମ୍ଭ୍ରାନ୍ତ ପରିବାରରେ ବିବାହ କରିଥିଲେ ମଧ୍ୟ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଡ଼ାକରାରେ ଦେଶ ସେବାରେ ନିଜକୁ ସମର୍ପଣ କରିଥିଲେ । ଶ୍ରୀଭାରତୀ ବିଦ୍ୟାଳୟ ଛାତ୍ରଛାତ୍ରୀ ଅନନ୍ତ ପଣ୍ଡା, ସାଇସ୍ୱରୂପା ରାଉତ, ହରପ୍ରିୟା ଖଟୁଆ, ଦିୟା ବାଗ୍ ପ୍ରମୁଖ ମାଦେବୀଙ୍କ ଜୀବନୀ ଓ କାର୍ଯ୍ୟ ଉପରେ ଆପଣା ବକ୍ତବ୍ୟ ରଖି ଶ୍ରଦ୍ଧାଳି ଜଣାଇଥିଲେ



## ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗର ଓଡିଶା ଶିବିର ବୈଠକ

# ୧୪୪ ମାମଲାର ଶୁଣାଣି, ୨୮ ଲକ୍ଷ ଟଙ୍କା କ୍ଷତିପୂରଣ ସୁପାରିଶ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗ ଆଜି ପୂର୍ଣ୍ଣ କମିଶନ ଏବଂ ଡିଭିଜନ ବେଞ୍ଚରେ ୧୪୪ଟି ମାମଲାର ଶୁଣାଣି କରି ଏହାର ଦୁଇ ଦିନିଆ ଭୁବନେଶ୍ୱର ଶିବିର ବୈଠକ ସମାପ୍ତ କରିଛି ଏବଂ ଓଡିଶା ରାଜ୍ୟରେ ମାନବାଧିକାର ଉଲ୍ଲଂଘନର ପୀଡିତମାନଙ୍କୁ ୨୮ ଲକ୍ଷ ଟଙ୍କା ସହାୟତା ସୁପାରିଶ କରିଛି । ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗ ଅଧ୍ୟକ୍ଷ, ନ୍ୟାୟମୂର୍ତ୍ତି ଭି. ରାମାସୁବ୍ରମଣ୍ୟମ୍, ସଦସ୍ୟ ଡକ୍ଟର ନ୍ୟାୟମୂର୍ତ୍ତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଜୟା ଭାରତୀ ସାୟାନି ମାମଲାଗୁଡ଼ିକର ଶୁଣାଣି କରିଥିଲେ । ସଦସ୍ୟା ପ୍ରିୟଙ୍କା କାନୁନଗୋ ଅନ୍ୟ କାର୍ଯ୍ୟ ଯୋଗୁଁ ଶୁଣାଣିରେ ଯୋଗ ଦେଇପାରି ନ ଥିବାରୁ, ମାନ୍ୟବର ଅଧ୍ୟକ୍ଷ ଏକକ ବେଞ୍ଚ ଶୁଣାଣି କରିଥିଲେ । ଶୁଣାଣି ସମୟରେ ପୀଡିତ, ଅଭିଯୋଗକାରୀ ଏବଂ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ । କମିଶନ ହାଜତ ମୃତ୍ୟୁ, ସରକାରୀ ଗୃହରେ ସ୍ୱାସ୍ଥ୍ୟ ସମସ୍ୟା, ଅଗ୍ନିକାଣ୍ଡ ଯୋଗୁଁ ଡାକ୍ତରଖାନାରେ ଶିଶୁ ମୃତ୍ୟୁ, ବୁଡ଼ି ମୃତ୍ୟୁ, ବୁଲା କୁକୁର କାମୁଡ଼ା, ଶିଶୁ ଚାଲାଣ, ମୌଳିକ ମାନବିକ ସୁବିଧା ପାଇବାରୁ ବଞ୍ଚିତ, ମହିଳାମାନଙ୍କ ବିରୁଦ୍ଧରେ ଅପରାଧ, ବଳାତ୍କାର, ଶିଶୁ ବିରୁଦ୍ଧରେ ଅପରାଧ, ନିଖୋଜ ବ୍ୟକ୍ତି, ପୋଲିସ ଅତ୍ୟାଚାର, ଆତ୍ମହତ୍ୟା ମୃତ୍ୟୁ, ପୋଲିସ ଦ୍ୱାରା ଏଫଆଇଆର ପଞ୍ଜୀକରଣ ନ କରିବା, ବିଦ୍ୟୁତ ଆଘାତ ମାମଲା ଇତ୍ୟାଦି ମାମଲାଗୁଡ଼ିକର ବିଚାର କରିଥିଲେ । ସାମାଜିକ କଲ୍ୟାଣ ଯୋଜନା ଅଧୀନରେ ଜଣେ ବରିଷ୍ଠ ଆଦିବାସୀ ମହିଳାଙ୍କୁ ପେନସନ, ୧୫୦୦୦ଟଙ୍କା ମଧ୍ୟବର୍ତ୍ତୀକାଳୀନ ସହାୟତା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇଥିଲା । ଅନେକ ମାମଲାରେ, ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା ଏବଂ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା । ବିପଦପୂର୍ଣ୍ଣ ବାଣ କାରଖାନାରେ କାମ କରୁଥିବା ସମୟରେ ୧୨ ବର୍ଷର ବାଳକ ସମେତ ପାଞ୍ଚ ଜଣ ଶ୍ରମିକଙ୍କ ମୃତ୍ୟୁ କ୍ଷେତ୍ରରେ ପ୍ରତ୍ୟେକ ପୀଡିତଙ୍କ ନିକଟତମ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ଏବଂ ବିପଦପୂର୍ଣ୍ଣ କାରଖାନାକୁ ସିଲ୍ କରିଦିଆଯାଇଛି । ଉଭୟ ପକ୍ଷଙ୍କ କଥା ଶୁଣିବା ପରେ କମିଶନ ୩୮ଟି ମାମଲା ବନ୍ଦ କରିଛନ୍ତି । କମିଶନ ଦେଖିଛନ୍ତି ଯେ ୨୫ଟି ମାମଲାରେ 'ପିଡ଼ିତଙ୍କୁ କ୍ଷତିପୂରଣ ଯୋଜନା' ଅଧୀନରେ ଏକ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ବିଚାରାଧୀନ ଅଛି । ଓଡ଼ିଶା ରାଜ୍ୟ ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ବିଭିନ୍ନ ମାନବାଧିକାର ପ୍ରସଙ୍ଗରେ ମାନ୍ୟବର କମିଶନ ଦେଇଥିବା ପରାମର୍ଶକୁ ରାଜ୍ୟ ଗୁରୁତର ସହିତ ନେଇ ସେସବୁର କାର୍ଯ୍ୟାନୁଷ୍ଠାନ ସଂପର୍କରେ ପଦକ୍ଷେପ ନେଇଛନ୍ତି । ନୂତନ ସରକାର ଜନ ଅଭିଯୋଗ ସରକାରକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି କରୁଥିବା ବେଳେ ଅନ-ଲାଇନ୍ ବ୍ୟବସ୍ଥାରେ ମଧ୍ୟ ଅଭିଯୋଗ ଶୁଣାଣି ଫଇସଲା କରାଯାଉଛି । ରାଜ୍ୟର ଅର୍ଥନୈତିକ ବିକାଶ, ନିରନ୍ତରତା ଭିତ୍ତିରେ ସାମଗ୍ରିକ ବିକାଶ ଦିଗରେ ପ୍ରଶାସନ ସରକାର ସମ୍ମିଳିତ ପ୍ରୟାସ ଜାରି ରଖିଛନ୍ତି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ରଖି ଓଡ଼ିଶା ଭିଜନ ପ୍ରସ୍ତୁତ କରାଯାଇଛି । ବିଭିନ୍ନ ପ୍ରସଙ୍ଗରେ ମାନ୍ୟବର କମିଶନ ଯେଉଁ ପର୍ଯ୍ୟବେକ୍ଷଣ କରିଛନ୍ତି ଓ ପରାମର୍ଶ ଦେଇଛନ୍ତି, ସେ ସମ୍ପର୍କରେ ରାଜ୍ୟ ପ୍ରତିଶ୍ରୁତିବଦ୍ଧତାର ସହ କାର୍ଯ୍ୟ କରିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ । ଏହି ଆଲୋଚନା ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ପୋଲିସ୍ ମହା ନିର୍ଦ୍ଦେଶକ ୱାଇ.ବି.ଖୁରାନିଆ, ଡିଜିପି( ଅଗ୍ନିଶମ ) ତଥା ସିଭିଲ୍ ଡିଫେନ୍ସ ଡଃ. ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ତଥା ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ରାଜ୍ୟରେ ସୃଷ୍ଟି ହେବ ଅଧିକ ୬୩୫୮ ବୁଥ୍

# ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ ପାଇଁ ସମସ୍ତ ରାଜନୈତିକ ଦଳକୁ ଆହ୍ୱାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ମଙ୍ଗଳବାର ବିଭିନ୍ନ ସିକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡିକ ସହ ବୈଠକ କରିଛନ୍ତି । ଏହି ବୈଠକରେ ରାଜ୍ୟରେ ଅଧିକ ଛଅ ହଜାର ତିନିଶହ ଅଠାବନ ବୁଥ ସୃଷ୍ଟି ଏବଂ ବୁଥ ସ୍ତରୀୟ ଏଜେଣ୍ଟ(ବିଏଲଏ)ଙ୍କୁ ନିଯୁକ୍ତ ବେଳେ ଆବେଦନ ଫର୍ମରେ ଫଟୋ ଏବଂ ମୋବାଇଲ ନମ୍ବର ନିଶ୍ଚିତ ଦେବାକୁ ପଡିବ ବୋଲି ସେ ଉପସ୍ଥିତ ରାଜନୈତିକ ଦଳ ଗୁଡିକର ସଦସ୍ୟଙ୍କୁ କହିଥିଲେ । ଭୋଟରଙ୍କ ସୁବିଧା ତଥା ଭିଡ କମାଇବା ସକାଶେ ପୂର୍ବରୁ ୧୫୦୦ ଭୋଟରଙ୍କୁ ନେଇ ଗଠନ ହେଉଥିବା ବୁଥ ଏଣିକି ୧୨୦୦ ଭୋଟରରେ ସୀମିତ କରାଯିବ । ଏଥି ନିମନ୍ତେ ଅଧିକ ୬୩୫୮ ବୁଥ ସୃଷ୍ଟି ହେବ । ମତଦାନର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୧୨୦୦ରୁ ଅଧିକ ଭୋଟର ଥିବା ମତଦାନ କେନ୍ଦ୍ରଗୁଡ଼ିକୁ ଏହି ପ୍ରକ୍ରିୟାରେ ଯୋଡ଼ା ଯିବ । ନିର୍ବାଚନ ପୂର୍ବରୁ ଭୋଟରଙ୍କ ପ୍ରବେଶକୁ ସରଳ କରିବା ଏବଂ ମତଦାନ କେନ୍ଦ୍ରରେ ଭିଡ଼ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ସେହିପରି ବୁଥ ସ୍ତରୀୟ ଏଜେଂଟଙ୍କୁ ନିଯୁକ୍ତ ବେଳେ ଆବେଦନ ଫର୍ମରେ ଫଟୋ ଏବଂ ମୋବାଇଲ ନମ୍ବର ଏଣିକି ଦେବାକୁ ପଡିବ । ପୂର୍ବ ନିଯୁକ୍ତ ବିଏଲଏ ଯେଉଁ ମାନେ ଆବେଦନ ବେଳେ ଫଟୋ ଏବଂ ମୋବାଇଲ ନମ୍ବର ଦେଇନଥିବେ ସେମାନେ ମଧ୍ୟ ଆବେଦନ ଫର୍ମପୁନଃ ଜମା କରିବେ ବୋଲି ସୂଚନା ଦେଇଛନ୍ତି । ସମସ୍ତ ରାଜନୈତିକ ଦଳ ଗୁଡିକୁ ବୁଥ ସ୍ତରୀୟ ଏଜେଂଟଙ୍କୁ ନିଯୁକ୍ତ କରିବାକୁ ସେ ଅନୁରୋଧ କରିଥିଲେ । ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ଼ ଲକ୍ଷ୍ମୀ ପ୍ରସାଦ ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଅନାମିକା ସିଂ ମଧ୍ୟ ଉପସ୍ଥିତ ଥିଲେ ।

## ଗୋଟିଏ ଦିନରେ ୩ ଜିଲ୍ଲାରେ ଦୁଷ୍କର୍ମ

# ମହିଳମାନେ ଘରୁ ଗୋଡ କାଢିବା ଚାହାଁନ୍ତିନି ରାଜ୍ୟ ସରକାର: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ନେଇ ବିଜୁ ଜନତା ଦଳ ଅଭିଯୋଗ କରିଛି ଯେ, ମହିଳାମାନେ ଘର କୋଣରେ ରୁହନ୍ତୁ ଓ ଘରୁ ଗୋଡ କାଢନ୍ତୁ ନାହିଁ ବୋଲି ବିଜେପି ସରକାର ଚାହେଁ । ଶଙ୍ଖଭବନରେ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଦିନକରେ ୩ ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସହ ପୁରୀରେ ୩ଭଉଣୀଙ୍କୁ ଅସଦାଚରଣ ମାମଲା ଉଲ୍ଲେଖ କରି ବିଜେପି ସରକାରରେ ମହିଳା ଘରୁ ଗୋଡ କାଢିବା ଆଉ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରିଛନ୍ତି । ଶ୍ରୀ ମୁଦୁଲୀ କହିଛନ୍ତି ଯେ, ଛାତ୍ରୀ ହେଉ ବା ଗୃହିଣୀ ସମାଜରେ ନିଜକୁ ଆତ୍ମନିର୍ଭର କରିବା ପାଇଁ ଘରୁ ବାହାରକୁ ଆସିବାକୁ ପଡିବ, କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟ ବିଜେପି ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ଅସମର୍ଥ । ଶ୍ରୀ ବିଶ୍ୱାଳ କହିଥିଲେ, ମାଲକାନଗିରିରେ ଦୁଇଟି ଦୁଷ୍କର୍ମ ଘଟଣାକୁ ନେଇ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ଏସ୍ପିଙ୍କୁ ଭେଟି ଆଲୋଚନା କରିଛନ୍ତି । ଭୁବନେଶ୍ୱର ମେୟର ଶ୍ରୀମତୀ ଦାସ କହିଛନ୍ତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ମହିଳାଙ୍କୁ ସଶକ୍ତ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିଲେ । କିନ୍ତୁ ବିଜେପି ସରକାର ପ୍ରତିଷ୍ଠା ହେବା ଦିନଠୁ ମହିଳା ସୁରକ୍ଷିତ ମନେ କରୁନାହାନ୍ତି । ଦିନକରେ ୩ ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କୁ ବିଚଳିତ କରିଛି । ପୁରୀରେ ଟ୍ୟୁସନରୁ ଫେରୁଥିଲା ବେଳେ ୩ଭଉଣୀଙ୍କୁ ଅସଦାଚରଣ ଘଟଣା ଦୁର୍ଭାଗ୍ୟଜନକ । ଉତ୍ସବ ମୁହାଁ ସରକାର ଯଦି ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନାରେ ବିରାମ ନଲଗାଏ, ଆଗାମୀ ଦିନରେ ସମଗ୍ର ରାଜ୍ୟରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛି ବିଜେଡି ।

## ରାଜଧାନୀରୁ ୨ ନାବାଳକ ନିଖୋଜ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ରାଜଧାନୀରୁ ୨ ନାବାଳକ ନିଖୋଜ । ୪ ଦିନ ହେବ ଘରକୁ ଫେରି ନାହାନ୍ତି ଦୁଇ ଭାଇ । ଆର.ସାଇ ରେଡ୍ଡୀ(୯) ଓ ଆର.ଶୁଭମ ରେଡ୍ଡି( ୬) ଗତ ଶନିବାର ସକାଳୁ ନିଖୋଜ ଅଛନ୍ତି ପିଲା । ଘର ଦିଗପହଣ୍ଡିରେ ହୋଇଥିବା ବେଳେ ଭୁବନେଶ୍ୱରରେ ରୁହନ୍ତି ପରିବାର ।

## ଛୋଟ ଲୁଚକାଳି ଖେଳକୁ ମୁଁ ଡରେନି: ଭକ୍ତ ଦାସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛୋଟ ଲୁଚକାଳି ଖେଳକୁ ମୁଁ ଡରେନି । ବିଜେପି ଛୁଆଙ୍କୁ ଲଗେଇ ଲୁଚିକି ସହରରେ ମୋ ପୋଷ୍ଟର ମାରିଛନ୍ତି ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଦାସ । ବିଜେପିକୁ ଧନ୍ୟବାଦ ଆମ ପୋଷ୍ଟର ମାରିଛି । କଂଗ୍ରେସର କାର୍ଯ୍ୟକ୍ରମ ଦେଖି ସରକାର ଭୟଭୀତ । ମୁଁ ପଛକୁ ହଟିବି ନାହିଁ । ଏବେ ମୋର ଆନ୍ଦୋଳନାତ୍ମକ ରୂପ ଦେଖୁଛନ୍ତି ଆଗକୁ ମୋର ରାଜନୈତିକ ରୂପ ଦେଖିବେ । ମୁଁ ନୁହେଁ ସରକାର ଆଗ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି ।

# ପ୍ରଦେଶ କଂଗ୍ରେସ ପକ୍ଷରୁ ରମାଦେବୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରମାଦେବୀଙ୍କ ଶ୍ରାଦ୍ଧ ଦିବସ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କଂଗ୍ରେସ ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ତାଙ୍କର ବ୍ୟକ୍ତିଗତ ଅନୁଭୂତି ଏବଂ ସାକ୍ଷାତ ରମାଦେବୀଙ୍କ ସାଥିରେ ସ୍ମରଣ କରିଥିଲେ । ସେ କହିଥିଲେ ସ୍ୱାଧୀନତା ସଂଗ୍ରାମର ମହାନ ନେତ୍ରୀଥିଲେ ରମାଦେବୀ । ବହୁବାର ଜେଲ ଯାଇଥିଲେ, ଗାନ୍ଧୀଜୀଙ୍କ ସହିତ ପଦଯାତ୍ରା କରିଥିଲେ । ସ୍ୱାଧୀନତା ପରେ ନାରୀର ଶିକ୍ଷା, ମର୍ଯ୍ୟାଦା ଓ ସ୍ୱାଧୀନତା ପାଇଁ ଲଢ଼େଇ କରିଥିଲେ । ଦଳିତ, ଆଦିବାସୀ, ପତିତ ଏବଂ ସଂଖ୍ୟାଲଘୁଙ୍କ ଅଧିକାର ପାଇଁ ଲଢ଼େଇ କରିଥିଲେ । ଆଜିର ସାମ୍ପ୍ରତିକ ପରିସ୍ଥିତରେ ଦେଶର ମୂଲ୍ୟବୋଧର ଯେଉଁ ଅବକ୍ଷୟ ହେଉଛି, ରମାଦେବୀଙ୍କ ଜୀବନ ହେଉଛି ଆଜିର ସମାଜପାଇଁ ଦିଗଦର୍ଶନ । ସ୍ୱାଧୀନତାର ମୂଲ୍ୟବୋଧ ଆର୍ଦଶକୁ ବଂଚାଇ ରଖିବା ପାଇଁ ଏବଂ ନାରୀଙ୍କ ଉପରେ ଯେଉଁ ଅତ୍ୟାଚାର ହେଉଛି ଏବଂ ସରକାର ନିରବଦ୍ରଷ୍ଟା ହୋଇଛନ୍ତି ଏହାର ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଲିସ ବିହୀନ ଲଢ଼େଇ ଜାରି ରଖିବ ବୋଲି ନିଜ ବକ୍ତବ୍ୟରେ ଶ୍ରୀ ଦାସ ପ୍ରକାଶ କରିଥିଲେ । ସେହିପରି ପୂର୍ବତନ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ବିଧାୟକ ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରମାଦେବୀଙ୍କ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ପିସିସି ସଭାପତିଙ୍କ ସମେତ ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ନଗେନ୍ଦ୍ର ପ୍ରଧାନ ପ୍ରମୁଖ ନେତୃବୃନ୍ଦ ରମାଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶେଷରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦିତ ପ୍ରଧାନଙ୍କ ସହଯୋଗୀ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ଘଟଣାରେ ତାଙ୍କ ଅନ୍ୟତମ ସହଯୋଗୀ ଆୟୁଷ୍ମାନ ସାହୁଙ୍କୁ ପୋଲିସ ବାନ୍ଧିଛି । ମଙ୍ଗଳବାର ଆୟୁଷ୍ମାନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି । ଗତକାଲି ଭିଡିଓ କରି ଉଦିତଙ୍କ ଦୋଷ ନଥିବା କହିଥିଲେ ଆୟୁଷ୍ମାନ । ଦୁଷ୍କର୍ମ ମାମଲାକୁ ଗଣଦୁଷ୍କର୍ମ ଭାବେ କନଭର୍ଟ କଲା ପୋଲିସ । ସୂଚନାଯୋଗ୍ୟ, ଦୁଷ୍କର୍ମ ଅଭିଯୋଗରେ ଗିରଫ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନଙ୍କୁ ସଭାପତି ପଦ ଓ ଦଳରୁ ନିଲମ୍ବନ କରିଛି କଂଗ୍ରେସ ।

## ଧାନ ବିକ୍ରି ପାଇଁ ଚାଷୀଙ୍କ ଇ-କେୱାଇସି ବାଧ୍ୟତାମୂଳକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଞ୍ଜିକରଣ ସମୟରେ ଚାଷୀଙ୍କ ଆଧାର କାର୍ଡ ଦାଖଲ ସହ ଇ-କେୱାଇସି ବାଧ୍ୟତାମୂଳକ ହେବ । ନକଲି ଚାଷୀ ତଥା ଦଲାଲଙ୍କୁ ଧରିବା ପାଇଁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ବିଭିନ୍ନ ସ୍ଥାନରେ ସମସ୍ୟା ଉପୁଜିବା ପରେ ରାଜ୍ୟ ସରକାର ଚାଷୀ ପଞ୍ଜିକରଣକୁ ସରଳିକରଣ କରିଛନ୍ତି । ମନ୍ତ୍ରୀ କହିଛନ୍ତି ବାପା କି ଜେଜେ ବାପାଙ୍କ ନାମରେ ଜମିଥିଲେ ବି ପୁଅ କରିପାରିବେ ପଞ୍ଜିକରଣ । ଯେଉଁ ପୁଅ ଯେତେ ଜମି ଚାଷ କରୁଥିବେ ସେତିକି ଜମିର ପଞ୍ଜିକରଣ କରିପାରିବେ । ଯଦି ଜଣେ ଭାଇ ସବୁ ଜମି ଚାଷ କରୁଛି ତେବେ ତାଙ୍କୁ ଅନ୍ୟ ଭାଇଙ୍କ ଲିଖିତ ସ୍ୱୀକୃତି ନାମା ପଞ୍ଜିକରଣ ସମୟରେ ଦାଖଲ କରିବେ । ୧୯ରୁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥିବା ବେଳେ ୨୦ ଅଗଷ୍ଟ ଯାଏଁ ଚାଲିବ । ୯ ସେପ୍ଟେମ୍ବର ସୁଦ୍ଧା ଚାଷୀଙ୍କ ତଥ୍ୟ ଯାଂଚ ସରିବ । ୩୦ ସେପ୍ଟେମ୍ବର ସୁଦ୍ଧା ଯୋଗ୍ୟ ଚାଷୀଙ୍କ ତାଲିକା ପ୍ରକାଶ ପାଇବ ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ସମୟରେ ଶାସନ, ବିପର୍ଯ୍ୟୟ ପରିଚାଳନା ଏବଂ ରାଜ୍ୟର ସାମଗ୍ରିକ ବିକାଶ ସଂପର୍କରେ ଆଲୋଚନା ହୋଇଥିଲା । ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ କରିବା, ଭୂ ଏବଂ ରାଜସ୍ୱ ପ୍ରଶାସନକୁ ସୁବ୍ୟବସ୍ଥିତ କରିବା ଏବଂ ସାଧାରଣ ସେବା ପ୍ରଦାନରେ ଉନ୍ନତି ଆଣିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ପୂଜାରୀ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ କରିବା, ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ସମଗ୍ର ଓଡ଼ିଶାରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ନାଗରିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଆଗୁଆ ଯୋଜନା ଓ ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ସୁଭଦ୍ରା ସମୀକ୍ଷାର ଶୁଭାରମ୍ଭ, ସର୍ଭେ କରିବେ କଲେଜ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁଭଦ୍ରା ଓଡ଼ିଶାର କୋଣେ ଅନୁକୋଣରେ ପହଞ୍ଚି ମା' ଓ ଭଉଣୀଙ୍କର ଆର୍ଥିକ ଆବଶ୍ୟକତାକୁ ପୂରଣ କରୁଛି ଏବଂ ସେମାନଙ୍କ ଇଚ୍ଛା ତଥା ସ୍ୱପ୍ନକୁ ନୂଆ ରୂପ ପ୍ରଦାନ କରୁଛି । ରାଜ୍ୟର ମହିଳାଙ୍କ ଆର୍ଥିକ ସଶକ୍ତିକରଣ ସୁଭଦ୍ରା ଯୋଜନା ଆରମ୍ଭର ମୂଳ ଲକ୍ଷ୍ୟ । ସୁଭଦ୍ରା ସହାୟତା ଓଡ଼ିଶାର ମା' ଭଉଣୀଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆଣିଛି ଓ ଆଉ କଣ କଲେ ସୁଭଦ୍ରା କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିହେବ ଏପରି ପ୍ରଶ୍ନଗୁଡିକୁର ଉତ୍ତର ପାଇବା ପାଇଁ ମହିଳା ଏବଂ ଶିଶୁ ବିକାଶ ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଆଇଆଇଏମ ସମ୍ବଲପୁରର ସହଭାଗୀତାରେ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମତ ପ୍ରକାଶ କରିଛନ୍ତି । ମଙ୍ଗଳବାର ଭୁବନେଶ୍ୱରସ୍ଥିତ ୟୁନିଟ ୯ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଶୁକବିହାର ଶନିବିହାର ଅଙ୍ଗନବାଡି କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ କରକମଳରେ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପ୍ରଧାନ, ମହିଳା ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଅନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କଲେଜ ଛାତ୍ରଛାତ୍ରୀ ଆଗାମୀ ୨ ସପ୍ତାହବ୍ୟାପୀ ସାରା ରାଜ୍ୟର ଅଙ୍ଗନବାଡି କେନ୍ଦ୍ରଗୁଡିକରେ ସାକ୍ଷାତକାର କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀଙ୍କୁ ସୁଭଦ୍ରା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରି ଆବଶ୍ୟକ ତଥ୍ୟ ସୁନିଶ୍ଚିତ କରିବେ । ସୁଭଦ୍ରା ସହାୟତାର ଉପଯୋଗ ଓ ସୁଭଦ୍ରା କାର୍ଯ୍ୟକ୍ରମର ପ୍ରଭାବ ବିଷୟରେ ସେମାନେ ତଥ୍ୟ ସଂଗ୍ରହ କରିବେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟାୟକ୍ରମେ ୨୨ହଜାର ମହିଳା ହିତାଧିକାରୀଙ୍କୁ ନେଇ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି । ଏହି ଗ୍ରୁପରେ ବିଭିନ୍ନ ସାମାଜିକ ବର୍ଗ ଏବଂ ବୟସ ଭିତିରେ ହିତାଧିକାରୀଙ୍କୁ ନିଆଯାଇଛି । ହିତାଧିକାରୀଙ୍କ ଇଚ୍ଛା ଓ ଆକାଂକ୍ଷାକୁ ବୁଝିବା ସହ ସୁଭଦ୍ରା ସହାୟତାର ଯଥାର୍ଥ ଉପଯୋଗ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ସର୍ବେକ୍ଷଣ ତଥ୍ୟ ଆଧାରରେ ଆଗାମୀ ସୁଭଦ୍ରା କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ କରାଯିବ । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ତଥା ତାଲିମପ୍ରାପ୍ତ କର୍ମକର୍ତ୍ତା ସହଯୋଗ କରିବେ । ଆଇଆଇଏମ, ସମ୍ବଲପୁର ସହଯୋଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଏହି ସମୀକ୍ଷାର ତଥ୍ୟକୁ ବିଶ୍ଳେଷଣ କରି ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିବେ ।.

## ୫୩ନଂ ୱାର୍ଡରେ ୩୦ଲକ୍ଷ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

କଟକ(ଭାସ୍କର ନ୍ୟୁଜ୍): ସିଏମସି ଅନ୍ତର୍ଗତ ୫୩ନଂ ୱାର୍ଡରେ ୩୦ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ସଂଯୋଜନାରେ ୩ଗୋଟି ପ୍ରକଳ୍ପକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି । ସେଥିମଧ୍ୟରେ ଆର ଏଣ୍ଡ ବି ପକ୍ଷରୁ ୧୯ଲକ୍ଷ ଟଙ୍କା ବ୍ୟୟରେ ଦରଖାପାଟଣାସ୍ଥିତ କୁସୁମଦେବୀ ମହିଳା ମହାବଦ୍ୟାଳୟର ୮ଶହ ବର୍ଗଫୁଟ ପରିମିତ ଜାଗାରେ ସାଇକେଲ ଷ୍ଟାଣ୍ଡ ଓ ପାଠାଗାର ନିର୍ମାଣ, ସିଏମସି ପକ୍ଷରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ନିୟୁ କଲୋନୀକ୍ଷହ ପେଭର ବ୍ଲକ ରାସ୍ତା ଓ ଡ଼ଳେଇ ଡ୍ରେନ ଏବଂ ଏକ ଲକ୍ଷ ଟଙ୍କା ବ୍ୟୟରେ ଆଉ ଏକ ପେଭର ବ୍ଲକ ରାସ୍ତା ଆଦି ନିର୍ମାଣ କରାଯିବ । ଏହି ଉତ୍ସବରେ କୁସୁମଦେବୀ ମହାବିଦ୍ୟାଳୟର ଅଧକ୍ଷା ଡଃ ଶାନ୍ତିଲତା ମହାପାତ୍ର, ୱାର୍ଡ ସଭାପତି ସାରଙ୍ଗପାଣି ଷଡ଼ଙ୍ଗୀ, ମୁରବୀ ରଜନୀକାନ୍ତ ପରିଡା, ଅମର ସାମନ୍ତରାୟ, ବିଜୟାନନ୍ଦ ସାହୁ, ସଦାନନ୍ଦ ସାହୁ, ସଂଜୀବ ଜେନା, ବ୍ୟୋମକେଶ କାନୁନଗୋ, ଅଧୀର ବେଉରା, ସୁଜନ ସ୍ୱାଇଁ, ନଗେନ ଦାସ, ସୁଧାରଞ୍ଜନ ନାୟକ, ବିଦ୍ୟୁଲତା ସ୍ୱାଇଁ, ରାକେଶ ସାହୁ, ସମ୍ବିତ କୁମାର ଶ୍ରୀଚନ୍ଦନ ଏବଂ ଆର ଏଣ୍ଡ ବିର ସହକାରୀଯନ୍ତ୍ରୀ ବଳରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

# ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ଅଭିବାଦନ ଗ୍ରହଣ କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୭୯ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତୋଳନ କରି ଅଭିବାଦନ ଗ୍ରହଣ କରିବେ । ପିଏମଜି ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ମାର୍ଗରେ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମଙ୍ଗଳବାର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଆର କେ ଶର୍ମା, ପୋଲିସ କମିସନର ଦେବଦତ ସିଂହ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ଓ ଅନ୍ୟ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରୁ ଜଣାପଡିଛି ଯେ ମୁଖ୍ୟମନ୍ତ୍ରୀ ଅଭିବାଦନ ମଞ୍ଚ ନିକଟରେ ପହଞ୍ଚିବା ମାତ୍ରେ ମୁଖ୍ୟ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ, ଡିଡିଜି ଏନ୍‌ସିସି, ଭୁବନେଶ୍ୱର ତାଙ୍କୁ ସ୍ୱାଗତ କରିବେ । ମଞ୍ଚ ନିକଟକୁ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ପାଛୋଟି ନେବେ । ସକାଳ ୯ ଘଟିକା ସମୟରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯିବ । ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତର ପୂର୍ଣ୍ଣ ସଂସ୍କରଣ ଗାନ କରାଯିବ ଏବଂ ପରେ ମୁଖ୍ୟମନ୍ତ୍ରୀ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ଚଳିତ ସ୍ୱାଧୀନତା ଦିବସରେ ୪୫ଟି ଦଳ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିବେ । ପୋଲିସ କମିଶନର ଏହିସବୁ ଦଳକୁ ଚୟନ କରିବେ । ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ପୁରସ୍କାର ପ୍ରଦାନ କରିବେ । ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେ ଯେ ପ୍ୟାରେଡ୍ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ନ ଯାଉଣୁ ଟ୍ରାଫିକ୍ ଅବ୍ୟବସ୍ଥା ହେଉଛି । ଏଣୁ ଏ ଦିଗରେ ବିହିତ ଦୃଷ୍ଟି ଦେବାକୁ ପୋଲିସ କମିଶନରଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ । ରାଜଭବନ ଛକରୁ ଏ ଜି ଛକ, ଏ ଜି ଛକରୁ ହାଉସିଂ ବୋର୍ଡ ଛକ ପର୍ଯ୍ୟନ୍ତ ଜାତୀୟ ପତାକା ସହ ଆବଶ୍ୟକୀୟ ସାଜସଜ୍ଜାର ବ୍ୟବସ୍ଥା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସମାହିତ ହେବ । ଲୋକସେବା ଭବନ, ବିଧାନସଭା ଭବନ, ରାଜୀବ ଭବନ, ଖାରବେଳ ଭବନ, କୃଷି ଭବନ, ଲୋକ ସମ୍ପର୍କ ଭବନ, କମିଶନରେଟ୍ ଅଫ୍ ପୋଲିସ ଭବନ ଏବଂ ଜୟଦେବ ଭବନ, ନିର୍ମାଣ ସୌଧରେ ଆଲୋକୀକରଣ କାର୍ଯ୍ୟ ସମ୍ପୃକ୍ତ ବିଭାଗ ଦ୍ୱାରା କରାଯିବ । ଉତ୍ସବ ସ୍ଥଳରେ ଶକ୍ତି ବିଭାଗ, କାର୍ଯ୍ୟ ବିଭାଗ ଏବଂ ଡିସିପି ଭୁବନେଶ୍ୱର ଦ୍ୱାରା ବିଦ୍ୟୁତ୍ ଯୋଗାଣର ମିଳିତ ଯାଞ୍ଚ କରାଯିବ । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କାର୍ଯ୍ୟକ୍ରମରେ ଔଷଧ / ପ୍ରାଥମିକ ଚିକିତ୍ସା କିଟ୍ ସହିତ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତରଙ୍କ ଉପସ୍ଥିତି ସୁନିଶ୍ଚିତ କରିବେ ।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



## ଧନଖଡ଼ଙ୍କ ଅଚାନକ ଇସ୍ତଫା

# ଜାତୀୟ ରାଜନୀତିରେ ଆଲୋଡ଼ନ

ସାମ୍ବିଧାନିକ ବିଧି ବିଧାନ ଅନୁଯାୟୀ ରାଷ୍ଟ୍ରପତି ଆମ ଦେଶର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ହୋଇଥିବା ସ୍ଥଳେ ତାଙ୍କ ପଛକୁ ଉପରାଷ୍ଟ୍ରପତିଙ୍କ ସ୍ଥାନ ଦ୍ୱିତୀୟରେ ରହିଥାଏ। ଏଭଳି ଏକ ମର୍ଯ୍ୟାଦାଜନକ ଆସନ ଅଳଙ୍କୃତ କରିଥିବା ଉପରାଷ୍ଟ୍ରପତି ସଂସଦର ଉପର ସଦନ ରାଜ୍ୟସଭାର ଅଧ୍ୟକ୍ଷ ରୂପେ ମଧ୍ୟ ଦାୟିତ୍ୱ ସଂପାଦନ କରିଥାନ୍ତି। ଜଣେ ଜଣାଶୁଣା ଆଇନଜ୍ଞ ଜଗଦୀପ୍ ଧନଖଡ ଗତ ୨୦୨୨ ଅଗଷ୍ଟ ୧୧ ତାରିଖରୁ ଭାରତର ଉପରାଷ୍ଟ୍ରପତି ପଦବୀରେ ଅଧିଷ୍ଠିତ ଅଛନ୍ତି ଏବଂ ନିୟମ ଅନୁଯାୟୀ ତାଙ୍କର କାର୍ଯ୍ୟକାଳ ଆଉ ଦୁଇ ବର୍ଷ ପରେ ଅର୍ଥାତ୍ ୨୦୨୭ ଅଗଷ୍ଟରେ ଶେଷ ହେବାର କଥା। ମାତ୍ର ସୋମବାର ରାତିରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରୁ ଧନଖଡଙ୍କ ଅଚାନକ ଇସ୍ତଫା ଦେଶବ୍ୟାପୀ ଆଲୋଡନ ସୃଷ୍ଟି କରିଛି। ପୂର୍ବରୁ କୌଣସି ସୂଚନା ନଥାଇ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହଠାତ୍ ରାଷ୍ଟ୍ରପତିଙ୍କ ନିକଟକୁ ଇସ୍ତଫାପତ୍ର ପଠାଇଦେବା ରାଜନୈତିକ ମହଲକୁ ମଧ୍ୟ ବିସ୍ମିତ କରିଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ ସୋମବାର ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଉପରାଷ୍ଟ୍ରପତି ରାଜ୍ୟସଭା ବୈଠକରେ ଅଧ୍ୟକ୍ଷତା କରିଥିଲେ ଏବଂ ବିଭିନ୍ନ ପ୍ରସଂଗରେ ନିଜର ମତାମତ ରଖିଥିଲେ। ସେତେବେଳେ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା ପଦବୀ ଛାଡୁଥିବା ନେଇ ସାମାନ୍ୟତମ ସୂଚନା ମିଳିନଥିବା ସ୍ଥଳେ ରାତିରେ ଏତେ ବଡ ନିଷ୍ପତ୍ତି କାହିଁକି ନେଲେ ତାହା ବୁଝି ହେଉନାହିଁ। ସମ୍ବିଧାନର ଧାରା ୬୭(କ) ଅନୁଯାୟୀ ରାଷ୍ଟ୍ରପତିଙ୍କ ନିକଟକୁ ଲେଖିଥିବା ଇସ୍ତଫାପତ୍ରକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଧନଖଡ ଅନୁରୋଧ କରିଛନ୍ତି। ଡାକ୍ତରଙ୍କ ପରାମର୍ଶ ଆଧାରରେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦେବାକୁ ସେ ପଦ ଛାଡୁଥିବାର ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହିତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟ ଏବଂ ସାଂସଦମାନଙ୍କୁ ସହଯୋଗ ଓ ସମର୍ଥନ ନିମନ୍ତେ ସେ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରେ ଧନଖଡ ତୃତୀୟ ବ୍ୟକ୍ତି। ମାତ୍ର ତାଙ୍କ ପୂର୍ବରୁ ଯଥାକ୍ରମେ ୧୯୬୯ ଓ ୧୯୮୭ ମସିହାରେ ଇସ୍ତଫା ଦେଇଥିବା ଭି.ଭି ଗିରି ଏବଂ ଆର୍. ଭେଙ୍କଟରମଣ ରାଷ୍ଟ୍ରପତି ପଦବୀ ପାଇଁ ପ୍ରାର୍ଥୀ ହେବାରୁ ପଦ ଛାଡିବାକୁ ବାଧ୍ୟ ହୋଇଥିଲେ। ସେହି ଦୃଷ୍ଟିରୁ ଧନଖଡଙ୍କ ଅଚାନକ ଇସ୍ତଫା କିଛିଟା ଭିନ୍ନ ବାର୍ତ୍ତା ଦେଉଛି। ରାଜସ୍ଥାନର ମୂଳବାସିନ୍ଦା ୭୪ ବର୍ଷୀୟ ଧନଖଡ ନିଜର ରାଜନୈତିକ ଜୀବନରେ କଂଗ୍ରେସ, ଜନତା ଦଳ ଓ ବିଜେପିର ସଦସ୍ୟ ରହି ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇଥିଲେ। ଉପରାଷ୍ଟ୍ରପତି ହେବା ପୂର୍ବରୁ ୨୦୧୯ ମସିହାରୁ ୨୦୨୨ ପର୍ଯ୍ୟନ୍ତ ପଶ୍ଚିମବଂଗର ରାଜ୍ୟପାଳ ରୂପେ କାର୍ଯ୍ୟ କରିବା ସମୟରେ ସେଠାକାର ମମତା ବାନାର୍ଜୀ ସରକାର ସହ ତାଙ୍କର ବିବାଦ ଚରମସୀମାରେ ପହଞ୍ଚିଥିଲା। ରାଜ୍ୟ ସରକାର ତାଙ୍କର କୌଣସି ନିର୍ଦ୍ଦେଶ ବା ମତାମତକୁ ଆଦୌ ଭ୍ରୂକ୍ଷେପ କରିନଥିଲେ ଏବଂ ସେ ଦଳୀୟ ଏଜେଣ୍ଟ ଭଳି କାର୍ଯ୍ୟ କରୁଥିବାର ସଙ୍ଗୀନ ଅଭିଯୋଗ ଆଣିଥିଲେ। ସେହିପରି ରାଜ୍ୟସଭାର ଅଧ୍ୟକ୍ଷ ଥିବାବେଳେ ହଟ୍ଟଗୋଳ କରୁଥିବା ଅଭିଯୋଗରେ ବିରୋଧୀ ଦଳର ୧୫୦ ଜଣ ସାଂସଦଙ୍କୁ ଅଧିବେଶନରୁ ନିଲମ୍ବନ କରିବା ଏବଂ ସୁପ୍ରିମ୍‌କୋର୍ଟ ବିଚାରପତିମାନଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ସେ ବିବାଦୀୟ ହୋଇପଡିଥିଲେ। ତେଣୁ କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ତାଙ୍କ ଇସ୍ତଫାର ଏକମାତ୍ର କାରଣ ନହୋଇପାରେ, ଏହା ପଛରେ ଅନ୍ୟ କୌଣସି ଚାପ ଥାଇପାରେ ବୋଲି ଅନୁମାନ କରାଯାଉଛି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଇସ୍ତଫା ପ୍ରଦାନର ୬୦ ଦିନ ମଧ୍ୟରେ ନୂଆ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରାଯିବ ଏବଂ ସେ ପର୍ଯ୍ୟନ୍ତ ଧନଖଡ଼ ଏହି ପଦବୀରେ ରହିବେ। ଆଗାମୀ ଦିନରେ ହାତୀ କାହା ମୁଣ୍ଡରେ କଳସ ଢ଼ାଳିବ, ତାକୁ ସମସ୍ତଙ୍କର ଅପେକ୍ଷା।

# ଜୈବ ବିବର୍ତ୍ତନର ତତ୍ତ୍ୱ ଓ ଜୀବ ଜଗତର ଉତ୍ପତ୍ତି



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ବିବର୍ତ୍ତନ ପ୍ରାଣୀ ବିଜ୍ଞାନ ଯାହାକୁ ଇଂରାଜୀରେ evolutionary biology କୁହଯାଏ ଏବଂ ତାହା ଅନୁସାରେ ସାଦୃଶ୍ୟ ଏକ ବିବର୍ତ୍ତନ ସାଦୃଶ୍ୟ ଯାହା ଗୋଟିଏ ଜୀବ ସହ ଅନ୍ୟ ଗୋଟିଏ ପଦାର୍ଥ ବା ଅନ୍ୟ ଜୀବ ସହିତ ସାଦୃଶ୍ୟ ଥାଏ । ଅନେକ ସମୟରେ ଏହି ସାଦୃଶ୍ୟ ଜୀବକୁ ତାହାର ଖାଦକ ମାନଙ୍କଠାରୁ ସୁରକ୍ଷା ମିଳିବାକୁ ଉପଯୋଗୀ ହୋଇଥାଏ। ସମଦୃଷ୍ଟି ହେବା ଯୋଗୁ ହିଂସ୍ର ଜନ୍ତୁମାନଙ୍କର ବ୍ୟବହାର ବଦଳିଯାଏ ଯାହା ଶିକାରକୁ ସୁରକ୍ଷା ପ୍ରଦାନ କରିଥାଏ । ଏହି ସାଦୃଶ୍ୟ ବିଭିନ୍ନ ପ୍ରକାର ହୋଇପାରେ ଯେପରିକି ଦୃଷ୍ଟ, ଶ୍ରବଣ, ରାସାୟନିକ, ସ୍ପର୍ଶ ବା ବୈଦ୍ୟୁତିକ ଓ ଏମାନଙ୍କର ଗ୍ରହଣଶୀଳ ମିଶ୍ରଣ ହୋଇପାରେ । ଏହା ଉଭୟ ଖାଦ୍ୟ ଓ ଖାଦକକୁ ଲାଭପ୍ରଦ ହୋଇପାରେ । ପକ୍ଷୀମାନେ ଦେଖିକରି ସ୍ୱାଦିଷ୍ଟ ପୋକଙ୍କୁ ଚିହ୍ନିପାରନ୍ତି ଓ ହାନିକାରକ ଦ୍ରବ୍ୟ ବା ପ୍ରାଣୀଙ୍କଠାରୁ ଦୂରେଇଯାଆନ୍ତି । ବେଳେ ବେଳେ ଉଭୟ ପକ୍ଷଙ୍କର ସାଦୃଶ୍ୟ ଥିବା ଦେଖାଯାଏ। ଅନେକ ପ୍ରଜାତିର ପ୍ରାଣୀମାନଙ୍କର ସାଦୃଶ୍ୟ ଥାଏ ଯେପରିକି ବିରୁଡ଼ିଙ୍କଠାରୁ ହୋଭରଫ୍ଲାଇ ରକ୍ଷା ପାଇପାରନ୍ତି । ଶିକାର ଓ ଶିକାରୀ ମଧ୍ୟରେ ହେଉଥିବା ସାଦୃଶ୍ୟ ପ୍ରାୟ ୩ ବା ଅଧିକ ପ୍ରଜାତିଙ୍କ ଠାରେ ଦେଖାଯାଏ । ବ୍ୟାପକ ଅର୍ଥରେ ସାଦୃଶ୍ୟରେ ନିର୍ଜୀବମାନଙ୍କୁ ମଧ୍ୟ ନିଆଯାଇପାରେ । ନିର୍ଜୀବଙ୍କ ପାଇଁ ବେଳେ ବେଳେ ମାସ୍କେରେଡ ଓ ମାଇମେସିସ ଶବ୍ଦ ବ୍ୟବହାର କରାଯାଏ । ଉଦାହରଣ ସ୍ୱରୂପ ପ୍ଲାଣ୍ଟ୍ ହପର , ପୋଲିଗୋନିଆ ସି-ଆଲବନ ଓ ଜେଓମିଟର ମଥ, ସମ୍ବାଲୁଆ ଆଦି ପ୍ରାଣୀମାନଙ୍କର ଗଛର ଛାଲି, ପତ୍ର ଓ ଫୁଲ ସହିତ ସାମଞ୍ଜସ୍ୟ ଥାଏ। କେତେକ ପ୍ରାଣୀଙ୍କର ଆଖି ବଡ଼ ପଶୁଙ୍କ ଆଖି ଭଳି ଦେଖାଯାଏ । ଏହି ଆଖି ଦେଖି ଅନ୍ୟ ପଶୁମାନେ ପ୍ରତିକ୍ରିୟା ସୃଷ୍ଟି କରନ୍ତି କି ନାହିଁ, ତାହା ଜଣାଯାଇନାହିଁ। ଏହାକୁ ଆଧୁନିକ ସାହିତ୍ୟରେ ଦେଖାଯାଉଛି। ବିବର୍ତ୍ତନାତ୍ମକ ଦୌଡ଼ରେ ବିଯୁକ୍ତାତ୍ମକ ପ୍ରଭାବ ପଡ଼ିଲେ ସ୍ୱୟଂ ଚେହେରା ପରିବର୍ତ୍ତନ ହୋଇପାରେ । ଅନେକ ସମୟରେ ପାରିପାର୍ଶ୍ୱିକ ଅବସ୍ଥାକୁ ଖାପ ଖୁଆଇବା ନିମନ୍ତେ ଜୀବନଚର୍ଯ୍ୟାରେ କିଛି ପରିବର୍ତ୍ତନ ହୁଏ ଯାହାକୁ କନଭର୍ଜେଣ୍ଟ ତଥା ପରିବର୍ତ୍ତନ ବିବର୍ତ୍ତନ କୁହାଯାଏ । ବିଭିନ୍ନ ଜୈବ ଜୀବନଚକ୍ର ନିମନ୍ତେ ପ୍ରଜାପତି ଭଳି ପରିବର୍ତ୍ତନ ହୁଏ। ଏକାଧିକ ସାଦୃଶ୍ୟ ମଧ୍ୟ ଦେଖାଯାଏ । କେତେକ ମଡେଲ ସମ୍ପର୍କୀୟ ଥାଆନ୍ତି, କିନ୍ତୁ ସମ୍ପର୍କ ନଥାଇ ମଧ୍ୟ ସାଦୃଶ୍ୟ ହୋଇପାରେ । କୀଟ ପତଙ୍ଗ ସବୁ ଏଥି ପାଇଁ ଜଣାଶୁଣା । ମେରୁଦଣ୍ଡୀ ପ୍ରାଣୀଙ୍କର ମଧ ସାଦୃଶ୍ୟ ହୋଇପାରେ କିନ୍ତୁ ଏହା ଉପରେ ଅଧିକ ଗବେଷଣା ହୋଇନାହିଁ । ଏହି ମିମିକ୍ରି ଶବ୍ଦର ବ୍ୟବହାର ସନ ୧୬୩୭ରୁ ଚଳିଆସିଛି । ଗ୍ରୀକ୍ ଭାଷାର ମିମେଟିକୋସ ଶବ୍ଦରୁ ଇମିଟେସନ ଓ ତା'ପରେ ମିମେଟୋସରୁ ଇମିଟେଟୋଭ ଓ ମିମେଇସ୍ଥାଇରୁ କ୍ରିୟା ବାଚକ ଇମିଟେଟ ବ୍ୟବହୃତ ହେଲା । ପ୍ରାଣୀ ବିଜ୍ଞାନରେ ଲୋକମାନଙ୍କୁ ପାଇଁ ମାଇମେଟିକ ଶବ୍ଦ ସନ ୧୮୫୧ରୁ ବ୍ୟବହାର ହେଉଛି। ବ୍ୟାପକ ରୂପରେ ସାଦୃଶ୍ୟ ବିବର୍ତ୍ତନକୁ ଏକ ଯୁକ୍ତାତ୍ମକ ସଂଯୋଜନ ଭାବରେ ଗ୍ରହଣ କରାଯାଇଛି ।

ଜୈବ ବିବର୍ତ୍ତନ ତତ୍ତ୍ୱ ମାନବ ପ୍ରଜାତିର ଉତ୍ପତ୍ତି ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥାଏ। ଏହି ଦୃଷ୍ଟିକୋଣ ଅନୁଯାୟୀ, ଆଜିର ମଣିଷମାନେ ଜେନେଟିକ ଗାଇଡ୍ ବୈଶିଷ୍ଟ୍ୟଗୁଡିକ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ବହନ କରିଥାନ୍ତି ଯାହା ବଞ୍ଚିବା ଏବଂ ପ୍ରଜନନ ସଫଳତା ପାଇଁ ସହାୟକ ହୋଇଥାଏ। ବିବର୍ତ୍ତନର ତିନୋଟି ଭିନ୍ନ ତତ୍ତ୍ୱ ଅଛି ଯାହା ବିଶେଷଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିଛି। ଗୋଟିଏ ହେଉଛି ନାଚୁରାଲ ସିଲେକଶନ ଡାରୱିନ ଥିଓରୀ। ଅନ୍ୟଟି ହେଉଛି ମ୍ୟୁଟେସନ ଥିଓରୀ ଅଫ ଇଭୋଲ୍ୟୁସନ ଏବଂ ଶେଷଟି ହେଉଛି ମର୍ଡନ ସିନ୍ଥେଟିକ ଥିଓରୀ ଅଫ୍ ଇଭୋଲ୍ୟୁସନ। ଜୈବ ବିବର୍ତ୍ତନ ପ୍ରକ୍ରିୟାର ଅଂଶ ବିଶେଷ ଭୂପୃଷ୍ଠରେ ବିଭିନ୍ନ କାଳଖଣ୍ଡରେ ଭିନ୍ନ ଭିନ୍ନ ପ୍ରାଣୀ ଦେଖାଦେବା ସହ କିଛି ମଧ ବିଲୁପ୍ତ ହୋଇଯାଇଥା'ନ୍ତି। କୌଣସି ପ୍ରାକୃତିକ ଦୁର୍ବିପାକ ଅଥବା ପରିବର୍ତ୍ତିତ ପ୍ରତିକୂଳ ପରିସ୍ଥିତିରେ ପ୍ରାଣୀମାନେ ପରିବେଶ ସହ ଖାପ ଖୁଆଇ ନ ରହିପାରିବା ହେତୁ ସେମାନଙ୍କର ବିଲୋପନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ତେବେ ସାମୁଦ୍ରିକ ଜୀବ ସାର୍କ ଏପରି ଏକ ଜୀବ ଯାହା ପାଞ୍ଚ ପାଞ୍ଚଟି ଗଣବିଲୁପ୍ତିରୁ ମଧ ବର୍ତ୍ତିଯାଇଛି। ଏପରିକି ଗୋଟିଏ ନିର୍ଦ୍ଦିଷ୍ଟ ଗଣ ବିଲୁପ୍ତିରେ ପାଖାପାଖି ୯୬ ପ୍ରତିଶତ ସାମୁଦ୍ରିକ ଜୀବଙ୍କର ଗଣ ବିଲୁପ୍ତି ଘଟିଥିବା ବେଳେ ସାର୍କ କୌଣସିମତେ ମୁକୁଳି ରହିପାରିଛି। ଜୀବଜଗତରେ ଏହାର ଏକ ତୁଳନାତ୍ମକ ସ୍ଥିତି ଦେଖିଲେ ସାର୍କମାନେ ପ୍ରାୟ ୪୫ କୋଟି ବର୍ଷ ତଳେ ଆସ୍ଥାନ ଜମାଇଥିବାର ପ୍ରମାଣ ବିଭିନ୍ନ ଜୀବାଶ୍ମ ଅନୁଧ୍ୟାନରୁ ଜଣାଯାଏ। ଅର୍ଥାତ୍ ଏହା ଭୂପୃଷ୍ଠରୁ ବିଲୁପ୍ତ ହୋଇଯାଇଥିବା ଡାଇନୋସର ଠାରୁ ୧୯ କୋଟି ବର୍ଷ ପୁରୁଣା ଓ ବୃକ୍ଷରାଜି ଉତ୍ପନ୍ନ ହେବାର ୯ କୋଟି ବର୍ଷ ପୂର୍ବରୁ ସେମାନଙ୍କର ସୃଷ୍ଟି ହୋଇଥିଲା ବୋଲି ଆକଳନ କରାଯାଏ। ବାୟୋସ୍ପିଅର୍ ଜୈବ ପୃଥିବୀର କିଛି ଅଂଶରେ ଗଠିତ ଯେଉଁଠାରେ ଜୀବନ ବିଦ୍ୟମାନ ଅଛି । ଗଛର ଗଭୀର ମୂଳ ଠାରୁ ଆରମ୍ଭ କରି ସମୁଦ୍ରର ଅନ୍ଧକାର ପରିବେଶ । ବର୍ଷା, ଜଙ୍ଗଲ ଏବଂ ଉଚ୍ଚ ପର୍ବତାରୋହଣ ପର୍ଯ୍ୟନ୍ତ ଜୈବ କ୍ଷେତ୍ର ବିସ୍ତାରିତ । ଏହା ହେଉଛି ସମସ୍ତ ଇକୋସିଷ୍ଟମର ବିଶ୍ୱବ୍ୟାପୀ ରାଶି, ସମସ୍ତ ଜୀବନ ରୂପ ଏବଂ ସେମାନଙ୍କର ସମ୍ପର୍କକୁ ଅନ୍ତର୍ଭୁକ୍ତ କରୁଛି । ଯାହା ବାୟୁମଣ୍ଡଳ, ହାଇଡ୍ରୋସ୍ପିଅର୍ ଏବଂ ଲିଥୋସ୍ପିଅର ଉପାଦାନଗୁଡ଼ିକ ସହିତ ସେମାନଙ୍କର ପାରସ୍ପରିକ ସମ୍ପର୍କକୁ ଅନ୍ତର୍ଭୁକ୍ତ କରେ । ଯେହେତୁ ଜୀବନ ଭୂମିରେ, ବାୟୁରେ ଏବଂ ଜଳରେ ବିଦ୍ୟମାନ । ପ୍ରାୟ ୩.୫ ବିଲିୟନ ବର୍ଷ ଧରି ଜୀବଶକ୍ତି ବିଦ୍ୟମାନ । ଜୀବାଣୁଙ୍କର ପ୍ରାଥମିକ ଜୀବନ, ଯାହାକୁ ପ୍ରୋକାରିଓଟ୍ସ କୁହାଯାଏ । ସେମାନେ ବିନା ଅମ୍ଳଜାନରେ ବଞ୍ଚିପାରନ୍ତି । ପ୍ରାଚୀନ ପ୍ରୋକାରିଓଟ୍ସ ଗୁଡିକ ଏକକ କୋଷ ବିଶିଷ୍ଟ ଜୀବମାନଙ୍କୁ ଅନ୍ତର୍ଭୁକ୍ତ କରିଥାଏ । ବାୟୋସ୍ପିଅରରେ ଅମ୍ଳଜାନର ଯୋଗ ଅଧିକ ଜଟିଳ ଜୀବନ ରୂପକୁ ବିକଶିତ କରିବାକୁ ଅନୁମତି ଦେଲା । ଲକ୍ଷ ଲକ୍ଷ ବିଭିନ୍ନ ଉଦ୍ଭିଦ ଓ ଅନ୍ୟାନ୍ୟ ଫଟୋସିନ୍ଥେଟିକ୍ ପ୍ରଜାତି ବିକଶିତ ହେଲା। ମୃତ ଉଦ୍ଭିଦ ଏବଂ ପଶୁମାନଙ୍କର ଅବଶିଷ୍ଟାଂଶ ମାଟି କିମ୍ବା ସମୁଦ୍ରରେ ପୋଷକ ତତ୍ତ୍ୱ ଛାଡିଥାଏ । ଏହି ପୋଷକ ତତ୍ତ୍ୱ ବଢୁଥିବା ଉଦ୍ଭିଦ ଦ୍ୱାରା ପୁନଃ ଶୋଷିତ ହୁଏ । ଖାଦ୍ୟ ଏବଂ ଶକ୍ତିର ଏହି ଆଦାନପ୍ରଦାନ ଜୈବ କ୍ଷେତ୍ରକୁ ଏକ ସ୍ୱୟଂ ସହାୟକ ତଥା ସ୍ୱ-ନିୟନ୍ତ୍ରିତ ପ୍ରଣାଳୀରେ ପରିଣତ କରେ ।

ପୃଥିବୀରେ ବାସ କରୁଥିବା ପ୍ରତ୍ୟେକ ଜୀବ , ସେ ପ୍ରାଣୀ ହେଉ ବା ଉଦ୍ଭିଦ ପରସ୍ପର ଠାରୁ ଅଲଗା। ଜଣେ ମନୁଷ୍ୟକୁ ଗୋଟିଏ ମାଙ୍କଡ ସହିତ ତୁଳନା କରିବା ତାହାଲେ ଉଭୟଙ୍କ ମଧ୍ୟରେ ଗଠନର କିଛି ସାମଞ୍ଜସ୍ୟ ଓ କିଛି ପାର୍ଥକ୍ୟ ରହିଥିବାର ଦେଖିବା। ପୃଥିବୀ ପୃଷ୍ଠରେ ଥିବା ଅସଂଖ୍ୟ ଜୀବମାନଙ୍କୁ ଆନୁଧ୍ୟାନ କଲେ ଜଣାଯାଏ ଯେ ଏକ ବ୍ୟାକ୍ଟେରିଆର ଆକାର ଅତି ଛୋଟ ହୋଇଥିବା ବେଳେ ତିମି ଓ ରେଡଉଡ୍ ବୃହତ୍‌କାୟ। ତେଣୁ ବ୍ୟାକ୍ଟେରିଆମାନଙ୍କର ଦୈର୍ଘ୍ୟ ଓ ପ୍ରସ୍ଥକୁ ମାଇକ୍ରୋମିଟରରେ ପ୍ରକାଶ କରାଯିବା ସମୟରେ ବୃହତ୍‌କାୟ ପ୍ରାଣୀମାନଙ୍କର ଦୈର୍ଘ୍ୟ ଓ ପ୍ରସ୍ଥକୁ ମିଟରରେ ପ୍ରକାଶ କରାଯାଏ। ଜୀବମାନଙ୍କର ଜୀବନ କାଳରେ ମଧ ବିଶେଷ ଅସମାନତା ରହିଥାଏ। ଶାଗୁଆନ ବା ଟିକ୍ ଗଛ ପ୍ରାୟ ୧୦୦ ରୁ ୧୫୦ ବର୍ଷ ବଞ୍ଚୁଥିବା ବେଳେ କଲିକତା ବଟାନିକାଲ ଗାର୍ଡନରେ ଥିବା ବଟ ବୃକ୍ଷ ପ୍ରାୟ ୨୦୦ ବର୍ଷ ଅଧିକ ସମୟ ବଞ୍ଚି ରହିଥିବାର ପ୍ରମାଣ ରହିଛି। ପ୍ରାଣୀମାନଙ୍କ ମଧ୍ୟରେ ମଶା ଭଳି କେତେକ ପତଙ୍ଗର ଆୟୁଷ ମାତ୍ର ଅଳ୍ପ କିଛିଦିନ ହୋଇଥିବା ବେଳେ କେତେକ କଇଁଛ ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହିଥାନ୍ତି। ଜୀବମାନଙ୍କର ଜୀବନ କାଳରେ ତାରତମ୍ୟ ଭଳି ସେମାନଙ୍କ ଶରୀର ରଙ୍ଗର ତାରତମ୍ୟ ଦେଖାଯାଏ। ଯେ କୌଣସି ପ୍ରାକୃତିକ ପରିବେଶରେ ପ୍ରକୃତିର ଅନନ୍ୟ ବିଭିନ୍ନତାକୁ ନେଇ ବିଭିନ୍ନ ପ୍ରକାର ଜୀବମାନଙ୍କର ଏକତ୍ର ସହାବସ୍ଥାନକୁ ଜୀବ ବିବିଧତା ବା ଜୈବ ବିବିଧତା କୁହାଯାଏ। ପରିବେଶର ପାର୍ଥକ୍ୟ ହେତୁ ଗୋଟିଏ ପ୍ରାକୃତିକ ପରିବେଶରେ ଦେଖାଯାଉଥିବା ଜୀବଗୋଷ୍ଠୀର ବିଭିନ୍ନତା ଅନ୍ୟ ପ୍ରାକୃତିକ ପରିବେଶରେ ଜୀବଗୋଷ୍ଠୀ ଠାରୁ ଭିନ୍ନ ହୋଇଥାଏ। କୋଟି କୋଟି ବର୍ଷର ଜୈବ ବିବର୍ତ୍ତନର ପରିଣତି ଯୋଗୁଁ ବର୍ତ୍ତମାନ ସମୟରେ ପୃଥିବୀରେ କେବଳ ନୂତନ ଜାତିର ଜୀବ ଦେଖାଦେଇଛନ୍ତି ତାହା ନୁହେଁ ବରଂ ଅନେକ ବିଲୁପ୍ତ ମଧ୍ୟ ହୋଇଯାଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ପୃଥିବୀରେ ବାସ କରୁଥିବା ସବୁ ଜୀବ ମାନଙ୍କ ମଧ୍ୟରୁ କେତେକ ଜୀବମାନଙ୍କୁ ଚିହ୍ନଟ କରାଯାଇପାରିନାହିଁ। ଜୀବମାନଙ୍କ ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବାକୁ ହେଲେ ସେମାନଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ବିଚାର କରି ଶ୍ରେଣୀ ବିଭାଗ କରାଯାଏ । ଏହି ପଦ୍ଧତିକୁ ଟାକ୍ ସୋନମି ବା ସିଷ୍ଟେମାଟିକ୍ସ କୁହାଯାଏ।

ଜୈବ ପରିବେଶରେ ଶକ୍ତି ପ୍ରବାହକୁ ବଜାୟ ରଖିବାରେ ମଣିଷ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବେଳେବେଳେ ମଣିଷ ଏହି ଶକ୍ତି ପ୍ରବାହକୁ ବାଧା ଦିଅନ୍ତି । ଉଦାହରଣ ସ୍ୱରୂପ, ବାୟୁମଣ୍ଡଳରେ ଅମ୍ଳଜାନର ସ୍ତର କମିଯାଏ ଏବଂ ଅଙ୍ଗାରକାମ୍ଳ ସ୍ତର ବୃଦ୍ଧି ପାଇଥାଏ ଯେତେବେଳେ ଲୋକମାନେ ଜଙ୍ଗଲ ସଫା କରନ୍ତି କିମ୍ବା କୋଇଲା ଏବଂ ତେଲ ପରି ଜୀବାଶ୍ମ ଇନ୍ଧନ ଜାଳନ୍ତି । ଜୀବଜନ୍ତୁଙ୍କ ଜୀବନ ଓ ସେମାନଙ୍କର ପାରସ୍ପରିକ କାର୍ଯ୍ୟକଳାପକୁ ସମର୍ଥନ କରିବା ପାଇଁ ଜୈବ କ୍ଷେତ୍ର ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିଥାଏ। ଜଳବାୟୁ ନିୟନ୍ତ୍ରଣରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ପୃଥିବୀରେ ଜୀବମାନେ ବଞ୍ଚିବା ପାଇଁ ବିଭିନ୍ନ ପରିବେଶ ଅବସ୍ଥା ରହିବା ଆବଶ୍ୟକ, ଯେପରିକି ଅନୁକୂଳ ତାପମାତ୍ରା ଏବଂ ଆର୍ଦ୍ରତା । ଜୀବମାନେ ମଧ ଶକ୍ତି ଏବଂ ପୋଷକ ତତ୍ତ୍ୱ ଆବଶ୍ୟକ କରନ୍ତି । ସମସ୍ତ ଜୀବନକୁ ବଞ୍ଚାଇବା ପାଇଁ ଆବଶ୍ୟକ ଖଣିଜ ପଦାର୍ଥ ଏବଂ ପଶୁ ପୋଷକ ତତ୍ତ୍ୱ ପୃଥିବୀର ଜୀବାଣୁରେ ମିଳିଥାଏ। ମୃତ ଜୀବଜନ୍ତୁ କିମ୍ବା ଜୀବକୋଷର ବର୍ଜ୍ୟବସ୍ତୁରେ ଉପସ୍ଥିତ ପୋଷକ ତତ୍ତ୍ୱକୁ ପୁନର୍ବାର ଯୌଗିକରେ ପରିଣତ କରାଯାଏ । ଏହା ଅନ୍ୟ ଜୀବଜନ୍ତୁମାନେ ଖାଦ୍ୟ ଭାବରେ ବ୍ୟବହାର କରିପାରିବେ। ଏହି ପୁଷ୍ଟିକର ପୁନଃ ବ୍ୟବହାର ଗୁରୁତ୍ୱପୂର୍ଣ୍ଣ କାରଣ ଜୈବ ପରିବେଶ ବାହାରେ ଖାଦ୍ୟର ଉତ୍ସ ନାହିଁ । ଅମ୍ଳଜାନ ଏବଂ ନାଇଟ୍ରୋଜେନ ମାଧ୍ୟମରେ ଜୈବ ପଦାର୍ଥରେ ଉତ୍ପନ୍ନ ହୁଏ । ଏହି ପଦାର୍ଥଗୁଡିକ ଜୈବ ପଦାର୍ଥ ଉତ୍ପାଦନର ପ୍ରାୟ ପ୍ରତ୍ୟେକ ବାୟୋକେମିକାଲ୍ ପ୍ରକ୍ରିୟା ପାଇଁ ଦାୟୀ। ଅଙ୍ଗାରକାମ୍ଳ କାର୍ବନ ଚକ୍ର ମାଧ୍ୟମରେ ଉତ୍ପନ୍ନ ହୁଏ, ଯାହା ଉଭୟ ପୃଥିବୀ ଏବଂ ଜୈବ ପ୍ରଣାଳୀ ସହିତ ଜଡିତ। ଜୈବିକ ପରିବର୍ତ୍ତନ ଏକ ପ୍ରାକୃତିକ ଚକ୍ର, ଯାହା ଜୈବ ପରିବେଶରେ ଘଟିଥାଏ । ପୃଥିବୀ ଗ୍ରହରୁ ବିଷାକ୍ତ ପଦାର୍ଥ ଏବଂ ଅନ୍ୟାନ୍ୟ ଉପାଦାନକୁ ବାହାର କରିବାରେ ସାହାଯ୍ୟ କରିଥାଏ ଯାହା ଜୀବନ ପାଇଁ କ୍ଷତିକାରକ ହୋଇପାରେ । ଉଦାହରଣ ସ୍ୱରୂପ, କାର୍ବନ ଡାଇଅକ୍ସାଇଡ୍ ଫଟୋସିନ୍ଥେସିସ୍ ପ୍ରକ୍ରିୟାରେ ବ୍ୟବହୃତ ହୁଏ ।

# ମୋବାଇଲ୍ ମୋହ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଗା ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ବର୍ତ୍ତମାନର ସମୟରେ ଡିଜିଟାଲ ଦୃଶ୍ୟାବଳି ତଥା ମୋବାଇଲ, କମ୍ପ୍ୟୁଟର, ଟିଭି ପରଦାରେ ଦୃଶ୍ୟପଟ କୋମଳମତି ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତ ମନକୁ ପ୍ରଭାବିତ କରିଛି। ଏନେଇ ଏମସ୍-ରାୟପୁର ପକ୍ଷରୁ ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଦୁଇଟି ସର୍ଭେ, ଯାହାକି 'କ୍ୟୁରେସ' ନାମ ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଛି, ତହିଁରେ କୁହାଯାଇଛି ଯେ, ଭାରତରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁ ଦୈନିକ ହାରାହାରି ୨.୨ ଘଣ୍ଟା ଅର୍ଥାତ ୨ଘଣ୍ଟା ୨୨୪ମିନିଟ୍ ମୋବାଇଲ କିମ୍ବା କମ୍ପ୍ୟୁଟର, ଟିଭି ସମ୍ମୁଖରେ ସମୟ ବିତାଉଛନ୍ତି। ଅର୍ଥାତ ଦୁଇବର୍ଷ ବୟସର କମ୍ ଶିଶୁ ଦୈନିକ ହାରାହାରି ୧ଘଂଟା ୨୪ମିନିଟ୍ ମୋବାଇଲ୍ ଧରି ବସୁଛି। ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଶିଶୁମାନଙ୍କ ପାଇଁ ଧାର୍ଯ୍ୟ କରିଥିବା ସମୟ ଠାରୁ ଢେର ଅଧିକ। ମୋବାଇଲ ପ୍ରତି ଶିଶୁଙ୍କ ଆସକ୍ତି ଏବେ ଉଦ୍‌ବେଗଜନକ ସ୍ଥିତି ଉପୁଜାଇଛି ବୋଲି ରିପୋର୍ଟରେ କୁହାଯାଇଛି। ଏମସ-ରାୟପୁର ୨୮୫୭ ଶିଶୁଙ୍କୁ ନେଇ କରିଥିବା ସର୍ଭେରେ ଦର୍ଶାଇଛି ଯେ, ଘଣ୍ଟା ଘଣ୍ଟା ଧରି ମୋବାଇଲ, କମ୍ପ୍ୟୁଟର, ଟିଭି ସମ୍ମୁଖରେ ବିତାଇବା ଦ୍ୱାରା ସେମାନଙ୍କ ବୋଧଶକ୍ତି ଭାଷାଗତ ବିକାଶ, ସାମାଜିକ ଦକ୍ଷତା, ଶୟନ, ଏକାଗ୍ରତା, ପ୍ରଭାବିତ ହୋଇଥିବାବେଳେ ଶରୀର ମନ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି। ସେହିପରି ଶିଶୁ ପତ୍ରିକା ବିଏମଜେ'ରେ ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶର ୫ଟି ଉତ୍ତର ଭାରତୀୟ ରାଜ୍ୟରେ ୬୦ପ୍ରତିଶତ ଶିଶୁ ମୋବାଇଲ, ଟିଭି ଓ କମ୍ପ୍ୟୁଟର ପରଦା ସମ୍ମୁଖରେ ଦୈନିକ ୨ଘଣ୍ଟା ୪୮ମିନିଟ୍ ଅତିବାହିତ କରୁଛନ୍ତି। ସେହିପରି ଶିଶୁ ଜର୍ଣ୍ଣାଲ 'ଜେଏଏମଏ'ରେ ପ୍ରକାଶିତ ଏକ ଆନ୍ତର୍ଜାତିକ ରିପୋର୍ଟରେ କୁହାଯାଇଛି, ଦୁଇ ବର୍ଷରୁ କମ୍ ବୟସର ଶିଶୁ ଘଣ୍ଟା ଘଣ୍ଟା ଧରି ଟିଭି, ମୋବାଏଲ ସମ୍ମୁଖରେ ବସିବା ସେମାନଙ୍କ ଇନ୍ଦ୍ରୀୟମାନଙ୍କ ସଂକ୍ରାନ୍ତ ପାର୍ଥ୍ୟକ ଶିଶୁଙ୍କ ବିକାଶ ପାଇଁ ଘୋର ବିପଦର କାରଣ ହୋଇପାରେ। ଏହା ନିସନ୍ଦେହ ଯେ, ଆମ ଦେଶରେ କୋମଳମତି ଶିଶୁ ଟିଭି, ମୋବାଇଲ ପ୍ରତି ଏତେ ଆସକ୍ତ ଯେ, ମୋବାଇଲ ନଧରିଲେ ବା ଟିଭି ନଦେଖିଲେ ପିଲା ଶୁଅନ୍ତି ନାହିଁ କି ଖାଆନ୍ତି ନାହିଁ। କେବଳ ଏତିକି ନୁହେଁ, ସ୍କୁଲ ଯାଉଥିବା ଶିଶୁଙ୍କର ଅଧ୍ୟୟନ ମଧ କ୍ଷତିଗ୍ରସ୍ତ ହେଉଥିବା ସର୍ଭେ ରିପୋର୍ଟରେ କୁହାଯାଇଛି। ପରିବାରରେ କୋମଳମତି ଶିଶୁଙ୍କ ସହ ମୁହାଁମୁହିଁ ଭାବବିନିମୟ, କଥୋପକଥନ ସେମାନଙ୍କ ଚେତନା ଶକ୍ତି, ଆବେଗିକ ବୁଦ୍ଧିମତା ସମସ୍ୟା ସମାଧାନ ଦକ୍ଷତା ବିକାଶ କରିଥାଏ। ମୋବାଇଲ, ଟିଭି, କମ୍ପ୍ୟୁଟର ଏହି ପ୍ରକୃତିଦତ ଉଦ୍ଦିପନା ବା ପ୍ରୋତ୍ସାହନର ବିକଳ୍ପ ହୋଇନପାରେ। ବର୍ତ୍ତମାନର ସମୟରେ ମୋବାଇଲ ଶିକ୍ଷା-ମୋବାଇଲ ପ୍ରତି ଆସକ୍ତିର ଆଉ ଏକ ମୁଖ୍ୟ କାରଣ। କେବଳ ଶିଶୁ ନୁହଁନ୍ତି, ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯୁବକଯୁବତୀ ଓ ବୟସ୍କ ପୁରୁଷ ଓ ମହିଳା ମୋବାଇଲ ପ୍ରତି ଏତେ ଆସକ୍ତ ଯେ, ରାସ୍ତାରେ ଚାଲିଚାଲି ଯାଉଥିବା ସମୟରେ ମୋବାଇଲ ଦେଖିବାକୁ ଭୁଲନ୍ତିନାହିଁ। ବହୁ ସମୟରେ ମୋବାଇଲ ଦେଖି ଦେଖି ଚାଲିବା, ଗାଡି ଚଳାଇବା ସେମାନଙ୍କ ପାଇଁ ବିପଦର କାରଣ ହୋଇଥାଏ। ଦେଶରେ ମୋବାଇଲ ବ୍ୟବହାର ନେଇ ଭାରତୀୟ ଟେଲି ନିୟାମକ କର୍ତ୍ତୃପକ୍ଷ ବା ଟ୍ରାଇ ଏହାର ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ କହିଛି ଯେ, ଦେଶରେ ଏବେ ମୋଟ ଭୋଟଦାତାଙ୍କ ସଂଖ୍ୟା ବା ପ୍ରାପ୍ତ ବୟସ୍କ ନାଗରିକଙ୍କ ତୁଳନାରେ ମୋବାଇଲ ସଂଖ୍ୟା ଢେର ଗୁଣ ଅଧିକ ରହିଛି। ମୁଣ୍ଡ ପିଛା ହାରାହାରି ଦୁଇ ବା ତିନୋଟି ମୋବାଇଲ ଥିବା କୁହାଯାଇଛି। ଆମ ରାଜ୍ୟରେ ମୋଟ ୩ କୋଟି, ୫୨ ଲକ୍ଷ ୪୭ହଜାର ୯୯୬ ଜଣ ମୋବାଇଲ ଗ୍ରାହକ ଅଛନ୍ତି। ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଜାତୀୟ ସ୍ତରରେ ମୋବାଇଲ ଗ୍ରାହକମାନେ ମାସକୁ ହାରାହାରି ୧୦୨୬ ମିନିଟ୍ ବା ୧୭ ଘଣ୍ଟା ୩ମିନିଟ୍ କଥା ହେଉଥିବାବେଳେ ଆମ ରାଜ୍ୟରେ ୧୨୧୧ ମିନିଟ୍ ବା ୨୦ ଘଣ୍ଟା ୧୧ମିନିଟ୍ କଥା ହେଉଛନ୍ତି। ତେବେ ଜାତୀୟ ସ୍ତରରେ ମାସକୁ ହାରାହାରି କଥା ହେବାରେ ଆମ ରାଜ୍ୟ ଚତୁର୍ଥ ସ୍ଥାନରେ ଥିବାବେଳେ ବିହାର ପ୍ରଥମ, ଉତରପ୍ରଦେଶ ଦ୍ୱିତୀୟ ଏବଂ ଜାମ୍ମୁ-କାଶ୍ମୀର ତୃତୀୟ ସ୍ଥାନରେ ରହିଛି। କେରଳ ତାଲିକାର ସର୍ବନିମ୍ନରେ ରହିଛି। ବିହାରର ଗ୍ରାହକମାନେ ମାସିକ ହାରାହାରି ସର୍ବାଧିକ ୧୩୮୦ ମିନିଟ୍ ବା ୨୩ ଘଣ୍ଟା କଥା ହେଉଥିବାବେଳେ କେରଳରେ ସର୍ବନିମ୍ନ ୬୧୧ ମିନିଟ୍ ବା ୧୦ଘଣ୍ଟା ୧୧ମିନିଟ୍ କଥା ହୋଇଥାନ୍ତି। ଏହା ନିଃସନ୍ଦେହ ଯେ, ଆଜିର କର୍ମବହୁଳ ଓ ବିଳାସମୟ ଜୀବନରେ ପିଲା କାନ୍ଦିଲେ ବା ଅଝଟ ହେଲେ ମା' ମାନେ ସାଧାରଣତଃ ମୋବାଇଲଟିଏ ଧରାଇ ଦେଇଥାନ୍ତି ବା ଟିଭି ଖୋଲି ଦେଇଥାନ୍ତି। ଯାହାର ପ୍ରଭାବ ଏବେ ଶିଶୁର ସ୍ୱାସ୍ଥ୍ୟ ଓ ମନ ଉପରେ ଗଭୀର ପ୍ରଭାବ ପକାଇଛି। ଏକ ସୁସ୍ଥ ସମାଜ ପାଇଁ ମୋବାଇଲ ଠାରୁ ଶିଶୁଙ୍କୁ ଦୂରେଇ ରଖିବା ସହ କଥାବାର୍ତ୍ତା, ବା ଦେଖିବା କମ୍ କରିବା ଜରୁରୀ।

# ଲିଖିତ ସମ୍ପର୍କ



କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

ସାମାଜିକ ସମ୍ପର୍କ ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚିବାର ଅଧିକାର ଦେଇଥାଏ। ଈଶ୍ୱର ପ୍ରଦତ୍ତ ଓ ମନୁଷ୍ୟ କୃତ ସମ୍ପର୍କ ଆଗରେ ହାର ମାନି ଯାଇଥାଏ ଛଳନା ଓ ମିଛ ଅଭିନୟ। ଆନ୍ତରିକତା ସହ ବନ୍ଧାଥିବା ସମ୍ପର୍କ ସଂକୁଚିତ ହୁଏନାହିଁ, ବରଂ ଦିନକୁଦିନ ହୋଇଥାଏ ଦୃଢ଼ତର ଓ ଚିରସ୍ଥାୟୀ। ଯାବତୀୟ ଝଡ଼ଝଞ୍ଜାକୁ ପଛରେ ପକାଇ ଏହି ପବିତ୍ର ଭାବ ଟିକକ ମନରେ ଅନବରତ ଆଣିଦେଇଥାଏ ଅଭୂତପୂର୍ବ ଉତ୍ସାହ ଓ ପ୍ରେରଣା। ତା' ସହିତ ଅଦମ୍ୟ ସାହସ ଓ ଉଦ୍ଦୀପନା। ସମ୍ପର୍କ ଭାଙ୍ଗିଦେବା ସହଜ, ମାତ୍ର ଗଢ଼ିବା କେତେଯେ କଷ୍ଟକର ଅନୁଭବ କରିଥିବା ବ୍ୟକ୍ତିଙ୍କ ଠାରୁ ସଠିକ୍ ଉତ୍ତର ମିଳିପାରିବ। ମଧୁର ସମ୍ପର୍କଟିଏ ଗଢ଼ିବା ପାଇଁ ଯେଉଁ ପୁଞ୍ଜି ଟିକକ ଆମର ଲୋଡ଼ା ହୋଇଥାଏ, ସେତକ ଆମ ପାଖରେ ରହିବା ଏକାନ୍ତ ଆବଶ୍ୟକ। ସୁସ୍ଥ ମନ ଓ ସୁସ୍ଥ ଚିନ୍ତନ ଏ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥାଏ। ସମ୍ପର୍କତ ବିଭିନ୍ନ ସ୍ତରରେ ଓ ବିଭିନ୍ନ ମାଧ୍ୟମରେ କରାଯାଇଥାଏ, ମାତ୍ର ତା' ସ୍ଥାୟୀତ୍ୱ ଆମ ଉପରେ ହିଁ ନିର୍ଭର କରିଥାଏ। ପାରସ୍ପରିକ ସଦ୍‌ଭାବ ଓ ଛନ୍ଦହୀନ ବିଚାରଧାରା ଏହାକୁ ମଜବୁତ୍ କରିବାରେ ବିଶେଷ ସହାୟକ ହୋଇଥାଏ। ସମ୍ପର୍କ ପାଇଁ ସମଭାବାପନ୍ନ ମାନସିକତାର ଆବଶ୍ୟକତା ରହିଛି। ଅନ୍ୟର ସୁଖ ବେଳେ ନୁହେଁ, ବରଂ ଦୁଃଖ ସମୟରେ ପରସ୍ପର ମଧ୍ୟରେ ହାତକୁ ହାତ ମିଳାଇବା, ସମବେଦନା ଜଣାଇବା, ଆଶ୍ୱାସନା ଦେବା ଓ ସାହସ ଦେବାର ସୁସ୍ଥ ପରମ୍ପରା ଟିକକ ମନ ଭିତରେ ରହିବା ଏକାନ୍ତ ପ୍ରୟୋଜନ। ଆଜିର ଆଧୁନିକ ଯୁଗରେ ସହରରେ ସମ୍ପର୍କ ସ୍ଥାପନ କରିବା ହେଉ କି ନିଜ ପରିବାର ସହ ସମ୍ପର୍କ ଯୋଡ଼ିବା ହେଉ ,କାହା ପାଖେ ସମୟ ନାହିଁ, ସମ୍ପର୍କ ଧିରେ ଧିରେ ନିରାଶ ପଥକୁ ଚାଲିଯାଉଥିବାର ଦେଖିବାକୁ ମିଳୁଛି। କଥା ଛଳରେ ଆଡ଼େଇ ଯାଆନ୍ତି ସଭ୍ୟତା ଓ ସମୟକୁ ବାହାନା କରି। ବାସ୍ତବରେ ଆମ ପାଖରେ ସମୟ ନାହିଁ ନା' ସମ୍ପର୍କକୁ ଚିର ସ୍ଥାୟୀ କରିବା ପାଇଁ ଆନ୍ତରିକତାର ଅଭାବ ? ନୂଆ ସମ୍ପର୍କ ଗଢିବା ଓ ପୁରୁଣାକୁ ମନେ ପକାଇବା ଏକ ପ୍ରମୁଖ ମାଧ୍ୟମ ପାଲଟି ଥାଏ ବାହାଘର, ବ୍ରତଘର, ମୃତ ବ୍ୟକ୍ତିଙ୍କ ଶୁଦ୍ଧି କ୍ରିୟା ଓ ଗାଁର ଦେବା ଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା ସହ ଗାଁର ପାରମ୍ପରିକ ଯାନିଯାତ୍ରା ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିଥାଏ। ଯାହାଦ୍ୱାରା ପରିବାର ଓ ବନ୍ଧୁ ବାନ୍ଧବଙ୍କ ମଧ୍ୟରେ ସମ୍ପର୍କ ନିବିଡତା ଓ ଆତ୍ମୀୟତା ବୃଦ୍ଧି ପାଇଥାଏ।

ଜଣେ ମଣିଷର ବାଲ୍ୟ କାଳରେ ମା' ଘର ଲୋକଙ୍କ ସହିତ ବାପାଙ୍କ ପରିବାର ଲୋକଙ୍କ ସମ୍ପର୍କ ବିଭିନ୍ନ ରୂପରେ ଦେଖିବାକୁ ମିଳେ। କିଶୋର ବୟସରେ ସାମାଜିକ ସମ୍ପର୍କ ଜନିତ କିଛି ପାରିବାରିକ ରକ୍ତଗତ ସମ୍ପର୍କ ବ୍ୟତୀତ କେତେକ ବନ୍ଧୁଙ୍କ ସହିତ ସମ୍ପର୍କ ସ୍ଥାପିତ ହୋଇଥାଏ। ପ୍ରାପ୍ତ ବୟସରେ ଏକ ନୂତନ ଅଧ୍ୟାୟ ଯୋଡ଼ିହୁଏ ସ୍ତ୍ରୀ ଓ ସ୍ୱାମୀ ଏବଂ ତାଙ୍କ ପରିବାର ବର୍ଗଙ୍କ ସହିତ। ମଣିଷ ଧୀରେ ଧୀରେ ପୁରୁଣା ସମ୍ପର୍କ ଗୁଡିକୁ ଭୁଲିବାକୁ ଲାଗେ ଯେତେବେଳେ ବୈବାହିକ ଜୀବନ ଆରମ୍ଭ ହୁଏ। ଅର୍ଥାତ ବାଲ୍ୟ କାଳରୁ ଗଢି ଉଠିଥିବା ସମ୍ପର୍କ ଗୁଡିକ ଭୁଲି ମଣିଷ ବୈବାହିକ ସମ୍ପର୍କ ସହିତ ଏତେ ମାତ୍ରାରେ ଯୋଡି ହୋଇଯାଏ ଯେ ଆଉ ସେହି ପୁରୁଣା ସମ୍ପର୍କ ଗୁଡିକ ଭଲ ଲାଗେ ନାହିଁ। ସାମାଜିକ ପରିବେଷ୍ଟନୀରେ ଗଢ଼ିଉଠିଥିବା ସମସ୍ତ ସମ୍ପର୍କ ଗୁଡିକୁ ପ୍ରତ୍ୟାଖ୍ୟାନ କରି କେବଳ ସ୍ୱାମୀ, ସ୍ତ୍ରୀ ସମ୍ପର୍କ ଏତେ ମାତ୍ରାରେ ଘନିଷ୍ଠତା ସୃଷ୍ଟି କରେଯେ ମଣିଷର ସମସ୍ତ ଅତୀତ ସ୍ମରଣିକା ଲିଭିଯାଏ ମନ ମାନସରୁ। ତେଣୁ ଅତି ସର୍ବତ୍ର ଗର୍ହୀତମ ଉକ୍ତିର ସତ୍ୟତା ଉପରେ ଆଧାରିତ ଏକ ପ୍ରକାର ମାନସିକ ଉତ୍ତେଜନା ସୃଷ୍ଟି ହୁଏ ସମୟକ୍ରମେ ଯେତେବେଳେ ସେହି ସମ୍ପର୍କ ଦୁର୍ବଳ ହେବାକୁ ଲାଗେ। ଏମିତିକି ପରିପକ୍ୱ ସମୟରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଅତ୍ୟନ୍ତ ଦୁର୍ବଳ ଅବସ୍ଥାକୁ ଆସିଗଲା ପରେ ସାମାଜିକ ସହାୟତା ଦୃଷ୍ଟିରୁ ଉଭୟଙ୍କ ମନରେ କୌଣସି ଆନ୍ତରିକ ଭାବ ନଥିଲେ ମଧ ଉଭୟଙ୍କ ମଧ୍ୟରେ ବାହ୍ୟ ସମ୍ପର୍କର ଦୃଢ଼ତା ଦେଖିବାକୁ ମିଳେ କେବଳ ସହାନୁଭୂତି ଏବଂ ସାମାଜିକ ସୁରକ୍ଷା କାରଣରୁ। ଠିକ୍ ସେତିକି ବେଳେ ପୁନଃ ଏକ ନୂତନ ତଥା ଶେଷ ସମ୍ପର୍କର ଅଧ୍ୟାୟ ଆରମ୍ଭ ହୁଏ ନିଜ ସନ୍ତାନ ମାନଙ୍କ ସହିତ ଯାହା ସେମାନଙ୍କୁ ସାମାଜିକ ସୁରକ୍ଷା, ସହାୟତା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାର ଆଶା ରଖିଥାଏ। କେତେକ କ୍ଷେତ୍ରରେ ସେହି ସମ୍ପର୍କର ସୁଦୃଢତା ଦେଖିବାକୁ ମିଳୁଥିବା ବେଳେ ଆଜିକାଲି ଆଉ ସେହି ଶେଷ ସମ୍ପର୍କ ଏମିତି ଏକ ସ୍ତରରେ ଆସି ପହଂଚିଲାଣି ଯେ ଜୀବନର ଶେଷ ଅଧ୍ୟାୟରେ ସମସ୍ତେ ନିଜର ନିଃସହାୟ ଭାବକୁ ନେଇ ପ୍ରାୟତଃ ବୁଝିବାକୁ ଲାଗନ୍ତି ଯେ ସମ୍ପର୍କ ବୋଲି ସମାଜରେ କିଛି ନାହିଁ। ନିଜେ ନିଜକୁ ଅସହାୟ ମଣିବା ସହ ମାନବ ସଭ୍ୟତାକୁ କଳଙ୍କିତ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ।

ସାମାଜିକ ଓ ପାରମ୍ପରିକ ସମ୍ପର୍କରେ ଯେତେବେଳେ ନିଶ୍ଚିହ୍ନ ହେବାକୁ ଯାଉଥାଏ, ସେତେବେଳେ ଆରମ୍ଭ ହୁଏ ସମ୍ପର୍କର ନୂତନ ଅଧ୍ୟାୟ 'ଲିଖିତ ସମ୍ପର୍କ'। ସେ ସମ୍ପର୍କ ଆତ୍ମୀୟଙ୍କ ଉପସ୍ଥିତି, ଗାଁ ଭଦ୍ର ମଣ୍ଡଳୀ କିମ୍ବା ସାମ୍ବିଧାନିକ ନୀତି ନିୟମ ଅନୁଯାୟୀ ନ୍ୟାୟାଳୟ ବିଚାରପତିଙ୍କ ସ୍ୱାକ୍ଷର କ୍ରମେ ଗଢି ଉଠିଥାଏ ଏଭଳି ଅସହାୟ ବନ୍ଧନ। ସଂପ୍ରତି ସମୟରେ ଦେଖା ଗଲାଣି ପାଶ୍ଚାତ୍ୟ ସଭ୍ୟତାର ଚାଲି ଚଳଣି ଓ ନୀତି ଆଦର୍ଶ। ଅନେକ ଅଯୋଗ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଭାବିତ ହେଉଛନ୍ତି ଯୁବ ଗୋଷ୍ଠୀ, ଯାହାର ପ୍ରଭାବରେ ମାନବିକ ମୂଲ୍ୟବୋଧର ବିଚାର ଧାରା ଭାରତୀୟ ପରମ୍ପରାର ମୌଳିକତା ହ୍ରାସ ହେବାରେ ଲାଗିଛି। ଆମମାନଙ୍କ ମନରେ ଅବିଶ୍ୱାସ ଏତେ ପରିମାଣର ଗ୍ରାସ କଲାଣି ଯେ ବାପା-ପୁଅ, ଭାଇ-ଭଉଣୀ ଓ ସ୍ୱାମୀ-ସ୍ତ୍ରୀଙ୍କ ପବିତ୍ର ସଂପର୍କରେ ଲିଖିତ ଚୁକ୍ତିନାମା ସ୍ୱାକ୍ଷରିତ କରିବାକୁ ପଡ଼ିଲାଣି। ଏ ସମ୍ପର୍କ ସଦାସର୍ବଦା ଅବିଶ୍ୱାସ ଓ ଆତଙ୍କୀ ଜୀବନ ଭଳି ବଞ୍ଚିବାକୁ ପଡ଼ିଥାଏ। ଏଭଳି ବିଷମୟ ପରିସ୍ଥିତିରେ ସାମାଜିକ ବିଶେଷଜ୍ଞ ସହିତ ଯୋଗାଯୋଗ କରିବାର ଆବଶ୍ୟକତା ରହିଛି। ଉତ୍ତମ ପରିବେଶ ଓ ଉପଯୁକ୍ତ ଶିକ୍ଷା ଦାନ ବାଲ୍ୟାବସ୍ଥାରୁ ପ୍ରଶିକ୍ଷଣ ଦିଆଯାଇଥିବ ତେବେ ଏଭଳି କୁତ୍ସିତ ପରମ୍ପରାରୁ ଆମେମାନେ ବଞ୍ଚିବାର କଳା ଶିଖାଇ ପାରିବା। ଏହି ଜ୍ଞାନ ଯଦି ଜଣେ ମଣିଷର ବାଲ୍ୟ କାଳରୁ ଉଦୟ ହୋଇଥା'ନ୍ତା ହୁଏତ ସମୟ କ୍ରମରେ ସେ ନିଜକୁ ଏବଂ ସମସ୍ତ ସମ୍ପର୍କକୁ ସନ୍ତୁଳିତ କରି ରଖିଥା'ନ୍ତା ଯାହା ତାକୁ ଜୀବନର ଶେଷ ସମୟରେ ଏତେ ଦୁଃଖ ଦେଇନଥା'ନ୍ତା। ଅଜ୍ଞାନ ମଣିଷ ସାମାଜିକ ସମ୍ପର୍କ ଗୁଡିକୁ ସମୀକ୍ଷା କରି ବୁଝିବା କ୍ଷମତା ନରଖି କେବଳ ପରିପାର୍ଶ୍ୱିକ କୁହେଳିକାରେ ନିଜକୁ ସମାନ୍ତରାଳ କରି ଯାହା ସବୁ ଶିକ୍ଷା ପାଇଥା'ନ୍ତି ତାହାର ପ୍ରତିଫଳନ ସ୍ୱରୂପ ନିଜର ସାମାଜିକ ଦାଇତ୍ୱ ସମର୍ପ୍ଣ କରିବା ଲକ୍ଷ ରଖି ଗଢି ଉଠିଥିବା ସମ୍ପର୍କ ସେମାନଙ୍କୁ ଏତେବଡ଼ ଧୋକା ମନରେ ଉଙ୍କି ମାରି ନଥାନ୍ତା। ଜୀବନର ଶେଷ ସମୟରେ ସବୁ ବୁଝିଲା ବେଳକୁ ଆଉ କିଛି ନଥାଏ, ଦୁଃଖ ଓ ଯନ୍ତ୍ରଣାରେ ବଞ୍ଚିବାକୁ ପଡ଼ିଥାଏ ଅବଶିଷ୍ଟ ଜୀବନ।



ଛତ୍ରପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ୧୫ ସହରକୁ ସ୍ୱଚ୍ଛ ସର୍ବେକ୍ଷଣ ଷ୍ଟାର ରେଟିଙ୍ଗ ମିଳିଛି । ଏହି କ୍ଷେତ୍ରରେ ଜିଲ୍ଲାର ଆସିକା ଏନଏସି ରାଜ୍ୟ ସ୍ତରରେ ପ୍ରଥମ ଓ ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନରେ ରହି ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇଛି । ମଙ୍ଗଳବାର ଛତ୍ରପୁରସ୍ଥିତ ଜଉଗଡ ସମ୍ମିଳନୀ ଗୃହରେ ସ୍ୱଚ୍ଛ ସର୍ବେକ୍ଷଣ ଷ୍ଟାର ରେଟିଙ୍ଗ ମିଳିଥିବା ୧୫ ସହରର କର୍ତ୍ତୃପକ୍ଷଙ୍କୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାର ୭ ସହରକୁ ୩ ଷ୍ଟାର ଏବଂ ୮ ସହରକୁ ୧ ଷ୍ଟାର ରେଟିଙ୍ଗ ମିଳିଛି । ଆସିକା, ଚିକିଟି, ଗୋପାଳପୁର, ଦିଗପହଣ୍ଡି, ସୋରଡ଼ା ଓ ଭଞ୍ଜନଗର ଏନଏସି ଏବଂ ହିଞ୍ଜିଳି ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ସର୍ବେକ୍ଷଣ ୩ ଷ୍ଟାର ରେଟିଙ୍ଗ ମିଳିଛି । ସେହିପରି ପୋଲସରା, ଛତ୍ରପୁର, ରମ୍ଭା, ଗଞ୍ଜାମ, କୋଦଳା, ବେଲଗୁଣ୍ଠା, ପୁରୁଷୋତ୍ତମପୁର ଓ ଖଲିକୋଟ ଏନ୍‌ଏସିକୁ ୧ ଷ୍ଟାର ରେଟିଙ୍ଗ ମିଳିଛି । ଅପରପକ୍ଷରେ ବ୍ରହ୍ମପୁର ମହାନଗର ନିଗମ, ବୁଗୁଡ଼ା ଓ କବିସୂର୍ଯ୍ୟନଗର ଏନଏସିକୁ ଷ୍ଟାର ରେଟିଙ୍ଗ ମିଳିନି । କିନ୍ତୁ ଆଗାମୀ ବର୍ଷରେ ୩ ଷ୍ଟାର ପାଇଥିବା ୫ ଷ୍ଟାର ପାଇବ, ୧ ଷ୍ଟାର ପାଇଥିବା ୩ ଷ୍ଟାର ପାଇବ ଏବଂ କିଛି ଷ୍ଟାର ପାଇନଥିବା ସହର ୧ ଷ୍ଟାର ପାଇବ ସେନେଇ କାର୍ଯ୍ୟ ଚାଲିଥିବା ଜିଲ୍ଲାପାଳ କହିଛନ୍ତି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଉପସ୍ଥିତ ଥିଲେ ।

### ମୁର୍ଗା ମହାଦେବ ମନ୍ଦିର ରାସ୍ତା ନବୀକରଣ ପାଇଁ ପ୍ରଶାସନିକ ବୈଠକ

## ୮ ଦିନ ମଧ୍ୟରେ ଆସ୍ଥାୟୀ ରାସ୍ତା ନିର୍ମାଣ କରିବେ ୪ କମ୍ପାନୀ



ଯୋଡ଼ା(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ଅନ୍ତର୍ଗତ ବିଲେଇପଦାଠାରୁ ମୁର୍ଗା ମହାଦେବ ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ଭରିଯାନ ଟ୍ରକ ଚାଲୁଥିବାରୁ ବର୍ଷାଦିନରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ଶ୍ରାବଣ ମାସରେ ମହାଦେବଙ୍କୁ ଜଳାଅଭିଷେକ କିରିବା ପାଇଁ ଚାରିଦିଗରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଏହି ରାସ୍ତା ଦେଇଯିବା ବେଳକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ସୂଚନା ଅନୁଯାୟୀ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନରୁ ୨୨ କୋଟି ୧୪ ଲକ୍ଷ ଅନୁମୋଦନ ହୋଇଥିଲେ ସୁଦ୍ଧା କିତାବେଡା ଏବଂ ସିଆଳ ଯୋଡ଼ା ଗ୍ରାମରେ ଗ୍ରାମସଭା ସଫଳ ହୋଇପାରିନଥିବା ଯୋଗୁଁ ନୂତନ ରାସ୍ତାର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ୨୦୨୦ ମସିହାରୁ ବନ୍ଦ ରହିଛି । ଅଞ୍ଚଳବାସୀଙ୍କ ଅସୁବିଧା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରଶାସନ ଏହି ପରିପ୍ରେକ୍ଷୀରେ ତତ୍ପରତା ଦେଖାଇ ମଙ୍ଗଳବାର ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ମୁର୍ଗ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଆୟୋଜନ କରିଥିଲେ । ବୈଠକରେ ରାସ୍ତାର କିପରି ତୁରନ୍ତ ନବୀକୋରଣ ସହ ମରାମତି କରାଯିବ ଏ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ସଭାରେ ଉପଜିଲ୍ଲାପାଳ ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟିଲ, ତ୍ରିବେଣୀ ଆର୍ଥ ମୁଭର୍ସ ଏବଂ କ୍ରାକୋର୍ସ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ୮ ଦିନ ଭିତରେ ୧୦ ମିଟର ଚଉଡା ରାସ୍ତାର ନୋବିକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କମ୍ପାନୀ କର୍ତ୍ତୃପକ୍ଷ ମାନେ ବି ଏହି ପ୍ରସ୍ତାବରେ ଲିଖିତ ଭାବେ ରାଜି ହୋଇଥିଲେ । ରାସ୍ତା କାମର ଗୁଣବତ୍ତା ଏବଂ କମ୍ପାନୀ ମାନେ କୋଉ ଅନୁପାତରେ ରାସ୍ତାକାମ କରୁଛନ୍ତି ତାହାର ତତ୍ୱାବଧାନ କରିବା ପାଇଁ ପି.ଡବ୍ଲୁ.ଡି ବିଭାଗର ବୁଦ୍ଧିଆ ମାରାଣ୍ଡିଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶ୍ରାବଣ ମାସର ଆଗକୁ ବଞ୍ଚିଥିବା ସୋମବାରରେ ଭକ୍ତମାନଙ୍କ ପାଇଁ ଲାଇଟ, ଆଶ୍ରୟ ସ୍ଥଳ, ବ୍ୟାପକ ସିକୁରିଟି ଗାର୍ଡ, ଖାଇବା ବ୍ୟବସ୍ଥା ଇତ୍ୟାଦିକୁ ଗୁରୁତ୍ୱ ଦେବା ପାଇଁ କମ୍ପାନୀଙ୍କୁ ପ୍ରସ୍ତାବ ଦିଆଯାଇଥିଲା, ଯେଉଁଥିରେ କମ୍ପାନୀମାନେ ପୂର୍ଣ୍ଣ ସହଯୋଗ କରିବା ସହ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଦେଖିବାକୁ ମିଳିଥିଲା । ପରିଶେଷରେ ଯୋଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାମିଷ ବେହେରା ସଭାକୁ ସାଙ୍ଗ କରିଥିଲେ । ଏହି ବୈଠକରେ ବଡ଼ବିଲ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡା ଥାନା ର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ, ଦେଓଝର ସରପଞ୍ଚ ଧ୍ରୁବ ଚରଣ ନାଏକ, ନାଏକ ସରପଞ୍ଚ କାମିନୀ ନାଏକ, ସମିତି ଲକ୍ଷ୍ମୀ ମୁଣ୍ଡା, ୱାର୍ଡ ମେମ୍ବର ବନିତା ବେହେରା, ଆଇନଜୀବୀ ରମେଶ ପ୍ରଧାନ, ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା, ପୂର୍ବତନ ସମିତି ସଭ୍ୟ ସୁଧୀଷ୍ଟିର ପଲେଇ, ପୂର୍ବତନ ଜିଲ୍ଲାପରିଷଧ ତଥା ମୁର୍ଗା ମନ୍ଦିର କମିଟି ସଦସ୍ୟ ବୀର ନାଏକ, ବାବୁଆ ବାନା, ଜଗନ୍ନାଥ ପାଣିଗ୍ରାହୀ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାସ୍ତା ତିଆରି ପାଇଁ ପ୍ରଶାସନ ବେହାଲ

## ବିରୋଧ ଯୋଗୁଁ ହୋଇପାରୁନି କାର୍ଯ୍ୟ



ଆଳି(ଭାସ୍କର ନ୍ୟୁଜ): ଆଦର୍ଶ ବିଦ୍ୟାଳୟକୁ ରାସ୍ତା ନାହିଁ ଓ ଜଣେ ବ୍ୟକ୍ତି ଏହି ରାସ୍ତା ତାଙ୍କ ଜମିରେ ଯାଉଥିବା କହି ଠିକାଦାରଙ୍କୁ କାମ କରାଇ ନ ଦେବା ଫଳରେ ଛାତ୍ରଛାତ୍ରୀ ଅତି ବିପନ୍ନଜନକ ଭାବେ ଦୈନିକ ସ୍କୁଲକୁ ଯାଉଛନ୍ତି । ଏହି ରାସ୍ତା କାମ ନ ହେଲେ ଆଗାମୀ ଦିନରେ ସ୍କୁଲକୁ ବନ୍ଦ କରିବାକୁ ଅଧିକ ଚେତାବନୀ ଦେବା ପରେ ଗତକାଲି ଠିକାଦାର କାମ ଆରମ୍ଭ କରିବାକୁ ଆସିଥିଲେ । ବ୍ଲକ୍‌ର, କେସିବି ଅଣି କାମ ଆରମ୍ଭ କରିବା ମାତ୍ରେ ବାଘୁଡ଼ା ଗ୍ରାମର ଭାଗୀରଥି ଜେନା ଓ ତାଙ୍କ ପରିବାର ସଦସ୍ୟ ତାଙ୍କ ଜମି ଉପରେ ରାସ୍ତା କରାଇ ନ ଦେବାକୁ ରାସ୍ତାରେ ଜିଦ ଧରି ବସି ରହିଥିଲେ । ଫଳରେ ଠିକାଦାର କାମ ବନ୍ଦ କରିଥିଲେ । ଘଟଣାସ୍ଥଳକୁ ପୋଲିସ, ଅତିରିକ୍ତ ତହସିଲଦାର, ଆରଡି ବିଭାଗ ଜେଇ ଯାଇଥିଲେ ହେଁ ସମସ୍ୟାର ସମାଧାନ ହୋଇନଥିଲା । ଅତିରିକ୍ତ ତହସିଲଦାର ଭାଗିରଥିଙ୍କୁ ସମସ୍ତ କଥା ବୁଝାଇବା ପରେ ବି କାମ ସେ କାର୍ଯ୍ୟ କରାଇ ନ ଦେବା ସରକାର, ଠିକାଦାର ଓ ଅଭିଭାବକଙ୍କ ଚିନ୍ତାର ବିଷୟ ପାଲଟିଛି । ଗତକାଲି ପୁଣିଥରେ ରାସ୍ତା କାମ ବନ୍ଦ ହେବାରୁ ଅଭିଭାବକ ପିଲାଙ୍କୁ ନେଇ କନିକା ତହସିଲ ଘେରାଉ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ସୂଚନା ମୁତାବକ, ରାଜକନିକା ବ୍ଲକରେ ୪ ବର୍ଷ ପୂର୍ବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲାଯାଇ କନିକା ସଦର ଗାର୍ଲସ ହାଇସ୍କୁଲରେ ଅସ୍ଥାୟୀ ଭାବେ ପାଠପଢା ଜାରି ରହିଥିଲା । ତେବେ ନିଜସ୍ୱ ବିଲଡିଂ ଥାଇ ସେଠାରେ ପାଠପଢା ହେଉ ନ ଥିବାରୁ ଆନ୍ଦୋଳନ କରାଯିବାରୁ ଚଳିତ ଶିକ୍ଷାବର୍ଷରୁ ନିଜସ୍ୱ ବିଲଡିଂରେ ପାଠପଢା ଆରମ୍ଭ ହୋଇଛି । ବିଲ ମଝିରେ ଥିବା ଏହି ସ୍କୁଲକୁ ସଂଯୋଗ କରୁଥିବା ରାସ୍ତା ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ରାସ୍ତାରେ ପାଣି, କାଦୁଅରେ ଦୈନିକ ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆଖାବରା ହେବାରେ ଲାଗିଛନ୍ତି । ଏହି ବିଦ୍ୟାଳୟ ଓ ରାସ୍ତା ନିର୍ମାଣ କରିବାକୁ ଠିକା ପାଇଥିବା ଠିକାଦାର ପାଞ୍ଚ ଥର ରାସ୍ତା ନିର୍ମାଣ କରିବାକୁ ଆସିଥିଲେ ମଧ୍ୟ ଉକ୍ତ ବ୍ୟକ୍ତି ଜଣକ ବିରୋଧ କରିବା ସହ କାର୍ଯ୍ୟ ବନ୍ଦ କରିଦେଉଛନ୍ତି । ଅନ୍ୟପକ୍ଷରେ ରାସ୍ତା କାର୍ଯ୍ୟ ବିଳମ୍ବ କରିଥିବାରୁ ଅଭିଭାବକ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ । ପରେ ପୁଣି ଅଭିଭାବକ ବିଭିନ୍ନକୁ ଚେତି ବାଦବିବାଦ ଦେଉଥିଲେ । ଜାଗୁଳାଇପଡା ନିକଟ ଅଚିହାରେ ଅବସ୍ଥିତ ଏହି ବିଦ୍ୟାଳୟକୁ ଗୋବିନ୍ଦପୁରଠାରୁ ଏକ କିମି ଦୂର ଯାଏ ରାସ୍ତାକୁ ଠିକାଦାର ମାଟି ପକାଇ ରାସ୍ତା ନିର୍ମାଣ କରିଥିବା ବେଳେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ରାସ୍ତାରେ ଏକ ଆଇନଗତ ସମସ୍ୟା ଥିବା କହି ଠିକାଦାର ସରକାରଙ୍କୁ ଜଣାଇବା ପରେ ଗତ ମାର୍ଚ୍ଚ ମାସରେ କୋର୍ଟ ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ସଜନା ଗଛରୁ ଛୁଇଁ ପାରୁଥିଲା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ମଙ୍ଗଳବାର ଜିଗ୍ନିପୁର ଗ୍ରାମର ଜନାର୍ଦ୍ଦନ ସିଂଙ୍କ ପୁତ୍ର ଜ୍ୟୋତିରଞ୍ଜନ ସିଂ(୫୯) ଗଛରୁ ସଜନା ଛୁଇଁ ପାରୁଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଜ୍ୟୋତିରଞ୍ଜନ ଆସିଥିଲେ । ଫଳରେ ଜ୍ୟୋତିରଞ୍ଜନ ବିଦ୍ୟୁତ ଆଘାତ ଯୋଗୁ ଚିତ୍କାର କରିଥିଲେ । ତାଙ୍କର ଚିତ୍କାର ଶୁଣି ପଡୋଶୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅପରପକ୍ଷରେ ଜ୍ୟୋତି ଘରେ ପାଣି ମଟର କାର୍ଯ୍ୟ କରୁଥିଲା ବେଳେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ । ଏ ସମ୍ପର୍କରେ ତାଙ୍କ ଭଣଜା ରମାକାନ୍ତ ବେହୁରା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ସାଲେପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ଜ୍ୟୋତିଙ୍କ ଶବ ଜବତ କରି ବ୍ୟବଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି । ତେବେ ଜ୍ୟୋତିଙ୍କ ମୃତ୍ୟୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

## ଦିଗମ୍ବରୀଦେବୀ ଆଇଟିଆଇରେ କ୍ୟାମ୍ପସ ଚୟନ




ଜଳେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର ୨ଟାରେ ଜଳେଶ୍ୱର ମ୍ୟୁନିସିପାଲିଟି, ବଡ଼ବଜାର, ବାସନ୍ତୀ ପଡିଆ ଅନ୍ତର୍ଗତ ଦିଗମ୍ବରୀଦେବୀ ଆଇଟିଆଇ ଶିକ୍ଷାନୁଷ୍ଠାନରେ କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ଔରଙ୍ଗାବାଦ ଏକ୍ସେଲ ପ୍ଲେସମେଣ୍ଟର ନିର୍ଦ୍ଦେଶକ ଦିପ୍ତେସ ଦିକ୍ଷୀତ, ଓଡ଼ିଶାର ପ୍ଲେସମେଣ୍ଟ ଇନଚାର୍ଜ ପ୍ରଦୀପ କୁମାର ମହାନ୍ତି, କିରଣ ଆଇଟିଆଇର ଅନୁପ କୁମାର ପଣ୍ଡା କ୍ୟାମ୍ପସ ଚୟନ କରିଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ଦିଗମ୍ବରୀଦେବୀ ଆଇଟିଆଇ ପରିସରରେ ଫିଟର, ଇଲେକ୍ଟ୍ରିସିଆନ ବିଭାଗରେ ୧୩୭ ଶିକ୍ଷାର୍ଥୀଙ୍କୁ ଚୟନ କରାଯାଇଥିଲା । ଔରଙ୍ଗାବାଦ ଡିଭିଜନର ଏସ ଏସ କଣ୍ଟ୍ରୋଲସ, ଇଲେକ୍ଟ୍ରିକାଲସ୍ କଣ୍ଟ୍ରୋଲ ପେନାଲ, ଔରଙ୍ଗାବାଦର ଅଟୋ ଆନସିଲାରି ଏବଂ ବିଭିନ୍ନ କମ୍ପାନୀରେ ପିଲାଙ୍କୁ ଏକବର୍ଷ ଏପ୍ରେଣ୍ଟିସିପ୍ ତାଲିମ ଦେବାର ବ୍ୟବସ୍ଥା ରହିଛି ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଶିକ୍ଷାର୍ଥୀ ମାସକୁ ୧୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପାଇବେ ବୋଲି ଆଟିଆଇର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ସୂଚନା ପ୍ରଦାନ କରିଥିଲେ । ଆଜକୁ ୧୮ ବର୍ଷ ଧରି ଅନୁଷ୍ଠାନର ଶିକ୍ଷାର୍ଥୀଙ୍କୁ ବିଭିନ୍ନ କମ୍ପାନୀର କେମ୍ପସ ଚୟନ କରି ଏପ୍ରେଣ୍ଟିସିପ୍ ତାଲିମ ପ୍ରଦାନ ସହ ଚାକିରି ଦେବାର ବ୍ୟବସ୍ଥା କରାଯାଉଛି ବୋଲି ଆଇଟିଆଇର ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା ପ୍ରକାଶ କରିଥିଲେ । ଅନ୍ୟତମ ଅଧ୍ୟାପକ ମାନସ ମାଇତି ନିରବଚ୍ଛିନ୍ନ ୧୮ ବର୍ଷଧରି ଶିକ୍ଷାର୍ଥୀଙ୍କୁ ଭାରତ ବର୍ଷର ବିଭିନ୍ନ କମ୍ପାନୀର କ୍ୟାମ୍ପସ ଚୟନ ମାଧ୍ୟମରେ ଛାତ୍ରଛାତ୍ରୀ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି ବୋଲି କହିଥିଲେ । ସମ୍ପାଦିକା ମଧୁଛନ୍ଦା ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଛାତ୍ରଛାତ୍ରୀଙ୍କ ଆଇଟିଆଇ ପାଠପଢ଼ା ସ୍ୱରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳର ମାଧ୍ୟମ ବୋଲି ଅଧ୍ୟାପକ ଶୁଭଙ୍କର ଜାଲି କହିଥିଲେ । ଗୌର ଗୋପାଳ ପରିଡା, ସୁଜୟ କୁମାର ବ୍ରହ୍ମ, ଅନୁଷ୍ଠାନର ସହକର୍ମୀ କବିତା ବେହେରା ଓ ଛାତ୍ରଛାତ୍ରୀ ଇଲେକ୍ଟ୍ରିସିଆନର ରତିକାନ୍ତ ମଲ୍ଲିକ, ରିଙ୍କୁ ବେକରୀ, ଶୁଭଙ୍କର ବେହେରା, ସମୀର କୁମାର ଘୋଷ, ରାଜେଶ ମାରାଣ୍ଡି, ଫିଟର ବିଭାଗର ଗୁରୁପଦ ବର୍ଷାଲ, ସମର ପାଣି, ଶିବ ଶଙ୍କର ମୁର୍ମୁ, ଜୟ ନାରାୟଣ ଟୁଡୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ସ୍ୱରାଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଏମ୍‌ସି ଜନଶୁଣାଣିରେ ସୁକୁରଙ୍ଗି ଗ୍ରାମବାସୀଙ୍କ ହୋହାଲ୍ଲା



କାଳିଆପାଣି(ଭାସ୍କର ନ୍ୟୁଜ): ମେସର୍ସ ଓଡିଶା ନିଗମ ଲିମିଟେଡ ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ ସୁକୁରଙ୍ଗି, ସାରୁଆବିଲ, ଓସ୍ତପାଳ, କମର୍ଦ୍ଧା, ତଳଙ୍ଗି ଗ୍ରାମ ସ୍ଥିତ ସୁକୁରଙ୍ଗି କ୍ରମାଇଟ ଖଣିର କ୍ରୋମ ଖଣିଜ ଉତ୍ପାଦନ ୦.୩ ଲକ୍ଷ ମେଟ୍ରିକ ଟନରୁ ୦.୯ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି କରିବା ପାଇଁ ମଙ୍ଗଳବାର ପରିବେଶ ମଞ୍ଜୁର ନିମନ୍ତେ ଜନଶୁଣାଣି ଓଏମସି କାଳିଆପାଣି କମ୍ୟୁନିଟି ସେଣ୍ଟର ପଡିଆରେ ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ଼ ଓଡିଶା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ସକାଳ ୧୧ଟାରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ପ୍ରଦୂଷଣ ବୋର୍ଡ ଯାଜପୁର ଆଞ୍ଚଳିକ ଅଧିକାରି ମଦନ ମୋହନ ସାହୁ ଜନସାଧାରଣଙ୍କ ପରିବେଶ ସମ୍ବଧୀୟ ମତାମତ ଦେବାକୁ ନିବେଦନ କରିଥିଲେ । ପ୍ରଥମେ ଖଣି ନିଗମ ଯାଜପୁର ଆଞ୍ଚଳିକ ପ୍ରବନ୍ଧକ ଆଶିଷ କୁମାର ସାମନ୍ତରାୟ ଜଣାଶୁଣାଣିର ଉଦ୍ଦେଶ୍ୟ ଅବଗତ କରାଇବା ପରେ ଲୋକମାନେ ରେଜିଷ୍ଟ୍ରେସନ କରି ନିଜର ମତ ଜଣାଇଥିଲେ । ପ୍ରଥମରୁ ଖଣି ଥିବା ସୁକୁରଙ୍ଗି ଗ୍ରାମବାସୀ ବିରୋଧ କରିବା ସହ ହୋ ହାଲ୍ଲା କରଥିଲେ । ମୁତୟନ ପୋଲିସ ବୁଝାସୁଝା କରିବା ପରେ ମତାମତ ଚାଲୁ ହୋଇଥିଲା । ସମୁଦାୟ ୨୦୪ ଜଣ ମତାମତ ଦେଇଥିବା ବେଳେ ୧୧୩ଜଣ ଓଏମସି ସପକ୍ଷରେ ୮୭ଜଣ ଜନଶୁଣାଣି ବିରୁଦ୍ଧରେ ଏବଂ ୪ଜଣ କିଛି ମତ ଦେଇନଥିଲେ । ପୂର୍ବରୁ ଜନଶୁଣାଣି ଓ ପଲ୍ଲୀସଭାରେ ପ୍ରତିଶୃତି ଦେଇଥିବା ଦାବିକୁ ଆଜିପର୍ଯ୍ୟନ୍ତ ଓଏମସି ପୂରଣ କରିନାହିଁ । ସ୍ୱାସ୍ଥ୍ୟ ସେବା ଠିକ୍‌ରେ ଅଞ୍ଚଳବାସୀଙ୍କୁ ଯୋଗାଉନଥିବା, ଖଣି ପ୍ରଭାବିତ ଅଞ୍ଚଳ ଲୋକଙ୍କୁ ଆମ୍ବୁଲାନ୍ସ ଦେବାକୁ ୮ଘଣ୍ଟା ସମୟ ନେବା ଯୋଗୁଁ ରୋଗୀର ମୃତ୍ୟୁ ହେବା, ବ୍ୟାପକ ବୃକ୍ଷରୋପଣ, ଅଚଳ ହୋଇପଡିଥିବା ପାନୀୟ ଜଳ ପ୍ରକଳ୍ପ ଚାଲୁ କରିବା, ପ୍ରତ୍ୟକ ଗ୍ରାମକୁ ସ୍କୁଲ ବସ ଯୋଗାଇବା, ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ଖଣି ଅଞ୍ଚଳର ସମସ୍ତ ପିଲାଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାନ ଦେବା, ନିୟମିତ ରାସ୍ତାରେ ପାଣି ପଡିବା, ଦମ୍ପରୁ ନିର୍ଗତ ନିକେଲକୁ ଚାଷ ଜମିରୁ ବାହାର କରିବା ସହିତ ଚାଷୀଙ୍କୁ କ୍ଷତି ପୂରଣ ଦେବା, ଇଟିପିକୁ କାର୍ଯ୍ୟକ୍ଷମ କରି ଖଣିରୁ ନିର୍ଗତ ହେକ୍ସାଭାଲାଣ୍ଟ ପାଣିକୁ ବିଶୋଧନ କରି ଛାଡିବା, ସୁକୁରଙ୍ଗି ଗ୍ରାମକୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା, ଅଞ୍ଚଳର ଅଧିବାସୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଖଣିରେ ଚାକିରି ଦେବା ଆଦି ବିଭିନ୍ନ ଦାବି ସହ ଜନଶୁଣାଣି ସପକ୍ଷରେ କହିଥିଲେ । ଶେଷରେ ଓଡ଼ିଶା ଖଣିନିଗମ କାର୍ଯ୍ୟନିର୍ବାହି ନିର୍ଦ୍ଦେଶିକା ତଳତ ଆଫ୍ରିନ ସମସ୍ତ ଦାବିକୁ ହୃଦୟଙ୍ଗମ କରିବା ସେହି ଯଥାଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁପ୍ରସନ୍ନ ମାଲିକଙ୍କ ନେତୃତ୍ୱରେ ୩ ଡିଏସପି, ୭ ଇନ୍ସପେକ୍ଟର ୧୬ ସବ ଇନ୍ସପେକ୍ଟର, ୮ ଏଏସଆଇଙ୍କ ସମେତ ୨୫ ସେକକ୍ସନ ଫୋର୍ସ ମୁତୟନ କରାଯାଇ ସୁରକ୍ଷା କଡାକଡି କରାଯାଇଥିଲା ।

## ସାମ୍ବାଦିକଙ୍କ ବିୟୋଗରେ ଶୋକସଭା



ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ାର ଜଣେ ବରିଷ୍ଠ ସାମ୍ବାଦିକଙ୍କ ମୃତ୍ୟୁକୁ ନେଇ ସାମ୍ବାଦିକଙ୍କ ମହଲରେ ଦୁଃଖର ଛାୟା ଖେଳିଯାଇଛି । ନିମାପଡ଼ା ଓ ଚାରିଛକ ପ୍ରେସ୍ କ୍ଲବ୍ ପକ୍ଷରୁ ଶୋକ ପ୍ରକାଶ କରାଯାଇଥିବା ବେଳେ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । କୋଣାର୍କର ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମଲ୍ଲିକଙ୍କ ହୃଦ୍‌ଘାତରେ ମଙ୍ଗଳବାର ବିୟୋଗ ଘଟିଛି । ଖବର ପ୍ରସାରିତ ପରେ ସ୍ଥାନୀୟ ଅଞ୍ଚଳ ସହ ସାମ୍ବାଦିକଙ୍କ ମହଲରେ ଦୁଃଖର ଛାୟା ଖେଳିଯାଇଥିଲା । ଏହି ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନିମାପଡ଼ା ପ୍ରେସ୍ କ୍ଲବ୍ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଥିଲା । ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା, ସଂପାଦକ ରମାକାନ୍ତ ବେହେରା, ଉପ-ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଭ୍ୟ ବିଶ୍ୱଜିତ ମିଶ୍ର, ମାନସ ଦାସ, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ପ୍ରଫୁଲ୍ଲ କର, ଅଶୋକ ବେହେରା, ଚିତ ରଂଜନ ମହାନ୍ତି, ଶରତ ସେନାପତି ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଚାରିଛକ ପ୍ରେସ୍ କ୍ଲବ୍ ପକ୍ଷରୁ ମଧ୍ୟ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କରଙ୍କ ସଭାପତିତ୍ୱରେ ଶୋକସଭାରେ କ୍ଲବ୍ ଉପଦେଷ୍ଟା ଗୋପିନାଥ କର, ଚନ୍ଦ୍ରକାନ୍ତ ଦଳେଇ, କାହ୍ନୁ ଚରଣ ବେହେରା, ଅଧୀନ ପାତ୍ର, ବନ ବିହାରୀ ଦାସ, ପଣ୍ଡିତ ମୂରଲୀଧର ଭାରତୀ, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସଂଯୋଜକ କେଦାରନାଥ ସାହୁ, କୋଷାଧ୍ୟକ୍ଷ ସମୀର ରଂଜନ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାସ, ପ୍ରଫୁଲ୍ଲ କୁମାର ସାହୁ, ବସନ୍ତ କୁମାର ମଲ୍ଲ, ବିଜୟ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ସୁବାଷ ଚନ୍ଦ୍ର ସାହୁ, ରାକେଶ ଲେଙ୍କା, ବିନୋଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ଆଳିରେ ଗାଡି ଚେକିଂ କଡ଼ାକଡ଼ି

ଆଳି(ଭାସ୍କର ନ୍ୟୁଜ): ଆଳି ପୋଲିସ ତରଫରୁ ମଙ୍ଗଳବାର ସନ୍ଧ୍ୟାରେ କଟକ-ଚାନ୍ଦବାଲି ରାସ୍ତାର ସଂଲଗ୍ନ ଭୂଇଁପୁର ଛକରେ ଗାଡି ଚେକିଂ କଡାକଡି କରୁଥିବା ନଜରକୁ ଆସିଛି । ଖବରରୁ ପ୍ରକାଶ ଯେ ଏହି ଧରପଗଡ ଅଭିଯାନରେ ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ଯାନବାହନକୁ ଯଥା ବାଇକ, ଚାରିଚକିଆ ଆଦି ଯାନକୁ ପୋଲିସ ଯାଞ୍ଚ କରୁଛି । ଏଥିସହିତ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ, ହେଲମେଟ ଚେକିଂ, ଦ୍ରୁତଗତିରେ ଗାଡିଚାଳନା, ଅଙ୍କାବଙ୍କା ଗାଡିଚାଳନା, ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ ଜନସାଧାରଣଙ୍କୁ ସଚେତନ କରି ଆବଶ୍ୟକ ସ୍ଥଳେ ଅମାନିଆ ମଟର ଚାଳକଙ୍କଠାରୁ ଗାଡି ଜବତ କରି ଚାଲାଣ କଟାଯାଉଛି । ଅପରପକ୍ଷେ ଆଳି ପୋଲିସ ଗଞ୍ଜେଇ ଓ ମଦ ଆଦି ଅବକାରୀ ଦ୍ରବ୍ୟ ସହ ଅନ୍ୟ ଅପରାଧିକ ଦ୍ରବ୍ୟ ଚୋରାଚାଲାଣକୁ ଧରିବା ପାଇଁ ଚାରିଚକିଆ ଯାନ ଗୁଡିକର ଡ଼ିକି ଚେକ କରିବା ସହ କାଗଜପତ୍ର ମଧ୍ୟ ଯାଞ୍ଚ କରିଥିଲା । ଆଳି ପୋଲିସର ଏଭଳି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଂଶସା କରାଯାଇଥିବା ବେଳେ ସମସ୍ତେ ସଚେତନ ହେଲେ ଦୁର୍ଘଟଣାର ହାର କମିବ ବୋଲି ମତପ୍ରକାଶ ପାଇଛି ।

## ବାଙ୍କୀରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କୀ ଉପଖଣ୍ଡସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଚଳିତ ବର୍ଷ ଯଥାରୀତି ଆଡମ୍ବର ଭାବେ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଉପଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ଜାକଜମକରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ସ୍ୱାଧୀନତା ଦିବସ ଦିନ ଭୋର ୪.୩୦ରୁ ୫.୩୦ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଡ଼ାକବାଜି ଯନ୍ତ୍ର ଦ୍ୱାରା ସହର ମଧ୍ୟରେ ରାମଧୁନ ପ୍ରଚାର କରାଯିବ । ପ୍ରତ୍ୟୁଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବିଭିନ୍ନ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନରେ ସକାଳ ୭.୩୦ ମିନିଟ ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ପୂର୍ବାହ୍ନ ୯ଟା୧୫ରେ ସ୍ଥାନୀୟ କଚେରୀ ପଡ଼ିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ । ଉତ୍ସବରେ ଉପଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିବେ । ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ । ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, +୨ ଓ +୩ ପରୀକ୍ଷାରେ ସର୍ବୋଚ୍ଚ ନଂ ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ । ଉପଖଣ୍ଡର ଶ୍ରେଷ୍ଠ ଚାଷୀଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ଉପକାରାଗାରର କଏଦୀ ଓ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ମିଷ୍ଟାନ ଓ ଫଳ ବଣ୍ଟନ କରାଯିବ । ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କଂହର, ତହସିଲଦାର, ବାଙ୍କୀ ଅଶେଷ କୁମାର ନାୟକ, ବାଙ୍କୀ ଥାନା ଅଧିକାରୀ ଦିଲ୍ଲିପ କୁମାର ମର୍ଦ୍ଦରାଜ ଭୂୟାଁ, ଡ଼ଃ ପଦ୍ମଲୋଚନ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଶିକ୍ଷା ଅନୁଷ୍ଠାନର ମୁଖ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାଳ ଚରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଶେଷରେ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

## ଲାଉଲଇରେ ଦେଶିମଦ କାରବାର ବୃଦ୍ଧି

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ଅନ୍ତର୍ଗତ ଲାଉଲଇରେ ଦିନକୁ ଦିନ ଦେଶି ଚୋରାମଦର କାରବାର ବୃଦ୍ଧିପାଇବାରେ ଲାଗିଛି । ସ୍ଥାନୀୟ ମନ୍ଦାର, ଗୋଡିବାରି, ଭୁବନ, ଚନ୍ଦାରରୁ ଏହି ଚୋରାମଦ ନିୟମିତ ଆସିଲା । ଲାଉଲଇ, ଖଙ୍କିରା, ନବଲାଉଲଇ/ ଘୋରାଘୋରି ଓ ବେଣାଝର ଗ୍ରାମରେ ଖୋଲାମ ଖୋଲା ବିକ୍ରି ହେଉଛି । ମଙ୍ଗଳବାର ସକାଳେ ଗଁଦିଆ ଅବକାରୀ ତରଫରୁ ଏକ ରେଡ କରାଯାଇ ଦୁଇଜଣଙ୍କୁ ଧରାଯାଇଛି । ମଦର ମୁଖ୍ୟ ଆସାମୀଙ୍କୁ ନଧରି ଯାହିତାହିଙ୍କୁ ଧରି ଅବକାରୀ ତରଫରୁ କର୍ତ୍ତବ୍ୟ ସମ୍ପାଦନ କରାଯାଉଥିବା ବେଳେ ମୁଖ୍ୟ ମଦ ବେପାରୀ ଖୁଲମୁଖଲା ଅବକାରୀ ବିଭାଗୀୟଙ୍କୁ ହାତରେ ରଖି ବେପାର ଚଳାଇଛନ୍ତି । ଆହୁରି ମଧ୍ୟ ଅବକାରୀ ବିଭାଗ ଆସିବା ପୂର୍ବରୁ ସେମାନଙ୍କୁ ଖବର ମିଳିଥିବାରୁ ସେମାନେ ଖସିଯାଉଛନ୍ତି । ତେଣୁ ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲା ମୁଖ୍ୟ ଅବକାରୀ ଅଧିକାରୀଙ୍କୁ ସ୍ଥାନୀୟ ବୁଦ୍ଧିଜିବୀ ମହଲରୁ ଅନୁରୋଧ କରାଯାଉଛି ।

### ଆୟୁର୍ବେଦରେ ଓଡ଼ିଶାର ତୂର୍ଯ୍ୟନାଦ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଦେଶର ତୃତୀୟ ଶ୍ରେଷ୍ଠ ଆୟୁର୍ବେଦ ଶିକ୍ଷାନୁଷ୍ଠାନ



କଟକ(ଭାସ୍କର ନ୍ୟୁଜ): ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ମ୍ୟାଗାଜିନ୍ ଆଉଟ୍ ଲୁକ୍ ଦ୍ୱାରା 'ଭାରତୀୟ ଗବେଷଣା ଓ ଶିକ୍ଷାର ଉନ୍ନତି କେନ୍ଦ୍ର-୨୦୨୫' ରାଙ୍କିଙ୍ଗ ଅନୁସାରେ ଦେଶର ସର୍ବଶ୍ରେଷ୍ଠ ୨୦ଟି ଆୟୁର୍ବେଦ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର ଏକମାତ୍ର ଶିକ୍ଷାନୁଷ୍ଠାନ ଭାବରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସମ୍ପୃକ୍ତ ତାଲିକାର ତୃତୀୟ ସ୍ଥାନରେ ରହିଛି । ଫଳରେ ଏହା କେବଳ ବିଶ୍ୱବିଦ୍ୟାଳୟ ପାଇଁ ନୁହେଁ, ବରଂ ସମଗ୍ର ରାଜ୍ୟ ପାଇଁ ମଧ୍ୟ ଏକ ଗୌରବର ବିଷୟ ବୋଲି ମତ ପ୍ରକାଶ ପାଇଛି । ଏଥିରେ ଶିକ୍ଷାତ୍ମକ ଓ ଗବେଷଣା ଉତ୍କୃଷ୍ଟତା, ଉଦ୍ୟୋଗ ସଂଯୋଗ ଓ ନିଯୁକ୍ତି, ଭିତ୍ତିଭୂମି ଓ ସୁବିଧାସୁଯୋଗ, ପ୍ରଶାସନ ଓ ନାମଲେଖା ଏବଂ ବିବିଧତା ଓ ପ୍ରସାରଣ ଭଳି ପାଞ୍ଚଟି ବିଷୟରେ ସମୁଦାୟ ୧୦୦୦ ନମ୍ବରରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୯୩୫.୫୭ ନମ୍ବର ରଖି ଏହି ସଫଳତା ହାତେଇଛି । ଶ୍ରେଷ୍ଠ ପାଞ୍ଚ ଆୟୁର୍ବେଦ ଶିକ୍ଷାନୁଷ୍ଠାନ ହେଲା, ମହାରାଷ୍ଟ୍ର ପୁଣେସ୍ଥିତ ଭାରତୀ ବିଦ୍ୟାପୀଠ ଅନ୍ତର୍ଗତ ୟୁନିଭର୍ସିଟି କଲେଜ ଅଫ୍ ଆୟୁର୍ବେଦ, କେରଳ କୋଲ୍ଲମସ୍ଥିତ ଅମୃତ ବିଶ୍ୱବିଦ୍ୟାପୀଠମ୍, କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କର୍ଣ୍ଣାଟକ ବିଜୟପୁରାସ୍ଥିତ ଏଭିଏସ୍ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ମହାରାଷ୍ଟ୍ର ୱାର୍ଦ୍ଧାସ୍ଥିତ ଦତ୍ତା ମେଘେ ଇନଷ୍ଟିଚ୍ୟୁଟ୍ ଅଫ୍ ହାୟର ଏଡୁକେସନ୍ ଆଣ୍ଡ ରିସର୍ଚ୍ଚ । ପ୍ରତିକ୍ରିୟାରେ ବିଭାଗୀୟ ଡିନ୍ ଡ. ପ୍ରଦୀପ କୁମାର ପଣ୍ଡା ଆଗକୁ ଅଧିକ ପରିଶ୍ରମ କରି ପରବର୍ତ୍ତୀ ବର୍ଷରେ ପ୍ରଥମସ୍ଥାନ ଅଧିକାର କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି । ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶଙ୍କ ସହଯୋଗ ଏବଂ ଉଦ୍ୟମ ଯୋଗୁଁ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲରେ ବର୍ତ୍ତମାନ ଗବେଷଣା ଚାଲିଥିବା ବେଳେ ଏଠାରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ୧୪ ବିଷୟରେ ଅଧ୍ୟୟନ କରୁଛନ୍ତି । ଗତବର୍ଷ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏହି ବିଭାଗ ୫୩ଟି ମ୍ୟାଗାଜିନ୍ ପ୍ରକାଶ କରିଥିଲା । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଫଳତା ପାଇଁ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା, ମାନବସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ, ଆଡମିଶନ୍ ବିଭାଗ ଉପନିର୍ଦ୍ଦେଶକ ଡ. ମଳୟ ମଲ୍ଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

### ଜିଲ୍ଲା ଆଇନଶୃଙ୍ଖଳା ପରିଚାଳନା ବୈଠକ

## ଛୋଟ ଅପରାଧକୁ ବି ଅଣଦେଖା କରନାହିଁ: ଜିଲ୍ଲାପାଳ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲା ଆଇନଶୃଙ୍ଖଳା ପରିଚାଳନା ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାର ଆଇନଶୃଙ୍ଖଳା ପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ । ବ୍ରୋକେନ ୱିଣ୍ଡୋ ସିଦ୍ଧାନ୍ତ ସମ୍ପର୍କରେ ଆଲୋକପାତ କରି ଜିଲ୍ଲାପାଳ କହିଥିଲେ, ଯେପରି କୌଣସି ବ୍ୟକ୍ତି ପ୍ରଥମେ କାହାର ଘରର କାଚ ଝରକାକୁ ଟେକା ମାରି ଭାଙ୍ଗିବାକୁ ସାହସ କଲେ ଯଦି ଆମେ ତାକୁ ନ ଅଟକାଇବା ତେବେ ପରବର୍ତ୍ତୀ ସମୟରେ ସେ ଘରଟିକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦେବ । ସମାନ ସ୍ଥିତିରେ ଯଦି ଆମେ କୌଣସି ଏକ ଅପରାଧିକୁ ଛୋଟ ଅପରାଧ କରିବା ପାଇଁ ନ ଅଟକାଇବା ତେବେ ଆଗାମୀ ଦିନରେ ସେ ବଡ ଅପରାଧ ଘଟାଇବାକୁ ସାହସ ପାଇବ । ଏଣୁ ଆରମ୍ଭରୁ ଅପରାଧିଙ୍କ ଉପରେ ରୋକ୍ ଲଗାଇଲେ ବଡବଡ ଅପରାଧକୁ ରୋକାଯାଇପାରିବ । ଅପରାଧିଙ୍କ ସଂଖ୍ୟା ବି ହ୍ରାସ ପାଇବ । ଆଇନଶୃଙ୍ଖଳା ପରିଚାଳନାରେ ପୋଲିସର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନର ଭୂମିକା ମଧ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ । ଉଭୟ ମିଳିତ ଭାବେ କାର୍ଯ୍ୟକଲେ ଆଇନଶୃଙ୍ଖଳା ପରିଚାଳନା ଶୃଙ୍ଖଳିତ ଓ ବ୍ୟବସ୍ଥିତ ହୋଇପାରିବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ବୈଠକରେ ପ୍ରକାଶ କରିଥିଲେ । ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବା, ମହିଳାକୁ ଅସଦାଚରଣ କରିବା, ଶିଶୁ ଏବଂ ବରିଷ୍ଠ ନାଗରିକଙ୍କ ପ୍ରତି ହେଉଥିବା ଅପରାଧକୁ ତ୍ୱରିତ ସମାଧାନ କରିବାକୁ ଆରକ୍ଷୀ ଅଧିକ୍ଷକ କହିଥିଲେ । କୌଣସି ଘଟଣା ଘଟିଲେ ତୁରନ୍ତ ଅଧିକାରୀନ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଘଟଣାକୁ ଆଣିବା ପାଇଁ କହିଥିଲେ । ପ୍ରତ୍ୟେକ ଘଟଣାର ଗୁରୁତ୍ୱକୁ ବୁଝି ନିଜଆଡୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ । ବର୍ତ୍ତମାନ ପରିସ୍ଥିତିରେ ଯୁବ ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ଅପରାଧିକ କାର୍ଯ୍ୟକୁ ନିୟନ୍ତ୍ରଣକୁ ଆଣିବାକୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ଉପରେ ଆଲୋଚନା କରାଯାଇଥିଲା । ପ୍ରତି ମାସରେ ଉପଖଣ୍ଡ ସ୍ତରରେ ପୋଲିସ ଓ ପ୍ରଶାସନ ମିଳିତ ଭାବେ ବୈଠକ କରି ସ୍ଥାନୀୟ ସମସ୍ୟା ଦିଗରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦିପ୍ତିରଞ୍ଜନ ସେଠୀ, କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣୀ ନାୟକ, ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏସ୍‌ଡିପିଓ ଓ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ ।




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦରରେ ଥିବା ମହାବିଦ୍ୟାଳୟ ଠାରେ ଆଜି ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବନ ମହୋତ୍ସବ ପାଳନ କରା ଯାଇଛି। ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ମହା ବିଦ୍ୟାଳୟ ପରିସର ମଧ୍ୟରେ ଚାରାରୋପଣ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା କୁମାର ଚୌଧୁରୀ ଯୋଗ ଦେଇ ଗଛର ଉପକାରିତା ବିଷୟରେ ବୁଝାଇଥିଲେ। ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ୨୫୦ଟି ଚାରା ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସର, ଛାତ୍ରାବାସ ପରିସର, ପୋଷ୍ଟ ଗ୍ରାମ ରଞ୍ଜିଡ଼ଗୁଡ଼ା ଏବଂ ମହାବିଦ୍ୟାଳୟ ନିକଟସ୍ଥ ଜାତୀୟ ରାଜପଥର ଉଭୟ ପାଖରେ ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖା ଯାଇଛି। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ଏହି ଚାରା ରୋପଣ କାର୍ଯ୍ୟକ୍ରମର ଆୟୋଜନ କରିଥିବା ବେଳେ ଯୁକ୍ତ ଦୁଇ ରେଡ କ୍ରସ କାଉନସିଲର ଯୋଗେନ୍ଦ୍ରନାଥ ଗଉଡ଼ା ଏବଂ ଯୁକ୍ତ ତିନି ରେଡ କ୍ରସ କାଉନସିଲର ଅଧ୍ୟାପିକା ସନ୍ତୋଷିନୀ ଦାସଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ଅଧ୍ୟାପକ ସିତଳ ପ୍ରସାଦ ଦାସ,ବକଲୁ ବେହେରା, ରମାକାନ୍ତ ଖୋରା, ଏକେଷ୍ଟର ଖରା ଓ ଅଧ୍ୟାପିକା ମହିମା ରାଣୀ ରାଜ୍ଞ, ଜୟଶ୍ରୀ ଜରସୁଧା ପଟ୍ଟନାୟକ, ସଙ୍ଗୀତା ନାଗ, ଅଙ୍କିତା ଓ୍ୱାଡେକାର ସମେତ ଲକ୍ଷ୍ମୀପୁର ବନ ବିଭାଗ,ଲକ୍ଷ୍ମୀପୁର ସଚ୍ଚୋରା ସଂଗଠନ, ଏବଂ ଲକ୍ଷ୍ମୀପୁର ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ରେଡକ୍ରସ ୟୁନିଟ୍ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମନମୁଣ୍ଡାରେ ସାରର କଳାବଜାରୀ

### ଚଢ଼ା ଦରରେ ବିକୁଛନ୍ତି ହୋଲସେଲର , ରିଟେଲର ଓ ଚାଷୀ ଜଳକା

କଣ୍ଟାମାଳ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡାରେ ଥିବା ସାଇଜାମ ସାର ହୋଲସେଲର ଚଢ଼ା ଦରରେ ସାର ବିକୁଥିବା ଅଭିଯୋଗ ହୋଇଛି । ଗତକାଲି ଗୁଡ଼ଭେଲିପଦର ଗ୍ରାମର ବୁଲୁ ପାଣିଗ୍ରାହୀ, ଜିତେନ୍ଦ୍ର ପାଣିଗ୍ରାହୀ ଏବଂ ମହିନ୍ଦ୍ର ନାୟକ ସାର ପାଇଁ ଉକ୍ତ ଦୋକାନକୁ ଯାଇଥିଲେ। ଉକ୍ତ ହୋଲସେଲର ଦୋକାନକୁ ଯାଇ ୟୁରିଆ ସାରର ମୂଲ୍ୟ ପଚାରିବାରୁ ୪୨୦ ଟଙ୍କା ଏବଂ ଭାରତ ଡିଏପି ସାର ମୂଲ୍ୟ ପଚାରିବାରୁ ୧୭୦୦ ଟଙ୍କା ବୋଲି କହିଥିଲେ। ସୂଚନା ଯୋଗ୍ୟ ଯେ, ୟୁରିଆ ସାରର ସରକାରୀ ମୂଲ୍ୟ ୨୬୮ଟଙ୍କା ଥିବାବେଳେ ଭାରତ ଡ଼ିଏପି ସାରର ମୂଲ୍ୟ ୧୩୫୦ଟଙ୍କା ରହିଛି। ତେବେ ମନମୁଣ୍ଡା ସ୍ଥିତ ଉକ୍ତ ସାର ହୋଲସେଲର ଯଦି ଏତିକି ଚଢ଼ା ଦରରେ ସାର ବିକିବେ ତେବେ ତାଙ୍କ ଠାରୁ ରିଟେଲର ମାନେ କେଉଁ ଦରରେ କିଣି କେଉଁଭଳି ଦରରେ ବିକିବେ ଏବଂ ଚାଷୀ ଏତିକି ଚଢ଼ା ଦରରେ କେଉଁ ଭଳି ଭାବେ ଚାଷ କରିବେ। ତାହା ନେଇ ମନମୁଣ୍ଡା ଅଂଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ସୂଚନା ଯୋଗ୍ୟ ଯେ, ରାଜ୍ୟର କୃଷି ମନ୍ତ୍ରୀ ସାରର ଅଭାବ ବିକ୍ରି ଓ ସାରର ଚଢ଼ା ଦରକୁ କେବେବି ବରଦାସ୍ତ କରାଯିବ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ବେଳେ ବୌଦ୍ଧ ଜିଲ୍ଲା ମନମୁଣ୍ଡାରେ କିନ୍ତୁ ତାହାର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଛି। ବିଭାଗୀୟ କୃଷି ଅଧିକାରୀ ହୋଲସେଲରଙ୍କ ଠାରୁ ମୂଲ୍ୟ ବୃଦ୍ଧି ହ୍ରାସ କଲେ ତାପରେ ରିଟେଲର ମୂଲ୍ୟ ହ୍ରାସ ପାଇବ ଏବଂ ଚାଷୀ ଉଚିତ ମୂଲ୍ୟରେ ସାର ପାଇବ ବୋଲି ସାଧାରଣରେ ଆଲୋଚନା ହେଉଛି। କିନ୍ତୁ କୃଷି ବିଭାଗ ହୋଲସେଲରଙ୍କୁ କିଛି ନ କହି ଗ୍ରାମାଞ୍ଚଳରେ ଥିବା ରିଟେଲରଙ୍କୁ ଚଢ଼ା ଦରରେ ନେଉଥିବା ଅଭିଯୋଗରେ ତାଗିଦ୍ କରୁଛି। କିନ୍ତୁ ହୋଲସେଲରଙ୍କୁ ଏ ବିଷୟରେ କେହି କହୁ ନ ଥିବାରୁ ବାରମ୍ବାର ସାରର କଳାବଜାରୀ ହେଉଛି। ଏ ସଂପର୍କରେ କଣ୍ଟାମାଳ ସ୍ଥିତ କୃଷି ଅଧିକାରୀ ଲଳିତ ସାହୁଙ୍କୁ ପଚାରିବାରୁ, ମୁଁ ସଂପୃକ୍ତ ସାର ହୋଲସେଲରଙ୍କୁ ସାରର ମୂଲ୍ୟ କମାଇବା ପାଇଁ କହୁଛି ବୋଲି କହିଛନ୍ତି। ତେବେ ଉକ୍ତ ଦୋକାନକୁ ଯାଇ ଏହାର ସବିଶେଷ ତଦନ୍ତ କରି ହୋଲସେଲର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନମୁଣ୍ଡା ଅଞ୍ଚଳର ଚାଷୀ ଦାବି କରିଛନ୍ତି ।

## ଜମିରେ ଔଷଧ ସିଞ୍ଚନ ନେଇ ମରଣାନ୍ତକ ଆକ୍ରମଣ, ଥାନାରେ ଏତଲା

କାଲିମେଲା, (ଭାସ୍କର ନ୍ୟୁଜ୍) : ପଡ଼ିଆ ଥାନା ଅନ୍ତର୍ଗତ ଏମଭି-୫୮ ଗ୍ରାମ ଜମିରେ କିଟନାଶକ ଔଷଧ ସିଞ୍ଚନକୁ ନେଇ ମରଣାତ୍ମକ ଆକ୍ରମଣରେ ୩ ଜଣଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ତେବେ ଏତଲାରୁ ଜଣାପଡିଛି ଯେ ଏମଭି -୫୮ ଗ୍ରାମର ଦିପେନ ମଜୁମଦାର (୪୦) ତାଙ୍କ ନିଜ ଜମିରେ ପ୍ରତି ଖରିଫ ଋତୁରେ କିଟନାଶକ ଔଷଧ ସିଞ୍ଚନ କରିଥାନ୍ତି। କିନ୍ତୁ ଚଳିତ ଖରିଫରେ ଔଷଧ ସିଞ୍ଚନ ନକରିବାକୁ ସେହି ଗ୍ରାମର ଚିରନ ମଣ୍ଡଳ ନାମକ ବ୍ୟକ୍ତି ତାଙ୍କୁ ବାରଣ କରିଥିଲେ ଏବଂ ମୋର କୁକୁଡ଼ା ଗୁଡ଼ିକ ମରିଯିବ ବୋଲି କହିଥିଲେ। ପ୍ରତି ଉତ୍ତରରେ ମୋ ଫସଲର ସୁରକ୍ଷା ପାଇଁ ଔଷଧ ସିଞ୍ଚନ କରିବାକୁ ପଡ଼ିବ ବୋଲି କହିଥିଲେ। ଏହାକୁ କେନ୍ଦ୍ର କରି ଚିରନ ମଣ୍ଡଳ, ତାଙ୍କ ଦୁଇ ଭାଇ ରାଖାଲ ମଣ୍ଡଳ ଓ ଆଶୁତୋଷ ମଣ୍ଡଳ ମିଶି ମରଣାତ୍ମକ ଆକ୍ରମଣ କରି ଦିପେନ ମଜୁମଦାରଙ୍କୁ ଗୁରୁତର ଆହାତ କରିଥିଲେ। ଏବଂ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏହି ସମୟରେ ଗାଁର ଶିବାନନ୍ଦ ଅଧିକାରୀ ଏବଂ ପ୍ରେମାନନ୍ଦ ଅଧିକାରୀ ଦୁହେଁ ମାରପିଟକୁ ଅଟକାଇ ଦିପେନଙ୍କ ଜୀବନ ବଞ୍ଚାଇଥିଲେ। ଆହାତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ସଦର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ପଡ଼ିଆ ଥାନାରେ ତିନି ଜଣଙ୍କ ନାମରେ ଏତଲା ଦିଆଯାଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

## ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି



କୋରାପୁଟ, (ଭାସ୍କର ନ୍ୟୁଜ୍) : ପଟାଙ୍ଗି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି.କିର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଓ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ଯୋଗଦେଇ ମୋଟ ୨୮ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ମଧ୍ୟରୁ ୧୦ଟି ବ୍ୟକ୍ତିଗତ ଏବଂ ୧୮ଟି ସାମୂହିକ ରହିଥିଲା । ଲାଉତି ଗ୍ରାମରେ ଅନାବନ୍ଦୀ ସ୍ଥାନରେ ପେଭର ବ୍ଲକ ରାସ୍ତା ନିର୍ମାଣ କରି ସରକାରୀ ଅନୁଦାନର ଦୁରୁପଯୋଗ କରାଯାଉଥିବା ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ । ସେହିପରି ପଟାଙ୍ଗି ପଂଚାୟତର ବିଙ୍ଗୁଡ଼ା ଠାରୁ ସେରୁବନ୍ଧ ଗ୍ରାମ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ଲୋକେ ହଇରାଣ ହେଉଥିବା ନେଇ ସରପଂଚ ଆଲମେଲୁ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ପଟାଙ୍ଗୀ ସରକାରୀ ଉଚ୍ଚବିଦ୍ୟାଳୟରେ ସଭା ଗୃହ ନଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ସମସ୍ୟା ହେଉଥିବା ସମିତି ସଭ୍ୟା ଶିବାନୀ ନାୟକ ଲିଖିତ ଅଭିଯୋଗ କରି ପଦକ୍ଷେପ ନେବାକୁ ଦାବି କରିଥିଲେ। ନୂଆଗାଁ ପଞ୍ଚାୟତରୁ ଲକ୍ଷ୍ମୀପୁର ଯାତାୟାତ କରୁନଥିବାରୁ ସାଧାରଣ ଜନତା ଓ ଛାତ୍ରଛାତ୍ରୀ ବ୍ଲକ ସଦର ମହକୁମାରେ ପଂହଚିବା ସମୟରେ ହଇରାଣ ହେଉଥିବା ଏବଂ ପଞ୍ଚାୟତରେ ମୋବାଇଲ ନେଟୱାର୍କ ନଥିବାରୁ ସମସ୍ୟା ହେଉଥିବା ନେଇ ସରପଂଚ ସୁବାସ ଖରା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ ମିଶନଶକ୍ତି ପକ୍ଷରୁ ଚିହ୍ନଟ ୨୨ଟି ଏସ୍ଏଚ୍‌ଜିକୁ ୧କୋଟି ୨ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ବିଡିଓ ରାମକୃଷ୍ଣ ନାୟକ, ଡିଏଓ କେ.ବି ରାଓ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଏବିଡିଓ ବେଦାନ୍ତ ମାଝି ପ୍ରମୁଖଙ୍କ ସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ହେଉ ଅବା କଙ୍କଡ଼ାହାଡ଼ ବ୍ଲକ ହେଉ ଗୋରୁ ମାଫିଆ ସକ୍ରିୟ ରହିଥିବା ଜଣାପଡିଛି। ମଙ୍ଗଳବାର ଢ଼େଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ମାଫିଆ ମାନେ ଭୋର ସମୟରେ ଜେଏଚ୍ ୦୫ ଏ କେ ୩୦୩୧ ନମ୍ବର ବିଶିଷ୍ଟ ଆଇଚର ଗାଡ଼ିରେ ୧୮ ଟି ଗୋରୁ ଚାଲାଣ କରିବାକୁ ଯୋଜନା କରୁଥିବା ବେଳେ ଏମାନଙ୍କ ଉଦ୍ୟମକୁ ପୋଲିସ ପଣ୍ଡ କରିଦେଇଛନ୍ତି। କଙ୍କଡ଼ାହାଡ଼ ଥାନା ଆଇଆଇସି କଳ୍ପନା ବେହେରା ଓ ପୋଲିସ ଟିମ୍ ବିଶେଷ ସୂତ୍ରରୁ ଖବର ପାଇ ମାଫିଆଙ୍କ ଗାଡ଼ିକୁ ପିଛା କରି ବିରାଶାଳ ମନ୍ଦିର ନିକଟରେ ଗାଡି ଜବତ କରିଥିବା ବେଳେ ମାଫିଆ ମାନେ ଜାଣିପାରି ଗାଡ଼ି ଛାଡି ଦେଇ ଚତୁରତା ସହ ଚମ୍ପଟ ମାରିଥିବା ଜଣାପଡ଼ିଛି। ଜବତ ଗାଡ଼ିରୁ ୧୮ ଗୋଟି ଗୋରୁ ମଧ୍ୟରୁ ଅଣନିଶ୍ୱାସୀ ହୋଇ ଏଥିରୁ ଦୁଇଟି ଗୋରୁ ମୃତ୍ୟୁବରଣ କରିଥିବା ବେଳେଅନ୍ୟ ସମସ୍ତ ଗୋରୁ ମାନେ ଚିକିତ୍ସିତ ଅବସ୍ଥାରେ ରହିଥିବା ସୂଚନା ମିଳିଛି। ମାଫିଆ ମାନଙ୍କ କେନ୍ଦୁଝର ଦେଇ ଝାଡଖଣ୍ଡ ଅଞ୍ଚଳକୁ ଗୋ ଚାଲାଣ ଯୋଜନାକୁ ପୋଲିସ ପଣ୍ଡ କରିଛି।

## ଯୁବସମାଜସେବୀ ତଥା ମହିମା ଧର୍ମାବଲମ୍ବୀଙ୍କ ପରଲୋକ



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଆଦର୍ଶ କନ୍ଦରାପଟୀ ଗ୍ରାମର ଯୁବସମାଜସେବୀ ତଥା ମହିମା ଧର୍ମାବଲମ୍ବୀ ଦୃଢବ୍ରତ ନାୟକ (ଠୁକୁରା ଭାଇ)ଙ୍କ ସୋମବାର ଅପରାହ୍ଣରେ ନିଜ ବାସଭବନରେ ୫୫ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦିର୍ଘ କିଛି ଦିନ ହେବ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଚିକିତ୍ସାଧିନଥିଲେ। ସେ ସ୍ୱର୍ଗତ ନୃସିଂହ ଚରଣ ନାୟକଙ୍କ ୫ମପୁତ୍ର ଭାବେ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ବି ନିଜକୁ ସମାଜ ସେବାରେ ନିୟୋଜିତ କରିବାସହିତ ମହିମା ଧର୍ମରେ ଦିକ୍ଷିତ ହୋଇଥିଲେ। ସେ ସାଧୁସନ୍ଥ, ଗରିବ ଦୁଃଖୀରଙ୍କିଙ୍କ ସେବା କରିଆସୁଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଦୟାଳୁ ବ୍ୟକ୍ତି ଥିଲେ। କୁତାମଚଣ୍ଡୀ ବିଦ୍ୟାମନ୍ଦି ପରିଚାଳନା କମିଟିର ସଭାପତି, କନ୍ଦରାପଟୀ ଗ୍ରାମର ପରିଚାଳନା କମିଟିର ସଭାପତି, ବିଜୁଜନତା ଦଳର ସକ୍ରିୟ ସଦସ୍ୟ ରହିଥିଲେ। ତାଙ୍କର ଦୁଇଟି କନ୍ୟା ସନ୍ତାନ ରହିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଶିକ୍ଷା ଗୁରୁ ଅଧ୍ୟାପକ ଦେବେନ୍ଦ୍ର ନାଥ ବାରିକ, ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର ରାଜକିଶୋର ବରାଳ, ଅଧ୍ୟାପକ ରମାରଞ୍ଜନ ସ୍ୱାଇଁ, ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ସମିତି ସଭ୍ୟା ପ୍ରମିଳା ବେହେରା, ପୂର୍ବତନ ସରପଞ୍ଚ ବଳରାମ ଦଳାଇ, କୁତାମଚଣ୍ଡୀ ବିଦ୍ୟାମନ୍ଦିର ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ବୃନ୍ଦ, ତାଙ୍କର ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଥିଲେ। ମୃତ୍ୟୁ ସମୟରେ ତାଙ୍କ ପାଖରେ ତାଙ୍କ ଭାଇ ସତ୍ୟବ୍ରତ ନାୟକ, ଦେବ ବ୍ରତ ନାୟକ, ପ୍ରିୟବ୍ରତ ନାୟକ, ସୁବ୍ରତ ନାୟକ, ଭଉଣୀ ସତ୍ୟଭାମା ନାୟକ, ହୃଦୟ ବାସିନୀ ନାୟକ ଉପସ୍ଥିତ ଥିଲେ। ଶ୍ରୀ ନାୟକଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀରକୁ ମହିମା ବାବା ସନ୍ୟାସୀ ଓ ସଞ୍ଜୟ ବାବାଙ୍କ ଦ୍ୱାରା ସମାଧି ଦିଆଯାଇଥିଲା।

## ପାରା ଧରିବାକୁ ଯାଇ ବାଳକ ଗୁରୁତର



ଆଳି, (ଭାସ୍କର ନ୍ୟୂଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ବାଳକାଟୀ ପଞ୍ଚାୟତ ରାଣୀପୋଖରୀ ଗ୍ରାମରେ ଏକ ବାଳକ ଅସାବଧାନତା ଯୋଗୁଁ ଭାରସାମ୍ୟ ହରାଇ ଏକ ଘରର ପ୍ରଥମ ମହଲା ପାହାଚରୁ ଖସି ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି। ଖବର ସୂତ୍ରରୁ ପ୍ରକାଶ ଆଳି ଥାନା ବାଳକାଟୀ ପଞ୍ଚାୟତ ରାଣୀପୋଖରୀ ଗ୍ରାମର ଅମର ବେହେରାଙ୍କ ପୁଅ ଆଶିଷ ରଞ୍ଜନ (୧୫) ରଖିଥିବା ପୋଷା ପାରାକୁ ଧରିବା ସମୟରେ ଘରର ପାହାଚ ଉପରୁ ଖସି ଗୁରୁତର ଆହତ ହୋଇଛନ୍ତି। ଫଳରେ ତାଙ୍କ ହାତ, କାନ୍ଧ, ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଆହତ ଆଶିଷଙ୍କୁ ସ୍ଥାନୀୟ ଲୋକେ ତାଙ୍କୁ ଆଳି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା କରାଇ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି।

## ଏସ୍‌ବିଆଇ ପକ୍ଷରୁ ଋଣ ମେଳା ଓ ସଚେତନତା ଶିବିର




ସତ୍ୟବାଦୀ, (ଭାସ୍କର ନ୍ୟୁଜ୍) : ସାକ୍ଷୀଗୋପାଳ ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ ଏକ ଋଣ ମେଳା ସହିତ ସିବିଡିସି ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଋଣ ଉତ୍ପାଦର ବଜାରୀକରଣ ଏବଂ ଭାରତ ସରକାରଙ୍କ ସିବିଡିସି ଆପ୍ ବ୍ୟବହାରକୁ ଲୋକପ୍ରିୟତା ସହିତ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲକ୍ଷ ନେଇ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚାଷୀ, ଏସଏଚଜି ଗୋଷ୍ଠୀ ସଦସ୍ୟ, ବ୍ୟବସାୟୀ ଏବଂ ଦୋକାନୀ, ପରିବହନ ଅପରେଟର, ଖୁଚୁରା ଗ୍ରାହକ, ଶିକ୍ଷକ, ଡାକ୍ତର ଏବଂ ପେନସନଭୋଗୀ ପ୍ରମୁଖ ସାମିଲ ହୋଇଥିଲେ। ଗ୍ରାହକ ମାନଙ୍କୁ ଟେଲିଭିଜନ ପ୍ରସାରଣ ମାଧ୍ୟମରେ ବ୍ୟାଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସେବାର ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ମେଳାରେ ବ୍ୟକ୍ତିଗତ ଋଣ ଓ ପେନସନ୍ ଋଣ ୨ଟି ଲେଖାଏଁ। ସେହିପରି ଅଟୋ ଋଣ, ଆବାସ ଋଣ ଓ ସୂର୍ଯ୍ୟ ଘର ଋଣ ଗୋଟିଏ ଲେଖାଏଁ ସହିତ,ଏସ୍‌ଆରଟିଓ ୨ଟି କେସିସି ସୋର୍ସିଂ ୫୦, ସ୍ୱୟଂ ସିଦ୍ଧ ୧, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୭ଟି ଋଣ ପ୍ରଦାନ ସହିତ ଲକର୍ ସିବିଡିସି ପଞ୍ଜିକରଣ ୭ ଟି କରାଯାଇଥିଲା।

## ନାଲକୋ ଅଧ୍ୟକ୍ଷଙ୍କୁ ଭେଟିଲେ ମାଲକାନଗିରି ବିଧାୟକ

### ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ସିଏସ୍‌ଆର ପାଣ୍ଠି ନିମନ୍ତେ ଲିଖିତ ପତ୍ର ପ୍ରଦାନ



ମାଲକାନଗିରି, (ଭାସ୍‌କର ନ୍ୟୁଜ୍) : ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ନାଲକୋ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କୁ ଭେଟି ଆଜି ଏକ ଲିଖିତ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଲିଖିତ ପତ୍ରରେ ଜିଲ୍ଲାରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ସିଏସ୍‌ଆର୍ ପାଣ୍ଠି ଅନୁରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ପ୍ରସ୍ତାବ ଅନୁଯାୟୀ, ମାଲକାନଗିରିର ୨ଟି ପ୍ରମୁଖ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ୮୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଆବଶ୍ୟକତା ରହିଛି। ଓଡ଼ିଶାର ପଛୁଆ ଜିଲ୍ଲା କୁହାଯାଉଥିବା ମାଲକାନଗିରିର ଶିକ୍ଷା ବ୍ୟବସ୍ଥାରେ ବିଭିନ୍ନ ଅଭାବକୁ ଦୂର କରିବା ଏହି ପ୍ରସ୍ତାବର ମୁଖ୍ୟ ଲକ୍ଷ୍ୟ। ଏବଂ ବିଧାୟକ ଶ୍ରୀ ମାଡ଼କାମି ନାଲକୋ ଅଧ୍ୟକ୍ଷ ଶ୍ରୀ ସିଂହଙ୍କୁ ଏହି ପ୍ରସ୍ତାବକୁ ଅଗ୍ରାଧିକାର ଦେଇ ଶୀଘ୍ର ପାଣ୍ଠି ମଞ୍ଜୁର କରିବାକୁ ଅନୁରୋଧ କରିଛନ୍ତି। ତେବେ ବିଧାୟକଙ୍କ ଏପରି ପଦକ୍ଷେପ ଦ୍ୱାରା ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଶିକ୍ଷା ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ବିଧାୟକଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ରାସ୍ତାକଡ଼ରେ ଗେରୁଆମୟ ଶିବ ଭକ୍ତଙ୍କ ଭିଡ଼



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଶ୍ରାବଣ ମାସରେ ରାମଲିଙ୍ଗେଶ୍ୱର ମନ୍ଦିରରେ ଭକ୍ତଙ୍କ ସମାଗମ ସହ କାଉଡିଆଙ୍କ ଭିଡ଼ ଜମୁଛି। ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠ ରେ ଥିବା ରାମ ଲିଙ୍ଗେଶ୍ୱର ମନ୍ଦିରରେ ଶ୍ରାବଣ ମାସରେ ଭକ୍ତଙ୍କ ଗହଳି ସହ କାଉଡିଆଙ୍କ ସମାଗମ ଦେଖିବାକୁ ମିଳିଛି। ଶ୍ରାବଣ ମାସରେ ଶିବଙ୍କୁ ଜଳଭିସେକ କଲେ ମନସ୍କାମନା ପୁରଣ ହୋଇଥାଏ। ପୁଣ୍ୟ ଅର୍ଜନ କରିବା ସକାଶେ ବିଭିନ୍ନ ସ୍ଥାନରୁ କାଉଡ଼ିଆ ମାନେ ଜଳ ଧରି ଚାଲି ଚାଲି ଶିବଙ୍କ ନାମ ଧରି ଶିବ ମନ୍ଦିରରେ ପହଞ୍ଚି ଜଳ ଅଭିଷେକ କରିଥାନ୍ତି।

## ଘରମାଲିକଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ନଦେଇ ଘର ଭାଙ୍ଗୁଛି ପ୍ରଶାସନ: ବଢୁଛି ଜନ ଅସନ୍ତୋଷ



କଣ୍ଟାମାଳ, (ଭାସ୍କର ନ୍ୟୁଜ୍) : ଘର ମାଲିକଙ୍କୁ ନୋଟିସ ନକରି ଏବଂ ସମ୍ପୂର୍ଣ୍ଣ କ୍ଷତିପୁରଣ ନଦେଇ ଘର ଭଙ୍ଗାଯାଉଥିବା ଅଭିଯୋଗ ହୋଇଛି। ପ୍ରତିବାଦ ପରେ ବି କେହି ଶୁଣୁ ନଥିବାରୁ ଘର ମାଲିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଠାରେ ଥିବା ତେଲନଦୀ ଉପରେ ନୂତନ ସେତୁ କାମ ଏବେ ଆରମ୍ଭ ହୋଇଛି। ତେବେ ସେତୁ ସଂଯୋଗୀକରଣ ରାସ୍ତା ପାଇଁ ମନମୁଣ୍ଡା – ଦେଉଳି ରାସ୍ତାକଡ଼ରେ ରହିଥିବା ଅନେକ ଘରକୁ ପ୍ରଶାସନ ପକ୍ଷରୁ ଏବେ ଭଙ୍ଗାଯାଉଛି। ହେଲେ ପୂର୍ବରୁ ରହିଥିବା ଘରସବୁକୁ ଭାଙ୍ଗିବା ପୂର୍ବରୁ ଘର ମାଲିକଙ୍କୁ ନୋଟିସ କରାଯାଇ ନଥିବା ବେଳେ ଘରର ସମ୍ପୂର୍ଣ୍ଣ କ୍ଷତିପୁରଣ ଟଙ୍କା ମଧ୍ୟ ଦିଆଯାଇ ନଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ କଲା ପରେ ମଧ୍ୟ ପ୍ରଶାସନ କିଛି ଶୁଣୁ ନଥିବା ବେଳେ ସେପଟେ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଘରକୁ ଭାଙ୍ଗା ଯାଉଥିବା ନେଇ କ୍ଷତିଗ୍ରସ୍ତ ଘର ମାଲିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ପ୍ରଶାସନ ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଘରମାଲିକ ମାନଙ୍କୁ ବକେୟା ଥିବା କ୍ଷତିପୂରଣ ଦେବାକୁ ସେମାନେ ଦାବୀ କରିଛନ୍ତି। ଏ ସଂପର୍କରେ କଣ୍ଟାମାଳ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁଙ୍କୁ ପଚାରିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏହି ଘରଗୁଡିକ ଭଙ୍ଗା ଯାଇଥିବା କହିଛନ୍ତି।

## ସାମାଜିକ କର୍ମୀ ଇଂ.ବସନ୍ତ ରାଉତ ସମ୍ବର୍ଦ୍ଧିତ

ଫୁଲନଖରା, (ଭାସ୍କର ନ୍ୟୁଜ୍) : ସାମାଜିକ ସଂଗଠନ ଉତ୍କଳ ୟୁଥ୍ ଟ୍ରଷ୍ଟ ବାଙ୍ଗାଲୋର ଏବଂ ପ୍ରେମଲତା ଚାରିଟେବୁଲ ଟ୍ରଷ୍ଟ ଆଜି କଟକ ସଦର ଶାଖା ପକ୍ଷରୁ ବୋଇଲୋ ସ୍ୱପ୍ନେଶ୍ୱର ବାଳାଶ୍ରମରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା ଓ ପୂଜ୍ୟପୂଜା ଭଳି ମହାନ୍ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ନେଇ ବିଶିଷ୍ଟ ସାମାଜିକ କର୍ମୀ ତଥା ଖ୍ୟାତି ସମ୍ପର୍ଣ୍ଣ ଗବେଷକ ଇଞ୍ଜିନିୟର ବସନ୍ତ କୁମାର ରାଉତଙ୍କୁ ନ୍ୟାସନାଲ ଆୱାର୍ଡ଼ ବା ଜାତୀୟସ୍ତରୀୟ ସମ୍ବର୍ଧନା ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ଶାଖା ଆବାହକ ପ୍ରାବନ୍ଧିକ ତଥା ସମାଜସେବୀ ଇଂ.ସେବକ ଶ୍ରୀକାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଳାଶ୍ରମ ପରିଚାଳକ ସୁବାଷ ସାହୁ, କିଶନନଗର ଶିଶୁ ମଙ୍ଗଳ କ୍ଲବ୍ ଉପଦେଷ୍ଟା ବରିଷ୍ଠ ସମାଜସେବୀ ସୀତାରାମ ପଣ୍ଡା, ପାକ୍ଷିକ ଖବର କାଗଜ ଲୋକଭାଷା ବରେଣ୍ୟ ସମ୍ପାଦକ ସ୍ତମ୍ଭକାର ସୁକଦେବ ପରିଡ଼ା, ସମାଜସେବୀ ମାୟାଧର ଲେଙ୍କା, ଶିକ୍ଷାବିତ୍ ଅଜିତ୍ କୁମାର ମହାନ୍ତି, ରକ୍ତଦାତା ଇଂ.ଆଶୋକ କୁମାର ସେଠୀ, ଆଶ୍ରମ ଅନ୍ତେବାସୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍କଳ ୟୁଥ୍ ଟ୍ରଷ୍ଟ ବାଙ୍ଗାଲୋର ଏବଂ ପ୍ରେମଲତା ଚାରିଟେବୁଲ ଟ୍ରଷ୍ଟ ଆଜି ଅଧ୍ୟକ୍ଷ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ସମାଜସେବୀ ଡକ୍ଟର ମନୋଜ କୁମାର ବଳ ମହୋଦୟ ଇଂ.ବସନ୍ତ କୁମାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ସାଲେପୁର ବ୍ଲକ ସୋଗଲ ନିବାସୀ ଇଂ.ବସନ୍ତ କୁମାର ରାଉତ ଓଡ଼ିଶା ଏବଂ ଓଡ଼ିଶା ବାହାରେ ବିଭିନ୍ନ ସେବା କାର୍ଯ୍ୟ, ଧାର୍ମିକ କାର୍ଯ୍ୟ ଏଥିସହ ଏମଇପି (ମେକାନିକାଲ, ଇଲେକ୍ଟ୍ରିକାଲ,ପ୍ଲମ୍ବିଙ୍ଗ) ବିଭାଗରେ ବହୁ ଉଚ୍ଚାଙ୍ଗ ଉଦ୍ୟୋଗ ମାନଙ୍କର କାର୍ଯ୍ୟ କରିବା ସହ ଏହି ଦିଗରେ ଗବେଷଣାରତ ।

## ଜଳଲାଗି କଲେ ଶତାଧିକ କାଉଡ଼ିଆ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଚଳଚଞ୍ଚଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ସମସ୍ତ ଗ୍ରାମରେ ଥିବା ଶୈବ ପୀଠ। ଶତାଧିକ ଶ୍ରଦ୍ଧାଳୁ ଓ କାଉଡିଆ ଜଳଲାଗି କରିଛନ୍ତି। ବିଶ୍ୱାସ ରହିଛି ଶ୍ରାବଣରେ ଜଳଲାଗି କଲେ ମାନସିକ ପୂରଣ ହୋଇଥାଏ। ସେଥିପାଇଁ ଅସ୍ତରଙ୍ଗ ଅଞ୍ଚଳର କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ମାନେ ଶୈବ ପୀଠରେ ଜଳଲାଗି କରିଛନ୍ତି। ଧାର୍ମିକ ବିଶ୍ୱାସ ରହିଛି ଶ୍ରାବଣ ମାସର ସୋମବାର ଶୈବ ପୀଠରେ ଜଳଲାଗି କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହିତ ମାନସିକ ଶାନ୍ତି ମିଳିଥାଏ। ଏ ନେଇ ଶତାଧିକ କାଉଡିଆ ପ୍ରାଚୀ ନିକଟବର୍ତ୍ତୀ ବିଶ୍ୱାମିତ୍ର ଘାଟରୁ ଶତାଧିକ କାଉଡିଆ ଜଳ ଉଠାଇଥିଲେ। ପୁରାଣ ରେ ରହିଛି ପବିତ୍ର ପ୍ରାଚୀ ନଦୀର ଗାଥା କୁହାଯାଏ ଗଙ୍ଗା ନଦୀ ଠାରୁ ଏହି ନଦୀ ବହୁ ପ୍ରାଚୀନ। ସେତିକି ପବିତ୍ର ବୋଲି ପ୍ରାଚୀ କୂଳରେ ରହିଛି ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ମାଧବ ଓ ଦ୍ୱାଦଶ ଶକ୍ତିପୀଠ। ତେଣୁ ଗଙ୍ଗା ନଦୀ ଭଳି ଏହି ପ୍ରାଚୀ ନଦୀ ପବିତ୍ର ବୋଲି ବିବେଚନା କରାଯାଏ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ପଶ୍ଚିମେଶ୍ୱର, ଐଶାନେଶ୍ୱର, ଗ୍ରାମେଶ୍ୱର, ଇକ୍ଷାଣେଶ୍ୱର, ଶୀଧେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ରାତ୍ର ୪ଟାରେ ପହଡ଼ ଖୋଲାଯାଇ ପବିତ୍ର ଜଳରେ ବାବାଙ୍କୁ ସ୍ନାନ କରାଯାଇ ମଙ୍ଗଳଆଳତୀ ପରେ ସମସ୍ତ ନୀତିକାନ୍ତି ସମାପନ କରାଯାଇଥିଲା। ଏହା ପରେ ଶ୍ରଦ୍ଧାଳୁ ମାନେ ଜଳଲାଗି କରିଥିଲେ। ଭକ୍ତ ମାନେ ଶୃଙ୍ଖଳିତ ଜଳ ଲାଗି କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ମନ୍ଦିର କମିଟି ତରଫରୁ କରାଯାଇଥିଲା।

## ରାୟଗଡ଼ା ଟ୍ୟାଲେଣ୍ଟ ଆୱାର୍ଡ ସିଜନ୍-୨ ପାଳିତ

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ସହରର ବିଜୁ ପଟ୍ଟନାୟକ ଅଡିଟୋରିଅମ୍ ଠାରେ ରାୟଗଡ଼ା ଟ୍ୟାଲେଣ୍ଟ ଆୱାଡ ସିଜନ୍ -୨, ୨୦୨୫ ମହା ଆଡ଼ମ୍ବରରେ ଓ ଧୂମଧାମରେ ପାଳନ କରାଯାଇଥିଲା। ମା ମଝିଘରିଆଣୀ ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ, ଜିଲ୍ଲା କଳାକାର ମହସଂଘ ଓ ପିଡିସି ଗ୍ରାଫୀ ସହଯୋଗରେ ପ୍ରଥମ ଥର ପାଇଁ ଏହା ବିଗତ ବର୍ଷ ଅଗଷ୍ଟ ୪ ତାରିଖ ୨୦୨୪ରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ମଧ୍ୟ ଏହାର ସିଜନ୍ ଦୁଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ କ୍ଷେତ୍ରରେ ସମାଜରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କଳାକାର ନିର୍ଦ୍ଦେଶକ, ସଙ୍ଗୀତଜ୍ଞ, ଅଭିନେତା, ଚିତ୍ରକର, ଲେଖକ, ୟୁଟ୍ୟୁବର, ଇତ୍ୟାଦି ବିଷୟରେ ସିଧହସ୍ତ ବ୍ୟକ୍ତି ବିଶେଷ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲାର କଳାକାର ମାନଙ୍କୁ ଉତ୍ସାହିତ କରିବା ସହ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ ଅୟୋଜନ କରାଯାଉଛି ବୋଲି ମା ମଝିଘରିଆଣୀ ଏଣ୍ଟରଟେନମେଣ୍ଟ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ସଭାପତି ସନ୍ତୋଷ କୁମାର ବଚ୍ଛା ଜଣାଇଛନ୍ତି। ଚଳିତବର୍ଷରେ ଶ୍ରେଷ୍ଠ ଅଭିନେତା ଭାବେ ମହେନ୍ଦ୍ର ଗମାଙ୍ଗ, ଶ୍ରେଷ୍ଠ ଅଭିନେତ୍ରୀ ଶ୍ରୁତି ବାହାଦୁର, ଶ୍ରେଷ୍ଠ ସହାୟକ ଅଭିନେତା ସିଦ୍ଧାନ୍ତ ମଲ୍ଲିକ୍ ଶ୍ରେଷ୍ଠ ସହାୟକ ଅଭିନେତ୍ରୀ , ଇ. ତେଜଶ୍ରୀ, ଶ୍ରେଷ୍ଠ ଖଳନାୟକ ବିଶ୍ୱବାସୁ ରାଜଗୁରୁ, ଶ୍ରେଷ୍ଠ କମେଡିଆନ୍ ଦୀପକ୍ ରଞ୍ଜନ ମିଶ୍ର, ଶ୍ରେଷ୍ଠ ନୂତନ ଅଭିନେତା (ପୁରୁଷ) ଦୀପକ୍ କୁ. ନାଏକ୍, ଶ୍ରେଷ୍ଠ ନୂତନ ଅଭିନେତ୍ରୀ (ମହିଳା) ଝିଲି ଜାକାକା, ଶ୍ରେଷ୍ଠ ଶିଶୁ କଳାକାର ରୋହିନୀ ପ୍ରିୟା ନାଏକ, ମଡେଲିଂରେ ଶ୍ରେଷ୍ଠ ମହିଳା ମଡେଲ୍ ସରିତା ରାଣୀ ରାଜନ୍, ଶ୍ରେଷ୍ଠ ପୁରୁଷ ମଡେଲ୍ ରାଜେଶ କୁମାର କୌଶଲ୍ୟା, ଶ୍ରେଷ୍ଠ ନିର୍ଦ୍ଦେଶକ ଅଖିଳ କୁମାର, ଶ୍ରେଷ୍ଠ ନିର୍ମାତା ଦୁର୍ଗା ଦେବାଳା ଶ୍ରେଷ୍ଠ ସମ୍ପାଦକ ତନ୍ମୟ ନିମାଳା, ଶ୍ରେଷ୍ଠ କ୍ୟାମେରାମ୍ୟାନ୍ ପୂର୍ଣ୍ଣ, ଶ୍ରେଷ୍ଠ ଧ୍ୱନି ଇଞ୍ଜିନିୟର୍ ବ୍ୟୋମକେଶ ମହାନ୍ତି, ଶ୍ରେଷ୍ଠ ସୋର୍ଟ୍ ଫିଲ୍ମ ସାଇଲେଣ୍ଟ ଲଭ୍, ଶ୍ରେଷ୍ଠ ପୋଷ୍ଟର୍ ଡିଜାଇନର୍ ମଳୟ ଟାକ୍ରି, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ/ ଆରେଞ୍ଜର୍ ସନିଏଲେକ୍ସ ମ୍ୟୁଜିକ୍, ଶ୍ରେଷ୍ଠ ଗୀତ ଓ ସଙ୍ଗୀତ ସୃଷ୍ଟିକାର ସୁଶାନ୍ତ ଖୋରା, ଶ୍ରେଷ୍ଠ ବାଦ୍ୟ ଯନ୍ତ୍ର ବାଜକ ଦୀପକ କୁମାର ଗାଣ୍ଟା, ଶ୍ରେଷ୍ଠ ପୁରୁଷ ଗାୟକ ପଦ୍ମନ ପାଣି, ଶ୍ରେଷ୍ଠ ମହିଳା ଗାୟିକା ରୋଜାଲିନ୍ ମିନିଆକା, ଶ୍ରେଷ୍ଠ ରାପର୍ ରୁଦ୍ର ପ୍ରସାଦ ନାଗ. ଶ୍ରେଷ୍ଠ ଶାସ୍ତ୍ରୀୟ କଳାକାର ରାଜନ ଇନ୍ଦିରା, ଶ୍ରେଷ୍ଠ ଲୋକ କଳାକାର ମାନସୀ ମେଲକା, ଶ୍ରେଷ୍ଠ ନୃତ୍ୟ ଗୋଷ୍ଠୀ ପିଡିସି ଗ୍ରାଫି, ଶ୍ରେଷ୍ଠ କୋରିଓଗ୍ରାଫର୍ (ନୃତ୍ୟ ନିର୍ଦ୍ଦେଶକ) ପିଙ୍କୁ ଏବଂ ଗୁରୁନାଥ ଶ୍ରେଷ୍ଠ ନୃତ୍ୟଶିଳ୍ପୀ (ସୋଲୋ) ରାଜକୁମାର ଠାକୁର ଶ୍ରେଷ୍ଠ ମ୍ୟୁଜିକ୍ ଭିଡିଓ (କୁଇ / ସଉରା)– କାଳିଆ ଚସ୍ମା ଶ୍ରେଷ୍ଠ ମ୍ୟୁଜିକ୍ ଭିଡିଓ (ଦେସିଆ / ସମ୍ବଲପୁରୀ) ବନି ବନି. ଶ୍ରେଷ୍ଠ ୟୁଟ୍ୟୁବର୍ / କଣ୍ଟେଣ୍ଟ କ୍ରିଏଟର୍ ମିଷ୍ଟି ସ୍ୱାତି ସାଇ, ଶ୍ରେଷ୍ଠ ବ୍ଲଗର୍ / ଏକ୍ସପ୍ଲୋରର୍ ରାଜୁ ସିଂହ, ଶ୍ରେଷ୍ଠ ଫାଇନ୍ ଆର୍ଟ ଶିଳ୍ପୀ ଏମ୍. ଜନାର୍ଦ୍ଦନ ଆଚାର୍ଯ୍ୟ ପୁରସ୍କୃତ ହେଲେ। ଏହା ସହ ଲୋକକଳା କଳାକାର ବଳଭଦ୍ର ଦଳ ବେହେରା, ଶିକ୍ଷକ ତଥା କଳାକାର ଦିଲ୍ଲୀପ କୁମାର୍ ଚୌଧୁରୀ, କଳାକାର ପୂଜାରୀ ନନ୍ଦ ଗୌଡ଼, ସମାଜସେବୀ ଆଶା ବଂଶିକା, ସମାଜସେବୀ ୟୁ ସୁଜାତା , ଲୋକକଳା ମହାପ୍ରେମୀ ଦାଶରଥି ଶବର, ନାଟ୍ୟଗୁରୁ ମଧୁସୂଦନ ମହାପାତ୍ର, ଲୋକକଳା ମହାପ୍ରେମୀ ମାଝୀ କୁମ୍ଭାର, ସଙ୍କୀର୍ତ୍ତନ ଗୁରୁ ରବୀନ୍ଦ୍ର କୁମାର ବେହେରା, ଲୋକକଳା କଳାକାର ମନୋଜ କୁମାର୍ ବେହେରା, ନାମାଚାର୍ଯ୍ୟ ସତ୍ୟ ନାରାୟଣ ପାଣିଗ୍ରାହି, ନାଟକ ଗୁରୁ ବାଳକୃଷ୍ଣ ସେଠୀଙ୍କୁ ମଞ୍ଚରେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ଗିରିଧାରୀ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ରାୟଗଡା ବିଧାୟକ ଆପାଲ୍ ସ୍ୱାମୀ କାଡ୍ରାକା, ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ବିଜେପି ଜିଲ୍ଲା ସଭାପତି ଗୋପି ଆନନ୍ଦ, ବରିଷ୍ଠ ସାମ୍ବାଦିକ ବାଦଲ, ପୂର୍ବତନ ରାଜ୍ୟ ସଂଯୋଜକ ସଂସ୍କୃତି ବିଭାଗ ଓଡ଼ିଶା ସରକାର ବାସୁଦେବ ମାଳ ବିଶୋୟୀ, ବରିଷ୍ଠ ସଂଘଠକ ତଥା ରାୟଗଡ଼ା ଟ୍ରକ୍ ୟୁନିଅନ୍ ସଭାପତି ୱାଇ କୋଣ୍ଡା ବାବୁ, ଭୁବନେଶ୍ୱର ଠାରୁ ଆସିଥିବା ସମାଜସେବୀ ସୁଜାତା ପାସାୟତ୍, ସତ୍ୟବାଦୀ ସ୍ୱାଇଁ, ଅନ୍ତରଜାମି ବରାଳ ଓ ଆୟୋଜକ ସନ୍ତୋଷ କୁମାର ବଚ୍ଛା ପ୍ରମୁଖ ମଞ୍ଚରେ ମଞ୍ଚସ୍ଥ ହୋଇଥିବା ଦେଖିବାକୁ ମିଳିଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ମନରୋଞ୍ଜନ ସୋ ହେବା ସହ ଓଡ଼ିଶୀ, ଲାଞ୍ଜିଆ ସଉରା, ଡଙ୍ଗରିଆ କନ୍ଧ ନୃତ୍ୟ, କୁଚିପୁଡ଼ି, ଦେଶିଆ ନାଚ, ଆଧୁନିକ ନୃତ୍ୟ ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ଉପ ସଭାପତି ଗୁପ୍ତେଶ୍ୱର ସିକା, ସମ୍ପାଦିକା ପ୍ରିୟଦର୍ଶିନୀ ହୁଇକା, କୋଷାଧକ୍ଷ ମାନସୀ ମେଲାକା , କୋର୍ କମିଟି ସଦସ୍ୟା ଇନ୍ଦ୍ରାଣୀ ରାଜନ , ସିଦ୍ଧାନ୍ତ ମଲିକ୍, ରକି ମାଣ୍ଡାଙ୍ଗି, ମାଲେସ କୌଶଲ୍ୟା ଓ ବିଭିନ୍ନ ସବ୍ କମିଟି ସଦସ୍ୟ ସଦସ୍ୟା ମାନଙ୍କ ସହଯୋଗ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବହୁ ପ୍ରତିଭା ଅଧିକାରିଣୀ ବିଦିସା ଶତପଥି ମଞ୍ଚ ପରିଚାଳନା କରିଥିଲେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଅନେକ ସ୍ଥାନରୁ କଳାକାର ତଥା କଳାପ୍ରେମୀ, ସମାଜସେବୀ, ବୁଦ୍ଧିଜୀବୀ ପ୍ରମୂଖ ଉପସ୍ଥିତ ରହିଥିଲେ।



ବାଙ୍କୀ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାର ବାଙ୍କୀ ତହସିଲ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ପ୍ରକୃତି ବନ୍ଧୁ ଆଦର୍ଶ ଶିକ୍ଷକ ବଳରାମ ପାଇକରାୟ ଓ ତହସିଲ କାର୍ଯ୍ୟାଳୟର ପ୍ରକୃତିପ୍ରେମୀ ନାଜିର ପ୍ରଦୀପ କୁମାର ଜେନା ମିଳିତ ଭାବେ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ଯୋଗଦାନ କରି ପରିବେଶକୁ ସୁସ୍ଥ, ସୁନ୍ଦର, ସବୁଜ ରଖିବା ପାଇଁ ହେଲେ ବୃକ୍ଷ ରୋପଣ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ବୃକ୍ଷରୋପଣ କାର୍ଯ୍ୟ ଭଳି ମହତ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବା ଉଚିତ। ପ୍ରକୃତି ବନ୍ଧୁ ଶ୍ରୀ ପାଇକରାୟ ନିଜେ ଯତ୍ନ ସହକାରେ ବଢାଇଥିବା ଥିବା ବୃକ୍ଷକୁ ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ । ତହସିଲଦାର ଶ୍ରୀ ନାୟକଙ୍କ ସହିତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ପ୍ରକୃତିପ୍ରେମୀ ମାନେ କାର୍ଯ୍ୟାଳୟ ପରିସରରେ ମିଳିତ ଭାବେ ବୃକ୍ଷରୋପଣ କରିଥିଲେ। ଏହି ମହତ କାର୍ଯ୍ୟରେ ଶିଶୁଆର ପ୍ରକୃତି ପ୍ରେମୀ ଶଶିଭୂଷଣ ତ୍ରିପାଠୀ ଓ ନରଗାଙ୍ଗର ପ୍ରକୃତିପ୍ରେମୀ ଦିଗ୍‌ବିଜୟ ସ୍ୱାଇଁଙ୍କ ସହିତ ଅତିରିକ୍ତ ତହସିଲଦାର ସୋନମ ପ୍ରିୟଦର୍ଶିନୀ, ବିଭାଗୀୟ ଅଧିକାରୀ ଗିରିଜା ଶଙ୍କର ସିଂ, ବରିଷ୍ଠ ରାଜସ୍ୱ ସହାୟକ ସତ୍ୟ ରଞ୍ଜନ ପ୍ରଧାନ, କନିଷ୍ଠ ରାଜସ୍ୱ ସହାୟକ ଅନ୍ନଦା ପ୍ରସାଦ ମହାପାତ୍ର, ସିଦ୍ଧେଶ୍ୱର ସାହୁ, ସରୋଜିନୀ ପଣ୍ଡା, ଦୀପ୍ତିମୟୀ ରାଉତ, ସଚିନ ସାଗର ସମ୍ପଦ ଓ କେଲୁଚରଣ ରଣା ପ୍ରଭୃତି ଉପସ୍ଥିତ ଥିଲେ। ଏହି ମହତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଓ ପରିବେଶବିତ୍ ମାନେ ଉଚ୍ଚ ପ୍ରଶଂସା କରିଥିଲେ।

# ଗାୟତ୍ରୀ ଫାର୍ମାସୀ ମହାବିଦ୍ୟାଳୟରେ ନାରୀ ସୁରକ୍ଷା କର୍ମଶାଳା

ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ସ୍ଥିତ ଗାୟତ୍ରୀ ଫାର୍ମାସୀ ମହାବିଦ୍ୟାଳୟ ପରିସରରେ ନାରୀ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼.କାହ୍ନୁ ଚରଣ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ପ୍ରିୟଙ୍କା ପାଢ଼ି ସଂଯୋଜନା କରିଥିଲେ ।କର୍ମକ୍ଷେତ୍ର ହେଉ କିମ୍ବା ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ନାରୀ ଛାତ୍ରୀମାନଙ୍କ ପାଇଁ ଭୟ ଶୂନ୍ୟ ବାତାବରଣ ନିରନ୍ତର ସୃଷ୍ଟି କରିବାସହ ସେମାନଙ୍କ ପ୍ରତି ଯେଉଁ ସବୁ ଅତ୍ୟାଚାର, ଅନ୍ୟାୟ ହେଉଛି ସେଥିପ୍ରତି ନାରୀ ନିଜକୁ କିଭଳି ସଶକ୍ତ ହୋଇ ନିଜକୁ ରକ୍ଷା କରିବେ ଏହି ଦିଗରେ ସ୍ଥାନୀୟ ପ୍ରଶାସନର କେଉଁ ପ୍ରକାରର ଭୂମିକା ରହିଛି ତାହା ଆଲୋଚନା କରାଯାଇଥିଲା । ଏଥିସହ ବକ୍ତାମାନେ ନାରୀ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନର ଦିଗ ପ୍ରତି ଆଲୋକପକ୍ଷତ କରିଥିଲେ। କ୍ୟାମ୍ପସ ରେ ଛାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରିବା ପାଇଁ ବିଭିନ୍ନ ନିୟମ କାନୁନ ସରକାରଙ୍କ ଦ୍ୱାରା କରାଯାଇଛି ସେମାନେ ନିର୍ଭୟରେ ରହିପାରିବେ ବୋଲି ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପି.ଭି କୋଟେଶ୍ୱର ରାଓ ନିଜ ବକ୍ତବ୍ୟରେ ଛାତ୍ରୀ ମାନଙ୍କୁ କହିଥିଲେ। ଛାତ୍ର ଛାତ୍ରୀଙ୍କ ସୁରକ୍ଷା ପ୍ରଥମ କର୍ତ୍ତବ୍ୟ ଏବଂ ସରକାରୀ, ୟୁଜିସି ଆଇନ କଡାକଡି ପାଳନ ପାଇଁ ଅନୁଷ୍ଠାନର ଚେୟାରମାନ  ଅକ୍ଷୟ ଦାଶ ଓ ସମ୍ପାଦକ ଶ୍ରୀଯୁକ୍ତ ସଞ୍ଜୟ ସାହୁ ସମସ୍ତ କର୍ମଚାରୀଙ୍କୁ ବାର୍ତ୍ତା ନିର୍ଦ୍ଦେଶ ଦେଇଥିଲେ ।




# ୨୬ ଆଇପିଏସ୍ ପ୍ରଶିକ୍ଷାର୍ଥୀଙ୍କ ପାରାଦୀପ ଆଗମନ



ପାରାଦୀପ, (ଭାସ୍କର ନ୍ୟୁଜ୍): ଭାରତୀୟ ପୋଲିସ ସେବା (ଆଇପିଏସ) ପ୍ରଶିକ୍ଷାର୍ଥୀଙ୍କ ଏକ ୨୬ ଜଣିଆ ଦଳ ସୋମବାର ଦିନ ପାରାଦୀପ ବନ୍ଦରକୁ ଦୁଇଦିନିଆ ଗସ୍ତରେ ଆସି ପହଞ୍ଚିଛନ୍ତି। ଏହି ଗସ୍ତ ସମୟରେ ସେମାନେ ଓଡିଶା ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ଏବଂ ପାରାଦୀପ ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ ହେବେ। ଏହି ଅବସରରେ ପ୍ରଥମ ସୋମବାର ଦିନ ଏହି ଆଇପିଏସ୍ ପ୍ରଶିକ୍ଷାର୍ଥୀ ମାନେ ପାରାଦୀପ ସ୍ଥିତ ଭାରତୀୟ ତଟ ରକ୍ଷୀ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ସାମୁଦ୍ରିକ ସୁରକ୍ଷା ଏବଂ ତଟରକ୍ଷୀ ବାହିନୀର କାର୍ଯ୍ୟ ବିଷୟରେ ଅବଗତ ହୋଇଥିଲେ। ଏହାପରେ ସେମାନେ ପାରାଦୀପ ବନ୍ଦର ପ୍ରାଧିକରଣ ପ୍ରଶାସନିକ ଭବନରେ ପହଞ୍ଚିବା ପରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସେମାନଙ୍କୁ ସ୍ୱାଗତ କରି ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ।

# କରମ ପର୍ବ ପାଇଁ ପ୍ରସ୍ତୁତି ବୈଠକ

ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଠାରେ ଦେଶ କରମ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ସଭାପତି ସୁକାନ୍ତ କୁମାର ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷର ଦେଶ କରମ ପର୍ବ କିଭଳି ଭାବରେ ପାଳନ କରାଯିବ ସେ ବାବଦରେ ବିଭିନ୍ନ ଗ୍ରାମରୁ ଆସି ବୈଠକରେ ଉପସ୍ଥିତ ହୋଇଥିବା ସଭ୍ୟଙ୍କ ମାଧ୍ୟମରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ଚକ୍ରରେ ଦେବେନ୍ଦ୍ର ମହାନ୍ତ, ଶତ୍ରୁଘ୍ନ ମହାନ୍ତ, ପ୍ରଦୀପ କୁମାର ମହାନ୍ତ, ବୁଲୁ ମହାନ୍ତ, ନବୀନ ମହାନ୍ତ, ଦୀପ୍ତିପ୍ରକାଶ ମହାନ୍ତ, ଅମରେନ୍ଦ୍ର ମହାନ୍ତ, ରବୀନ୍ଦ୍ର ନାଥ ମହାନ୍ତ, ପଦ୍ମଲୋଚନ ମହାନ୍ତ, ସପନ ମହାନ୍ତ ଓ ବଳରାମ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ।



# ଆଦିବାସୀ ନେତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର




ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀ ବ୍ଲକର ଆଦିବାସୀ ନେତା ଡମାନ ହେମ୍ବ୍ରମଙ୍କ ଉପରୁ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଆଜି ନିଲମ୍ବନ ପ୍ରତ୍ୟାହାର କରାଯାଇଛି। ବେତନଟୀ ବ୍ଲକର ଆଦିବାସୀ ନେତା ତଥା ସଂଗଠକ ସଠିଲୋ ଗ୍ରାମର ଡମାନ ହେମ୍ବ୍ରମଙ୍କ ବିରୋଧରେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଦଳପକ୍ଷରୁ ନିଲମ୍ବନ କରାଯାଇଥିଲା। ତେବେ ନିଲମ୍ବନ ନେଇ ଦଳପକ୍ଷରୁ ପୁନର୍ବିଚାର ପାଇଁ ଡମାନ ହେମ୍ବ୍ରମ ଦଳୀୟ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଦଳ ପକ୍ଷରୁ ଡମାନ ହେମ୍ବ୍ରମଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଥିବା ନେଇ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଜିଲ୍ଲା ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ ବିଧିବଦ୍ଧ ଭାବେ ନିର୍ଦ୍ଦେଶ ଜାରି କରିଛନ୍ତି।

# ଜିଲ୍ଲା କୋର୍ଟରେ ୫୪ହଜାରରୁ ଅଧିକ କେସ୍ ବିଚାରାଧୀନ

**୮୫୭୦ ଦେୱାନୀ, ୪୬,୨୯୩ ଫୌଜଦାରୀ ମାମଲା**

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ତ୍ୱରିତ ନ୍ୟାୟ ବ୍ୟବସ୍ଥା ପାଇଁ ସୁପ୍ରିମକୋର୍ଟଙ୍କଠାରୁ ଆରମ୍ଭ କରି କେନ୍ଦ୍ର ସରକାର, ଲୋକ ଅଦାଲତଠାରୁ ଆରମ୍ଭ କରି ଫାଷ୍ଟଟ୍ରାକ କୋର୍ଟ ସ୍ଥାପନ ପରେ ମଧ୍ୟ ଯେଉଁ ଅନୁପାତରେ ମାମଲାର ସମାଧାନ ହେବା କଥା ସେପରି ହୋଇପାରୁ ନ ଥିବାରୁ ନ୍ୟାୟ ପାଇଁ ଅଦାଲତକୁ ଆସୁଥିବା ବ୍ୟକ୍ତିମାନେ ନିରାଶ ହେଉଥିବା ଜଣାପଡିଛି। ତେବେ କୋର୍ଟମାନଙ୍କରେ ମଧ୍ୟ ମାମଲାକୁ ନେଇ ଅତ୍ୟଧିକ ଚାପ ରହୁଥିବାବେଳେ ବଢୁଥିବା କେଶ ସଂଖ୍ୟା ଓ ତ୍ୱରିତ ନ୍ୟାୟ ଏକ ବିତର୍କର ବିଷୟ ହୋଇଛି। କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଦାଲତମାନଙ୍କରେ ଜୁନ ମାସ ଶେଷ ସୁଦ୍ଧା ୫୪ହଜାର ୮୬୩ଗୋଟି ମାମଲା ରହିଥିବା ଜଣାପଡିଛି। ଦେୱାନୀ ମାମଲା ବା ସିଭିଲ କେଶ ସମ୍ପର୍କରେ ତଥ୍ୟ ମିଳିଛି ଯେ, କେନ୍ଦୁଝର ଜିଲ୍ଲାରେ ୮ହଜାର ୫୭୦ଟି ମାମଲା ବିଚାରଧିନ ରହିଛି। କେନ୍ଦୁଝର ଜିଲ୍ଲାରେ ୧୦ବର୍ଷରୁ ଊର୍ଦ୍ଧ୍ୱ ୮୭୮ଟି ସିଭିଲ ଓ ୮ହଜାର ୩୧୬ଟି କ୍ରିମିନାଲ କେଶ ରହିଛି। ୫ବର୍ଷରୁ ୧୦ବର୍ଷ ମଧ୍ୟରେ ୨ହଜାର ୩୦୧ଟି ଦେୱାନି ଓ ୧୩ହଜାର ୪୨୦ଟି ଫୌଜଦାରୀ ମାମଲା ରହିଛି। ୩ବର୍ଷରୁ ୫ବର୍ଷ ମଧ୍ୟରେ ୯୩୦ଟି ସିଭିଲ ବା ଦେୱାନୀ ଓ ୪ହଜାର ୫୯୮ଟି କ୍ରିମିନାଲ ବା ଫୌଜଦାରୀ ମାମଲା ରହିଥିବା ସରକାରୀ ଭାବେ ଜଣାପଡିଛି। ୧ବର୍ଷ ମଧ୍ୟରୁ ୩ବର୍ଷ ମଧ୍ୟରେ ୨ହଜାର ୩୦୧ଟି ସିଭିଲ ଓ ୮ହଜାର ୭୪୨ଟି କ୍ରିମିନାଲ କେଶ ରହିଛି। ୧ବର୍ଷରୁ କମ ସଂଖ୍ୟକ କେଶ ସିଭିଲରେ ୨ହଜାର ୧୬୦ ଓ କ୍ରିମିନାଲ ୧୧ହଜାର ୨୧୭ଟି ଥିବା ଜଣାପଡିଛି। ୨୦୨୫ ମସିହା ଜୁନ ମାସରେ କେନ୍ଦୁଝର ଜିଲ୍ଲାରେ ୯୧ଟି ସିଭିଲ ଓ ୬୩୨ଟି କ୍ରିମିନାଲ କେଶ ଏପରି ମୋଟ ୭୨୩ଟି କେଶ ଦାଏର ହୋଇଛି । ଅନୁରୂପ ଭାବରେ ଗତ ମାସରେ ୬୯ଟି ସିଭିଲ ଓ ୩୨୯ଟି କ୍ରିମିନାଲ ଏପରି ମୋଟ ୩୯୮ଟି କେଶର ଫଇସଲା ହୋଇଛି। ମହିଳାମାନଙ୍କ ଦ୍ୱାରା ୨୦୭ଟି ଦେଓାନି ଓ ୬ହଜାର ୧୨୪ଟି ଫୌଜଦାରୀ କେଶ ଏପରି ମୋଟ ୨ହଜାର ୧୮୨ଟି କେଶ ଦାଏର ହୋଇଥିବାବେଳେ ବରିଷ୍ଠ ନାଗରିକ ବା ସିନିୟର ସିଟିଜେନଙ୍କ ତରଫରୁ ୨ହଜାର ୪ଟି ସିଭିଲ ଓ ୩୪୮ଟି ଏପରି ମୋଟ ୨ହଜାର ୩୫୨ଟି କେଶ ଦାଏର ହୋଇଥିବା ଜଣାପଡିଛି। କେନ୍ଦୁଝର ଜିଲ୍ଲାରେ ଏବେ ପାଖାପାଖି ୩୦ଟି କୋର୍ଟ ରହିଥିବାବେଳେ କେନ୍ଦୁଝର ଜିଲ୍ଲା ଜର୍ଜ କୋର୍ଟଙ୍କ ପରିସରରେ ଜୁନିୟର ମୁନିସିଫଙ୍କଠାରୁ ଆରମ୍ଭ କରି ଜିଲ୍ଲା ଓ ଦୌରା ଜର୍ଜଙ୍କ କୋର୍ଟ ରହିଥିବାବେଳେ ଉପଖଣ୍ଡମାନଙ୍କରେ ଜେଏମଏଫସିଙ୍କ ଠାରୁ ଆରମ୍ଭ କରି ଅତିରିକ୍ତ ଜିଲ୍ଲା କୋର୍ଟ ଓ ବ୍ଲକମାନଙ୍କରେ ମଧ୍ୟ ଜେଏମଏଫସି କୋର୍ଟ ପ୍ରତିଷ୍ଠା କରାଯାଇ ଶୀଘ୍ର କିପରି ନ୍ୟାୟ ପ୍ରଦାନ କରାଯାଇପାରିବ ସେଥିପାଇଁ ପ୍ରଚେଷ୍ଟା ଅବ୍ୟାହତ ରହିଛି। ବିଗତ ଦିନମାନଙ୍କ ଅପେକ୍ଷା ଏବେ ନ୍ୟାୟିକ ବ୍ୟବସ୍ଥା ଅଧିକ ସୁଦୃଢ ଓ ତ୍ୱରିତ ହୋଇଥିବାବେଳେ ଅପରାଧ ଓ ମାମଲାକୁ ଆଖିଆଗରେ ରଖି କୋର୍ଟ ସଂଖ୍ୟା ବଢିଛି, ତେବେ ୧୦ବର୍ଷରୁ ପୁରୁଣା କେଶଗୁଡିକର ଅତିଶୀଘ୍ର ସମାଧାନ କରିବାକୁ ସାଧାରଣରେ ମତବ୍ୟକ୍ତ ହୋଇଛି।

# ରେଲୱେ ଓଭରବ୍ରିଜ ଉପରେ ଆଲୋକୀକରଣ କାର୍ଯ୍ୟ ଆରମ୍ଭ



ଜଳେଶ୍ୱର, (ଭାସ୍କର ନ୍ୟୁଜ): ଦୀର୍ଘ ଦିନର ପ୍ରତୀକ୍ଷାର ଆଜି ଅନ୍ତ ଘଟିଲା। ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜଳେଶ୍ୱରବାସୀ ରେଳ ଓଭରବ୍ରିଜ ଉପରେ ଆଲୋକୀକରଣ ପାଇଁ ଦାବି କରି ଆସୁଥିଲେ ଏବଂ ଏହି ଦାବିକୁ ସମର୍ଥନ ଜଣାଇ ଜଳେଶ୍ୱରର ବିଭିନ୍ନ ସାମାଜିକ ସଙ୍ଗଠନ ତଥା ବିଶେଷ କରି ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ଉଦ୍ୟମ ପ୍ରଶଂସନୀୟ। ଜଳେଶ୍ୱର ସହରବାସୀ ତଥା ବିଭିନ୍ନ ସଙ୍ଗଠନ ଏବଂ ସମସ୍ତ କାଉନସିଲର ମାନେ ଜଳେଶ୍ୱର ପୌରପାଳିକା ଅଫିସ ଠାରେ ଏହି କାର୍ଯ୍ୟର କାର୍ଯ୍ୟକାରିତା ନେଇ ବାରମ୍ବାର ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ନିକଟରେ ଦାବି କରି ଆସୁଥିଲେ। ନଗରପାଳ ଶ୍ରୀ ପ୍ରଧାନ ଉକ୍ତ ଦାବିକୁ ଗୁରୁତ୍ୱ ଦେଇ ଜଳେଶ୍ୱରର ମାନ୍ୟବର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଅବଗତ କରାଇବା ସହ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କ ସହ ଏହି ବାବଦ ରେ ଆଲୋଚନା କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟର ପ୍ରଗତି ନେଇ ଗଣମାଧ୍ୟମ ତଥା ସାମାଜିକ ଗଣ ମାଧ୍ୟମ ଜରିଆରେ ସହରବାସୀଙ୍କୁ ଅବଗତ କରାଇ ଆସୁଥିଲେ। ବିଧାୟକ ଅଶ୍ୱିନୀ କୁମାର ପାତ୍ର ପୂର୍ତ୍ତ ବିଭାଗର ଚିଫ୍ ଇଞ୍ଜିନିୟରଙ୍କୁ ଏହି ଦାବି ବାବଦରେ ଅବଗତ କରାଇବା ସହ ତୁରନ୍ତ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପ୍ରୟାସ କରି ଆସୁଥିଲେ। ପ୍ରକାଶ ଥାଉକି, ଗତ ଦୁର୍ଗାପୂଜା ସମୟରେ ଜଳେଶ୍ୱର ସହରବାସୀଙ୍କ ଦୃଢ଼ ଦାବି ଏବଂ ଆବେଗକୁ ଲକ୍ଷ୍ୟ କରି ମାନ୍ୟବର ବିଧାୟକ ଶ୍ରୀ ପାତ୍ରଙ୍କ ପରାମର୍ଶ କ୍ରମେ ଜଳେଶ୍ୱର ପୌର ପ୍ରଶାସନ ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅସ୍ଥାୟୀ ଅଲୋକୀକରଣ କରାଇଥିଲେ। ପରବର୍ତ୍ତୀ ସମୟରେ ସ୍ଥାୟୀ ଅଲୋକୀକରଣ ବ୍ୟବସ୍ଥା ସମାପ୍ତ ହେବା ପରେ ଏହାର ରକ୍ଷଣାବେକ୍ଷଣର ଦାୟିତ୍ୱ ପୌର ପ୍ରଶାସନ ନେବ ବୋଲି ପୂର୍ତ୍ତ ବିଭାଗକୁ ପ୍ରତିଶ୍ରୁତି ଦେଇଥିଲେ। ପରିଶେଷରେ ଦୀର୍ଘ ଦିନର ପ୍ରଚେଷ୍ଟା ପରେ ଆଜି ଏହି କାର୍ଯ୍ୟ ଆରମ୍ଭ ହୋଇ ଥିବାରୁ ଜଳେଶ୍ୱର ସହରବାସୀ ଆନନ୍ଦିତ ହେବା ସହ ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚ, ନଗରପାଳ ପ୍ରତୀପ କୁମାର ପ୍ରଧାନ ଏବଂ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ସାଧୁବାଦ୍ ଜଣାଇଛନ୍ତି।

# ରୋଟାରୀ ଓ ଇନରହୁଇଲ କ୍ଲବର ଅଧିଷ୍ଠାନ ଉତ୍ସବ ପାଳିତ




ଧର୍ମଶାଳା (ଭାସ୍କର ନ୍ୟୁଜ୍):  ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ କାରକା ରୋଟାରୀ ଓ ଇନରହୁଇଲ କ୍ଲବର ମିଳିତ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବର ସଭାପତି ରାଜେନ୍ଦ୍ର ପଲେଇ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ ବିଗତ ବର୍ଷର ଜନସେବା କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ । ୨୦୨୫-୨୬ ବର୍ଷ ପାଇଁ ନିର୍ବାଚିତ ସଭାପତି ରୋଟାରିଆନ୍ ସୁକାନ୍ତ କୁମାର ସ୍ୱାଇଁ, ଓ ସମ୍ପାଦକ ଦୀପକ ଜେନାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେହିପରି ଇନରହୁଇଲ୍ କ୍ଲବର ସଭାନେତ୍ରୀ ରଶ୍ମିତା ନାୟକ ନୂତନ ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଡ, ସମ୍ପାଦକ ପ୍ରଭାତନଳିନୀ ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଅଧିଷ୍ଠାନ ଉତ୍ସବ ନୂତନ ସଭାପତି ସୁକାନ୍ତ ସ୍ୱାଇଁ ଓ ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ରୋଟାରୀଆନ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଯୋଗଦେଇ ନିସ୍ୱାର୍ଥପର ସେବା କରିବାକୁ ରୋଟାରୀ ଓ ଇନରହୁଇଲ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଉତ୍ସବରେ ସମ୍ପାଦକ ରୋଟାରୀଆନ ଦୀପକ ଜେନା ଆଗାମୀ ବର୍ଷର କାର୍ଯ୍ୟସୂଚୀ ଉପରେ ଆଲୋକପାତ କରିଥିଲେ। ଇନରହୁଇଲ ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଡ ଇନରହୁଇଲର କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ରୋଟାରୀଆନ ଜୟନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଚକ୍ଷୁ ଚିକିତ୍ସା ଓ ଫିଜିଓଥେରାପି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଡ଼ାକ୍ତର ଜ୍ୟୋତି ଆଦିତ୍ୟ ରାୟ, ଡ଼ାକ୍ତର ସୟଦ୍ ମେହେବୁବ୍ ଅଲ୍ଲୀ, ଡ଼ାକ୍ତର ପ୍ରିୟଙ୍କା ସାମଲ ପ୍ରମୁଖ ଯୋଗ ଦେଇ  ୧୦୨ ଜଣ ରୋଗୀଙ୍କ ଚକ୍ଷୁ ଚିକିତ୍ସା କରିବା ସହ ଫିଜିଓଥେରାପ ଚିକିତ୍ସା କରାଇଥିଲେ। ଏଥିରେ ଡ଼ାକ୍ତର ତଥା ରୋଟାରିଆନ୍ ବିଜୟ ଶତପଥୀ ପରିଚାଳନାରେ ସହାୟତା କରିଥିଲେ । ଉକ୍ତ ଉତ୍ସବରେ ବିଭିନ୍ନ ଜିଲ୍ଲାର ରୋଟାରୀ କ୍ଲବର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ସଭ୍ୟ ଭାବେ ଇଂ ରଶ୍ମିରଞ୍ଜନ ବେଉରିଆ ଓ ଅଭିଜିତ୍ ଦାସ ପଞ୍ଜୀକୃତ ହୋଇଥିଲେ।

# ‘ସାହିତ୍ୟ ହିଁ ଦେଶ ଓ ଜାତିର ମେରୁଦଣ୍ଡ’



**ଶ୍ରୀଧର ସାମଲଙ୍କ ନୂତନ କବିତା ସଂକଳନ ‘ନିରବତାର ସେପାଖରେ’ର ଶୁଭ ଉନ୍ମୋଚନ**

କେନ୍ଦ୍ରାପଡା(ଭାସ୍କର ନ୍ୟୁଜ୍): ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ସଭା ଗୃହରେ କବି ଡ଼. ଶ୍ରୀଧର ସାମଲଙ୍କ ନୂତନ କବିତା ସଂକଳନ ‘ନିରବତାର ସେପାଖରେ’ର ଶୁଭ ଉନ୍ମୋଚନ ସହ ଏକ ଭବ୍ୟ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସମ୍ପାଦକ ଡ. ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ବସୁନ୍ଧରାର ନିର୍ଦ୍ଦେଶିକା ରିନୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ବରେଣ୍ୟ ଅତିଥି ଭାବେ ସାହିତ୍ୟିକ ଡ଼ ବାସୁଦେବ ଦାସ, କବି ଅନ୍ନପୂର୍ଣ୍ଣା ମହାନ୍ତି, ସମୀକ୍ଷକ ପ୍ରକାଶ କୁମାର ମହାନ୍ତି, ‘ପରାଗ’ର ସମ୍ପାଦକ ବନମାଳି ସେନାପତି ପ୍ରମୁଖ ଯୋଗଦେଇ ସାହିତ୍ୟ ହିଁ ସମାଜର ମେରୁଦଣ୍ଡ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରିନୀ ମହାନ୍ତିଙ୍କୁ ସମାଜସେବା ଓ ସାହିତ୍ୟକ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ ଅକ୍ଷୟ କୁମାର ପାଣି ସଭା ପରିଚାଳନା କରିଥିବା ବେଳେ କବିତା ଆସରକୁ କବି ପ୍ରେମାନନ୍ଦ ଖଣ୍ଡୁଆଳ ପରିଚାଳନା କରିଥିଲେ। କବି ଚାରୁଲତା ଭୂୟାଁ, ନିରୁପମା ଦାସ, ନିକୁଞ୍ଜ ପୃଷ୍ଟି କବିତା ସଂଯୋଜନା କରିଥିଲେ। କବିତା ପାଠୋତ୍ସବରେ କବି ଖଗେଶ୍ୱର ମହାନ୍ତି, ଅଜୟ ପାତ୍ର, ରଞ୍ଜନ ବାଇ, ଗୋଲାପ ରାଉତ, ଗୀତାଞ୍ଜଳି ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, ପୂଜାଶ୍ରୀ ସେଠୀ, ମଞ୍ଜୁଶ୍ରୀ ବରାଳ, ଅମର ପ୍ରସାଦ ରାଉତ, ଲକ୍ଷ୍ମୀପ୍ରିୟା ମାଇତି, ସଞ୍ଜୟ କୁମାର ମଲ୍ଲିକ, ଶଶିକାନ୍ତ ଦାସ, କବିତା ମୁଦୁଲି, ଡ଼ ଗିରିଜାକାନ୍ତ ଦାସ, ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର, ମାତୃଦତ୍ତ ମହାନ୍ତି, ବଂଶୀଧର ମହାନ୍ତି, ଜୋସ୍ନାମୟୀ ସୂତାର, ମମତା ସାମଲ, ପ୍ରେମାନନ୍ଦ ଜେନା ପ୍ରମୁଖ ଚାଳିଶରୁ ଉର୍ଦ୍ଧ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।କବି ବୃନ୍ଦାବନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର

ବରଗଡ଼ (ଭାସ୍କର ନ୍ୟୁଜ୍): ଅତାବିରା ନିବାସୀ ଏକ ମହିଳା ଅନେକ ଦିନରୁ ଉଦରରେ ଅସୁବିଧା ଓ ଅସୁସ୍ଥତାର ସମସ୍ୟା ଅନୁଭବ କରୁଥିଲେ।ତାଙ୍କର ଅବସ୍ଥା ଅଧିକ ଗମ୍ଭୀର ହେବା ପରେ, ସେକ୍ରାଷ୍ଠା ବିକାଶ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ସିଟି ସ୍କାନ୍ ଓ ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା ପରେ ଜଣାପଡ଼ିଲାଯେ, ତାଙ୍କ ଉଦରରେ ଏକ ବହୁତ ବଡ଼ ଅଣ୍ଡାଶୟ ଟ୍ୟୁମର ଅଛି। ଡ଼ା. ବିସ୍ମୟ ଷଡ଼ଙ୍ଗୀ ଓ ତାଙ୍କର ଦଳ ଏହି ଜଟିଳ ଅପରେସନକୁ ସଫଳତାର ସହିତ କରିଥିଲେ। ଆନାସସ୍ଥେସିଆ ବ୍ୟବସ୍ଥା ଡ଼ା. ତତ୍ତ୍ୱଦର୍ଶୀ ସାହୁ ତତ୍ତ୍ୱାବଧାନରେ କରାଯାଇଥିଲା। ଟ୍ୟୁମରର ଓଜନ – ୧୫.୫ କେ.ଜି. ଥିଲା।୧୭ ଜୁଲାଇ ରେ ସେ ସୁସ୍ଥ ଅବସ୍ଥାରେ ଘରକୁ ଫେରିଥିଲେ।


# ଆଧାର ନଥିବାରୁ ଭତ୍ତାରୁ ବଞ୍ଚିତ ନାବାଳକ




ଉମରକୋଟ (ଭାସ୍କର ନ୍ୟୁଜ୍): ଆଧାର କାର୍ଡ ନ ଥିଲେ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ରହିବେ। ସରକାରଙ୍କର ଏହା ଏକ ଅଜବ ନିୟମ। ଜଣେ ଦିବ୍ୟାଙ୍ଗ ବାଳକର ଆଧାର କାର୍ଡ ବନି ପାରୁନଥିବାରୁ ତାକୁ ଭତ୍ତାରୁ ବଞ୍ଚିତ କରାଯାଇଛି। ଏପରିକି ଦିବ୍ୟାଙ୍ଗ ବାଳକର ପିତା ଙ୍କ ଆଧାର କାର୍ଡ ରେ ବୟସ କମଥିବାରୁ ସେ ବୃଦ୍ଧ ଭତ୍ତାରୁ ମଧ୍ୟ ବଞ୍ଚିତ ରହିଛନ୍ତି। ଏଭଳି ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଏକ ପରିବାରର ଦୁଃଖ ଭରା କାହାଣୀ ସାମ୍ନାକୁ ଆସିଛି। ଏଇ ଦୁର୍ଗମ ଉପାନ୍ତ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବକୋଦା ପଂଚାୟତ ଅଧୀନରେ ଥିବା ସରାଗୁଡା ଗ୍ରାମରେ ରହୁଥିବା ଲଛନ ଭତ୍ରାଙ୍କ ପରିବାର ର କାହାଣୀ। ଲଛନ ଙ୍କ ୯ ବର୍ଷ ର ପୁଅ ରବିସିଂ ଭତ୍ରା, ଯିଏକି ଜନ୍ମରୁ ବିକଳାଙ୍ଗ, ସେ ନା ଦେଖିପାରୁଛନ୍ତି, ନା କହିପାରୁଛନ୍ତି, ନା ଶୁଣି ପାରୁଛନ୍ତି, ନା ଚାଲି ପାରୁଛନ୍ତି। ସେ ଜନ୍ମ ହେବାର ତିନି ମାସ ପରେ ମା’ଯଶୋଦା ଭତ୍ରା ସ୍ୱର୍ଗବାସ ହୋଇଯାଇଥିଲେ। କିନ୍ତୁ ତାଙ୍କ ପରିବାର ଭାଙ୍ଗି ନ ଥିଲା। ତାଙ୍କ ଦୁଇ ଭଉଣୀ ସନେଇ ଭତ୍ରା ଓ ଉଳମ୍ପା ଭତ୍ରା ନିଜର ପାଠ ପଢା ଛାଡି ସାନ ଭାଇ ରବିସିଂର ଦେଖଭାଲ କରୁଛନ୍ତି। ବଡ଼ ଭାଇ କୁଲି ମଜୁରୀ କରି ଯାହା ଆଣନ୍ତି ସେଥିରେ ତାଙ୍କ ପରିବାର ଚଳେ। ସେପଟେ ରବିସିଂର ଆଧାର କାର୍ଡ ନଥିବାରୁ ସେ ସମସ୍ତ ସରକାରୀ ଯୋଜନା ରୁ ବଞ୍ଚିତ ରହିଛନ୍ତି। ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ଆମେ ଚେଷ୍ଟା କରୁଛୁ ବୋଲି କହିଛନ୍ତି ଏବଂ ବିଡ଼ିଓ ମନୋଜ କୁମାର ମେହେର ରବିସିଂ ଙ୍କ ପାଇଁ ବିକଳ୍ପ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଦିବ୍ୟାଙ୍ଗ ରବିସିଂ କୁ କେବେ ସରକାରୀ ସହାୟତା ମିଳିବ ?

# ରାଶିଫଳ


ବୁଧବାର, ୨୩ ଜୁଲାଇ ୨୦୨୫




**ମେଷ:** ପରିବାର ସହିତ ବୈଠକର ଆପଣ ମହତ୍ୱପୂର୍ଣ୍ଣ ଚର୍ଚ୍ଚା-ବିଚାରଣା କରିବେ। ଘରର ସାଜ-ସଜ୍ଜାରେ ଆପଣଙ୍କୁ ପରିବର୍ତ୍ତନ କରିବାକୁ ଇଚ୍ଛା ହେବ। ଅଫିସ୍ କିମ୍ବା ବ୍ୟବସାୟ କ୍ଷେତ୍ରରେ ଅଧିକାରୀମାନଙ୍କ ସହିତ ମଧ୍ୟ ମହତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଚର୍ଚ୍ଚା ହେବ। କାର୍ଯ୍ୟଭାର ବଢ଼ିପାରେ।




**ବୃଷ:** ନୂଆ କାର୍ଯ୍ୟର ପ୍ରେରଣା ମିଳିବ ଏବଂ ଆପଣ ତାଙ୍କୁ ପ୍ରାରମ୍ଭ କରିପାରିବେ। କୌଣସି ଧାର୍ମିକ ସ୍ଥଳ ଯାତ୍ରାକରି ଆପଣଙ୍କ ମନ ଭକ୍ତିମୟ ହୋଇଯିବ। ଲମ୍ବା ଯାତ୍ରାର ଯୋଗ ଅଛି। ଦୂର ସ୍ଥିତ ସ୍ନେହୀଜନ କିମ୍ବା ମିତ୍ରମାନଙ୍କର ଶୁଭ ସମାଚାର ମିଳିବ।




**ମିଥୁନ:** ନିଷେଧାତ୍ମକ ବିଚାରରୁ ଦୂରରେ ରହିବାକୁ ଉପଦେଶ। ନୂଆ କାର୍ଯ୍ୟର ପ୍ରାରମ୍ଭ ତଥା ସ୍ୱାସ୍ଥ୍ୟ ଉପଚାର ପ୍ରାରମ୍ଭ କରିବା ହୀତକର ନୁହେଁ। କ୍ରୋଧର ଭାବନାକୁ ନିୟନ୍ତ୍ରଣରେ ରଖିବେ। ନହେଲେ ଅନିଷ୍ଟକର ପ୍ରସଙ୍ଗର ସମ୍ଭାବନା ଅଛି। ଖର୍ଚ୍ଚ ଅଧିକ ହେବ। ଧନର ସଙ୍କଟ ଅନୁଭବ ହେବ।



**କର୍କଟ:** ବୈଭବ ଜୀବନଶୈଳୀ ତଥା ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆଜି ଆପଣ ଆନନ୍ଦିତ ରହିବେ। ବ୍ୟବସାୟ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ମାନ-ପ୍ରତିଷ୍ଠାରେ ବୃଦ୍ଧି ହେବ। ଯାତ୍ରା କିମ୍ବା ପ୍ରବାସର ଆୟୋଜନ କରି ପାରିବେ।




**ସିଂହ:** ପାରିବାରିକ ସଦସ୍ୟମାନଙ୍କ ସହିତ ବାଣୀରେ ନିୟନ୍ତ୍ରଣ ରଖିବେ। ଯାହାଫଳରେ ସଂଘର୍ଷ ଟାଳି ପାରିବେ। ଦୈନିକ କାର୍ଯ୍ୟରେ ବିଘ୍ନ ଆସିପାରେ। ସେଥିପାଇଁ କାର୍ଯ୍ୟ ସଂପନ୍ନ ହେବାରେ ସହାୟତା ମିଳିବ। ଅଧିକ ପରିଶ୍ରମ ପରେ ମଧ୍ୟ ପ୍ରାପ୍ତି କମ ହେବାରୁ ହତାଶା ଅନୁଭବ ହୋଇପାରେ। ମାତାଙ୍କର ଚିନ୍ତା ରହିବ।




**କନ୍ୟା:** ଆଜିର ଦିନ ଆପଣଙ୍କୁ କୌଣସି ଭାବରେ କଳହ ଏବଂ ଚର୍ଚ୍ଚାରୁ ଦୂରରେ ରହିବାକୁ ଉପଦେଶ ଦେଉଛି। ଆକସ୍ମିକ ଖର୍ଚ୍ଚର ସମ୍ଭାବନା ଅଛି। ବିଦ୍ୟାର୍ଥୀମାନଙ୍କପାଇଁ ପାଠପଢାରେ ବାଧା ଆସିବ। ପେଟ ସମ୍ବନ୍ଧିତ ପୀଡ଼ା ହୋଇପାରେ।




**ତୁଳା:** ଆପଣଙ୍କପାଇଁ ସମୟ ଶୁଭ ଅଟେ। ମନରେ ସମ୍ବେଦନଶୀଳତାର ମାତ୍ରା ଅଧିକ ରହିବ। ଶାରୀରିକ ସ୍ଫୂର୍ତ୍ତିର ଅଭାବ ରହିବ। ମାନସିକ ବ୍ୟଗ୍ରତା ମଧ୍ୟ ରହିବ। ଧନ ଏବଂ କୀର୍ତ୍ତିର ହାନି ହେବ। ମାତାଙ୍କର ସ୍ୱାସ୍ଥ୍ୟର ଚିନ୍ତା ରହିବ। ନିକଟ ସମ୍ବନ୍ଧିମାନଙ୍କ ସହିତ ଝଗଡ଼ା କିମ୍ବା ବିବାଦର କାରଣରୁ ମନକୁ ଚୋଟ ପହଁଚିବାର ପ୍ରସଙ୍ଗ ବନିବ।



**ବିଛା:** ଆଜି ପୂରା ଦିନ ଆପଣ ପ୍ରସନ୍ନ ରହିବେ। କୌଣସି ନୂଆ କାର୍ଯ୍ୟର ପ୍ରାରମ୍ଭ କରି ପାରିବେ। ସାଥିମାନଙ୍କଠାରୁ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ମିତ୍ର ଏବଂ ସ୍ୱଜନମାନଙ୍କର ଭେଟ ହୋଇପାରେ। କୌଣସି କାମରେ ଆଜି ଆପଣଙ୍କୁ ସଫଳତା ମିଳିବ। ଆର୍ଥିକ ଲାଭ ଏବଂ ଭାଗ୍ୟବୃଦ୍ଧିର ଯୋଗ ଅଛି। ଭାଇ-ଭଉଣୀମାନଙ୍କଠାରୁ ଲାଭ ହେବ।



**ଧନୁ:** ଆପଣଙ୍କର ଦିନ ମିଶ୍ର ଫଳଦାୟୀ ଅଟେ। ଅସାମଞ୍ଜସ୍ୟ କାରଣରୁ ନିର୍ଣ୍ଣୟ ନେବା କଠିନ ହେବ। ମନରେ ବ୍ୟଗ୍ରତା ରହିବ। ପରିବାରଜନମାନଙ୍କ ସହିତ ମନମାଳିନ୍ୟ ନ ହେଉ ଏହାର ଧ୍ୟାନ ରଖିବେ। କାର୍ଯ୍ୟରେ ଅପେକ୍ଷିତ ସଫଳତା ନ ମିଳିବାରୁ ନିରାଶା ହେବ। କାର୍ଯ୍ୟଭାର ମଧ୍ୟ ବଢିପାରେ।




**ମକର:** ଜଗନ୍ନାଥଙ୍କର ଆଶୀର୍ବାଦରେ ଆଜି ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସରଳତାରେ ପୂର୍ଣ୍ଣ ହେବ। କାର୍ଯ୍ୟାଳୟରେ ତଥା ବ୍ୟବସାୟ ସ୍ଥଳରେ ଆପଣଙ୍କ ପ୍ରତିଷ୍ଠାରେ ବୃଦ୍ଧି ହେବ। ପଦୋନ୍ନତିର ଯୋଗ ଅଛି। ଗୃହସ୍ଥଜୀବନରେ ଆନନ୍ଦର ବାତାବରଣ ରହିବ। ଶାରୀରିକ ହାନିର ଯୋଗ ହେବାରୁ ସମ୍ଭାଳିକରି ରୁହନ୍ତୁ। ମିତ୍ର ତଥା ସ୍ନେହୀଜନମାନଙ୍କ ସାଥିରେ ଭେଟ ହେବ। ମାନସିକ ରୂପରେ ଶାନ୍ତି ରହିବେ।



**କୁମ୍ଭ:** ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ଉପଦେଶ। ମାନସିକ ସୁସ୍ଥତା କମ ରହିବ। କୋର୍ଟ-କଚେରୀର ମାମଲାରେ ପଡ଼ନ୍ତୁନାହିଁ। ଅନୁଚିତ ସ୍ଥାନରେ ପୁଞ୍ଜି ନିବେଶ ନ ହେଉ ଏହାର ଧ୍ୟାନ ରଖିବେ। ପରିବାରର ସଦସ୍ୟ ବିରୋଧୀ ବ୍ୟବହାର କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଧନ ଖର୍ଚ୍ଚର ଯୋଗ ଅଛି।



**ମୀନ:** ଆଜି ଆପଣ ପାରିବାରିକ ତଥା ସାମାଜିକ କଥାଗୁଡ଼ିକରେ ବିଶେଷ ଲିପ୍ତ ରହିବେ। ମିତ୍ରମାନଙ୍କସହ ଭେଟ ହେବ ଏବଂ ତାଙ୍କ ଖର୍ଚ୍ଚ କରିବାକୁ ପଡ଼ିବ। ରମଣୀୟ ସ୍ଥାନକୁ ଯାତ୍ରା କରିବାର ସମ୍ଭାବନା ଅଛି। ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ଜୀବନସାଥୀ ଇଚ୍ଛୁକଙ୍କୁ ଭଲ ଜୀବନସାଥୀ ମିଳିବାର ଯୋଗଅଛି।



ଜ୍ୟୋତିଷ ସୂତ୍ର

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାର ଗୋଶାଣୀ ବ୍ଲକ ଲିଙ୍ଗିପୁର ଆରଡି ବ୍ରିଜ୍ ଓ ରୋଡ଼ର ଅବସ୍ଥା ଦେଖି ବହୁତ ଦୁଃଖ ଲାଗୁଛି। ବ୍ରିଜ୍ ପ୍ରାୟ ୧୦ ବର୍ଷ ହେବାକୁ ଯାଉଛି। ତେବେ ଏହା ମଧ୍ୟରେ ଭଙ୍ଗିବା ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନ ବୋର୍ଡ ଭାଙ୍ଗିଯାଇଛି ଏବଂ ବ୍ରିଜ୍ ଡାଞ୍ଜା ଅସୁରକ୍ଷିତ ଅଛି। ପିଡବ୍ଲୁଡି ବିଭାଗ ନିୟମ ବିପରୀତ ଭାବରେ ରୋଡ଼ କାମ କରୁଛନ୍ତି। ରାସ୍ତା ଅତ୍ୟଧିକ ସଂକୁଚିତ ଅଛି। କୌଣସି ୱାର୍କ ଅର୍ଡର ବୋର୍ଡ ଲାଗାଯାଇନାହିଁ ଓ ବର୍ଷାରେ କାମ କରିଛନ୍ତି। ଏହି ରାସ୍ତାର ମାଟି କଳାପଥର ମିଶ୍ରିତ ଥିବାରୁ ବର୍ଷାରେ ଭାସିଯିବା ସମ୍ଭାବନା ଅଧିକ – ଇଞ୍ଜିନିୟର ମତାନୁସାରେ ଦୁଇପାର୍ଶ୍ୱରେ ସିମେଣ୍ଟ ବ୍ରିଜ ହେବାକୁ ଥିଲା, କିନ୍ତୁ ଖୋଳା ମାଟି ପୁରୁଡ଼ି ଠିକାଦାର ତୁରନ୍ତ ବିଲ୍ ନେବା ପାଇଁ କାମ ସାରି ଦେଉଛନ୍ତି। ଏହି ରାସ୍ତାଟିରେ ଦୁର୍ଘଟଣା ବହୁତ ହୁଏ । ନିକଟ ପାହାଡ ଭଙ୍ଗା ହୋଇ ଭାରୀ ପଥର ନେବା ପାଇଁ ଟ୍ରକ୍, ବାଲି ଟ୍ରକ୍ ଚାଲୁଛି। ପୂର୍ବ ଦିନରେ ବାଲିଟ୍ରକ୍ ଅନ୍ୟ ଗାଡ଼ିକୁ ରାସ୍ତା ଦେବା ପାଇଁ ଯାଇ ବିଲକୁ ଓଲଟି ପଡ଼ିଥିଲା। ଏହିଥିରେ ଆମର ଦାବି – ଓଡିଶା ରାଜ୍ୟ ପରିବହନ ବସ୍ ବ୍ରହ୍ମପୁର ଓ ଭୁବନେଶ୍ୱର ପାଇଁ ଏହି ରାସ୍ତାରେ ବସ୍ ଚାଲୁ କରାଯାଉ। ଏହି ରାସ୍ତା ଅସୁବିଧା ଓ ଅନିୟମିତତା ଉପରେ ତୁରନ୍ତ ଯାଞ୍ଚ ଓ ସଠିକ୍ ମରାମତି ଦରକାର। ଲୋକଙ୍କର ଜୀବନ ସୁରକ୍ଷିତ ରହିବା ଲାଗି ଏହା ଅତ୍ୟନ୍ତ ଜରୁରି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣ ଦାବି ହୋଇଛି ।

## ବଜ୍ରପାତରେ ଜଣେ ମୃତ

ଉମରକୋଟ(ଭାସ୍କର ନ୍ୟୁଜ୍): ବଜ୍ରପାତ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ବ୍ୟକ୍ତି ଜଣକ ହେଲେ ଡାବୁଗାଁ ବ୍ଲକ ମେଣ୍ଡରା ଗ୍ରାମର ଦେବରାଜ ଭତ୍ରା (୩୫)। ମିଳିଥିବା ସୂଚନା ଅନୁସାରେ ଦେବରାଜ ଉମରକୋଟ ବ୍ଲକ ବକୋଦା ପଞ୍ଚାୟତ ଜାଡାଗୁଡା ନିଜ ଶ୍ୱଶୁର ଘରକୁ ଆସିଥିଲେ। ଆଜି ଦିନ ଦୁଇଟା ସମୟରେ ଜମିରେ ଚାଷ କରୁଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ଦେବରାଜଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

# ଅନ୍ୱେଷା ପାଠ୍ୟକ୍ରମରେ ପୂର୍ଣ୍ଣଚ୍ଛେଦ !

## ଜନଜାତି ଛାତ୍ରଛାତ୍ରୀଙ୍କୁ ଇଂଲିଶ ମିଡିୟମ ପିଲାଙ୍କ ସହ ସମକକ୍ଷ କରିବା ଥିଲା ଯୋଜନାର ମୂଳଲକ୍ଷ୍ୟ

ଉମରକୋଟ(ଭାସ୍କର ନ୍ୟୁଜ୍): ଅନ୍ୱେଷା ପାଠ୍ୟକ୍ରମରେ ପୂର୍ଣ୍ଣଚ୍ଛେଦ! ନବରଙ୍ଗପୁର ଜିଲ୍ଲାରେ ଅନ୍ୱେଷା ଯୋଜନାରେ ଆଉ ପଢିବେ ନାହିଁ ପିଲା। ବର୍ତ୍ତମାନ ସରକାର ଏହି ଯୋଜନା ଆଉ କାର୍ଯ୍ୟକାରୀ କରିବେ ନାହିଁ। ତତ୍କାଳୀନ ନବୀନ ସରକାରଙ୍କ ଅମଳରେ ୨୦୧୬ରୁ ଆରମ୍ଭ ହୋଇଥିଲା ଅନ୍ୱେଷା ଯୋଜନା। ଗ୍ରାମାଞ୍ଚଳର ଗରିବ ଛାତ୍ରଛାତ୍ରୀଙ୍କୁ ସହରାଞ୍ଚଳ ଇଂଲିଶ ମିଡିୟମ ସ୍କୁଲ ପିଲାଙ୍କ ସହ ସମକକ୍ଷ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା। ତେବେ ଏଥିଲାଗି ସରକାରଙ୍କ କଡାକଡି ନିୟମ ରହିଛି। ଦୀର୍ଘ ବର୍ଷ ଧରି ଚାଲିଥିବା ଏହି ଯୋଜନାରେ ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲାରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ଇଂରାଜୀ ମାଧ୍ୟମ ବେସରକାରୀ ଅନୁଷ୍ଠାନ ଗୁଡିକରେ ଶିକ୍ଷା ଲାଭ ପାଇଁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିଲା। ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ସରକାରୀ ଗାଇଡ ଲାଇନ ଅନୁଯାୟୀ ଶିକ୍ଷା ବର୍ଷ ଆରମ୍ଭରୁ ଶିକ୍ଷାବର୍ଷ ଶେଷ ପର୍ଯ୍ୟନ୍ତ ଜିଲ୍ଲାର ଥିବା ଅଗ୍ରଣୀ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ଅନ୍ୱେଷା ଯୋଜନାରେ ପିଲାମାନେ ପଢୁଛନ୍ତି। ବିଶେଷ କରି ଜିଲ୍ଲାର ବିଭିନ୍ନ ସ୍କୁଲରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ପିଲା ପଢୁଥିବା ବେଳେ ଚଳିତ ବର୍ଷ ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ଛାତ୍ରଛାତ୍ରୀ ଗ୍ରହଣ ନିମନ୍ତେ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ସ୍କୁଲ ଗୁଡ଼ିକରେ ନାମ ଲେଖା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସରକାରଙ୍କ ପକ୍ଷରୁ କୌଣସି ନୂତନ ଗାଇଡ ଲାଇନ ପ୍ରକାଶ ହୋଇନଥିବାରୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଇଂରାଜୀ ମାଧ୍ୟମରେ ପାଠ ପଢିବାକୁ ଆଶା ବାନ୍ଧି ଥିବା ଗରିବ ପିଲା ମାନେ ନିରାଶ ହୋଇଥିବା ଦେଖିବାକୁ ମିଳିଛି । ଏହି ଯୋଜନାରେ ଛାତ୍ରଛାତ୍ରୀଙ୍କ ପିଛା ମୁଣ୍ଡପିଛା କେବଳ ସ୍କୁଲ ଟ୍ୟୁସନ୍ ଫି' ବାବଦରେ ସରକାର 'ଅନ୍ୱେଷା' ଯୋଜନାରେ ବାର୍ଷିକ ଖର୍ଚ୍ଚ କରୁଥିଲେ ୨୦ ହଜାର। ଏହି ଅର୍ଥ ସଂପୃକ୍ତ ସ୍କୁଲଗୁଡ଼ିକୁ ଦିଆଯାଉଛି। ଏହା ବ୍ୟତୀତ ସେମାନଙ୍କର ଖାଇବା, ରହିବା, ପୋଷାକପତ୍ର ଓ ଯାତାୟତ ଖର୍ଚ୍ଚ ବାବଦରେ ବାର୍ଷିକ ଆହୁରି ୧୮ ହଜାର ଟଙ୍କା ସରକାର ଦେଉଛନ୍ତି। ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ଯେ ଶିକ୍ଷା ମାଧ୍ୟମରେ ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ପାଇଁ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି । ଏଥିପାଇଁ ୪୫୦ଟି ଆବାସିକ ବିଦ୍ୟାଳୟରେ ହଷ୍ଟେଲ ନିର୍ମାଣକୁ ଯୁଦ୍ଧକାଳୀନ ଭିତ୍ତିରେ ସାରିବା, ଜନଜାତି ଛାତ୍ରଛାତ୍ରୀଙ୍କୁ ଇଂରାଜୀ ଶିକ୍ଷା ଯୋଗାଇଦେବା ପାଇଁ କାର୍ଯ୍ୟକାରୀ ହେଉଥିବା ଅନ୍ୱେଷା ହଷ୍ଟେଲରେ ଘରୋଇ ଶିକ୍ଷକ ନିଯୁକ୍ତ କରିବା ସହ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ୧୦୦ ଶଯ୍ୟାବିଶିଷ୍ଟ ହଷ୍ଟେଲକୁ ବିକଶିତ କରାଯିବ ବୋଲି ସୂଚନା ଦେଇଥିଲେ । ଏଥିସହ ପରିଚିତି ଯୋଜନା ମାଧ୍ୟମରେ ୯୯ ଟି ବିଦ୍ୟାଳୟରେ ଜନଜାତି ଛାତ୍ରଛାତ୍ରୀ ନିଜସ୍ୱ କଳା, ସଂସ୍କୃତି, ଭାଷା ସହ ଯୋଡ଼ି ହୋଇ ରହିବେ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଜନଜାତି ଛାତ୍ରଛାତ୍ରୀମାନଙ୍କ ଆନୁଷ୍ଠାନିକ ଓ ବୌଦ୍ଧିକ ବିକାଶ ସମେତ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ତେବେ ଏତେ ସବୁ ସତ୍ତ୍ୱେ ଅନ୍ୱେଷା ଭଳି ଏକ ସୁନ୍ଦର ଓ ମହତ୍ ପାଠ୍ୟକ୍ରମରେ ପୂର୍ଣ୍ଣଚ୍ଛେଦ ପଡିଛି। ଏହି ଯୋଜନାର ବନ୍ଦ ହେବା ଦୁର୍ଭାଗ୍ୟ ଜନକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବିଡ଼ିଓଙ୍କ ତାଗିଦ୍ ପରେ ମଧ୍ୟ ସୁଧୁରୁନାହାନ୍ତି ଏପିଓ



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ପ୍ରତିଦିନ ବିଳମ୍ବରେ କାର୍ଯ୍ୟାଳୟକୁ ଆସିବା ଓ ନିଜ କାର୍ଯ୍ୟରେ ଅବହେଳା କରୁଥିବା ନେଇ ସ୍ଥାନୀୟ ଜନସାଧାରଣ ବିଡ଼ିଓଙ୍କୁ ମୌଖିକ ଅଭିଯୋଗ କରିବା ପରେ ବିଡ଼ିଓ ମଧ୍ୟ ତାଗିଦ କରିଥିଲେ, ହେଲେ ଏପିଓ ମହାଶୟାଙ୍କୁ କୌଣସି ଫରକ ପଡିନି ।ଆଗରୁ ଯେମିତି ଥିଲେ ଏବେ ମଧ୍ୟ ସେମିତି ।ଯେସାକୁ ତେସା। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟରେ ଏନ୍‌ଆରଜିଏସ ବିଭାଗରେ କାର୍ଯ୍ୟରତ ଥିବା ଏପିଓ (ଅଙ୍କିତା ସାହୁ )ପ୍ରତିଦିନ ୧୧:୩୦/୧୨ଟାରେ କାର୍ଯ୍ୟାଳୟରେ ପହଞ୍ଚିଥାନ୍ତି। ସ୍ଥାନୀୟ ଲୋକେ ଏପିଓଙ୍କ ଯୋଗୁଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ପରେ ଗତ ସୋମବାର ଦିନ ବିଡ଼ିଓଙ୍କୁ ଠାରେ ଏନେଇ ଅଭିଯୋଗ କରିଥିଲେ। ଏପିଓଙ୍କ ଏଭଳି ଖାମଖିଆଲି ପାଇଁ ବ୍ଲକର ୨୬ଗୋଟି ପଂଚାୟତର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନ ୧୦ଟା ରୁ ଆସି ସମସ୍ତେ ଏପିଓ ମହାଶୟଙ୍କୁ ଅପେକ୍ଷା କରି ରହୁଛନ୍ତି।। ବିଡ଼ିଓ ମହାଶୟ ଏପିଓଙ୍କୁ ନିଜ ପ୍ରକୋଷ୍ଠକୁ ଡାକି ଠିକ ସମୟରେ କାର୍ଯ୍ୟାଳୟରେ ପହଂଚି କାର୍ଯ୍ୟ କରିବାକୁ ତାଗିଦ୍ କରିଥିଲେ । ତଥାପି ଏପିଓଙ୍କୁ କୌଣସି ଫରକ ପଡ଼ିନାହିଁ । ସେ ପୂର୍ବବତ୍ ଆଜି ତଥା ସୋମବାର ଦିନ ୧୧:୩୦ ରୁ ୧୨ଟା ବେଳେ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣରେ ଦେଖିବାକୁ ମିଳିଛି । ଏହାକୁ ନେଇ ଏପିଓ-ଶ୍ରୀମତୀ ସାହୁଙ୍କୁ ପଚାରିବାରୁ ସେ ଓଲଟା ଧମକାଇବା ସହ ବେଖାତିର ଭାବରେ ଚାଲିଯାଇଥିଲେ। ଯାହାକୁ ନେଇ ଜନସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳୁଛି । ଏପିଓଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ କୋଷାଗୁମୁଡା ବିଡ଼ିଓଙ୍କୁ ଜନସାଧାରଣ ଦାବି କରିଛନ୍ତି ।

## କଛାରପଡ଼ାରେ ପାନୀୟଜଳ ସମସ୍ୟା

### ନାଳ-ଚୁଆ ଉପରେ ଭରସା



ନୂଆପଡ଼ା(ଭାସ୍କର ନ୍ୟୁଜ୍):କେନ୍ଦ୍ର ଓ ରାଜ୍ୟ ସରକାର ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଏହି ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଛି। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଲୋକେ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇ ନଈ, ନାଳ, ଝରଣା, ଖୋଳା କୂଅ ଉପରେ ନର୍ଭର କରୁଛନ୍ତି। ଏହାର ଏକ ଉଦାହରଣ ନୂଆପଡ଼ା ଜିଲା ସିନାପାଲି ବ୍ଲକ ଦୁର୍ଗମ ଘାଟମାଳ ପଞ୍ଚାୟତ ତାଲାକୋଟ ଗାଁର କଛାରପଡ଼ାରେ ଦେଖିବାକୁ ମିଳିଛି। ପଡ଼ାବାସୀ ନାଳପାର୍ଶ୍ୱ ବାଲିରେ ଚୂଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। କଛାରପଡାରେ ଆଦିବାସୀ ସମ୍ପ୍ରଦାୟର ୩୦ରୁ ଊର୍ଦ୍ଧ୍ୱ ପରିବାରର ୧୫୦ରୁ ଅଧିକ ସଦସ୍ୟ ବସବାସ କରୁଛନ୍ତି। ତାଲାକୋଟ ଗାଁରେ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇ ଅନ୍ୟ ଗାଁ ବା ପଡ଼ାକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ହେଲେ ତାଲାକୋଟ ଠାରୁ କଛାରପଡା ମାତ୍ର ୨ କିଲୋମିଟର ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ପଡ଼ାବାସୀ ବାଧ୍ୟ ହୋଇ ନିକଟସ୍ଥ ବୁଢଗେଲ ନାଳରୁ ବାଲି ଚୂଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ସେହି ଗୋଳିଆ ପାଣି ବ୍ୟବହାର କରି ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହି ସମସ୍ୟା ନେଇ ପଡ଼ାବାସୀ ନିର୍ବାଚିତ ପ୍ରତିନିଧିଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ବିଭାଗୀୟ ଅଧିକାରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ପଡ଼ାର କରୁଣା ମାଝି, ପୁରଦୀ ମାଝି, ରାମଲୁ ମାଝି, ସୋମନାଥ ଦେବଗୁନିଆ, ମଞ୍ଜୁଳା ମାଝି, ସୁରେଖା ମାଝି, ଭୂଜେଶ୍ୱରୀ ମାଝି ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସିନାପାଲି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ କେଶବ ସାହୁଙ୍କୁ ପଚାରିବାରୁ ଏହି ପଡାକୁ କିଭଳି ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ ସେ ନେଇ ଆମେ ବ୍ୟବସ୍ଥା କରୁଛୁ। ଅଳ୍ପ କିଛିଦିନ ଭିତରେ ପାଣି ସମସ୍ୟା ଦୂର ହୋଇଯିବ ବୋଲି କହିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ଭଣ୍ଡାର ନାହିଁ, ରୋଗୀ ହନ୍ତସନ୍ତ

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ଖୋଲିବାକୁ ସାଧାରଣରେ ଦାବି। ରକ୍ତଭଣ୍ଡାର ନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗର୍ଭବତୀ ମହିଳା ଓ ଅନ୍ୟ ରୋଗୀ । ନୂଆପଡା ଜିଲ୍ଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ହେଲେ ମଧ୍ୟ ଜିଲ୍ଲା ସ୍ତରୀୟ ଚିକିତ୍ସାଳୟର ମାନ୍ୟତା ବହନ କରେ । କାରଣ ନୂଆପଡା ଜିଲ୍ଲାର ପ୍ରମୁଖ ସହର ହେଉଛି ଖଡ଼ିଆଳ । ଏହି ଉପଖଣ୍ଡ ଚିକିତ୍ସାଳୟରେ ଖଡ଼ିଆଳ, ବୋଡ଼େନ, ସିନାପାଲି ବ୍ଲକ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ପଡ଼ୋଶୀ ଜିଲ୍ଲା ବଲାଙ୍ଗୀର ଜିଲ୍ଲାର କିଛି ବ୍ଲକ ଓ ପଡୋଶୀ ରାଜ୍ୟ ଛତିଶଗଡ଼ର କିଛି ଅଂଶ ନିର୍ଭରଶୀଳ ରହିଥାନ୍ତି। ଏହି ଚିକିତ୍ସାଳୟରେ ଦୈନିକ ଏକ ଶହରୁ ଅଧିକ ରୋଗୀ ପଞ୍ଜିକୃତ ହୋଇ ବିଭିନ୍ନ ରୋଗର ଚିକିତ୍ସା ହେଉଛନ୍ତି । ସେଥିମଧ୍ୟରେ ୧୫ ରୁ ୨୦ ଜଣ ଗର୍ଭବତୀ ମହିଳା ପ୍ରତ୍ୟେକ ଦିନ ଚିକିତ୍ସାପାଇଁ ପଞ୍ଜିକୃତ ହେଉଛନ୍ତି। ହେଲେ ଏହି ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ସମସ୍ୟା ହେଉଛି ରକ୍ତ ଭଣ୍ଡାର ନାହିଁ । ଖଡ଼ିଆଳ ଅଞ୍ଚଳରେ ବସବାସ କରୁଥିବା ଗର୍ଭବତୀ ମହିଳାମାନଙ୍କ ରକ୍ତହୀନତା ଗୋଟିଏ ବଡ ସମସ୍ୟା । ଏ ଅଞ୍ଚଳର ଅଧିକାଂଶ ଗର୍ଭବତୀ ମହିଳା ମାନଙ୍କ ଶରୀରରେ ପୁଷ୍ଟିହୀନତା ଅଧିକ ଦେଖା ଯାଉଥିବା ଯୋଗୁଁ ଅଧିକାଂଶ ଗର୍ଭବତୀ ମହିଳାଙ୍କ ଶରୀରରେ ୬ ରୁ ୭ ପଏଣ୍ଟ ରକ୍ତ ରହୁଥିବା ଚିକିତ୍ସା ବିଭାଗର ବିଭାଗୀୟ ଅଧିକାରୀ ମାନଙ୍କ ସୂତ୍ରରୁ ଜଣାଯାଇଛି । ଗର୍ଭବତୀ ମହିଳାଙ୍କ ଶରୀରରେ ରକ୍ତହୀନତା ଥିଲେ ଗର୍ଭବତୀ ମହିଳାମାନଙ୍କ ଜୀବନ ପ୍ରତି ସବୁବେଳେ ବିପଦ ରହିଥାଏ । ସେମାନଙ୍କୁ ଔଷଧ ଦେଲେ ମଧ୍ୟ ତୁରନ୍ତ କାର୍ଯ୍ୟ କରୁନଥିବା ଡାକ୍ତର ପକ୍ଷରୁ ପ୍ରକାଶ କରିବା ସହିତ ଅସ୍ତ୍ରୋପଚାର କରିବା ସମ୍ପୂର୍ଣ୍ଣ ବିପଦ ରହିଥାଏ । ଫଳରେ ରକ୍ତହୀନତା ଯୋଗୁଁ ମାସକୁ ୧୫୦ ରୁ ଅଧିକ ଗର୍ଭବତୀ ମହିଳାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା କୌଣସି ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କାରାଯାଉଛି । ଫଳରେ ଗର୍ଭବତୀ ମହିଳା ମାନେ ହଇରାଣ ହେବା ସହିତ ପରିବାରର ଅନ୍ୟ ସଦସ୍ୟମାନେ ହଇରାଣ ହେବା ସହିତ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ଖୋଲିବାକୁ ସାଧାରଣ ରେ ଦାବି ହେଉଛି ।




## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ବୌଦ୍ଧ(ଭାସ୍କର ନ୍ୟୁଜ୍): ଲୁହା ବିଦ୍ୟୁତ ଖୁଣ୍ଟ ନେଲା ଯୁବକଙ୍କ ଜୀବନ। ପଡିଆରେ ଗାଈ ଚରାଉଥିବା ସମୟରେ ବିଦ୍ୟୁତ ଖୁଣ୍ଟ ସଂସ୍ପର୍ଶରେ ଆସିଥିଲେ ୫୫ ବର୍ଷୀୟ ଯୁବକ। ମିଳିଥିବା ସୂଚନା ମତେ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ପାଟଦୁହୁଲି ଗ୍ରାମର ନୀଳମଣି ନାୟକ ବୟସ ପ୍ରାୟ ୫୫ ବର୍ଷ ହୋଇଥିବା ବେଳେ ସବୁଦିନ ପରି ଆଜି ଗ୍ରାମ ନିକଟସ୍ଥ ପଡିଆକୁ ଗାଈ ଚରାଇବାକୁ ଯାଇଥିଲେ। ପଡିଆରେ ଥିବା ଲୁହା ଇଲେକ୍ଟ୍ରି ପୋଲ ଆର୍ଥିଙ୍ଗ ହୋଇଯାଇଥିବା ବେଳେ ଉକ୍ତ ବିଦ୍ୟୁତ ପୋଲ ସଂସ୍ପର୍ଶରେ ଆସିଥିଲେ ଗାଈ ଚାରାଳି ଜଣକ। ଫଳରେ ଶରୀର ଅଧା ଅଂଶ ପୋଡି ଯାଇଥିବା ବେଳେ ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ କରିଥିବା କୁହାଯାଉଛି । ଏପଟେ ତୁରନ୍ତ ଯୁବକଙ୍କୁ ଉଦ୍ଧାରକରି ପୁରୁଣାକଟକ ମେଡିକାଲ ଭର୍ତ୍ତି କରାଯାଇଥିଲା। ଏଭଳି ଘଟଣାକୁ ନେଇ ପୁରା ପରିବାର ଭାଙ୍ଗି ପଡ଼ିଥିବା ବେଳେ ଅସହାୟ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

## ନାବାଳକଙ୍କ ଆତ୍ମହତ୍ୟା

ଉମରକୋଟ(ଭାସ୍କର ନ୍ୟୁଜ୍): ବେକରେ ଗାମୁଛା ବାନ୍ଧି ଜଣେ ନାବାଳକ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ନାବାଳକ ଜଣକ ହେଲେ ଉମରକୋଟ ପୌର ପରିଷଦ ୧୩ ନଂ ୱାର୍ଡର ବିବେକ କୁମାର ଯାଟ (୧୩)। ମିଳିଥିବା ସୂଚନା ଅନୁସାରେ ବିବେକ ଆଜି ସ୍କୁଲରୁ ଘରକୁ ଫେରୁଥିଲେ।୪.୩୦ମିନିଟ ସମୟରେ ପରିବାର ଲୋକଙ୍କୁ ବାଥରୁମ ଯାଉଛି କହି ଯାଇଥିଲେ। ଫେରିବାର ବିଳମ୍ବ ହେବାରୁ ପରିବାର ଲୋକେ କବାଟ ଖୋଲି ଦେଖିଲେ ଯେ ବିବେକ ବାଥରୁମ ଭିତରେ ଏକ ଦୁଲାମରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ସଙ୍ଗେ ସଙ୍ଗେ ବିବେକକୁ ଓହ୍ଲାଇ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତରଖାନାରେ ଡାକ୍ତର ବିବେକକୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ




ମାଲକାନଗିରି (ଭାସ୍କର ନ୍ୟୁଜ୍): ଜିଲ୍ଲାରେ ଜଣେ ନାବାଳିକା ସହ ଦୁଷ୍କର୍ମ ଅଭିଯୋଗ। ରାଜ୍ୟରେ ନାରୀ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନ ଉଠିଥିବା ବେଳେ ଦିନକୁ ଦିନ ନାରୀମାନଙ୍କ ଉପରେ ହିଂସା, ଅତ୍ୟାଚାର ବଢିବାରେ ଲାଗିଛି। ରାଜ୍ୟ ସରକାର ଏହା ଉପରେ ରୋକ ଲଗାଇବାରେ ବିଫଳ ହେଉଥିବା ନେଇ ବିରୋଧୀ ଅଭିଯୋଗ କରିବା ସହ ବିକ୍ଷୋଭ କରୁଥିବା ବେଳେ କେଉଁଠି ନାରୀ ନିଆଁରେ ଜଳି ଗୁରୁତର ହେଉଛି ତ ପୁଣି କେଉଁଠି ନ୍ୟାୟ ନପାଇ ଆତ୍ମହୁତି ଦେଉଛି। ଏହାକୁ ନେଇ ରାଜ୍ୟର ଅନେକ ସ୍ଥାନରେ ସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଥିବା ବେଳେ ଏହାରି ମଧ୍ୟରେ ମାଲକାନଗିରି ଜିଲ୍ଲାରେ ଜଣେ ନାବାଳିକା ସହ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୀଡ଼ିତା ନାବାଳିକାର ପରିବାର ମାଲକାନଗିରି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାଲକାନଗିରି ସଦର ଥାନା ଅଞ୍ଚଳର ନାବାଳିକା ଜଣଙ୍କ ଗତକାଲି ସନ୍ଧ୍ୟାରେ ନିଜ ସାଙ୍ଗର ଜନ୍ମ ଦିନ ପାଳନ ପାଇଁ ସାଙ୍ଗ ଘରକୁ ଯାଇଥିବାବେଳେ ବିଳମ୍ବିତ ରାତି ଯାଏଁ ଘରକୁ ଫେରି ନଥିଲେ। ପରିବାର ଲୋକେ ଝିଅ କୁ ବହୁ ଖୋଜା ଖୋଜି ପରେ ଝିଅର କୌଣସି ପତ୍ତା ମିଳିନଥିଲା। ତେବେ ଏହାରି ମଧ୍ୟରେ ଜିଲ୍ଲା ସଦରରୁ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବିଜା ଘାଟି ଠାରେ ବିଳମ୍ବିତ ରାତିରେ ଉକ୍ତ ନାବାଳିକା ଓ ଜଣେ ଟ୍ରକ ଚାଳକକୁ ସନ୍ଦେହଜନକ ସ୍ଥିତିରେ ଦେଖି କିଛି ପଥଚାରି ମାଲକାନଗିରି ପୋଲିସକୁ ଖବର ଦେଇଥିବା ବେଳେ ପୋଲିସ ସେଠାରେ ପହଞ୍ଚି ଉକ୍ତ ନାବାଳିକାକୁ ଉଦ୍ଧାର କରିବା ସହ ଶକ୍ତି ସଦନ ଗୃହରେ ରଖିଥିଲେ। ଏହା ସହ ଟ୍ରକ ଚାଳକକୁ ଅଟକ ରଖିଥିଲେ। ଏନେଇ ଖବର ପାଇବା ପରେ ଆଜି ଉକ୍ତ ନାବାଳିକାର ମା ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ୩୬୩/ ୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିବା ସହ ନାବାଳିକାର ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ ଶକ୍ତି ସଦନରେ ରଖା ଯାଇଥିବା ସୂଚନା ଦେଇଛନ୍ତି ମାଲକାନାଗିରି ଥାନା ଅଧିକାରୀ ଶ୍ରୀ କିଣ୍ଡୋ ।

## ସହଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ଗତ ୧ ତାରିଖରେ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ଦାବୀ କରି ବିଦ୍ୟାଳୟକୁ ତାଲା ପକେଇ ଥିଲେ ଗ୍ରାମବାସୀ । କ୍ଲଷ୍ଟରର ସିଆରସିସି ବିଦ୍ୟାଳୟରେ ପହଞ୍ଚି ବୁଝାସୁଝା କରିବା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ କଥା କରାଇବା ପରେ ସ୍ୱାଭାବିକ ହୋଇଥିଲା ସ୍ଥିତି ।ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ପଂଚାୟତ ଅନ୍ତର୍ଗତ ଡଙ୍ଗରୀଗୁଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ଗୌରୀ ବେହେରାଙ୍କ ଅନ୍ୟତ୍ର ବଦଳି ଦାବୀରେ ବିଦ୍ୟାଳୟରେ ତାଲା ପକେଇ ରଖିଥିଲେ ଗ୍ରାମବାସୀ ।ଘଟଣା ସ୍ଥଳରେ ସିଆରସିସି ପହଂଚି ସକଳ ବୃତାନ୍ତ ଶୁଣିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହିତ ଗ୍ରାମବାସୀଙ୍କୁ ଯୋଗାଯୋଗ କରେଇଥିଲେ। ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରୁ ବଦଳି କରିବାର ପ୍ରତିଶ୍ରୁତି ପାଇବା ପରେ ବିଦ୍ୟାଳୟର ତାଲା ଖୋଲା ଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଥିଲା ଯେ, ଦିଦି ଜଣକ ବିଦ୍ୟାଳୟରେ ପାଠ ପଢାଉ ନାହାନ୍ତି ।ସଦା ସର୍ବଦା ବିଦ୍ୟାଳୟ ପରିସର ମଧ୍ୟରେ ଥିବା ବାଉଁଶ ବୁଦା ମୂଳେ ବସି ଫୋନରେ ଗପି ରହୁଛନ୍ତି। କେବେ ମଧ୍ୟ କୌଣସି ଶ୍ରେଣୀ ଗୃହରେ ପଶି ପିଲାମାନଙ୍କୁ ପାଠ ପଢାଉଥିବା ଲୋକେ ଦେଖିନଥିବା ଅଭିଯୋଗ କରିଥିଲେ । ଯେତେବେଳେ ମଧ୍ୟ ସେ ବାଉଁଶ ବୁଦା ପାଖରେ କାନରେ ମୋବାଇଲ ରଖି ଛିଡା ରହୁଥିବା ଅଭିଯୋଗ ଆଣିଥିଲେ ଅଭିଭାବକ ଓ ଗ୍ରାମବାସୀ । ଡଙ୍ଗରୀଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ରୁ ପଞ୍ଚମ ଯାଏ ଶ୍ରେଣୀ ରହିଥିବା ବେଳେ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୮୨ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସଂଖ୍ୟା ୩ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଫିସ କାମରେ ବ୍ୟସ୍ତ ରହୁଥିବା ବେଳେ ଆଉ ଜଣେ ଶିକ୍ଷକ ୫ଟି ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼େଇବା ସମ୍ଭବ ନୁହେଁ। ଏହି ଶିକ୍ଷୟିତ୍ରୀ ବିଦ୍ୟାଳୟରେ ରହିବା ନରହିବା ଏକା କଥା । ବରଂ ସେ ଅନ୍ୟତ୍ର ବଦଳି ହେଲେ ତାଙ୍କ ସ୍ଥାନରେ ଆଉ ଜଣେ ଶିକ୍ଷକ ଆସି ପିଲାଙ୍କୁ ପାଠ ପଢ଼େଇବେ । ତେଣୁ ଦିଦିଙ୍କ ବଦଳି ନିହାତି ଦରକାର ବୋଲି ଗ୍ରାମବାସୀ ଓ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକେଇ ଦିଦିଙ୍କୁ ବଦଳି କରାଯାଉ ବୋଲି ଅଡ଼ି ବସିଥିଲେ । ଯେତେଦିନ ଯାଏ ଦିଦିଙ୍କ ବଦଳି ନହୋଇଛି ସେତେଦିନ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ଯିବନାହିଁ ବୋଲି ଜିଦ ଧରି ବସିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଶୁଣି ସାରିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାତ ଦିନର ସମୟ ମାଗିଛନ୍ତି ଓ ସାତ ଦିନ ମଧ୍ୟରେ ଦିଦିଙ୍କ ବଦଳି କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ।ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ବିଦ୍ୟାଳୟ ଖୋଲିବାକୁ ଦେଇଥିଲେ ।ଇତି ମଧ୍ୟରେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି ହୋଇଯିବାରୁ ସେ ନିଜ ପ୍ରତିଶ୍ରୁତି ରଖି ପାରିନଥିଲେ ।ତାଙ୍କ ବଦଳରେ କୋଷାଗୁମୁଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସେମେନ୍ଦ୍ର ଭୌମିକଙ୍କୁ ନିଯୁକ୍ତି ଦିଆଗଲା । ବର୍ତମାନ ନୂତନ ଭାବେ ନିଯୁକ୍ତି ପାଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଗ୍ରାମବାସୀ ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ଦାବିପତ୍ର ପ୍ରଦାନ କରିଥିବା ସୂଚନା ରହିଛି ।ଯଦି ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରା ନଯାଏ ତେବେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ କରିବେ ବୋଲି ଗ୍ରାମବାସୀ ଚେତାବନୀ ମଧ୍ୟ ଦେଇଥିବା ସୂଚନା ମିଳିଛି ।

## ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ୱାର୍ଡ ସଭ୍ୟସଭ୍ୟା



ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ କଂଗ୍ରା ଗ୍ରାମପଞ୍ଚାୟତର ସରପଞ୍ଚ ରୁକ୍ମଣୀ ଭତ୍ରାଙ୍କ ବିରୁଦ୍ଧରେ ୱାର୍ଡ ସଭ୍ୟମାନେ ଅନାସ୍ଥା ଆଣିଥିଲେ। ଏହାକୁ ନେଇ ଗତ ଜୁନ ୨୪ ତାରିଖରେ ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପାଇଁ ପ୍ରସ୍ତାବ ଦେବା ପରେ ସରକାରୀ ସ୍ତରରେ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଥିଲା। ଜୁଲାଇ ୨୧ ତାରିଖ ରେ ଏହାର ନିର୍ବାଚନ ଦିନ ଧାର୍ଯ୍ୟ କରାଯାଇଥଲା ।ଏହି ପଞ୍ଚାୟତରେ ସମୁଦାୟ ୧୪ ଟି ୱାର୍ଡ ବିଶିଷ୍ଟ ହୋଇଥିବା ବେଳେ ତନ୍ମଧ୍ୟରୁ ୬ ୱାର୍ଡ ନମ୍ବର ୱାର୍ଡର ସଭ୍ୟ ଗୋପୀ ଗୌଡ଼ଙ୍କ ଦେହାନ୍ତ ହୋଇଯାଇଛି। ବଳକା ୧୩ ୱାର୍ଡ ସଭ୍ୟ ଆଜି ଉପସ୍ଥିତ ରହି ସରପଞ୍ଚଙ୍କ ବିରୁଦ୍ଧରେ ଅଣାଯାଇଥିବା ଅନାସ୍ଥାର ସପକ୍ଷରେ ମତ ଦାନ କରିଛନ୍ତି ।ଏହି ପ୍ରକ୍ରିୟା ରେ ସରପଞ୍ଚ ଅନୁପସ୍ଥିତ ରହିଥିଲେ ।ଏହି ମତଦାନ ପ୍ରକ୍ରିୟା ରେ ତେନ୍ତୁଳିଖୁଣ୍ଟି ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡ ପାଟ ନିର୍ବାଚନ ପ୍ରକ୍ରିୟାକୁ ତୁଲାଇ ଥିବା ବେଳେ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ,ପଞ୍ଚାୟତ ଅଧିକାରୀ ରାଧାକାନ୍ତ ରଣା ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ନବରଙ୍ଗପୁର ଏସ ଡି ପି ଓ କୃଷ୍ଣ ଚନ୍ଦ୍ର ଭତ୍ରାଙ୍କ ତତ୍ତ୍ୱାବଧାନରେ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ କୁମାର ଟୁଡୁ ,ଏଏସ ଆଇ ଭରତ ମାଝୀଏବଂ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ।

## ରାସ୍ତାରେ ଭାସୁଛି ଆହାର କେନ୍ଦ୍ରର ପେଜ

କନ୍ଧମାଳ(ଭାସ୍କର ନ୍ୟୁଜ୍): ସ୍ୱଚ୍ଛ ଭାରତ ଓ ସ୍ୱଚ୍ଛ ସେବା କାହାପାଇଁ? କାମରେ ଆସୁନି ପରିଷ୍କାର ପରିଚ୍ଛନ୍ନତା। ଏଭଳି ଦେଖିବାକୁ ମିଳିଛି ଫୁଲବାଣୀ ପୌର ପରିଷଦର ବସଷ୍ଟାଣ୍ଡ ନିକଟସ୍ଥ ଆହାର କେନ୍ଦ୍ରରେ। ବସ ଷ୍ଟାଣ୍ଡ ଉପର ସାଜ ସଜା ବହୁତ ବଢିଆ କିନ୍ତୁ ଆହାର କେନ୍ଦ୍ରରୁ ବାହାରୁଥିବା ପ୍ରତିଦିନର ଗରମ ପେଜ ବସଷ୍ଟାଣ୍ଡ ସାରା ଭାସୁଛି । ଉକ୍ତ ପଡ଼ିଥିବା ପେଜ ଉପରେ ମଶା ମାଛିରେ ଭରପୁର ସହିତ ଜନସାଧାରଣଙ୍କୁ ବିପଦ ମୁଖକୁ ଠେଲି ଦେଉଛି । ପୌର ପରିଷଦ ଏବିଷୟ ଜାଣି ମଧ୍ୟ ନିରବ। କୌଣସି ପଦକ୍ଷେପରେ ପଛଘୁଞ୍ଚା। ତେଣୁ ପ୍ରତିଦିନ ପେଜ ଭାସୁଛି । ରାଜ୍ୟ ସରକାର ଓଡ଼ିଶାର ଆହାର କେନ୍ଦ୍ରଗୁଡ଼ିକ ସହରାଞ୍ଚଳ ଗରିବ ଲୋକଙ୍କୁ କମ ମୂଲ୍ୟରେ ସବସିଡ଼ିଯୁକ୍ତ, ଗରମ ରନ୍ଧା ଖାଦ୍ୟ ଯୋଗାଇଥାଏ। ଏଥି ସହିତ ସୁଲଭ ମୂଲ୍ୟ, ସ୍ୱାସ୍ଥ୍ୟକର ପରିସ୍ଥିତି ଏବଂ ହସ୍ପିଟାଲ, ବସଷ୍ଟାଣ୍ଡ ଏବଂ ରେଳ ଷ୍ଟେସନ ନିକଟରେ ଜନସାଧାରଣଙ୍କୁ ସୁବିଧା ଯୋଗାଇ ଥାଏ। ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କ ଉତ୍ତମ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ଯୋଗାଇ ଦେଇ ଆସୁଅଛି । ଯେଉଁଥିରେ ସିଏସଆର ପଦକ୍ଷେପ ଏବଂ ଦାନର ଅବଦାନ ରହିଛି। ଏହି ଖାଦ୍ୟକୁ ୫ଟଙ୍କାର ଏକ ଉଚ୍ଚ ସବସିଡ଼ିଯୁକ୍ତ ଦରରେ ବିକ୍ରି କରାଯାଏ, ଯାହା ଫଳରେ ନିମ୍ନ ଆୟକାରୀ ବ୍ୟକ୍ତିମାନେ ଏହା ପାଇପାରିବେ। ପୁଷ୍ଟିକର, ରନ୍ଧା ଖାଦ୍ୟ, ସାଧାରଣତଃ ଭାତ ଏବଂ ଡାଲମା ସହିତ ଆଚାର ପ୍ରଦାନ କରିବା ଉପରେ ଧ୍ୟାନ ଦିଆଯାଇଛି। ଖାଦ୍ୟ ପ୍ରସ୍ତୁତି ଏବଂ ପରିବେଷଣରେ ପରିଷ୍କାର ପରିଚ୍ଛନ୍ନତା ର ଉଚ୍ଚମାନ ବଜାୟ ରଖିବା ଏକ ପ୍ରାଥମିକତା। ହେଲେ ଆହାର କେନ୍ଦ୍ର କେତେ ପରିଷ୍କାର ପରିଚ୍ଛନ୍ନ ଅଛି ତାହା ଏହି ଖବରରୁ ସହଜରେ ବାରି ହୋଇ ପାରୁଛି ଯେ ଲୋକ ମାନେ ଆହାର କେନ୍ଦ୍ରକୁ ଯାଉଛନ୍ତି, ସରକାରଙ୍କର ୫ ଟଙ୍କିଆ ଖାଦ୍ୟ ଖାଉଛନ୍ତି, ଏହିପରି ପରିସ୍ଥିତିରେ ଜନସାଧାରଣ ମାନେ ହଇଜା ରୋଗକୁ ନିମନ୍ତ୍ରଣ କରୁ ନାହାନ୍ତି ତ ? ଏ ନେଇ ବିଭିନ୍ନ ଦଳ ପୌର ପରିଷଦର ଅଧିକାରୀ ଓ କର୍ମଚାରୀଙ୍କର ସ୍ୱଚ୍ଛ ଶାସନ, ସ୍ୱଚ୍ଛ ସେବା, ଉତ୍ତମ ସ୍ୱାସ୍ଥ୍ୟ କାର୍ଯ୍ୟ ବାହାରେ ପଡୁଛି। ଏହିମାନଙ୍କ ଉପରେ କନ୍ଧମାଳ ଜିଲ୍ଲାପାଳ ଦୃଢ଼ ପଦକ୍ଷେପ ନେବା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି ଜନସାଧାରଣ ଓ ବୁଦ୍ଧିଜୀବୀ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ଓ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜୀ ଯୋଗଦେଇଥିଲେ। ମୋଟ ୯୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୨୨ ଗୋଷ୍ଠିଗତ ଓ ୭୧ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାଯାଇଛି। ଏହି ଅବସରରେ ବେଲପଡ଼ା, ପାଟଣାଗଡ,ମୁରିବାହଲ ବ୍ଲକ ଅଞ୍ଚଳର ବିଭିନ୍ନ ଅଭିଯୋଗ ଆସିଥିବା ଜଣାଯାଇଛି। ଶିବିରରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଏସ୍. ଚୌଧୁରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ପୁରୀ (ଭାସ୍କର ନ୍ୟୁଜ) : ବିଦ୍ୟାର୍ଥୀମାନେ ଏକ ସୁରକ୍ଷିତ, ସଚେତନ ଓ ସାହସୀ ଶିକ୍ଷା ପରିବେଶରେ ଶିକ୍ଷା ଗ୍ରହଣ କରନ୍ତୁ, ସେଥିପାଇଁ ପୁରୀ ପୋଲିସ ତରଫରୁ ଏକ ବିଶେଷ 'କଲେଜ ଜାଗୃତି ଅଭିଯାନର ଆୟୋଜିତ କରାଯାଇଛି । ଏହି କାର୍ଯ୍ୟକ୍ରମର ପିନାକ ମିଶ୍ର, ପୁରୀ ଜିଲ୍ଲା ପୋଲିସ ଅଧୀକ୍ଷକଙ୍କ ଦିଗ୍ଦର୍ଶନ ଓ ନିର୍ଦ୍ଦେଶନାରେ ପୁରୀ ଜିଲ୍ଲାର ସବୁ ୪ଟି ପୋଲିସ ଉପଖଣ୍ଡ ତଥା ସିଟି, ସଦର, ନିମାପଡ଼ା ଓ ପିପିଲି ଅନ୍ତର୍ଗତ ବିଭିନ୍ନ କଲେଜରେ ଅନୁଷ୍ଠିତ ହୋଇଛି ।ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟ, ଶାରୀରିକ ସୁରକ୍ଷା, ନିଶା ଓ ସାଇବର ଅପରାଧ ବିଷୟରେ ସଚେତନ କରିବା । ପ୍ରତ୍ୟେକ କଲେଜରେ ଅଧିକାରୀମାନେ ନିଜ ଅଭିଜ୍ଞତା ଓ ଜ୍ଞାନ ସହ ବିଦ୍ୟାର୍ଥୀଙ୍କୁ ସମ୍ବୋଧନ କରି "ଯଦି କିଛି ଭଲି ନାହିଁ ଲାଗେ, ଚୁପ୍ ରୁହନ୍ତୁ ନାହିଁ – ସହଯୋଗ ନିଅନ୍ତୁ, ପୁରୀ ପୋଲିସ ଆପଣଙ୍କ ସହିତ ଅଛନ୍ତି" ବାଣୀ ଦେଇ ଉନ୍ମୁକ୍ତ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମ କଲେଜ/ସ୍କୁଲରେ ତଥା ନିମାପଡ଼ା ଉପଖଣ୍ଡ ରେ – ୫ଟି କଲେଜ, ସଦର ଉପଖଣ୍ଡରେ – ୬ଟି କଲେଜ ଓ ସ୍କୁଲ, ପିପିଲି ଉପଖଣ୍ଡ ରେ – ୨ଟି କଲେଜ, ସିଟି ଉପଖଣ୍ଡ ରେ – ୧ଟି ସ୍କୁଲ ମୋଟ: ୧୪ଟି କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହା ସହ ଅନେକ ଶିକ୍ଷା ପ୍ରତିଷ୍ଠାନ ଯେଉଁଠାରେ ବିଶେଷ ସେମିନାର, ଇଣ୍ଟରେକ୍ଟିଭ୍ ସେସନ୍, ଓ ପ୍ରଶ୍ନ-ଉତ୍ତର ଅଧିବେଶନ ଅନୁଷ୍ଠିତ ହୋଇଛି । ବିଦ୍ୟାର୍ଥୀମାନେ ତାଙ୍କର ଅନୁଭୂତି ଓ ଚିନ୍ତାବିନ୍ଦୁ ମାଧ୍ୟମରେ ସ୍ୱତନ୍ତ୍ର ଭାବେ ଅଂଶ ନେଇଥିଲେ ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ବିଦ୍ୟାର୍ଥୀ ଏକ ସୁରକ୍ଷିତ ଓ ମିଶାଣୁଆ ମନୋଭାବରେ ପୁରୀ ପୋଲିସ ସହ ତାଙ୍କର ଅନୁଭୂତି ବାଣ୍ଟିଛନ୍ତି । ଅନେକ କଲେଜରେ ରାଗିଂ, ମାନସିକ ଚାପ, ଏବଂ ସାଇବର ଠକେଇ ଭଳି ବିଷୟ ଉପରେ ଗଭୀର ଆଲୋଚନା ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୌମ୍ୟାଶ୍ରୀଙ୍କ...

କେନ୍ଦ୍ରୀଭୂତ ହୋଇଛି । ସେପଟେ ଏହି ଘଟଣାରେ ଉଚ୍ଚଶିକ୍ଷା ବିଭାଗ, ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତଦନ୍ତ କରି ଫେରିଥିବାବେଳେ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇ କଲେଜରୁ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳୁଛି । ତେବେ ଛାତ୍ରଛାତ୍ରୀ କଲେଜ ଆସିବା ପାଇଁ ସଚେତନ କରାଯାଉଛି । ଏବେ କଲେଜର ସ୍ଥିତି ସ୍ୱାଭାବିକ ରହିଥିବାବେଳେ କିଛି ଛାତ୍ରଛାତ୍ରୀ କଲେଜ ଆସୁଛନ୍ତି । ତଦନ୍ତ ପ୍ରକ୍ରିୟା ବଢ଼ି ଚାଲିଥିବାବେଳେ କୌଣସି ନିଷ୍କର୍ଷ ବାହାରି ପାରୁନଥିବାରୁ ଘଟଣା ସମ୍ବେଦନଶୀଳ ହୋଇପଡ଼ିଛି । ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାକୁ ୧୧ ଦିନ ବିତି ଯାଇଥିଲେ ବି କ୍ରାଇମବ୍ରାଞ୍ଚ ନିଷ୍କର୍ଷରେ ପହଞ୍ଚି ପାରିନାହିଁ ।

### କାହାପାଖରେ କେତେ...

ଏନଡିଏ ନିଜ ପ୍ରାର୍ଥୀଙ୍କୁ ସହଜରେ ବିଜୟୀ କରାଇପାରିବ । ଉପରାଷ୍ଟ୍ରପତି ନିର୍ବାଚନରେ ରାଜ୍ୟସଭା ଓ ଲୋକସଭାର ସାଂସଦମାନେ ଭୋଟ ଦେବେ । ଏହାବ୍ୟତୀତ ରାଜ୍ୟସଭାରେ ମନୋନୀତ ସାଂସଦଙ୍କର ମଧ୍ୟ ଭୋଟ ଦେବାର ଅଧିକାର ରହିଛି । ଲୋକସଭାର ମୋଟ ୫୪୩ ଆସନ ମଧ୍ୟରୁ କେବଳ ଗୋଟିଏ ଆସନ ଖାଲି ପଡ଼ିଛି । ଲୋକସଭାର ୫୪୨ ଓ ରାଜ୍ୟସଭାର ୨୪୦ ସଦସ୍ୟ ମତଦାନ କରିପାରିବେ । ଉଲ୍ଲେଖଯୋଗ୍ୟ ଯେ ରାଜ୍ୟସଭାରେ ମଧ୍ୟ ୫ଟି ଆସନ ଖାଲି ପଡ଼ିଛି । ଗଣିତ ଅନୁଯାୟୀ ଉଭୟ ଗୃହରେ ମୋଟ ୭୮୨ଜଣ ସାଂସଦ ଅଛନ୍ତି । ଯଦି ସବୁ ସଦସ୍ୟ ଭୋଟ ଦିଅନ୍ତି ତେବେ ଜଣେ ପ୍ରାର୍ଥୀଙ୍କୁ ବିଜୟଲାଭ କରିବା ପାଇଁ ୩୯୪ ସଦସ୍ୟଙ୍କ ଭୋଟର ଆବଶ୍ୟକତା ରହିଛି । ଲୋକସଭାରେ ଏନଡିଏ ପାଖରେ ୨୯୩ ସଦସ୍ୟ ରହିଛନ୍ତି । ସେହିପରି ରାଜ୍ୟସଭାରେ ମଧ୍ୟ ଏନଡିଏ ପାଖରେ ୧୨୯ ସଦସ୍ୟ ଅଛନ୍ତି । ମୋଟାମୋଟି ଏନଡିଏ ପାଖରେ ୪୨୨ ସାଂସଦ ରହିଛନ୍ତି । ତେଣୁ ଏନଡିଏ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ବୋଲି କୁହାଯାଉଛି ।

### ଏସ୍ଆଇଟି...

ମୃତ୍ୟୁ ପରେ ବିଜେଡି ଓ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ନେଇ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏଜି ପୀତାମ୍ବର ଆଚାର୍ଯ୍ୟ । ହାଇକୋର୍ଟ ଏଥିନେଇ ଉଭୟ ଦଳକୁ ନୋଟିସ ଜାରି କରିଛନ୍ତି । ମାନବାଧିକାର କର୍ମୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ତାଙ୍କ ପିଟିସନରେ ଦର୍ଶାଇଥିଲେ ଯେ ଏଫଏମ୍ କଲେଜର ଜଣେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ସେହି କଲେଜର ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ । ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ସେ ବିଭିନ୍ନ ଫୋରମରେ ମଧ୍ୟ ଅଭିଯୋଗ କରିଥିଲେ । ତେବେ ସବୁଠାରୁ ନିରାଶ ହେବାପରେ ସେ ଚରମ ପଦକ୍ଷେପ ନେଇ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଆବେଦନକାରୀ ଦର୍ଶାଇଥିଲେ ଯେ ଏହି ଘଟଣାର ଉପଯୁକ୍ତ ତଦନ୍ତ ହେବାର ଆବଶ୍ୟକତା ରହିଛି । ଏହି ଘଟଣାର ପୁନରାବୃତ୍ତି ଯେପରି ଭବିଷ୍ୟତରେ ନ ଘଟେ ସେ ନେଇ ଅଦାଲତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତର ଆବଶ୍ୟକତା ଥିବା ଆବେଦନକାରୀ ଉଲ୍ଲେଖ କରିଥିଲେ । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ତଦନ୍ତ ଶେଷ ପାଇଁ ଅଦାଲତ ସମୟ ଧାର୍ଯ୍ୟ କରିବା ସହ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା, ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବା, ମହାବିଦ୍ୟାଳୟ ପ୍ରଶାସନର ଭୂମିକା, ୟୁଜିସି ଗାଇଡଲାଇନ କାର୍ଯ୍ୟକାରୀ ହେଉଛି କି ନାହିଁ ସେସବୁ ଦିଗକୁ ନେଇ ତଦନ୍ତ ଲାଗି ଆଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ ।

### ୨ ସରକାରୀ...

ଦୋଷୀ ସାବ୍ୟସ୍ତ କରାଯାଇଛି । ଅନ୍ୟପକ୍ଷରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ପୂର୍ବତନ ଯୋଗାଣ ଅଧିକାରୀ ବବିଲତା ବେହେରା, ଯିଏକି ବର୍ତ୍ତମାନ ବାରିପଦା ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ । ଲାଞ୍ଚ ନେଇ ଦଣ୍ଡିତ ହେବାପରେ ତାଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ବହିଷ୍କାର କରିଛନ୍ତି । ସୂଚନାଯୋଗ୍ୟ ଯେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ମଧ୍ୟ ବହୁ ସମୟରେ ମୁଖ୍ୟମନ୍ତ୍ରୀ କହି ଆସିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଚ୍ଚପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୁର୍ନୀତି ଅଭିଯୋଗରେ ଚଢାଉ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ।

### ଏ ଲଜ୍ଜାର...

ଜାତୀୟ ରାଜପଥ- ୩୨୬ ନିକଟରେ ନାବାଳିକାଙ୍କୁ ଏକ ଟ୍ରକ ଡ୍ରାଇଭର ସହ ସନ୍ଦେହଜନକ ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ । ଫଳରେ ସିମେଣ୍ଟ ବୋଝେଇ ଟ୍ରକ ଡ୍ରାଇଭର ସହିତ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇ ଥିଲେ କ୍ଷ ତଦନ୍ତ ବେଳେ ଆଉ ୩ ଜଣ ଯୁବକ ମଧ ପୀଡ଼ିତ ସହିତ ଦୁଷ୍କର୍ମ କରିଥା ଜାଣିବାକୁ ପାଇଥିଲେ । ସେହି ୩ ଜଣ ଯୁବକ ମାଲକାନଗିରି ସଦର ମହକୁମାର ବୋଲି ଜଣାପଡିଛି । ଫଳରେ ପୋଲିସ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ପୀଡିତାଙ୍କୁ ଡାକ୍ତର ମାଇନା ପରେ ସ୍ଥାନୀୟ ଶକ୍ତି ସଦନ ଆଶ୍ରୟସ୍ଥଳୀରେ ରଖାଯାଇଛି । ବର୍ତ୍ତମାନ ପୀଡିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ସୁସ୍ଥ ହେଲା ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି । ପୀଡିତା ନାବାଳିକାର ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଓ ପୋକ୍ସୋ ଆଇନରେ ମାମଲା ରୁଜୁ କରିଛି । ଏହି ଘଟଣା ପ୍ରଘଟ ହେବା ପରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁଖିଲ ଓ କଂଗ୍ରେସର କର୍ମକର୍ତ୍ତା ମାନେ ପହଞ୍ଚି ଥାନା ନିକଟରେ ବିଭିନ୍ନ ନାରାବାଜି କରିଥିବା ବେଳେ ପୂର୍ବତନ ବିଧାୟକ ମାନସ ମାଡକାମୀ ଏବଂ ବିଜେଡ଼ିର କର୍ମକର୍ତ୍ତା ମାନେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ଼ ଦାବି କରିଛନ୍ତି । ବର୍ତ୍ତମାନ ରାଜନୈତିକ ମହଲରେ ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି । ସେହିପରି ଜଗତସିଂହପୁରରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ୧୮ବର୍ଷୀୟା ଯୁବତୀର ଘର ଜଗତସିଂହପୁର ମଙ୍ଗୁରାଇ ଚାନ୍ଦଗଡ଼ ଅଞ୍ଚଳରେ । ସୋମବାର ସନ୍ଧ୍ୟାରେ ସେ ସାଙ୍ଗଘରକୁ ଜନ୍ମଦିନ ମନାଇବାକୁ ଯାଉଥିବାବେଳେ ଦୁଇ ଯୁବକ ବାଟରୁ ଉଠାଇ ନେଇ ବିଲରେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ କଟକରୁ ଗିରଫ କରିଥିବାବେଳେ ଦ୍ୱିତୀୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଥିବା ସୂଚନା ମିଳିଛି । ସେହିପରି ଯାଜପୁରରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ମହିଳା ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି । ନାବାଳିକା କ୍ରୀଡ଼ାବିତଙ୍କୁ ଜୋର ଜବରଦସ୍ତ ସାଥୀରେ ନେଇ ଏକ ଲଜ୍‌ରେ ୩ଜଣ କୋଚ୍ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଦୁଷ୍କର୍ମ ପୀଡ଼ିତାଙ୍କ ମାଆ ଏ ନେଇ ଷ୍ଟାଡିୟମ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି ଏହାକୁ ଚାପିଦେବାକୁ ଉଦ୍ୟମ ହୋଇଥିଲା । ତେବେ ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ସେହିପରି ପୁରୀ କଣ୍ଟପୁରରେ ମନ୍ଦିର ଦର୍ଶନ ସାରି ୩ଜଣ ଯୁବତୀ ଘରକୁ ଫେରୁଥିବାବେଳେ ୬ଜଣ ଯୁବକ ସେମାନଙ୍କୁ ଅସଦାଚରଣ କରିଥିଲେ । ଅନ୍ଧାରର ସୁଯୋଗ ନେଇ ସେମାନେ ଏଭଳି ଆଚରଣ ଦେଖାଇଥିଲେ । ତେବେ ଜଣେ ଯୁବତୀ ଘରକୁ ଫୋନ୍ କରିବା ପରେ ଘରଲୋକ ଆସି ୨ଜଣ ଯୁବକଙ୍କୁ ଧରିବା ସହ ପୋଲିସଜିମା ଦେଇଥିଲେ । ସେହିପରି ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଜଣେ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ଇନଷ୍ଟାଗ୍ରାମରେ ବନ୍ଧୁ ସାଜିଥିବା ଜଣେ ଯୁବକ ଘରୋଇ ସ୍କୁଲର ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଏକ କାମ ବାହାନାରେ ବ୍ରହ୍ମପୁର ଡାକି ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଞ୍ଚଳରେ ଥିବା ଏକ କଲେଜର ଡାଟାଏଣ୍ଟ୍ରି ଅପରେଟର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରି ଗିରଫ ହୋଇଥିବା ସୂଚନା ମିଳିଛି । ତେବେ ପ୍ରଶ୍ନ ଉଠୁଛି ରାସ୍ତାଘାଟ, ମନ୍ଦିର, ଶିକ୍ଷାନୁଷ୍ଠାନ, ଏସବୁ ସ୍ଥାନ ଏବେ ମହିଳାଙ୍କ ପାଇଁ ସୁରକ୍ଷିତ କି? ଘରୁ ପାଦ କାଢିବାକୁ ଭୟ କଲେଣି ମହିଳା । ଯଦିଓ ଏହିସବୁ ଘଟଣାରେ ସରକାର ଠୋସ୍ ପଦକ୍ଷେପ ଗ୍ରହଣ କରୁଛନ୍ତି, ତଥାପି ଏଥିରେ ରୋକ୍ ଲାଗୁନଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।

### ଧନଖଡ଼ଙ୍କ ଇସ୍ତଫା...

ଖୁବ୍‌ଶୀଘ୍ର ଉପରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ ହେବ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ ଶ୍ରୀ ଧନଖଡ଼ ଡାକ୍ତରଙ୍କ ପରାମର୍ଶ ଓ ନିଜ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ସମ୍ବିଧାନର ଧାରା ୬୭(କ) ଅନୁଯାୟୀ ଇସ୍ତଫା ଦେଇଥିଲେ । ଏଥିପାଇଁ ସେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦକୁ ମଧ୍ୟ ସେମାନଙ୍କ ମାର୍ଗଦର୍ଶନ ଓ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ । ତେବେ ସଂସଦ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ତାଙ୍କ ଇସ୍ତଫା ଦେବା ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ସୋମବାର ରାଜ୍ୟସଭାରେ ଧନଖଡ଼ ଉପସ୍ଥିତ ଥିବାବେଳେ ଅପରେସନ ସିନ୍ଦୂର ଓ ପହଲଗାମ ଆକ୍ରମଣକୁ ନେଇ ଗୃହର ନେତା ଜେ.ପି.ନଡ୍ଡା ଓ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ମଧ୍ୟରେ ବିତର୍କ ହୋଇଥିଲା । ଏହି ସମୟରେ ଉପରାଷ୍ଟ୍ରପତିଙ୍କୁ ଏହି ପ୍ରସଙ୍ଗର ସମସ୍ତ ଦିଗ ଉପରେ ଆଲୋଚନା ହେବା ନିଶ୍ଚିତ କରିବାକୁ କହିବା ଶୁଣାଯାଉଥିଲା । ପରେ ବିରୋଧୀ ଏବଂ ଶାସକଦଳର ଏକ ବୈଠକ ଡାକିଥିଲେ ଧନଖଡ଼, ଯେଉଁଥିରେ ଶାସକଦଳର ସାଂସଦମାନେ ଯୋଗ ଦେଇନଥିଲେ । ତେଣୁ ଏଥିରେ କ୍ଷୁବ୍ଧ ହୋଇ ଧନଖଡ଼ ଇସ୍ତଫା ଦେଇଥିବା କୁହାଯାଉଛି ।

### ହେମନ୍ତ ଶର୍ମାଙ୍କୁ...

ସେହିପରି ମନୀଶ ଅଗ୍ରୱାଲଙ୍କୁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ଭାବେ ନିଯୁକ୍ତି ଦିଆଯାଇଛି । ବରିଷ୍ଠ ଆଇଏଏସ୍ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ବ୍ରହ୍ମପୁରଠାରେ ଦକ୍ଷିଣାଞ୍ଚଳ ଆରଡିସି ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଦେବେନ କୁମାର ପ୍ରଧାନଙ୍କୁ ଓଏସବିସିଏଲର ଏମ୍‌ଡି ଭାବେ ନିଯୁକ୍ତି ମିଳିଛି । ବିଜୟ କୁମାର ଦାସଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସ୍ମିତିରଞ୍ଜନ ପ୍ରଧାନଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ରଘୁରାମ ଆର.ଆୟାରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ପୁରୀ ଜିଲ୍ଲାପାଳ ଥିବା ଚଞ୍ଚଲ ରାଣାଙ୍କୁ ଭୁବନେଶ୍ୱର ମହାନଗର ନିଗମର କମିଶନର ଭାବେ ନିଯୁକ୍ତି ଦିଆଯାଇଛି । ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ବୈଷୟିକ ଶିକ୍ଷା ଏବଂ ତାଲିମ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିବାବେଳେ ଏଡୁଲା ବିଜୟଙ୍କୁ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ, ନିୟତି ପଟ୍ଟନାୟକଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ, ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଜିଲ୍ଲାପାଳ, ପାରୁଲ ପଟ୍ଟୱାରୀଙ୍କୁ ଏସଏସପିଡିର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ସେହିପରି ଆବୋଲି ସୁନୀଲ ନରୱାଣେଙ୍କୁ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଭାବେ କଟକ, ଅମ୍ରିତ ରୁତୁରାଜଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ, ମଧୁମିତା ରଥଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ, ସୁବ୍ରତ କୁମାର ପଣ୍ଡାଙ୍କୁ ସଏଲ କଞ୍ଜରଭେସନ ବିଭାଗର ନିର୍ଦ୍ଦେଶକ ଭାବେ, ପ୍ରତାପ ଚନ୍ଦ୍ର ହୋତାଙ୍କୁ ବୟନ ଶିଳ୍ପର ଅତିରିକ୍ତ ସଚିବ ଭାବେ, ସାଗରିକା ହୋତାଙ୍କୁ ଅର୍ଥ ବିଭାଗର ଅତିରିକ୍ତ ସଚିବ ଭାବେ, ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପୁରୀ ଜିଲ୍ଲାପାଳ ଭାବେ, ସୋମେଶ କୁମାର ଉପାଧ୍ୟାୟଙ୍କୁ ମାଲକାନଗିରି ଜିଲ୍ଲାପାଳ ଭାବେ, ପି.ଅନ୍ୱେଷା ରେଡ୍ଡିଙ୍କୁ ଅବକାରୀ କମିଶନର ଭାବେ, ଆଶିଷ ଈଶ୍ୱର ପାଟିଲଙ୍କୁ ଢେଙ୍କାନାଳର ଜିଲ୍ଲାପାଳ ଭାବେ, ଶୁଭଙ୍କର ମହାପାତ୍ରଙ୍କୁ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ, କୀର୍ତ୍ତି ଭାସନଙ୍କୁ ଗଞ୍ଜାମ ଜିଲ୍ଲାପାଳ ଭାବେ, ଅନ୍ୟା ଦାସଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପସଚିବ ଭାବେ, ମନୋଜ ସତ୍ୟବାନ ମହାଜନଙ୍କୁ କୋରାପୁଟ ଜିଲ୍ଲାପାଳ ଭାବେ, ବେଦଭୂଷଣଙ୍କୁ କନ୍ଧମାଳ ଜିଲ୍ଲାପାଳ ଭାବେ, କୁଲକାମୀ ଆଶୁତୋଷ ସିଂଙ୍କୁ ରାୟଗଡ଼ା ଜିଲ୍ଲାପାଳ ଭାବେ, ମଧୁମିତାଙ୍କୁ ଗଜପତି ଜିଲ୍ଲାପାଳ ଭାବେ, ଚଉନ କୁନାଲ ମୋତିରାମଙ୍କୁ ଝାରସୁଗୁଡ଼ା ଜିଲ୍ଲାପାଳ ଭାବେ, ବିଭୂତିଭୂଷଣ ନାୟକଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ, ଦିନହ ଦସ୍ତାଗିରିଙ୍କୁ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ଭାବେ, ରେହନ କ୍ଷେତ୍ରୀଙ୍କୁ ସମ୍ବଲପୁର ମହାନଗର ନିଗମର କମିଶନର ଭାବେ, ରୀନା ପ୍ରଧାନଙ୍କୁ କେନ୍ଦୁଝରର ଡିଏମଏଫର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ, ତୀରନ୍ଦିକ କାଉର ସହୋଟାଙ୍କୁ କଟକ ମହାନଗର ନିଗମର କମିଶନର ଭାବେ, ନୃପରାଜ ସାହୁଙ୍କୁ ସୋନପୁର ଜିଲ୍ଲାପାଳ ଭାବେ ଏବଂ ଅମ୍ବର କୁମାର କରଙ୍କୁ ଯାଜପୁର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି ।

## ୧୬ ଜିଲ୍ଲାରେ ନୂତନ ଜିଲ୍ଲାପାଳ

| ନାମ | ଜିଲ୍ଲା |
|---|---|
| ନୃପରାଜ ସାହୁ | ସୁବର୍ଣ୍ଣପୁର |
| ରଘୁରାମ ଆୟାର | କେନ୍ଦ୍ରାପଡ଼ା |
| ଦିବ୍ୟଜ୍ୟୋତି ପରିଡ଼ା | ପୁରୀ |
| ଅମ୍ରିତ ରୁତୁରାଜ | ଖୋର୍ଦ୍ଧା |
| ମହେଶ୍ୱର ସ୍ୱାଇଁ | ନବରଙ୍ଗପୁର |
| ଆଶିଷ ଈଶ୍ୱର ପାଟିଲ | ଢେଙ୍କାନାଳ |
| ମନୋଜ ସତ୍ୟବାନ ମହାଜନ | କୋରାପୁଟ |
| କୁଲକର୍ଣ୍ଣି ଆଶୁତୋଷ | ରାୟଗଡ଼ା |
| ବିଭୂତି ଭୂଷଣ ନାୟକ | ବୌଦ୍ଧ |
| ସୋମେଶ ଉପାଧ୍ୟାୟ | ମାଲକାନଗିରି |
| କୀର୍ତ୍ତିଭାସନ ଭି | ଗଞ୍ଜାମ |
| ମଧୁମିତା | ଗଜପତି |
| ଅମ୍ବର କୁମାର କର | ଯାଜପୁର |
| ଶୁଭଙ୍କର ମହାପାତ୍ର | ସୁନ୍ଦରଗଡ଼ |
| ଚୌହାନ କୁନାଲ ମୋତିରାମ | ଝାରସୁଗୁଡ଼ା |
| ବେଦଭୂଷଣ | କନ୍ଧମାଳ |

## ବନ୍ୟା ବିପନ୍ନଙ୍କୁ ରିଲିଫ୍ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନିକଟ ଅତୀତରେ ପ୍ରବଳ ବନ୍ୟା ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଅନେକ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଯାଇଛି । ପରବର୍ତ୍ତୀ ସମୟରେ ବ୍ରାହ୍ମଣୀ ବନ୍ୟାରେ ପଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ବିଶେଷ ଭାବେ କ୍ଷତି ଘଟିଛି । ଲୋକମାନେ ଜଳବନ୍ଦୀ ହୋଇ ଦୁର୍ଦ୍ଦଶା ଭୋଗୁଥିବା ବେଳେ ଗୃହ ପାଳିତ ପଶୁମାନେ ବାହାରକୁ ଯାଇ ପାରୁନାହାନ୍ତି । ପ୍ରଶାସନ ତରଫରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରାଯାଇ ସେପରି ଠୋସ୍ ପଦକ୍ଷେପ ନିଆ ଯାଇନାହିଁ । ଫଳରେ ବିପନ୍ନ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ପିସିସି କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ଅଖିଳ ଭାରତ କଂଷାନ କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ଏହି ମର୍ମରେ ଆଜି ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିକଟକୁ ଏକ ଦାବୀପତ୍ର ପଠାଇଛନ୍ତି ।

## ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚମ୍ପୁଆଠାରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ସୁନ୍ଦରଗଡ଼ର ସଞ୍ଜିତ ଲାଖୁଆ (ପିତା-ସୁଧା ଲାଖୁଆ)ଙ୍କ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

## ରମାଦେବୀ ଚୌଧୁରୀଙ୍କ ସ୍ମରଣ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରମାଦେବୀ ଚୌଧୁରୀଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସଂସ୍କାରକ ରମାଦେବୀ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଦୁର୍ଗା ପୂଜା ସୁଦ୍ଧା ଆରମ୍ଭ ହେବ ରାଉରକେଲା ଗ୍ଲାସ ବ୍ରିଜ କାମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୁର୍ଗା ପୂଜା ସୁଦ୍ଧା ଆରମ୍ଭ ହେବ ରାଉରକେଲା ଗ୍ଲାସ ବ୍ରିଜ କାମ । ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିବା ପରେ ଦିଲୀପ ରାୟ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ ରାଉରକେଲାରେ ଗ୍ଲାସ ବ୍ରିଜ, ଝୁଲା ବ୍ରିଜ ଓ ରିଂଗ ରୋଡ ନେଇ ଆଲୋଚନା କଲି । ମନ୍ତ୍ରୀ କହିଛନ୍ତି ଦୁର୍ଗା ପୂଜା ସୁଦ୍ଧା ବ୍ରିଜ କାମ ଆରମ୍ଭ ହେବ । ଏହାସହିତ ଦୁଇମାସ ତଳେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ନେଇ ପ୍ରତିକ୍ରିୟା ରହିଛନ୍ତି ବରିଷ୍ଠ ବିଜେପି ନେତା । ସେ କହିଛନ୍ତି ଯେ, ଓଡ଼ିଶାର ବିକାଶ ମୂଳକ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା । ରାଜ୍ୟସଭା ଯିବା ନେଇ ଚର୍ଚ୍ଚା ପ୍ରଶ୍ନକୁ ଏଡ଼ାଇଯାଇ କିଛି ଚର୍ଚ୍ଚା ନାହିଁ ବୋଲି କହିଛନ୍ତି ।

## ଏଜି ଛକରେ ଯୁବତୀଙ୍କୁ ଅସଦାଚରଣ ଉଦ୍ୟମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ନାରୀ ସୁରକ୍ଷାକୁ ନେଇ ହଲାବୋଲ ଚାଲିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରର ଏଜି ଛକରେ ଜଣେ ଯୁବତୀଙ୍କୁ ଦୁଇଜଣ ଦୁର୍ବୃତ୍ତ ଅସଦାଚରଣ ଉଦ୍ୟମ କରିଥିଲେ । ତେବେ ଯୁବତୀ ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ । ଦୁଇ ଦୁର୍ବୃତ୍ତ ସେହି ସୁଯୋଗରେ ଫେରାର ହୋଇଯାଇଥିଲେ । ଏହି ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି ।

## ବ୍ରହ୍ମଗିରିରେ ଗ୍ରାମ ନ୍ୟାୟାଳୟ ଉଦ୍ଘାଟିତ



ପୁରୀ/ବ୍ରହ୍ମଗିରି (ଭାସ୍କର ନ୍ୟୁଜ) : ପୁରୀ ବ୍ରହ୍ମଗିରି ନିକଟସ୍ଥ କାଳିକା ବାଡ଼ି ଠାରେ ଭିଡ଼ିଓ କନ୍ଫରେନ୍ସ ମାଧ୍ୟମରେ ଗ୍ରାମ ନ୍ୟାୟାଳୟ କୋର୍ଟ ଉଦ୍ଘାଟିତ ହୋଇଯାଇଅଛି । ଏହି ଉଦ୍ଘାଟନି ଉତ୍ସବରେ ହନରେବଲ ଜଷ୍ଟିସ ହାଇକୋର୍ଟ ଅଫ ଓଡିଶା ହରିସ ଟଣ୍ଡନ,ହନରେବଲ ଜଷ୍ଟିସ ଏସ.କେ ସାହୁ(ଚେୟାର ମ୍ୟାନ ବିଲ୍ଡିଂ କମିଟି ଅଫ ଦ ହାଇକୋର୍ଟ),ହନରେବଲ ଜଷ୍ଟିସ କେ ଆର ମହାପାତ୍ର ଓ ପୁରୀ ଜିଲ୍ଲା ଦୌରା ଜଜ ଅଯନ୍ତା ଷଡଙ୍ଗୀ ଉପସ୍ଥିତ ରହିଥିଲେ ।ବ୍ରହ୍ମଗିରି ବାର ଆସୋସିଏସନ ର ସଭାପତି ,ସମ୍ପାଦକ ଏବଂ ବହୁତ ଆଇନଜୀବୀ ଙ୍କ ଉପସ୍ଥିତିରେ ଗ୍ରାମ ନ୍ୟାୟଳୟ ଭିଡ଼ିଓ କନ୍ଫରେନ୍ସ ଜରିଆରେ ଉଦ୍ଘାଟିତ ହୋଇଥିଲା । ମାଲୁଦ,କୃଷ୍ଣପ୍ରସାଦ,ସାତପଡ଼ା ଅଞ୍ଚଳର ଗ୍ରାମବାସୀ ମାନେ ନ୍ୟାୟିକ ବ୍ୟବସ୍ଥା ପାଇଁ ଆଉ ଦୁରଜାଗା କୁ ଯିବାକୁ ପଡ଼ିବ ନାହିଁ ଏହି କୋର୍ଟ ହେବା ଫଳରେ ସ୍ଥାନୀୟ ଅଞ୍ଚଳ ବାସୀ ଙ୍କ ମନରେ ଖୁସିର ଲହରୀ ଖେଳିଥିଲା ।

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 21.07.2025, I Bali Soura, age-54, S/o- Late Kusho Soura, Vill- Bankasargi, Po- Pondikote, Ps-Papadahandi,Dist-Nabarangpur, Odisha, declare that. I have changed my minor son's name from Nagesh Soura to Nageswar Soura. Henceforth he shall be known as Nageswar Soura for all purposes.
**Sd/- Bali Soura**

**AFFIDAVIT**

By virtue of an affidavit sworn before the Executive Magistrate, Jajpur, dated: 16.07.2025, I Damodar Sahoo, Address: At-Badatrilochanpur, Po-Adangapurusottampur, Ps- Jajpur Sadar, Dist-Jajpur, Odisha, PIN-755007, declare that I have changed my name from Gopal Sahu to Damodar Sahoo. Henceforth, I shall be known as Damodar Sahoo for all purposes
**Sd/- Damodar Sahoo**

**AFFIDAVIT**

By virtue of an affidavit sworn before the Executive Magistrate, Bhuban, dated: 21.07.2025, I Dilip Biswal, Address: village-Garhnrusingha Prasad, Po- Garhnrusingha Prasad, Ps- Bhuban, Dist-Dhenkanal, Odisha, PIN-759024, declare that I have changed my son's name from Dinesh Biswal to Dienesh Biswal. Henceforth, he shall be known as Dienesh Biswal for all purposes.
**Sd/- Dilip Biswal**

**AFFIDAVIT**

By virtue of an affidavit sworn before the Executive Magistrate, Sukinda, Jajpur, dated: 10.07.2025, I Abhiram Maharana, Address: At-Mangalpur, Po-Mangalpur, Ps- Sukinda, Dist- Jajpur, Odisha, PIN-755018, declare that I have changed my son's name from Abhiram Maharana to Ani Moharana. Henceforth, he shall be known as Ani Moharana for all purposes.
Sd/- Abhiram Maharana)

## ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣା
## ରାଜନୀତି କରୁଥିବା ବିଜେଡି, କଂଗ୍ରେସ କ୍ଷମା ମାଗନ୍ତୁ: ଅନିଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ପ୍ରସଙ୍ଗରେ ହୋଇଥିବା ଜନସ୍ୱାର୍ଥ ମାମଲାରେ ମାନ୍ୟବର ହାଇକୋର୍ଟଙ୍କ ଟିପ୍ପଣୀ ଦୁଇ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସର ମୁଖା ଖୋଲିଦେଇଛି । ଘଟଣାରେ ଏହି ଦୁଇ ଦଳ ଯେଉଁଭଳି ଭାବରେ ରାଜନୀତି ରୁଟି ସେକିବା ପାଇଁ ଆଗଭର ହୋଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରୁଥିଲେ ଏବେ ସେମାନେ ମାନ୍ୟବର ହାଇକୋର୍ଟଙ୍କ ଟିପ୍ପଣୀ ପରେ ଆତ୍ମସମୀକ୍ଷା କରିବା ଆବଶ୍ୟକ । ମାନ୍ୟବର ହାଇକୋର୍ଟ ଏହି ଘଟଣାରେ କ୍ରାଇମବ୍ରାଂଚର ତଦନ୍ତରେ ସନ୍ତୁଷ୍ଟ ପ୍ରକାଶ କରିବା ସହିତ ବିରୋଧୀ ଦଳମାନଙ୍କର ଏସଆଇଟି ଏବଂ ନ୍ୟାୟିକ ତଦନ୍ତ ପାଇଁ ଯେଉଁ ଦାବି ଥିଲା ତାହାକୁ ପ୍ରତ୍ୟାଖାନ କରିଛନ୍ତି । ହାଇକୋର୍ଟ ହୃଦୟଙ୍ଗମ କରିଛନ୍ତି ଯେ ରାଜ୍ୟ ସରକାର ଏହି ଘଟଣାରେ ଯେଉଁଭଳି ତଦନ୍ତ କରିବା କଥା ତାହା ସଠିକ ଭାବରେ କରିଛନ୍ତି । କେବଳ ସେତିକି ନୁହେଁ ଯେଉଁଭଳି ଭାବରେ ବିରୋଧୀ ଦଳମାନେ ଓଡିଶା ବନ୍ଦ ପାଳନ କରି ସାଧାରଣ ଲୋକଙ୍କୁ ହଇରାଣ କରିଛନ୍ତି ସେନେଇ ହାଇକୋର୍ଟ ମଧ ଉଭୟ ଦଳଙ୍କୁ ନୋଟିସ କରିଛନ୍ତି । ଏହି ଘଟଣାକୁ ନେଇ ରାଜନୀତି କରୁଥିବା ବିଜେଡି ଏବଂ କଂଗ୍ରେସ ଏବେ କ୍ଷମା ମାଗନ୍ତୁ ବୋଲି ବିଜେପି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ।

OFFICE OF THE PANCHAYAT SAMITI, CUTTACK SADAR, CUTTACK
i-233
IDENTIFICATION No: - BLKCUTTACK SADAR -03/2025-26
* Short Notice

Tender Call is invited from the intended class D, C or above for 6 nos of Civil Construction projects as mentioned in Bid identification no as above under Panchayat Samiti ,Cuttack Sadar ,Cuttack,PIN-753004 . For detailed information refer website https://cuttack.odisha.gov.in/ and www.tendersodisha.gov.in.

Sd/-Block Development Officer
Cuttack Sadar, Cuttack
OIPR 19304/11/0005/2526

GOVERNMENT OF ODISHA, "e"-PROCUREMENT NOTICE
WORKS DEPARTMENT
B-325
E-mail: ceroads.bbsr@gmail.com

Bid Identification No. CE-Roads-I-08/2025-26

1. The Chief Engineer (Roads-I), Odisha on behalf of Governor of Odisha invites percentage rate bids in double cover system through ONLINE MODE form eligible contractors for Roadwork as mentioned below:
2. Nature of work : Road works
3. No. of work : 4 Nos.
4. Tender Paper cost : Rs.10,000.00
5. Class of Contractor : 'A' Class/Special Class/Super Class
6. Available of bid document the website : From 10.00 A.M. of 25.07.2025 to 5.30 PM of 13.08.2025
7. Date of opening of Bid : Dt.14.08.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

OIPR 34181/11/0034/2526
Sd/- Chief Engineer (Roads-I), Odisha

O-454
E-Mail:rw.kamakhyanagar@yahoo.co.in
Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar
e-procurement Notice No.06 /Building Work / 2025-26.

1. Name of the work : Building Work
2. Total No. of Works : 3 (Three) Nos
3. Tender Cost : Rs.76.01 to 76.95 Lakhs
4. Class Contractor : "B" Class
5. Period of Completion : 6 calendar months
6. Availability of Tender online for bidding : 24.07.2025 at 11.00 A.M to 02.08.2025 up to 5.00 P.M
7. Last Date & Time of seeking tender clarification : 01.08.2025 upto 4.00 PM
8. Date & Time of opening of Technical Bid : 04.08.2025. at 11.00 AM
9. Date & Time of opening of financial Bid : intimate later on


Other Details can be seen from the website http://tendersorissa.gov.in.

Sd/-Superintending Engineer
R.W. Division-II, Dhenkanal.
Kamakhyanagar
OIPR 25094/11/0029/2526

## ଆସୁଛି ଆଉଏକ ଲଘୁଚାପ
## ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆସୁଛି ଆଉଏକ ଲଘୁଚାପ । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଛି ସୂଚନା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ପରବର୍ତ୍ତୀ ୪୮ ଘଣ୍ଟାରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର । ୨୪ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ଏଥିପାଇଁ ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବର୍ଷା ସମୟରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ମଧ୍ୟ ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୨୪ ତାରିଖରେ ମୟୂରଭଞ୍ଜ ଓ ବାଲେଶ୍ୱରରେ ଅତି ପ୍ରବଳ ବର୍ଷା ହେବ । ଏପରିକି ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଦୁଇଟି ଜିଲ୍ଲାପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ବାକି ସମସ୍ତ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି ହୋଇଛି । ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ କରାଯାଇଛି । ତେବେ ୨୩ରୁ ୨୬ ତାରିଖ ଯାଏ କଟକ, ନୟାଗଡ଼ରେ ପ୍ରବଳ ବର୍ଷାର ସମ୍ଭାବନା ଥିବାବେଳେ ଏହି ଦୁଇ ଜିଲ୍ଲାପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ଅନୁଗୋଳ ଓ ଢେଙ୍କାନାଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ୨୫ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଓ କେନ୍ଦୁଝରରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି ।



ଅହମ୍ମଦାବାଦ: ଗୁଜରାଟର ଅହମ୍ମଦାବାଦ ବିମାନବନ୍ଦରକୁ ବୋମା ଧମକ ମିଳିଛି। ଅହମ୍ମଦାବାଦ ବିମାନବନ୍ଦରରେ ବୋମା ଥିବା ନେଇ କ୍ରାଇମ୍ ବ୍ରାଞ୍ଚକୁ ଏକ ଇମେଲ୍ ମିଳିଥିଲା। ଅହମ୍ମଦାବାଦ କ୍ରାଇମ୍ ବ୍ରାଞ୍ଚର ଯୁଗ୍ମ କମିଶନର ଅଫ୍ ପୋଲିସ ଶରଦ ସିଂଘଲ୍ କହିଛନ୍ତି ଯେ ବୋମା ସ୍କ୍ୱାଡ୍, ଅଗ୍ନିଶମ ବାହିନୀ ଏବଂ ପୋଲିସ ଯାଞ୍ଚର ଦାୟିତ୍ୱ ନେଇଛନ୍ତି। ସର୍ଚ୍ଚ ଅପରେସନ୍ ଜାରି ରହିଥିବା ବେଳେ ଏପର୍ଯ୍ୟନ୍ତ କିଛି ସନ୍ଦେହଜନକ ସାମଗ୍ରୀ ମିଳିନାହିଁ। ସେହିପରି ମଙ୍ଗଳବାର ଦିନ ମହାରାଷ୍ଟ୍ରର ନାଗପୁର ବିମାନବନ୍ଦରକୁ ମଧ୍ୟ ବୋମା ଧମକ ମିଳିଛି। ଜଣେ ବରିଷ୍ଠ ବିମାନବନ୍ଦର ଅଧିକାରୀ କହିଛନ୍ତି ଯେ ସର୍ଚ୍ଚ ସମୟରେ କିଛି ସନ୍ଦେହଜନକ ମିଳିନାହିଁ। ନାଗପୁର ବିମାନବନ୍ଦରରେ ବୋମା ଧମକ ବିଷୟରେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଏକ ଇମେଲ ମିଳିଥିଲା। ପରେ ଏହି ସୂଚନା ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ଯାହା ପରେ ଏକ କମିଟି ଧମକପୂର୍ଣ୍ଣ ଇମେଲର ଯାଞ୍ଚରେ ଲାଗିପଡ଼ିଥିଲେ। ପୋଲିସ ଏବଂ ବମ୍ ସ୍କ୍ୱାଡ୍ ସମେତ ବିଭିନ୍ନ ସୁରକ୍ଷା ଏଜେନ୍ସି ଦ୍ୱାରା ସମସ୍ତ ଆବଶ୍ୟକୀୟ ତଦନ୍ତ କରାଯାଇଛି।

## ଜଗଦୀପ ଧନଖଡଙ୍କ ସୁସ୍ଥତା କାମନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଗଦୀପ ଧନଖଡଙ୍କ ସୁସ୍ଥତା କାମନା କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି ଯେ, ଶ୍ରୀ ଜଗଦୀପ ଧନଖଡଙ୍କୁ ଭାରତର ଉପରାଷ୍ଟ୍ରପତି ସମେତ ବିଭିନ୍ନ ପଦବୀରେ ଆମ ଦେଶର ସେବା କରିବାର ଅନେକ ସୁଯୋଗ ମିଳିଛି। ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି କହିଛନ୍ତି- ଜଗଦୀପ ଧନଖଡଙ୍କୁ ଭାରତର ଉପରାଷ୍ଟ୍ରପତି ସମେତ ବିଭିନ୍ନ ପଦବୀରେ ଆମ ଦେଶର ସେବା କରିବାର ଅନେକ ସୁଯୋଗ ମିଳିଛି। ମୁଁ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟର କାମନା କରୁଛି।

## 'ଜାତୀୟ ସମବାୟ ନୀତି ୨୦୨୫' କୁ ଉନ୍ମୋଚନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ୨୦୨୫ ମସିହା ଜୁଲାଇ ୨୪ ତାରିଖରେ ନୂଆଦିଲ୍ଲୀର ଅଟଳ ଅକ୍ଷୟ ଊର୍ଜା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜାତୀୟ ସମବାୟ ନୀତି ୨୦୨୫ର ଘୋଷଣା କରିବେ। ଜାତୀୟ ସମବାୟ ନୀତିର ଡ୍ରାଫ୍ଟିଂ କମିଟିର ସଦସ୍ୟ, ସମସ୍ତ ଜାତୀୟ ସମବାୟ ସଂଘର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ, ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଜାତୀୟ ସମବାୟ ବିକାଶ ନିଗମ (ଏନସିଡିସି), ଜାତୀୟ ସମବାୟ ତାଲିମ ପରିଷଦ (ଏନସିସିଟି) ଏବଂ ବୈକୁଣ୍ଠ ମେହେଟା ଜାତୀୟ ସମବାୟ ପରିଚାଳନା ପ୍ରତିଷ୍ଠାନ (ଭାମ୍ନିକମ୍) ର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ରହିବେ। ନୂତନ ସମବାୟ ନୀତି ୨୦୨୫-୪୫ ଆଗାମୀ ଦୁଇ ଦଶନ୍ଧି ପାଇଁ ଭାରତର ସମବାୟ ଆନ୍ଦୋଳନକୁ ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଦକ୍ଷ ମାର୍ଗଦର୍ଶନରେ, ନୂତନ ସମବାୟ ନୀତି ୨୦୨୫ ସମବାୟ କ୍ଷେତ୍ରକୁ ପୁନର୍ଜୀବିତ ଏବଂ ଆଧୁନିକୀକରଣ କରିବା ସହିତ ତୃଣମୂଳ ସ୍ତରରେ ଏକ ରୋଡମ୍ୟାପ୍ ସୃଷ୍ଟି କରି ସହଯୋଗ ମାଧ୍ୟମରେ ସମୃଦ୍ଧିର ଦୃଷ୍ଟିକୋଣକୁ ସାକାର କରିବାକୁ ଲକ୍ଷ୍ୟ ରଖିଛି। ଜାତୀୟ ସମବାୟ ନୀତିର ଉଦ୍ଦେଶ୍ୟ ହେଉଛି ସମବାୟ ଅନୁଷ୍ଠାନଗୁଡ଼ିକୁ ସମାବେଶୀ କରିବା, ସେଗୁଡ଼ିକୁ ପେସାଦାର ଭାବେ ପରିଚାଳନା କରିବା, ଭବିଷ୍ୟତ ପାଇଁ ସେଗୁଡ଼ିକୁ ପ୍ରସ୍ତୁତ କରିବା ଏବଂ ବିଶେଷ କରି ଗ୍ରାମୀଣ ଭାରତରେ ବ୍ୟାପକ ନିଯୁକ୍ତି ଏବଂ ଜୀବିକା ସୁଯୋଗ ସୃଷ୍ଟି କରିବାରେ ସକ୍ଷମ ହେବା। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ନେତୃତ୍ୱରେ ୪୮ ଜଣିଆ ଜାତୀୟ ସ୍ତରୀୟ କମିଟି ନୂତନ ଜାତୀୟ ସମବାୟ ନୀତି ପ୍ରସ୍ତୁତ କରିଛନ୍ତି। ଏହି କମିଟିରେ ଜାତୀୟ/ରାଜ୍ୟ ସମବାୟ ମହାସଂଘର ସଦସ୍ୟ, ସମସ୍ତ ସ୍ତରର ଏବଂ କ୍ଷେତ୍ରର ସମବାୟ ସମିତି, ସମ୍ପୃକ୍ତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମନ୍ତ୍ରଣାଳୟ/ବିଭାଗର ପ୍ରତିନିଧି ଏବଂ ଶିକ୍ଷାବିତ୍‌ମାନେ ସାମିଲ ଥିଲେ। ଏକ ଅଂଶଗ୍ରହଣକାରୀ ଏବଂ ସମାବେଶୀ ଆଭିମୁଖ୍ୟ ସୁନିଶ୍ଚିତ କରିବା ପାଇଁ କମିଟି ଅହମ୍ମଦାବାଦ, ବେଙ୍ଗାଲୁରୁ, ଗୁରୁଗ୍ରାମ ଏବଂ ପାଟନାରେ ୧୭ଟି ବୈଠକ ଏବଂ ୪ଟି ଆଞ୍ଚଳିକ କର୍ମଶାଳା ଆୟୋଜନ କରିଥିଲା। ଅଂଶୀଦାରମାନଙ୍କ ଠାରୁ ପ୍ରାପ୍ତ ୬୪୮ଟି ମୂଲ୍ୟବାନ ପରାମର୍ଶକୁ ଯତ୍ନର ସହ ମୂଲ୍ୟାଙ୍କନ କରାଯାଇଥିଲା ଏବଂ ନୂତନ ସମବାୟ ନୀତିରେ ଅନ୍ତର୍ଭୁକ୍ତ କରାଯାଇଥିଲା।

## ଏୟାର ଇଣ୍ଡିଆ ବିମାନରେ ନିଆଁ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ



ନୂଆଦିଲ୍ଲୀ: ଟଳିଗଲା ଆଉ ଏକ ବିମାନ ଅଘଟଣ। ହଂକଂରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନରେ ଅବତରଣ ପରେ ନିଆଁ ଲାଗିଯାଇଥିଲା। ଏହି ଘଟଣା ମଙ୍ଗଳବାର ଅପରାହ୍ନ ସମୟରେ ହୋଇଥିଲା। ତେବେ ଆଶ୍ୱସ୍ତିର କଥା ହେଉଛି ଯେ ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଏହି ଘଟଣା ସମ୍ପର୍କରେ ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି, 'ଜୁଲାଇ ୨୨ରେ ହଂକଂରୁ ଦିଲ୍ଲୀ ଆସୁଥିବା ବିମାନ ଏଆଇ-୩୧୫ ଲ୍ୟାଣ୍ଡିଂ ଓ ଗେଟ୍ ପାର୍କିଂ ପରେ ଏହାର ଅକ୍ଜିଲାରୀ ପାୱାର ୟୁନିଟରେ ନିଆଁ ଲାଗିଯାଇଥିଲା। ଯାତ୍ରୀମାନେ ବିମାନରୁ ଓହ୍ଲାଇବା ସମୟରେ ଏହି ଘଟଣା ଘଟିଥିଲା। ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ, ସହାୟକ ପାୱାର ୟୁନିଟ୍ (ଅକ୍ଜିଲାରୀ ପାୱାର ୟୁନିଟ୍)ର ସ୍ୱୟଂଚାଳିତ ଭାବରେ ବନ୍ଦ ହୋଇଯାଇଥିଲା।' ଏୟାର ଇଣ୍ଡିଆ ମୁଖପାତ୍ର ଆହୁରି କହିଛନ୍ତି, 'ଯାତ୍ରୀ ଓ କ୍ରୁ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ବିମାନରୁ ଓହ୍ଲାଇଛନ୍ତି। ଏୟାର ଇଣ୍ଡିଆର ଅନେକ ବିମାନରେ ତ୍ରୁଟି ଯୋଗୁଁ ଗତ କିଛି ଦିନ ମଧ୍ୟରେ ଅନେକ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି।

## ଏଫଂଏମ୍ ବିଶ୍ୱ ବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣା ଲଜ୍ଜାଜନକ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ବାଲେଶ୍ୱର ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଘଟଣା ଅତ୍ୟନ୍ତ ଲଜ୍ଜାଜନକ ବୋଲି କୋର୍ଟ କହିଛନ୍ତି। ଏଥିସହିତ ଗ୍ରାମାଞ୍ଚଳରେ ସ୍କୁଲ ଝିଅମାନଙ୍କୁ, ଗୃହିଣୀ ଏବଂ ପିଲାମାନଙ୍କୁ ସଶକ୍ତ କରିବା ପାଇ କ'ଣସବୁ ପଦକ୍ଷେପ ନିଆଯାଇପାରିବ କୋର୍ଟ ସେ ନେଇ ପରାମର୍ଶ ଲୋଡ଼ିଛନ୍ତି। ମଙ୍ଗଳବାର ସୁପ୍ରିମକୋର୍ଟ ମହିଳା ଓକିଲ ସଂଘର ଓକିଲ ଏହି ଘଟଣା ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣା ବିଷୟରେ ଅବଗତ ହେବା ପରେ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହାକୁ ନିନ୍ଦା କରିଥିଲେ। ଖଣ୍ଡପୀଠ କହିଥିଲେ ଆମେ ଲଜ୍ଜିତ ଏବଂ ଦୁର୍ଭାଗ୍ୟଜନକ ଯେ ଏହି ଘଟଣାଗୁଡ଼ିକ ଏବେ ବି ଘଟୁଛି। କୋର୍ଟ ଆହୁରି କହିଛନ୍ତି ସ୍କୁଲ ଝିଅ, ଗୃହିଣୀ, ଗ୍ରାମାଞ୍ଚଳର ପିଲାମାନଙ୍କୁ, ଯେଉଁମାନେ ସବୁଠାରୁ ଦୁର୍ବଳ ଏବଂ ନିଜ ପାଇଁ ସ୍ୱର ଉଠାଇ ପାରୁ ନାହାନ୍ତି, ସେମାନଙ୍କୁ ସଶକ୍ତ କରିବା ପାଇଁ କ'ଣ ଠୋସ୍ ପଦକ୍ଷେପ ନିଆଯାଇପାରିବ ସେ ବିଷୟରେ ଆମକୁ ସମସ୍ତଙ୍କ ଠାରୁ ପରାମର୍ଶ ଆବଶ୍ୟକ। ଆମର ନିର୍ଦ୍ଦେଶାବଳୀର କିଛି ପ୍ରଭାବ ଏବଂ ଦୃଶ୍ୟମାନ ଛାପ ରହିବା ଉଚିତ। ମହିଳା, ଶିଶୁ ଏବଂ ଟ୍ରାନ୍ସପର୍ସନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଗଢ଼ିବାକୁ ସମଗ୍ର ଭାରତରେ ଏକ ମାର୍ଗଦର୍ଶିକା ଜାରି କରିବାକୁ ହୋଇଥିବା ଏକ ଆବେଦନର ଖଣ୍ଡପୀଠ ଶୁଣାଣି କରିଥିଲେ। ଓଡ଼ିଶା ଆତ୍ମଦାହ ମାମଲାରେ, ପାଓ୍ୱାନି କହିଥିଲେ ଯେ ପୀଡ଼ିତା ହେଲ୍ପଲାଇନକୁ ଫୋନ୍ କରିଥିଲେ କିନ୍ତୁ ତାଙ୍କୁ କୌଣସି ସାହାଯ୍ୟ ଦିଆଯାଇ ନଥିଲା ଏବଂ ସରକାରଙ୍କୁ ଚିଠି ମଧ୍ୟ ପଠାଯାଇଥିଲା। ଯେହେତୁ ବ୍ୟବସ୍ଥା ଘଟଣାକୁ କର୍ଣ୍ଣପାତ କଲା ନାହିଁ, ତେଣୁ ଏହାକୁ ସାଂସ୍ଥାଗତ ହତ୍ୟା ବୋଲି କହିଛନ୍ତି ବରିଷ୍ଠ ଓକିଲ ପାଓ୍ୱାନି। ଏନେଇ ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀ ଏନେଇ କୋର୍ଟକୁ କହିଥିଲେ ଯେ ଯୌନ ଅପରାଧୀଙ୍କ ଏକ ଜାତୀୟ ଡାଟାବେସ୍ ସୃଷ୍ଟି କରାଯାଇଛି। ତଥାପି, ପାଓ୍ୱାନି କୋଲକାତା ଗଣଦୁଷ୍କର୍ମ ମାମଲାର ଉଦାହରଣ ଦେଇଥିଲେ। ଯେଉଁଥିରେ ଜଣେ ୨୪ ବର୍ଷୀୟ ଆଇନ ଛାତ୍ରୀଙ୍କୁ ପୂର୍ବତନ ଛାତ୍ର ମନୋଜିତ ମିଶ୍ର ଏବଂ ଅନ୍ୟ ଦୁଇଜଣ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି।

**ଦିଲ୍ଲୀ ସରକାରଙ୍କ ଐତିହାସିକ ନିଷ୍ପତ୍ତି**

## ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଲେ ମିଳିବ ୭ କୋଟି ଟଙ୍କା ସହ ସରକାରୀ ଚାକିରି



ନୂଆଦିଲ୍ଲୀ: ମୁଖ୍ୟମନ୍ତ୍ରୀ କ୍ରୀଡା ପ୍ରୋତ୍ସାହନ ଯୋଜନା ଅଧୀନରେ ଦିଲ୍ଲୀ ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ ମନ୍ତ୍ରୀ ଆଶିଷ ସୁଦ ସୂଚନା ଦେଇଛନ୍ତି ଯେ ଅଲିମ୍ପିକ୍ସର ବିଜେତାଙ୍କ ପାଇଁ ସରକାର ନଗଦ ପୁରସ୍କାର ବୃଦ୍ଧି କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଆଶିଷ ସୁଦ କହିଛନ୍ତି ଯେ ଅଲିମ୍ପିକ୍ସ କ୍ରୀଡାରେ ସ୍ୱର୍ଣ୍ଣ ଜିତିଥିବା ଖେଳାଳିଙ୍କୁ ସାତ କୋଟି ଟଙ୍କା, ରୌପ୍ୟ ପଦକ ଜିତିଥିବା ଖେଳାଳିଙ୍କୁ ପାଞ୍ଚ କୋଟି ଟଙ୍କା ଏବଂ କାସ୍ୟ ପଦକ ଜିତିଥିବା ଖେଳାଳିଙ୍କୁ ତିନି କୋଟି ଟଙ୍କା ପ୍ରଦାନ କରାଯିବ। ସେ ଆହୁରି କହିଛନ୍ତି ଯେ ଅଲିମ୍ପିକ୍ସ କ୍ରୀଡାରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ଜିତିଥିବା ଖେଳାଳିଙ୍କୁ ଗ୍ରୁପ ଇ ଚାକିରି ଏବଂ କାସ୍ୟ ପଦକ ବିଜେତାଙ୍କୁ ଗ୍ରୁପ ଈ ଚାକିରି ଦିଲ୍ଲୀ ସରକାର ପ୍ରଦାନ କରିବେ। ସୂଚନାଯୋଗ୍ୟ, ପୂର୍ବରୁ ଦିଲ୍ଲୀ ସରକାର ଅଲିମ୍ପିକ୍ସ ଏବଂ ପାରାଅଲିମ୍ପିକ୍ସରେ ପଦକ ଜିତିଥିବା ଖେଳାଳିମାନଙ୍କୁ ତିନି କୋଟି, ଦୁଇ କୋଟି ଏବଂ ଗୋଟିଏ କୋଟି ଟଙ୍କା ଦେଉଥିଲେ। କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ନେତୃତ୍ୱରେ ପ୍ରୋତ୍ସାହନ ରାଶି ବୃଦ୍ଧି କରାଯାଇଛି।

## ରାସ୍ତାରେ ବୁଲା ଗୋରୁଙ୍କୁ ନିୟନ୍ତ୍ରଣ ପାଇଁ ବିଷ୍ଣୁଦେବଙ୍କ ନିର୍ଦ୍ଦେଶ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ବିଭାଗୀୟ ଅଧିକାରୀମାନଙ୍କୁ ଏକ ବଡ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତାରେ ଚଲାବୁଲା କରୁଥିବା ଗାଈ ଗୋରୁଙ୍କୁ ନିୟନ୍ତ୍ରଣ ଭିତରକୁ ଆଣିବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ମହାନଦୀ ଭବନରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ଶ୍ରୀ ସାଏ କହିଥିଲେ ଯେ, ଏହି ବୁଲା ଗାଈଗୋରୁଙ୍କ ପାଇଁ ପ୍ରତିଦିନ ରାସ୍ତାରେ ଦୁର୍ଘଟଣାମାନ ଘଟୁଛି। ପ୍ରାଣୀସମ୍ପଦ, ନଗର ଉନ୍ନୟନ, ପଞ୍ଚାୟତରାଜ ଏବଂ ଗ୍ରାମ୍ୟଉନ୍ନୟନ, ପୂର୍ତ୍ତ ବିଭାଗ ନିଜନିଜ ମଧ୍ୟରେ ସମନ୍ୱୟ ରଖି ଏହି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ମଧ୍ୟ ଏହି ନିୟମ ଲାଗୁ କରିବାକୁ ସେ କହିଛନ୍ତି। ଏଥିରେ ଅବମାନନା ହେଲେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ଚେତାଇ ଦେଇଛନ୍ତି। ସମୀକ୍ଷା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ଗୋଶାଳା, କାଞ୍ଜିଆ ହାଉସ ଏବଂ ଗାଈ ଧରାଳିଙ୍କୁ ଏହି କ୍ଷେତ୍ରରେ ଗାଡି ଯୋଗାଇ ଦିଆଯିବ। ସେମାନେ ନିଜନିଜ ଦକ୍ଷତା ଅନୁଯାୟୀ ଏହି କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଗାଁ ଗହଳିରେ ମଧ୍ୟ ବୁଲା ଗାଈ ଗୋରୁଙ୍କୁ ନେଇ ବହୁ ସମୟରେ ଅଭିଯୋଗ ଆସୁଛି। ତେଣୁ ଏହାର ନିରାକରଣ ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ବୈଠକରେ ଛତିଶଗଡ ଗୋ ସେବା କମିଶନର ଅଧ୍ୟକ୍ଷ ବିଶ୍ୱେଶ୍ୱର ସିଂ ପଟେଲ, ମୁଖ୍ୟ ସଚିବ ଅମିତାଭ ଜୈନ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ କୁମାର ସିଂ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ନିହାରିକା ବାରିକ ସିଂ, ମୁଖ୍ୟମନ୍ତ୍ରୀ ସଚିବ ପି ଦୟାନନ୍ଦ ଏବଂ ରାହୁଲ ଭଗତ୍, ସହରାଞ୍ଚଳ ବିକାଶ ସଚିବ ବାସଭରାଜୁ ଏସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଦେଶର ଯୁବକଙ୍କୁ ରୋଜଗାର କ୍ଷମ ତଥା ସେମାନଙ୍କର ଶିଳ୍ପ ଦକ୍ଷତା ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ବଡ଼ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଦେଶର ୧ ହଜାର ଆଇଟିଆଇକୁ ଅପଗ୍ରେଡ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ପ୍ରାୟ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ନେତୃତ୍ୱରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ, ଏଥିରେ ସରକାର ଆଗାମୀ ପାଞ୍ଚ ବର୍ଷରେ ୨ କୋଟି ଯୁବକଙ୍କୁ ଟ୍ରେନିଂ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଇକୋନୋମିକ୍ସ ଟାଇମ୍ସର ରିପୋର୍ଟ ଅନୁସାରେ, ଏହି ଯୋଜନାରେ ସାମିଲ ହେବା ପାଇଁ ଅନେକ ବଡ଼ ଭାରତୀୟ ଏବଂ ବିଦେଶୀ କମ୍ପାନି ସରକାରଙ୍କ ସହ ଆଲୋଚନା କରୁଛନ୍ତି। ଏପର୍ଯ୍ୟନ୍ତ ୧୨ରୁ ଅଧିକ କମ୍ପାନି ଏଥିପାଇଁ ଆଗ୍ରହ ଦେଖାଇଥିବା ଜଣାପଡ଼ିଛି। ଯେଉଁଥିରେ ୮ ପ୍ରମୁଖ କମ୍ପାନି ରିଲାଏନ୍ସ ଗ୍ରୁପ୍, ଆଦାନୀ ଗ୍ରୁପ୍, ମହିନ୍ଦ୍ରା ଗ୍ରୁପ୍, ଜେକେ ସିମେଣ୍ଟ, ଜିନ୍ଦଲ ଗ୍ରୁପ୍, ଟୋୟୋଟା ଇଣ୍ଡିଆ, ଶ୍ନାଇଡର ଇଲେକ୍ଟ୍ରିକ ଏବଂ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ରହିଛନ୍ତି। ଏହି ସହଭାଗିତା ଦ୍ୱାରା 'ହବ୍ ଆଣ୍ଡ ସ୍ପୋକ୍' ଆଇଟିଆଇ ସେଟଅପ୍ କରାଯିବ। ଯେଉଁଠାରେ ଶିଳ୍ପ ଆଧାରିତ ଟ୍ରେନିଂ ଦିଆଯିବ।

## ଟିପିସିଓଡିଏଲ୍ ପକ୍ଷରୁ ସୁରକ୍ଷିତ ରହିବା ପାଇଁ ଗ୍ରାହକମାନଙ୍କୁ ଆହ୍ୱାନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମୌସୁମୀ ଋତୁ ଲାଗି ପ୍ରସ୍ତୁତ ରହିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବଜାୟ ରଖିବା ଏବଂ ବର୍ଷା ଋତୁରେ ସମସ୍ତ ଗ୍ରାହକ ଓ ଅଂଶୀଦାରମାନଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବାକୁ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକ ପ୍ରସ୍ତୁତ କରାଯାଇଛି। ମୌସୁମୀ ଋତୁରେ ପାଣି ଜମିବା, ବଜ୍ରପାତ ଓ ବିଦ୍ୟୁତ୍ ଯୋଗାଣରେ ଅସ୍ଥିରତା ଭଳି ଆହ୍ୱାନ ଦେଖାଦେଇଥାଏ। ଏଭଳି ପରିସ୍ଥିତି ବିଦ୍ୟୁତ୍ ଜନିତ ଦୁର୍ଘଟଣାଗୁଡ଼ିକୁ ଏଡ଼ାଇବା ପାଇଁ ସଚେତନତା ଓ ପ୍ରତିଷେଧମୂଳକ ପଦକ୍ଷେପ ଆବଶ୍ୟକ। ନିଜକୁ, ନିଜ ପରିବାର ଓ ସଂପତିର ସୁରକ୍ଷା ପାଇଁ ସୁରକ୍ଷିତ ଅଭ୍ୟାସ ଗ୍ରହଣ କରିବାକୁ ଟିପିସିଓଡିଏଲ୍ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦିଆଯାଇଛି। ଜଳାର୍ଣ୍ଣବ ଅଂଚଳଠାରୁ ଦୂରେଇ ରହିବା: ଜଳାର୍ଣ୍ଣବ ଥିବା ଅଂଚଳରେ ପ୍ରବେଶ କରନ୍ତୁ ନାହିଁ କିମ୍ବା ଚାଲନ୍ତୁ ନାହିଁ, କାରଣ ପାଣି ଭିତରେ ବୁଡ଼ି ରହିଥିବା ବିଦ୍ୟୁତ୍ ତାର କିମ୍ବା ଆପ୍ଲାଏନ୍ସେସ୍ ବିଦ୍ୟୁତ୍ ଝଟ୍‌କା ଭଳି ଗୁରୁତର ବିପଦ ସୃଷ୍ଟି କରିପାରେ। ଇଲେକ୍ଟ୍ରିକାଲ୍ ଆପ୍ଲାଏନ୍ସେସ୍‌କୁ ପ୍ଲଗ୍‌ରୁ କାଢ଼ି ଦିଅନ୍ତୁ: ଘଡ଼ଘଡ଼ି, ପ୍ରବଳ ବର୍ଷା କିମ୍ବା ଝଡ଼ ସମୟର ବିଦ୍ୟୁତ୍ ପ୍ରବାହରେ ହଠାତ୍ ବୃଦ୍ଧି ଘଟିଥାଏ ଏହା ପ୍ରଭାବରୁ ସୁରକ୍ଷା ପାଇଁ ସମସ୍ତ ଅଣ ଅତ୍ୟାବଶ୍ୟକ ବିଦ୍ୟୁତ୍ ଆପ୍ଲାଏନସେସ୍‌ଗୁଡ଼ିକୁ ପ୍ଲଗ୍‌ରୁ କାଢ଼ି ଦିଅନ୍ତୁ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି ଯେ, ବିଶେଷ କରି ମୌସୁମୀ ଋତୁରେ ପାଣିପାଗ ସ୍ଥିତି ଯୋଗୁଁ ବିପଦ ଆଶଙ୍କା ବୃଦ୍ଧି ପାଉଥିବାରୁ ଟିପିସିଓଡିଏଲ୍‌ରେ ଆମେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଉଛୁ। ସତର୍କ ରହିବା ଏବଂ ଏହି ସରଳ ତଥା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପଦକ୍ଷେପଗୁଡ଼ିକୁ ପାଳନ କରିବା ପାଇ ଆମେ ଆମ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦେଉଛୁ। ଆମେ ସମସ୍ତେ ମିଳିତ ଭାବେ ଏହି ଋତୁ ସାରା ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିପାରିବା। ଗ୍ରାହକମାନେ ଜରୁରୀକାଳୀନ ସ୍ଥିତି, ବିଦ୍ୟୁତ୍ ବିଭ୍ରାଟ ଏବଂ ଯେକୌଣସି ପ୍ରକାରର ବିଦ୍ୟୁତ୍ ସମ୍ପର୍କିତ ବିପଦ ବିଷୟରେ ଆମ ୨୪ ଘଂଟିଆ ଦେୟମୁକ୍ତ ନମ୍ବର: ୧୮୦୦-୩୪୫-୭୧୨୨ କିମ୍ବା ୧୯୧୨, ଅଫିସିଆଲ ୱେବସାଇଟ୍: www.tpcentralodisha.com ଏବଂ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ଥିବା ମିତ୍ର ଆପ୍ ଜରିଆରେ ସୂଚନା ଦେଇପାରିବେ।

## ଭାରତର ଅର୍ଥନୈତିକ ସ୍ଥିରତାକୁ ଦୃଢ଼ କରୁଛି ନିରନ୍ତର ଅଭିବୃଦ୍ଧି : ନୀତି ଆୟୋଗ




ନୂଆଦିଲ୍ଲୀ: ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ ଦେଶର ଅର୍ଥନୈତିକ ସ୍ଥିରତାକୁ ଦୃଢ଼ କରିବା ଦିଗରେ ଭାରତର ନିରନ୍ତର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ବେରୀ ମିଳିତ ଜାତିସଂଘରେ ସ୍ଥାୟୀ ବିକାଶ ଲକ୍ଷ୍ୟ ପାଇଁ ଉଚ୍ଚସ୍ତରୀୟ ରାଜନୈତିକ ମଞ୍ଚରେ ଉଦବୋଧନ ଦେବା ଅବସରରେ ଏହା କହିଛନ୍ତି। ଶ୍ରୀ ବେରୀ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ବିଶ୍ୱକୁ ସ୍ଥିରତା ଆବଶ୍ୟକ, ଯାହା ଅଭିବୃଦ୍ଧି ଏବଂ ସ୍ଥିରତାର ନୂତନ ଇଞ୍ଜିନ୍ ଭାବେ ପରିଗଣିତ ହୋଇପାରିବ। ଭାରତର ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧିକୁ ଆଲୋକପାତ କରି, ସେ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଦ୍ୱାରା ପରିଚାଳିତ ସାମାଜିକ-ଆର୍ଥିକ ସୂଚକଗୁଡ଼ିକର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ନୀତି ଆୟୋଗର ଉପାଧ୍ୟକ୍ଷ ସୌର ଶକ୍ତି ଭିତ୍ତିଭୂମି ଏବଂ ଡିଜିଟାଲ୍ ଶାସନ ଉପକରଣ ସମେତ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ରିହାତି ଅର୍ଥ, ପ୍ରଯୁକ୍ତିବିଦ୍ୟା ସହଭାଗୀତା, କ୍ଷମତା ନିର୍ମାଣ ସମର୍ଥନରେ ଭାରତର ଅଗ୍ରଗତି ସମ୍ପର୍କରେ ମଧ୍ୟ ସୂଚାଇଥିଲେ। ସୁମନ ବେରୀ ବହୁପକ୍ଷୀୟତାର ମୂଳଦୁଆ ଭାବରେ ଜାତିସଂଘରେ ନିଜର ବିଶ୍ୱାସକୁ ପୁନଃସ୍ଥାପିତ କରିଥିଲେ। ସେ କହିଥିଲେ ଯେ ଜାତିସଂଘକୁ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ବିକାଶର ବାହକ ଭାବରେ କାର୍ଯ୍ୟ କରିବାକୁ ପଡିବ। ଏଥିରେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି ଯେ ସ୍ଥାୟୀ ବିକାଶର ଲକ୍ଷ୍ୟକୁ ଆଗକୁ ନେଉଥିବା ବିଶ୍ୱ ଦ୍ୱନ୍ଦ୍ୱ ମଧ୍ୟରେ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଏହି ଉଚ୍ଚସ୍ତରୀୟ ରାଜନୈତିକ ମଞ୍ଚରେ ବୈଠକ କରୁଛନ୍ତି।

## 'ଇଣ୍ଡିଆ କି ଏସ୍‌ୟୁଭି' ଅଭିଯାନର ଶୁଭାରମ୍ଭ




ମୁମ୍ବାଇ : ଟାଟା ମୋଟର୍ସ ଆଜି ଏହାର ପ୍ଲବିକ କମ୍ପାକ୍ଟ ଏସୟୁଭି, ପୁଞ୍ଚ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ଘୋଷଣା କରିଛି। ଯାହା ଚାରି ବର୍ଷ ତଳେ ୬ ଲକ୍ଷ ଉତ୍ପାଦନ ମାଇଲଖୁଣ୍ଟ ଅତିକ୍ରମ କରିଛି - ଏହା ଏକ ରେକର୍ଡ ଭାଙ୍ଗିବା ଯାହା ଭାରତର ପ୍ରିୟ ଏସୟୁଭି ଭାବରେ ନିଜର ସ୍ଥିତିକୁ ଦୃ ଉପାଦାନଗୁଡିକ କରିଛି। ଅକ୍ଟୋବର ୨୦୨୧ ରେ ଏସ୍‌ୟୁଭି ଅଭିଜ୍ଞତାକୁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଉପଲବ୍ଧ କରାଇବାର ଦୃଷ୍ଟିକୋଣ ସହିତ ଟାଟା ପୁଞ୍ଚ ଏକ ସମ୍ପୂର୍ଣ୍ଣ ନୂତନ ବିଭାଗ - ସବ୍-କମ୍ପାକ୍ଟ ଏସୟୁଭି ଅଗ୍ରଗତି କରିଥିଲା । ସେବେଠାରୁ ଏହା ସମଗ୍ର ଦେଶରେ ଗ୍ରାହକଙ୍କ ସହ ଏକ ଶକ୍ତିଶାଳୀ ଉତ୍ସାହ ସୃଷ୍ଟି କରିଛି। ଏକ ନିର୍ଭୀକ ଏବଂ ଆତ୍ମବିଶ୍ୱାସ ଭାରତର ଅଭିଳାଷ ବିବେକ ଶ୍ରୀବାଟା, ମୁଖ୍ୟ ବାଣିଜ୍ୟ ଅଧିକାରୀ, ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍, କହିଛନ୍ତି, ପୁଞ୍ଚ ଏକ ନୂତନ ଭାରତର ଆତ୍ମାକୁ ଧାରଣ କରେ - ବୋଲ୍ଡ, ଆତ୍ମ ନିଶ୍ଚିତ, ଏବଂ ନିଜ ପଥ ତିଆରି କରିବାକୁ ପ୍ରସ୍ତୁତ । ୬ ଲକ୍ଷ ଅତିକ୍ରମ କରିବା ମାଇଲଖୁଣ୍ଟ ଏକ ଉତ୍ପାଦନ ସଫଳତାଠାରୁ ଅଧିକ; ଏହା ଏକ ପ୍ରତିଫଳନ । ୬ ଲକ୍ଷରୁ ଅଧିକ ଭାରତୀୟ ଏକ ଗାଡିରେ ରଖିଥିବା ଅପାର ବିଶ୍ୱାସ । ଯାହା ଆତ୍ମବିଶ୍ୱାସ, ଉପସ୍ଥିତି ଏବଂ ସେମାନଙ୍କ ପାଇଁ ଏକ ନୂତନ ଆରମ୍ଭକୁ ପ୍ରତିନିଧିତ୍ୱ କରେ । ଯାତ୍ରା ପୁଞ୍ଚ କିପରି ହୋଇଗଲା ତାହା ଦେଖିବା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଅନେକ ପ୍ରଥମ ଥର କାର୍ କ୍ରେତାମାନଙ୍କ ପାଇଁ ପ୍ରାକୃତିକ ପ୍ରଥମ ପସନ୍ଦ । ପ ମଷ୍ଟ କେବଳ ନୁହେଁ । ଏକ କାର୍ - ଏହା ଏକ ସଫଳତା ବ୍ରାଣ୍ଡ ଯାହା ଏକ ସାଂସ୍କୃତିକ ପରିବର୍ତ୍ତନ ଆଣିଛି । ଏବଂ ସେମାନଙ୍କ ପରିବାରର ପ୍ରଥମ କାରରୁ ଭାରତ ଯାହା ଆଶା କରେ ତାହା ପୁନ ରଲ ନିର୍ଦ୍ଦିଷ୍ଟ କଲା । 'ଇଣ୍ଡିଆ କି ଏସ୍‌ୟୁଭି' ଅଭିଯାନର ଶୁଭାରମ୍ଭ ସହିତ ଆମେ ଏହାକୁ ପାଳନ କରୁଛୁ ଅସାଧାରଣ ଯାତ୍ରା ଏବଂ ଗ୍ରାହକ ଯେଉଁମାନେ ଏହାକୁ ସମ୍ଭବ କରିଥିଲେ । ଏହା ସଂଖ୍ୟାଗୁଡିକର ଉତ୍ସବଠାରୁ ଅଧିକ - ଏହା ଏକ ଉତ୍ପାଦ ପାଇଁ ଶ୍ରଦ୍ଧାଞ୍ଜଳି ଯାହା ଝଟଠ ମନୋଭାବକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇଥାଏ, ପଦାର୍ଥ ଉପରେ କୌଣସି ସାଲିସ୍ ନକରି ।

## ଆଇଡିବିଆଇର ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା

ନୂଆଦିଲ୍ଲୀ : ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ଅବଧିରେ ବ୍ୟାଙ୍କର ଶୁଦ୍ଧ ଲାଭ ବାର୍ଷିକ ଆଧାରରେ ୧୭% ବୃଦ୍ଧିହୋଇ ୨୦୦୭ କୋଟି ଟଙ୍କା ରହିଛି। ପ୍ରଥମ ତ୍ରୈମାସିକରେ ପରିଚାଳନାଗତ ଲାଭ ୨୩୫୪ କୋଟି ଟଙ୍କା ରହିଛି। ସେହିପରି ଏନଆଇଏମ ୩.୬୮% ରହିଛି ଏବଂ ଶୁଦ୍ଧ ସୁଧ ଆୟ ୩୧୬୬ କୋଟି ଟଙ୍କା ରହିଛି। କଷ୍ଟ ଅଫ୍ ଡିପୋଜିଟ ଏହି ପ୍ରଥମ ତ୍ରୈମାସିକରେ ୪.୮୪% ରହିଛି ଯାହା ୨୦୨୪-୨୫ର ୧ମ ତ୍ରୈମାସିକରେ ୪.୫୮% ଥିଲା। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ସିଆରଏଆର ୨୫.୩୯% ରହିଛି ଯାହା ବାର୍ଷିକ ଆଧାରରେ ୨୯୭ ବିପିଏସ ବୃଦ୍ଧି ପାଇଛି। ରିଟର୍ଣ୍ଣ ଅନ ଆସେଟ୍‌ସ (ଆରଓଏ) ୧୮ ବିପିଏସ ବୃଦ୍ଧିହୋଇ ୨.୦୧% ରହିଛି ଯାହା ଗତ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ୧.୮୩% ରହିଥିଲା। ରିଟର୍ଣ୍ଣ ଅନ ଇକ୍ୱିଟି (ଆରଓଇ) ୧୭.୯୧% ରହିଛି। ନେଟ୍ ଏନପିଏ ୦.୨୧%କୁ ହ୍ରାସ ପାଇଛି ଯାହା ଜୁନ ୩୦, ୨୦୨୪ ସୁଦ୍ଧା ୦.୨୩% ଥିଲା। ଗ୍ରସ ଏନପିଏ ୨.୯୩% ରହିଛି ଯାହା ଜୁନ ୩୦, ୨୦୨୪ ସୁଦ୍ଧା ୩.୮୭% ଥିଲା। ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ପିସିଆର ୯୯.୩୧% ରହିଛି ଯାହା ଗତ ଆର୍ଥିକ ବର୍ଷର ସମାନନ ଅବଧିରେ ୯୯.୩୪% ଥିଲା।

## ଆରଏସ୍‌ପିକୁ ସର୍ବନିମ୍ନ ମୂଲ୍ୟର ଇସ୍ପାତ ନିର୍ମାତା ଭାବେ ପରିଣତ କରିବାକୁ ପ୍ରୟାସ



ରାଉରକେଲା (ଭାସ୍କର ନ୍ୟୁଜ୍) : ଆସନ୍ତୁ ୨୦୨୯ ସୁଦ୍ଧା ଆରଏସପି କୁ ସର୍ବନିମ୍ନ ମୂଲ୍ୟର ଇସ୍ପାତ ନିର୍ମାତା ଭାବେ ପରିଣତ କରିବା ପାଇଁ ସମ୍ମିଳିତ ପ୍ରୟାସ କରିବା ବୋଲି ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଗୋପବନ୍ଧୁ ଅଡିଟୋରିୟମ ଠାରେ ଜୁଲାଇ ୨୨ ତାରିଖରେ ଆୟୋଜିତ ୮୭୫ତମ ଗଣଯୋଗାଯୋଗ କାର୍ଯ୍ୟକ୍ରମରେ ନିଜର ଉଦବୋଧନରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଆରଏସପି ସାମୂହିକଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି.ସିଂହ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ-ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ କାରଖାନାର ବହୁ ସିଜିଏମ ଏବଂ ବିଭାଗୀୟ ମୁଖ୍ୟ ଓ ଖଣି ସମେତ ବିଭିନ୍ନ ବିଭାଗରୁ ପ୍ରାୟ ୫୦୦ ଜଣ କର୍ମଚାରୀ ଯୋଗ ଦେଇଥିଲେ। ଭାରତର ସର୍ବୋତ୍ତମ ଇସ୍ପାତ ନିର୍ମାତା ହେବା ପାଇଁ ଆରଏସପି ନିକଟରେ ସମସ୍ତ ସାମର୍ଥ୍ୟ ରହିଛି ବୋଲି ତାଙ୍କର ଅତୁଟ ବିଶ୍ୱାସ ରହିଥିବା ଉଲ୍ଲେଖ କରି ଶ୍ରୀ ବର୍ମା କର୍ମଚାରୀମାନଙ୍କୁ କୋକ୍ ହାର, କଞ୍ଚାମାଲ ମୂଲ୍ୟ, କ୍ରୟ ମୂଲ୍ୟ ଆହୁରି ହ୍ରାସ କରିବା ତଥା କୋକ୍-ହଟ୍ ମେଟାଲ୍ ଅନୁପାତକୁ ଆହୁରି ଉନ୍ନତ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରି କହିଥିଲେ ଯେ ସୁରକ୍ଷା ସହିତ କୌଣସି ସାଲିସ କରାଯାଇପାରିବ ନାହିଁ ଏବଂ ପ୍ରତ୍ୟେକ କାର୍ଯ୍ୟ ପଦ୍ଧତିରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ନିଶ୍ଚିତ ରୂପେ ପ୍ରଦାନ କରାଯିବା ଅତ୍ୟାବଶ୍ୟକ ଅଟେ। ସୁରକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରି ପଲାଇ ସପ ଫ୍ଲୋରରେ ସମସ୍ତ ସୁରକ୍ଷା ପ୍ରୋଟୋକଲର ଅନୁପାଳନ ସହକାରେ ନିଜର ତଥା ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ସେ ବ୍ୟକ୍ତିଗତ ଭାବରେ ସାଇଟ ପରିଦର୍ଶନ କରିବା ସହ ସୁରକ୍ଷା ସ୍ଥିତିର ମୂଲ୍ୟାଙ୍କନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନିଲ କୁମାର ସାମଗ୍ରୀ ପରିଚାଳନା ବିଭାଗ ଉପରେ ଏକ ସାମଗ୍ରିକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଏମ ପି ସିଂହ ତାଙ୍କ ଅଭିଭାଷଣରେ ଓଡିଶା ଗ୍ରୁପ ଓଫ ମାଇନ୍ସ ଦ୍ୱାରା ସାମଗ୍ରିକ ପ୍ରୟାସ ମାଧ୍ୟମରେ ଲୁହାପଥର ଉତ୍ପାଦନରେ ଲୌହ ଉପାଦାନ ପରିମାଣରେ ଉନ୍ନତି ଆଣିବା ପାଇଁ କରାଯାଇଥିବା ପ୍ରୟାସ ଉଲ୍ଲେଖ କରିଥିଲେ। ଡ଼ିଆଇସି ଶ୍ରୀ ବର୍ମା ୨୦୨୪-୨୫ ଆର୍ଥିକ ବର୍ଷର କ୍ୱାଟର-୩ ଓ କ୍ୱାଟର-୪ ଅବଧି ପାଇଁ ଆରଏମଏଚପି ଓ ଏଚଏସଏମ-୨ ବିଭାଗକୁ ବ୍ୟୟ ନିପୁଣତା ଚମ୍ପିୟନ ପୁରସ୍କାର ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମକୁ ଏଚଆର-ଏଲ ଆଣ୍ଡ ଡ଼ି ବିଭାଗର ଆଡମିନ ଆସୋସିଏଟ ସୁଶ୍ରୀ ସତ୍ୟବତୀ ବେହେରା ସଂଯୋଜନା କରିଥିଲେ।

## ୨୪ରେ ଖୋଲିବ ଇନିସିଆଲ ପବ୍ଲିକ ଅଫରିଂ

ନୂଆଦିଲ୍ଲୀ: ବ୍ରିଗେଡ ହୋଟେଲ ଭେଂଚର୍ସ ଲିମିଟେଡ (ବିଇଏଲ)ର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ୨୦୨୫ ଜୁଲାଇ ୨୪ ଗୁରୁବାର ଦିନ ଖୋଲିବ। ଆଙ୍କର ନିବେଶକମାନେ ଗୋଟିଏ କାର୍ଯ୍ୟ ଦିବସ ପୂର୍ବରୁ ୨୦୨୫ ଜୁଲାଇ ୨୩, ବୁଧବାର ଦିନ ବିଡ ଦାଖଲ କରିପାରିବେ। ବିଡ ଦାଖଲ କରିବାର ଶେଷ ଦିବସ ହେଉଛି ୨୦୨୫ ଜୁଲାଇ ୨୮, ସୋମବାର। ଏହି ଇସ୍ୟୁରେ ୭୫୯.୬ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ। ଇକ୍ୱିଟି ସେୟାରର ଦାମ ୮୫ ଟଙ୍କାରୁ ୯୦ ଟଙ୍କା ମଧ୍ୟରେ ରହିବ। ନିବେଶକମାନେ ସର୍ବନିମ୍ନ ୧୬୬ଟି ଇକ୍ୱିଟି ସେୟାରର ବିଡ୍ ଦାଖଲ କରିପାରିବେ ଏବଂ ପରବର୍ତ୍ତୀ ସମୟରେ ସେଥିରେ ୧୬୬ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ି ପାରିବେ। ଯୋଗ୍ୟ କର୍ମଚାରୀମାନଙ୍କ ପାଇଁ ୭.୫୯ କୋଟି ଟଙ୍କାର ଇକ୍ୱିଟି ସେୟାର ସଂରକ୍ଷିତ ରହିବ। ସେମାନଙ୍କୁ ଇକ୍ୱିଟି ସେୟାର ପିଛା ୩ ଟଙ୍କାର ରିହାତି ମିଳିବ। ବିଇଏଲର ଅଂଶଧନକାରୀମାନଙ୍କ ଲାଗି ୩୦.୩୮ କୋଟି ଟଙ୍କାର ଇକ୍ୱିଟି ସେୟାର ସଂରକ୍ଷିତ ରହିବ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ ୪୬୮.୧୪ କୋଟି ଟଙ୍କାକୁ କମ୍ପାନି ଓ ଏହାର ସହାୟକ ସଂସ୍ଥା ଏସଆରପି ପ୍ରସ୍ପରିଟା ହୋଟେଲ ଭେଂଚର୍ସ ଲିମିଟେଡ୍ ହାସଲ କରିଥିବା କିଛି ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବାରେ, ୧୦୭.୫୨ କୋଟି ଟଙ୍କାକୁ ପ୍ରତିଷ୍ଠାତାଙ୍କଠାରୁ ଜମି କିଣିବାରେ, ଅଧିଗ୍ରହଣଜରିଆରେ ଅଭିବୃଦ୍ଧି ବଢ଼ାଇବା ଏବଂ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବା ଯୋଜନା ରହିଛି। ଭାରତୀୟ ପ୍ରତିଭୂତି ଓ ବିନିମୟବୋର୍ଡ (ସେବି) ନିୟମ ଅନୁସାରେ ଏହି ଅଫରର ୫୦ ପ୍ରତିଶତ ଇକ୍ୱିଟି ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ମାନଙ୍କ ଲାଗି ସଂରକ୍ଷିତ ରଖାଯିବ ।

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର




ରାଉରକେଲା (ଭାସ୍କର ନ୍ୟୁଜ) : ସେଲ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର- ୨୦ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଜୁଲାଇ ୨୨ ତାରିଖରେ ଆୟୋଜିତ କାଉନସିଲ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍ସାମିନେସନ୍ (ସିଆଇଏସସିଇ) ଆଞ୍ଚଳିକ ହକି ପ୍ରତିଯୋଗିତାରେ ରାଉରକେଲା ଜୋନ୍ ବିଜେତା ହୋଇଛି। ରାଉରକେଲା ଜୋନ୍ ଝାରସୁଗୁଡା ଜୋନ୍ କୁ ୧୦-୦ ଗୋଲରେ ପରାସ୍ତ କରି ଟାଇଟଲ୍ ହାସଲ କରିଛି। ଏହି ଟୁର୍ଣ୍ଣାମେଣ୍ଟକୁ ଆରଏସପି ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟି.ଜି. କାନେକର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ନିଜର ବକ୍ତବ୍ୟରେ ସେ ଖେଳାଳିମାନଙ୍କୁ ପଢ଼ିଆ ଭିତରେ ଏବଂ ବାହାରେ ଶୃଙ୍ଖଳା ଏବଂ ଦଳଗତ ମନୋଭାବର ମୂଲ୍ୟବୋଧକୁ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ସହର ସେବା ଶିକ୍ଷା ଓ ଗ୍ରନ୍ଥାଗାର ବିଭାଗର ଜିଏମ ଡକ୍ଟର ନିବେଦିତା ରାୟ ଉଦଯାପନୀ ଉତ୍ସବରେ ଯୋଗ ଦେଇ ବିଜେତା ଏବଂ ରନର୍ସ-ଅପ୍ ଦଳଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେଣ୍ଟ ପଲ୍ ସ୍କୁଲର ପ୍ରିନ୍ସିପାଲ୍ ଫାଦର ଜୋସେଫ୍ ଏବଂ ଡେପୁଟି ମ୍ୟାନେଜର (କ୍ରୀଡା) ରଘୁନନ୍ଦନ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର-୨୦ର ଅଧ୍ୟକ୍ଷା ଡକ୍ଟର ସୁଶ୍ରୀତା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।



### ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାର ଚତୁର୍ଥ ଟେଷ୍ଟ ମ୍ୟାଚ୍

# କର ବା ମର ସ୍ଥିତିରେ ଟିମ୍ ଇଣ୍ଡିଆ



ମାଞ୍ଚେଷ୍ଟର: ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ର ଚତୁର୍ଥ ମ୍ୟାଚ୍ ବୁଧବାର ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ପାଇଁ ଇଂଲଣ୍ଡ ନିଜର ଚୂଡ଼ାନ୍ତ ଏକାଦଶ ଘୋଷଣା କରି ସାରିଛି। ହେଲେ ଭାରତର ଚୂଡ଼ାନ୍ତ ଏକାଦଶ କିପରି ରହିବ ତାହା ଉପରେ କ୍ରିକେଟ୍ ପ୍ରେମୀଙ୍କ ନଜର ରହିଛି। କାରଣ ଦଳର ଏକାଧିକ ଖେଳାଳି ଆହତ ହେବା ଦଳର ସମୀକରଣକୁ ବିଗାଡ଼ି ଦେଇଛି। ଫଳରେ ଦଳ ପ୍ରବନ୍ଧକଙ୍କୁ ଚୂଡ଼ାନ୍ତ ଏକାଦଶ ଚୟନରେ ଏବେ ମୁସ୍କିଲର ସାମ୍ନା କରିବାକୁ ପଡୁଛି। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାରେ ଘରୋଇ ଇଂଲଣ୍ଡ ୨-୧ରେ ଆଗୁଆ ରହିଥିବା ବେଳେ ଏହି ମ୍ୟାଚ୍ ଭାରତ ପାଇଁ କର ବା ମର ସ୍ଥିତିରେ। ଏହି ସିରିଜ୍ ବଜାୟ ରଖିବାକୁ ହେଲେ ଭାରତ ଏହି ମ୍ୟାଚ୍କୁ ଜିତବ ନଚେତ୍ ଡ୍ର ରଖିବାକୁ ଚେଷ୍ଟା କରିବ। କର ବା ମର ସ୍ଥିତିରେ ଥିବା ଟିମ୍ ଇଣ୍ଡିଆ ପାଇଁ ନୀତୀଶ କୁମାର ରେଡ୍ଡୀ, ଆକାଶ ଦୀପ ଏବଂ ଅର୍ଶଦୀପ ସିଂହଙ୍କ ଭଳି ଖେଳାଳି ଆହତ ହେବା ମୁଣ୍ଡ ବ୍ୟଥାର କାରଣ ହୋଇଛି। ନୀତୀଶ ପୂରା ଶୃଙ୍ଖଳାରୁ ଏବଂ ଅର୍ଶଦୀପ ଚତୁର୍ଥ ଟେଷ୍ଟରୁ ବାଦ୍ ପଡ଼ିବା ଦଳ ପାଇଁ ଦୁଇଟି ବଡ଼ ଝଟକା ହୋଇଛି। ପୁଣି ଆକାଶ ଦୀପଙ୍କୁ ନେଇ ସଂଶୟ ଜାରି ରହିଥିବାରୁ ଦଳର ବୋଲିଂ ବାହିନୀ ପୂର୍ବାପେକ୍ଷା ଦୁର୍ବଳ ହେବାର ଆଶଙ୍କା ଘନୀଭୂତ ହୋଇଛି। ଅର୍ଶଦୀପ ଗୋଟିଏ ହେଲେ ବି ମ୍ୟାଚ୍ ଖେଳି ନଥିଲେ ମଧ୍ୟ ଆକାଶ ଦୀପ ଫିଟ୍ ନଥିଲେ ସେ ହିଁ ତାଙ୍କ ସ୍ଥାନ ନେବା ଏକ ପ୍ରକାର ନିଶ୍ଚିତ ଥିଲା। ତେବେ ଏହି ବିକଳ୍ପ ଏବେ ଭାରତ ହାତରୁ ଖସି ଯାଇଛି। ଲର୍ଡସ ଟେଷ୍ଟରେ ନୀତୀଶ ଲଢୁଆ ଖେଳ ଖେଳିଥିଲେ। ଏଣୁ ମାଞ୍ଚେଷ୍ଟରରେ ତାଙ୍କ ସ୍ଥାନ କିଏ ନେବ ସେ ଚିନ୍ତା ଦଳୀୟ ପରିଚାଳକଙ୍କୁ ଘାରିଛି। ତା'ସହିତ ଉପଅଧିନାୟକ ଋଷଭ ପନ୍ତ ଏହି ମ୍ୟାଚ୍ରେ ୱିକେଟ୍ ରକ୍ଷଣ କରିବା ନେଇ ବି ଦ୍ୱନ୍ଦ୍ୱ ରହିଛି। ପନ୍ତ ଯଦି ୱିକେଟ୍ ରକ୍ଷଣ ନକରନ୍ତି, ତାହେଲେ ତାଙ୍କ ସହ ସଂରକ୍ଷିତ ୱିକେଟ୍ ରକ୍ଷକ ଧ୍ରୁବ ଜୁରେଲଙ୍କୁ ଖେଳାଇବାକୁ ଗିଲ୍ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକପ୍ରକାର ବାଧ୍ୟ ହେବେ। ମାଞ୍ଚେଷ୍ଟର୍ ପିଚ୍ ଆଉ ଏକ ବଡ଼ ଅଡୁଆ ଭାବେ ଉଭା ହୋଇଛି। ସୂଚନା ଅନୁସାରେ ଓଲ୍ଡ ଟ୍ରାଫୋର୍ଡରେ ଭାରତୀୟ କ୍ରିକେଟ୍ ଦଳକୁ ସବୁଜ ପିଚ୍ ଅପେକ୍ଷା କରି ରହିଛି। ଗତ କିଛି ଦିନ ଧରି ମାଞ୍ଚେଷ୍ଟରରେ ବର୍ଷା ଲାଗି ରହିଥିବାରୁ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମ୍ର ଆଉଟ୍ ଫିଲ୍ଡ ମଧ୍ୟ ଓଦାଳିଆ ରହିଛି। ସୋମବାର ଠିକ୍ଠାକ୍ ଖରା ହେବା ଅବଶ୍ୟ ଏହି କ୍ଷେତ୍ରରେ ଏକ ଉତ୍ସାହଜନ ଖବର ହୋଇଛି। ମଙ୍ଗଳବାର ଯଦି ବର୍ଷା ଫେରେ ତାହେଲେ ସେଠାରେ ବ୍ୟାଟିଂ କରିବା ଅନଭିଜ୍ଞ ଭାରତୀୟ ଦଳ ପାଇଁ ନିଶ୍ଚିତ ଭାବେ କାଠିକର ପାଠ ହେବ। ଏହି ଷ୍ଟାଡିୟମ୍ର ପୂର୍ବ ରେକର୍ଡ ମଧ୍ୟ ଭାରତ ବିପକ୍ଷରେ ରହିଛି। ଭାରତ ଏଠାରେ ୯ ଟେଷ୍ଟ୍ ଖେଳି ୪ଟି ହାରିଥିଲା ବେଳେ ୫ଟିକୁ ଅମୀମାଂସିତ ରଖିଛି। ଗତ ସପ୍ତାହରେ ଲର୍ଡସ ଟେଷ୍ଟ୍କୁ ମାତ୍ର ୨୨ ରନ୍ରେ ହାରିଥିବା ଭାରତ ଅବଶ୍ୟ ଏହି ମ୍ୟାଚ୍ ପୂର୍ବରୁ ୮ ଦିନର ବିଶ୍ରାମ ପାଇଛି। ଏଣୁ ପାଗ, ପରିବେଶ ଅନୁସାରେ ଦଳ ପ୍ରସ୍ତୁତି କରିପାରିଥିବ ବୋଲି ପ୍ରଶଂସକ ଆଶା ରଖିଛନ୍ତି। ଭାରତର ସମ୍ଭାବିତ ଏକାଦଶ : ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ, ଶୁଭମନ ଗିଲ(ଅଧିନାୟକ), ଋଷଭ ପନ୍ତ(ୱିକେଟ୍ କିପର), ଶାର୍ଦ୍ଦୁଳ ଠାକୁର/କୁଲଦୀପ ଯାଦବ, ରବୀନ୍ଦ୍ର ଜାଡ଼େଜା, ୱାଶିଂଟନ ସୁନ୍ଦର, ଆକାଶଦୀପ/ଅଂଶୁଲ କମ୍ବୋଜ, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ।

## ଚୂଡ଼ାନ୍ତ ଏକାଦଶ ଘୋଷଣା କଲା ଇଂଲଣ୍ଡ




ନୂଆଦିଲ୍ଲୀ: ତେନ୍ଦୁଲକର-ଆଣ୍ଡରସନ୍ ଟେଷ୍ଟ ସିରିଜରେ ୨-୧ରେ ଆଗୁଆ ଥିବା ଇଂଲଣ୍ଡ ଚତୁର୍ଥ ଟେଷ୍ଟ ପାଇଁ ନିଜର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇଂଲଣ୍ଡ ଟେଷ୍ଟ ମ୍ୟାଚ୍ ଆରମ୍ଭର ୨୪ ଘଣ୍ଟା ପୂର୍ବରୁ ନୁହେଁ, ବରଂ ୪୩ ଘଣ୍ଟା ପୂର୍ବରୁ ନିଜ ପ୍ଲେଇଂ ଇଲେଭେନ୍ ଘୋଷଣା କରିଛି । ଟେଷ୍ଟ ସିରିଜର ଚତୁର୍ଥ ମ୍ୟାଚ୍ ୨୩ ଜୁଲାଇରୁ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ ଷ୍ଟାଡିୟମରେ ଆରମ୍ଭ ହେବ। ଏଥିପାଇଁ ଇଂଲଣ୍ଡ ତାର ପ୍ଲେଇଂ-୧୧ରେ ଏକ ପରିବର୍ତ୍ତନ କରିଛି। ପ୍ରାୟ ୮ ବର୍ଷର ଦୀର୍ଘ ଅପେକ୍ଷା ପରେ ସ୍ପିନର ଲିଆମ ଡସନ୍ ଦଳକୁ ଫେରିଛନ୍ତି। ଲର୍ଡସ୍ ଟେଷ୍ଟରେ ଇଂଲଣ୍ଡ ଟିମ୍ ଇଣ୍ଡିଆକୁ ୨୨ ରନ୍ରେ ପରାସ୍ତ କରି ସିରିଜରେ ୨-୧ରେ ଆଗୁଆ ରହିଛି । ଏହି ମ୍ୟାଚ୍ରେ ଇଂଲଣ୍ଡ ପାଇଁ ଶେଷ ୱିକେଟ୍ ସ୍ପିନର ସୋଏବ ବଶିର ନେଇଥିଲେ। କିନ୍ତୁ ତାଙ୍କ ଆଙ୍ଗୁଠିରେ ଆଘାତ ଯୋଗୁଁ ସେ ସିରିଜରୁ ବାଦ ପଡ଼ିଛନ୍ତି। ଏହାପରେ ଇଂଲଣ୍ଡ ଚୟନକର୍ତ୍ତା ଚତୁର୍ଥ ଏବଂ ପଞ୍ଚମ ଟେଷ୍ଟ ପାଇଁ ବାମହାତୀ ସ୍ପିନ୍ ଅଲରାଉଣ୍ଡର ଲିଆମ୍ ଡସନ୍ଙ୍କୁ ଦଳରେ ସାମିଲ କରିଥିଲେ। ଡସନ୍ଙ୍କ ରୂପେ ଇଂଲଣ୍ଡ ପ୍ଲେଇଂ ଇଲେଭେନରେ କେବଳ ଗୋଟିଏ ପରିବର୍ତ୍ତନ କରିଛି। ଖରାପ ଫର୍ମ ସତ୍ତ୍ୱେ, ଓପନର ଜ୍ୟାକ୍ କ୍ରାଉଲି, ଉପ-ଅଧିନାୟକ ଓଲି ପୋପ୍ ଏବଂ ଦ୍ରୁତ ବୋଲର କ୍ରିସ୍ ୱୋକ୍ସଙ୍କୁ ଆଉ ଏକ ସୁଯୋଗ ଦିଆଯାଇଛି । ନାୟରଙ୍କ ପରି ଡସନ୍ ମଧ୍ୟ ୨୦୧୬ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜରେ ଡେବ୍ୟୁ କରିଥିଲେ କିନ୍ତୁ ୩ ମ୍ୟାଚ୍ ପରେ ୨୦୧୭ରେ ତାଙ୍କୁ ମଧ୍ୟ ବାହାର କରାଯାଇଥିଲା। ନାୟର ଏହି ଇଂଲଣ୍ଡ ସିରିଜରେ ପ୍ରତ୍ୟାବର୍ତ୍ତନ କରିବା ପରି, ଏହି ଇଂଲଣ୍ଡ ସ୍ପିନରଙ୍କୁ ମଧ୍ୟ ଦ୍ୱିତୀୟ ସୁଯୋଗ ମିଳିଛି । ଇଂଲଣ୍ଡର ଚୂଡ଼ାନ୍ତ ଏକଦଶ: ବେନ୍ ଷ୍ଟୋକ୍ସ (ଅଧିନାୟକ), ଜ୍ୟାକ୍ କ୍ରଉଲି, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରି ବ୍ରୁକ୍, ଜେମି ସ୍ମିଥ୍, ଲିଆମ୍ ଡସନ୍, କ୍ରିସ୍ ୱୋକ୍ସ, ବ୍ରାଇଡନ୍ କାର୍ସେ ଏବଂ ଜୋଫ୍ରା ଆର୍ଚର।

## ୨୫ରୁ ଟେବୁଲ୍ ଟେନିସ୍ ପ୍ରତିଯୋଗିତା

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଟେବୁଲ୍ ଟେନିସ ଆସୋସିଏସନ୍ ଆନୁକୁଲ୍ୟରେ ପ୍ରଥମ ଥର ପାଇଁ ଓଡ଼ିଶା ରାଜ୍ୟ ର୍ୟାଙ୍କିଙ୍ଗ ଟେବୁଲ୍ ଟେନିସ ପ୍ରତିଯୋଗିତା ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଖୋ ଖୋ ହଲ ପରିସରରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ସୁନ୍ଦରଗଡ଼, ଏଜି ଓଡ଼ିଶା, ରେଳବାଇ ଆଦି ଟିମ୍କୁ ମିଶାଇ ମୋଟ ୧୯୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ଖ୍ୟାତନାମା ଟେବୁଲ୍ ଟେନିସ ଖେଳାଳି ଡି.ଦେବଦତ୍ତ ସୁବୁଦ୍ଧି, ଜିଜ୍ଞାସୁ ସାଇ କିରଣ ପ୍ରଧାନ, ନେହା କୁମାରୀ, ତୁଷାର ଚୌହାନ, ସମ୍ରାଟ ଚକ୍ରବର୍ତ୍ତୀ, ଆଲବର୍ଟ କିଣ୍ଡୋ ପ୍ରମୁଖ ତାରକା ଖେଳାଳି ଯୋଗ ଦେବେ। ଓଡ଼ିଶା ରାଜ୍ୟ ଟେବୁଲ୍ ଟେନିସ ଆସୋସିଏସନ୍ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଖେଳାଳୀ ଉତ୍କଳିକା ପତି, ରଞ୍ଜିତା ଭଟ୍ଟାଚାର୍ଯ୍ୟ, ହରପ୍ରସାଦ ଦାସ ମହାପାତ୍ର, ଜିଜ୍ଞାସୁ ସାଇ କିରଣ ପ୍ରଧାନ, ପି.ପରିତୋଷ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ୨୦୦୧ ମସିହାରେ ବହୁ କଷ୍ଟ କରି ଜିଲ୍ଲା ଟେବୁଲ୍ ଟେନିସ ଆସୋସିଏସନ୍ ଗଠନ କରିଥିବା ଅନୁଷ୍ଠାନର ଉପଦେଷ୍ଟା ଡଃ ଶ୍ରୀନିବାସ ଆଚାର୍ଯ୍ୟ, ପରୀକ୍ଷିତ ଚରଣ ସାହୁ, ସଭାପତି ଦାମୋଦର ପ୍ରଧାନୀ, ଉପ ସଭାପତି ଦୁର୍ଗା ପ୍ରସାଦ ଦାସ ମହାପାତ୍ର ପ୍ରମୁଖଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଜିଲ୍ଲାରେ ଟେବୁଲ୍ ଟେନିସ ଖେଳ ପାଇଁ ଭିତ୍ତିଭୂମି ନାହିଁ। ପୁରୀ ଜିଲ୍ଲା ଟେବୁଲ୍ ଟେନିସ ଆସୋସିଏସନ୍ ପକ୍ଷରୁ ନିଜସ୍ୱ ପ୍ରଚେଷ୍ଟାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। କଟକ, ଭୁବନେଶ୍ୱର ପରି ରାଜ୍ୟ ସରକାରଙ୍କ ସହଯୋଗରେ ଟେବୁଲ୍ ଟେନିସ ଏକାଡେମୀ ଖୋଲା ଯାଇ ପାରିଲେ ଅଧିକରୁ ଅଧିକ ଟେବୁଲ୍ ଟେନିସ ଖେଳାଳୀ ଉଭୟ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପାଇଁ ସୁନାମ ଆଣିପାରିବେ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ୍ ସମ୍ପାଦକ ବିମଳ ପ୍ରସାଦ ମହାନ୍ତି ଓ ଇପସିତ ପ୍ରତିହାରୀ ସୂଚନା ଦେଇଛନ୍ତି।


### ଗମ୍ଭୀର ଓ ଗିଲ୍ଙ୍କୁ ଅଶ୍ୱିନଙ୍କ ପରାମର୍ଶ

# ୱାଶିଂଟନ୍ଙ୍କୁ ୩ ନମ୍ବରରେ ଖେଳାଅ




ନୂଆଦିଲ୍ଲୀ: ଟେଷ୍ଟ କ୍ରିକେଟ୍ରୁ ସନ୍ନ୍ୟାସ ନେଇ ସାରିଥିବା ତାରକା ଅଫ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମାଞ୍ଚେଷ୍ଟର ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ଶୁଭମନ ଗିଲ୍ଙ୍କୁ ମହତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଭାରତୀୟ ଥିଙ୍କ ଟ୍ୟାଙ୍କକୁ ଯଦି ୱାଶିଂଟନ ସୁନ୍ଦରଙ୍କ ବ୍ୟାଟିଂ ଉପରେ ଭରସା ଅଛି ତେବେ ତାଙ୍କୁ କରୁଣ ନାୟରଙ୍କ ସ୍ଥାନରେ ଖେଳାଇବା ଉପରେ ବିଚାର କରିବା ଉଚିତ୍। ମାଞ୍ଚେଷ୍ଟର ଟେଷ୍ଟ ପୂର୍ବରୁ ଭାରତୀୟ ଦଳ ଆହତଜନିତ ସମସ୍ୟା ଦେଇ ଗତି କରୁଛି। ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ଶୃଙ୍ଖଳାରୁ ବାଦ୍ ପଡ଼ି ସାରିଛନ୍ତି। ଅର୍ଶଦୀପ ସିଂ ମଧ୍ୟ ଆହତ କାରଣରୁ ଚତୁର୍ଥ ଟେଷ୍ଟ ପାଇଁ ଉପଲବ୍ଧ ନାହାନ୍ତି। ଏଜବାଷ୍ଟନ ଟେଷ୍ଟର ହିରୋ ଆକାଶଦୀପ ଗ୍ରୋଇନ ଆଘାତରେ ପୀଡ଼ିତ। ତେଣୁ ଚତୁର୍ଥ ଟେଷ୍ଟ ଖେଳିବା ନେଇ ତାଙ୍କର ସଂଶୟ ରହିଛି। ଏମିତି ସମୟରେ ଆର ଅଶ୍ୱିନ କହିଛନ୍ତି, ୱାଶିଂଟନ ସୁନ୍ଦର ନିଜର ବ୍ୟାଟିଂ ବଳରେ ଦଳ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହୋଇ ପାରନ୍ତି। ଏମିତି ହେଲେ ଦଳକୁ କେବଳ ନମ୍ବର ୩ର ବିକଳ୍ପ ମିଳିବ ନାହିଁ ବରଂ କୁଲଦୀପ ଯାଦବଙ୍କ ପରି ୱିକେଟ୍ ଟେକର ବୋଲରଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ପାରିବ। ଅଶ୍ୱିନ ନିଜର ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି ଯେ, ବହୁତ ଲୋକ କହି ସାରିଛନ୍ତି ଯେ କୁଲଦୀପ ଯାଦବଙ୍କୁ ଖେଳାଇବା ଉଚିତ୍। ଯଦି ଆପଣଙ୍କୁ ୱାଶିଂଟନ ସୁନ୍ଦରଙ୍କ ବ୍ୟାଟିଂରେ ଅଧିକ ଭରସା ଅଛି ତେବେ ତାଙ୍କୁ ନମ୍ବର ୩ରେ ବ୍ୟାଟିଂ କରିବାକୁ ସୁଯୋଗ ଦିଆଯାଉ ଏବଂ କୁଲଦୀପଙ୍କୁ ମ୍ୟାଚ୍ରେ ଖେଳାଯାଉ। ଆପଣ ଚିନ୍ତା କରନ୍ତୁ କରୁଣ ନାୟରଙ୍କ ସ୍ଥାନରେ ସାଇ ସୁଦର୍ଶନ ନା ୱାଶିଂଟନ ସୁନ୍ଦରଙ୍କୁ ଖେଳାଇବା ଉଚିତ୍। ସେ ଏହା ମଧ୍ୟ କହିଛନ୍ତି, ନୀତିଶ କୁମାର ରେଡ୍ଡୀ ବାଦ୍ ପଡ଼ି ସାରିଛନ୍ତି। ତାଙ୍କ ସ୍ଥାନରେ କଣ ଶାର୍ଦ୍ଦୁଳ ଠାକୁରଙ୍କୁ ଖେଳାଇବା ଉଚିତ୍ ନା କୌଣସି ବିଶେଷଜ୍ଞ ବ୍ୟାଟରଙ୍କୁ ସୁଯୋଗ ଦେବା ଉଚିତ୍। ଏଥିପାଇଁ ମୁଁ ୱାଶିଂଟନ ସୁନ୍ଦରଙ୍କୁ ନମ୍ବର ୩ରେ ଖେଳାଇବାକୁ ଚାହୁଁଛି। ଉଲ୍ଲେଖନୀୟ ୱାଶିଂଟନ ସୁନ୍ଦର ଘରୋଇ କ୍ରିକେଟ୍ରେ ତାମିଲନାଡୁ ପାଇଁ ଟପ୍ ଅର୍ଡରରେ ଖେଳିଛନ୍ତି। ତାଙ୍କର ବ୍ୟାଟିଂ ଟେକନିକ ମଧ୍ୟ ମଜବୁତ ରହିଛି। ତାଙ୍କ ଭିତରେ ଚାପର ମୁକାବିଲା ପାଇଁ କ୍ଷମତା ରହିଛି। ସୁନ୍ଦର ଏ ପର୍ଯ୍ୟନ୍ତ ୧୧ଟି ଟେଷ୍ଟ ଖେଳି ୩୮ ହାରରେ ରନ କରିଛନ୍ତି।

## ସରକାରଙ୍କ ବଡ଼ ପଦକ୍ଷେପ: ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ରେ ସାମିଲ ହେବ ବିସିସିଆଇ




ନୂଆଦିଲ୍ଲୀ: ସଂସଦ ସୌସୁମୀ ଅଧିବେସନରେ କେନ୍ଦ୍ର ସରକାର ଉପସ୍ଥାପନ କରିବାକୁ ଯାଉଥିବା ଜାତୀୟ କ୍ରୀଡ଼ା ବିଲ୍ ଅଧୀନରେ ଆସିପାରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)। କ୍ରୀଡ଼ା ମନ୍ତ୍ରଣାଳୟର ସୂତ୍ରରୁ ତଥ୍ୟ ନେଇ ଖବର ପ୍ରକାଶ କରିଛି ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେ। ଏହି ବିଲ୍ରେ ପ୍ରଶାସକଙ୍କ ପାଇଁ ବୟସ ସୀମାର ଉପର ସୀମା ୭୦ ରୁ ୭୫ ବର୍ଷକୁ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି ବୋଲି ସୂଚନା ମିଳିଛି। ବର୍ତ୍ତମାନର ବିସିସିଆଇ ଅଧ୍ୟକ୍ଷ ଥିବା ରୋଜର ବିନ୍ନି ଜୁଲାଇ ୧୯ ତାରିଖରେ ୭୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଅର୍ଥାତ୍ ସେ ବିସିସିଆଇର ନିର୍ଦ୍ଧାରିତ ବୟସ ସୀମାରେ ପହଞ୍ଚି ସାରିଛନ୍ତି। ତେଣୁ ତାଙ୍କୁ ପଦ ଛାଡିବାକୁ କୁହାଯାଇପାରେ। ତେବେ କ୍ରୀଡା ବିଲରେ ଏହି ନିୟମରେ ପରିବର୍ତ୍ତନ ହୋଇପାରେ। ଏକ ଜାତୀୟ କ୍ରୀଡା ମହାସଂଘ (ଏନ୍ଏସ୍ଏଫ୍) ହିସାବରେ ବିସିସିଆଇ ଏହି ବିଲ୍ ପରିସର ଭିତରକୁ ଆସିପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହି ବିଲ୍ ଆଇନରେ ପରିଣତ ହେବା ପରେ ସମସ୍ତ ଜାତୀୟ ମହାସଂଘ ଭଳି ବିସିସିଆଇକୁ ମଧ୍ୟ ଆଇନର ପାଳନ କରିବାକୁ ପଡ଼ିବ। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯିବା ପରେ ବିସିସିଆଇ ମଧ୍ୟ ଅଲିମ୍ପିକ୍ ଅଭିଯାନର ଅଂଶ ହୋଇଛି। କ୍ରୀଡ଼ା ପ୍ରଶାସନ ବିଲ୍ର ଉଦ୍ଦେଶ୍ୟ ହେଉଛି ନିର୍ଦ୍ଧାରିତ ସମୟରେ ନିର୍ବାଚନ, ଉତ୍ତରଦାୟୀ ପ୍ରଶାସନ ଓ ଆଥଲେଟ୍ଙ୍କ କଲ୍ୟାଣ ଲାଗି ଜାତୀୟ ଫେଡେରେଶନକୁ ସଂସ୍ଥାଗତ କରିବା।

## ପ୍ରଦର୍ଶନୀ ମହିଳା ଫୁଟବଲ ମ୍ୟାଚ୍: ତାରିଣୀ ଫୁଟବଲ୍ ଏକାଡେମୀ ୨-୧ ଗୋଲରେ ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଆଜି ୬୪ ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ବିଶ୍ରାମ ଦିବସ ଅବସରରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତାରିଣୀ ଫୁଟବଲ ଏକାଡେମୀ ଏବଂ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ମଧ୍ୟରେ ଅନୁଷ୍ଠିତ ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷପୂର୍ଣ୍ଣ ଏହି ପ୍ରଦର୍ଶନୀ ଖେଳରେ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ଜଜାଙ୍ଗର ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ବିପକ୍ଷରେ ୨-୧ ଗୋଲରେ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧ ଖେଳର ୨୦ତମ ମିନିଟରେ ଜେଏସଡବ୍ଲ୍ୟୁର ଗୋଲ ରକ୍ଷକ ରଞ୍ଜିତା ପାତ୍ର ନିଜ ସ୍ଥାନ ଛାଡି ଆଗକୁ ଚାଲିଆସିଥିବା ବେଳେ ତାରିଣୀ ଏକାଡେମୀ ଖୋଲା ଗୋଲ ପୋଷ୍ଟରେ ଗୋଲ ଦେବାର ଏକ ସୁଯୋଗ ପାଇଥିଲା ମାତ୍ର ପ୍ରତିପକ୍ଷ ଦଳର ୧୦ ନମ୍ବର ଖେଳାଳି ଅର୍ଚ୍ଚିତା ରାଉତ ଏକ କର୍ଣ୍ଣର ବିନିମୟରେ ଦଳକୁ ଏକ ନିଶ୍ଚିତ ଗୋଲରୁ ରକ୍ଷା କରିଥିଲେ। ପରେ ପରେ ୨୬ତମ ମିନିଟରେ ଜେଏସଡବ୍ଲ୍ୟୁ ପକ୍ଷରୁ ୯ ନମ୍ବର ଖେଳାଳି ତାରିଣୀ ନାଏକ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ପଛୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧ ଖେଳରେ ତାରିଣୀ ଫୁଟବଲ ଏକାଡେମୀ ପରସ୍ପର ମଧ୍ୟରେ ବୁଝାମଣା ରକ୍ଷାକରି ପ୍ରତିପକ୍ଷ ରକ୍ଷଣ ଭାଗକୁ ବ୍ୟତିବ୍ୟସ୍ତ କରିଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୫ ମିନିଟରେ ତାରିଣୀ ଫୁଟବଲ ଏକାଡେମୀର ଏନ ରୋସନି ଦଳ ପକ୍ଷରୁ ଗୋଲଟିକୁ ପରିଶୋଧ କରିଥିବା ବେଳେ ୬୨ତମ ମିନିଟରେ ଦଳ ପକ୍ଷରୁ ମିଡ଼ ଫିଲଡର ମଲ୍ଲୀ ମୁଣ୍ଡା ବିଜୟ ସୂଚକ ଗୋଲଟି ଦେଇଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ମୁଖ୍ୟ ଅତିଥି ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ସବିଲ କୁମାର ଝା ଏବଂ ଧରଣୀଧର ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ ବନବିହାରୀ ମିଶ୍ରଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଆଜିର ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥାର ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜକୁମାର ମିଶ୍ର, ସୁରେଶ ଚନ୍ଦ୍ର ରଣା, ଗିରୀଶ ଚନ୍ଦ୍ର ହୋତା, ସନାତନ ବେହେରା, ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ, ଚୟନକର୍ତ୍ତା କରୁଣାକର ବେହେରା, ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା, ବୀରେନ୍ଦ୍ର ମହାନ୍ତ ଏବଂ ଜେଏସଡବ୍ଲ୍ୟୁ ଫାଉଣ୍ଡେସନର କୋଚ କୃଷ୍ଣ ଚନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜି ଅନୁଷ୍ଠିତ ଖେଳରେ ବିଜୁ ମୁର୍ମୁ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ସନ୍ତୋଷ ମହାକୁଡ଼ ଓ ଲକ୍ଷ୍ମୀଧର ସି ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଜଗବନ୍ଧୁ ମହାନ୍ତ। ଏହି ପ୍ରଦର୍ଶନୀ ଫୁଟବଲ ଖେଳରେ ଭାଷ୍ୟକାର କ୍ଷୀରୋଦ କୁମାର ଗିରି ଧାରାବିବରଣୀ ପ୍ରଦାନ କରିବା ସହ ଉପସ୍ଥିତ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ। ଆସନ୍ତାକାଲି କେନ୍ଦୁଝର ଷ୍ଟାଡିୟମ ଠାରେ ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରଷ ଫୁଟବଲ ଟୁର୍ନାମେଣ୍ଟର ଜୋନାଲ ଫାଇନାଲରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସୁନ୍ଦରଗଡ଼କୁ ଭେଟିବ।

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department,**
**Nirupan Bhawan, 4th floor, 56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**

**शुद्धि पत्र**

एतद द्वारा सूचित किया जाता है कि कार्यालय द्वारा निर्गत निविदा Invitation of Empanelment of Consultants under Road Construction Department in the state of Jharkhand for three years, Dated **16.07.2025** जिसका पी0 आर0 न0 **357573** Road (25–26) D है, अपरिहार्य कारणों से रद्द किया जाता है।

**Executive Engineer**
**Field Survey Division,A.P**
**Road Construction Department,Ranchi**
PR 357884 (Road)25-26*D

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
JUIDCO Bhawan, Kutchery Chowk, RANCHI 834 001, Jharkhand
PH: +91 651 2225878, E-MAIL: juidcolimited@gmail.com/ pdt.juidco@gmail.com CIN: U45200JH2013SGC001752

NIT No.: JUIDCO/TN/RANCHI/O&M - 658 Date: 22.07.2025

**National Competitive Bidding**
**Tender Notice**

| | | |
|---|---|---|
| 1. | Name of the Work | SELECTION OF AGENCY FOR OPERATION AND MAINTENANCE OF TRANSPORT NAGAR, PHASE 1 RANCHI, JHARKHAND FOR 5 YEARS |
| 2. | Mode of submission of bids | Online Tender |
| 3. | Tender Fee & Earnest Money Deposit (EMD) (In INR) – To be submitted online | Cost of Tender Document: Rs. 25,000/- *(Rupees Twenty-Five Thousand) only (Non-refundable)* Earnest Money Deposit (EMD) – Rs. 20,00,000/- *(Rs. Twenty Lakhs Only) only* |
| 4. | Date & Time of Publication of Tender on Website | 23/07/2025 at 11.00 Hrs |
| 5. | Last Date and Time for Submission of Pre-Bid Queries | 30/07/2025 at 17.00 Hrs |
| 6. | Date and Time of Pre-Bid Conference | 01/08/2025 at 12.30 Hrs |
| 7. | Venue of Pre-Bid Conference | 2nd Floor, JUIDCO Bhawan, Near Kutchery Chowk, Ranchi |
| 8. | Last Date & Time of submission of Bid, Tender Fee and EMD online | 13/08/2025 at 17.00 Hrs |
| 9. | Date & Time of Bid Opening | 14/08/2025 at 16.00 Hrs |
| 10. | Address of Bid Inviting Authority | Jharkhand Urban Infrastructure Development Company Ltd, JUIDCO Bhawan, Kutchery Chowk, Ranchi, Jharkhand- 834001 |
| 11. | Helpline no. | + 91 651-2225878 |

**Note: Only e-tender will be accepted**
Further details are available on Jharkhand Government e-procurement website https://jharkhandtenders.gov.in **Sd/-**
**Project Director (Technical)**
**JUIDCO Ltd. Ranchi.**
PR 357922 (Urban Development) 25-26 (D)

**झारखण्ड सरकार**
**कार्यपालक अभियंता, का कार्यालय,**
**ग्रामीण विकास विशेष प्रमंडल, पाकुड़**

अल्पकालीन ई–निविदा आमंत्रण सूचना
अल्पकालीन ई– निविदा आमंत्रण सूचना – RDSPL/PAKUR/09/2025-26

1. कार्य की विस्तृत विवरणी:

| ग्रुप सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 01 | पाकुड़ | पाकुड़ जिला के प्रखण्ड पाकुड़, ग्राम राजीपुर में कौशल विकास केन्द्र का स्थापना। | 99,37,000.00 | 1,98,800.00 | 10,000.00 | छ माह |
| 02 | पाकुड़ | पाकुड़ जिला के प्रखण्ड पाकुड़, ग्राम नवीनगर में कौशल विकास केन्द्र का स्थापना। | 99,37,000.00 | 1,98,800.00 | 10,000.00 | छ माह |

2. वेबसाइट में निविदा प्रकाशन की तिथि :– 04.08.2025
3. ई–निविदा प्राप्ति की तिथि एवं समय :– दिनांक 04.08.2025 से दिनांक 12.08.2025 को अपराह्न 5:00 बजे तक
4. ई–निविदा खोलने का स्थान :– कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय :–14.08.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड़
7. ई–निविदा प्रकोष्ठ का दूरभाष सं० – 9771979309 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

**कार्यपालक अभियंता**
**ग्रामीण विकास विशेष प्रमंडल, पाकुड़।**
PR.NO.357903 Rural Work Department(25-26):D

झारखण्ड सरकार कार्यपालक अभियंता, का कार्यालय
पेयजल एवं स्वच्छता प्रमण्डल, हटिया योजना, राँची।
3rd PR. 353020
चतुर्थ अति अल्पकालिन निविदा आमंत्रण सूचना सं०–LAB/DWSD/25/2024-25 दिनांक– 22.07.2025

| | | |
|---|---|---|
| 1 | विज्ञापन दाता का पदनामएवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना, राँची। |
| 2 | वेबसाइट में निविदा प्रकाषन की तिथि एवं समय | दिनांक 24.07.2025 पूर्वाहन 11.00 बजे से। |
| 3 | ई–निविदा प्राप्ति की अंतिम तिथि एवं समय. | दिनांक 31.07.2025 अपराहन 5.00 बजे तक। |
| 4 | ई–निविदा खोलने की अंतिम तिथि एवं समय | दिनांक 02.08.2025 पूर्वाहन 11.00 बजे। |
| 5 | ई–निविदा खोलने वाले पदाधिकारी का पदनाम एवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना,डोरण्डा, राँची–02। |
| 6 | ई–मेल | dwsdhatiaproject@gmail.com |
| 7 | निविदा प्रकोष्ठ का दूरभाष | 9204931335 |

कार्य की विस्तृत विवरणी:-


| क्र० सं० | कार्य का नाम | अग्रधन की राषि | परिमाण विपत्र का मूल्य |
|---|---|---|---|
| 1 | REQUEST PROPOSAL FOR SUPPLYING VARIOUS CHEMICALS AND REAGENTS IN 16 NOS.OF WATER TESTING LABORATORIES UNDER DW&SD, JHARKHAND RANCHI ZONE- DISTRICT LAB- RANCHI, HAZARIBAGH, CHATRA, RAMGARH, KODERMA, LATEHAR, GARHWA, MEDNINAGAR, LOHARDAGA, SIMDEGA, GUMLA, SUB DIVISIONAL LAB- PANKI (MEDNINAGAR), NAGAR UTAARI (GARHWA), PATRATU (RAMGARH), ORMANJHI (RANCHI EAST), BARWADIH (LATEHAR) | 2,08,000/- | 10,000/- |

**NB:- For Details**
1.निविदा अन्तर्गत परिमाण विपत्र का मूल्य एवं अग्रधन की राशि ई–गवर्नेस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120 दिनांक 03.10.2023 के अनुरूप प्राप्त की जाएगी।
2. निविदा शुल्क एवं अग्रधन की राशि का ई–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाब देही सम्वेदक की होगी।
3. प्राक्कलित राशि घट अथवा बढ़ सकती है उसी प्रकार से अग्रधन एवं परिमाण विपत्र की राशि भी देय होगी है।
4. विस्तृत जानकारी के लिए वेबसाईट http//:jharkhandtenders.gov.inपर देखा जा सकता हैं।

**कार्यपालक अभियंता**
**पेयजल एवं स्वच्छता प्रमंडल, हटिया योजना, राँची।**
PR 357926 Drinking Water and Sanitation(25-26)D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



କନ୍ଦମୂଳ ପୋଷକ ତତ୍ତ୍ୱରେ ଭରା । ବର୍ଷାଦିନେ ଏହା ବଜାରରେ ବହୁ ମାତ୍ରାରେ ମିଳିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର, ପ୍ରୋଟିନ୍, ପୋଟାସିୟମ୍, ଆଇରନ୍ ଓ ଭିଟାମିନ୍ ସି ମିଳିଥାଏ । କନ୍ଦମୂଳ କେବଳ ଖାଇବାକୁ ବେଶ୍ ସ୍ୱାଦିଷ୍ଟ ନୁହେଁ, ଶରୀର ପାଇଁ ମଧ୍ୟ ସ୍ୱାସ୍ଥ୍ୟକର । ବର୍ଷାରେ ଶରୀରକୁ ହାଲ୍କା ଉଷୁମର ଆବଶ୍ୟକତା ରହିଥାଏ । କନ୍ଦମୂଳ ଶରୀରକୁ ଉଷୁମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏହାକୁ ସିଝାଇ ବା ପୋଡି ଖାଇପାରିବେ । ପିଲାଙ୍କୁ କନ୍ଦମୂଳ ଚାଟ୍ ଖାଇବାକୁ ଦେଇପାରିବେ । କିନ୍ତୁ ମଧୁମେହ ରୋଗୀ ଏହାକୁ ଯେତେବେ କମ୍ ଖାଇବେ, ସେତେ ଭଲ । ଏଥିରେ ବହୁ ମାତ୍ରାରେ ଶର୍କରା ରହିଥାଏ । ତେଣୁ ଯଥାସମ୍ଭବ କମ୍ ଖାଇବା ଉଚିତ୍ । କନ୍ଦମୂଳ ଫାଇବରରେ ଭରା, ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ । କନ୍ଦମୂଳ ଚାଟ୍ ଖାଇବା ଦ୍ୱାରା ଗ୍ୟାସ୍ ଏବଂ କବ୍ଜ ସମସ୍ୟା ହୋଇ ନଥାଏ । କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ତୀକ୍ଷ୍ଣ ହୋଇଥାଏ। ।



## ଅକ୍ଷୟଙ୍କ ମହାନତା



ଫିଲ୍ମରେ ଆମେ ଯେଉଁ ଆକ୍ସନ୍-ପ୍ୟାକ୍ଡ ଦୃଶ୍ୟ ଦେଖି ଉତ୍ସାହିତ ହେଉଛୁ। ତାହା ଖୁବ୍ କମ୍ କଳାକାର ପରଦାରେ କରିଥାନ୍ତି । ବାସ୍ତବରେ ପେସାଦାର ଷ୍ଟଣ୍ଟମ୍ୟାନ୍‌ମାନେ ଫିଲ୍ମରେ ବିପଦପୂର୍ଣ୍ଣ ଷ୍ଟଣ୍ଟ କରିଥାନ୍ତି । ସେମାନଙ୍କ ଜୀବନର ସୁରକ୍ଷା ଓ ଅଧିକାର ପାଇଁ ଆଗେଇ ଆସିଛନ୍ତି ଖିଲାଡ଼ି କୁମାର ଅକ୍ଷୟ । ନିକଟରେ ଏକ ସାଉଥ୍ ଫିଲ୍ମର ଷ୍ଟଣ୍ଟ ସିନ୍‌ର ସୁଟିଂ ସମୟରେ ଷ୍ଟଣ୍ଟମ୍ୟାନ୍ ଏସ୍‌ଏମ୍ ରାଜୁଙ୍କର ମୃତ୍ୟୁ ହୋଇଛି। ଏହି ଦୁଃଖଦ ଖବର ଅକ୍ଷୟଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । ସେ ଦେଶର ପ୍ରାୟ ୬୫୦ ଷ୍ଟଣ୍ଟମ୍ୟାନଙ୍କୁ ବୀମା ଓ ଅନ୍ୟ ସୁବିଧା ପ୍ରଦାନ କରିଛନ୍ତି । ନିକଟରେ ପ୍ରଖ୍ୟାତ ଆକ୍ସନ୍ ନିର୍ଦ୍ଦେଶକ ବିକ୍ରମ ସିଂହ ଦହିୟା ଷ୍ଟଣ୍ଟମ୍ୟାନ୍ ହେବାର ବିପଦ ସମ୍ପର୍କରେ ଗଣମାଧ୍ୟମ ସହ ଆଲୋଚନା କରି କହିଥିଲେ, ବଲିଉଡ୍ ଇଣ୍ଡଷ୍ଟ୍ରିର ଷ୍ଟଣ୍ଟମ୍ୟାନ୍‌ଙ୍କୁ ସାହାଯ୍ୟ କରିବା ପାଇଁ ଅକ୍ଷୟ କୁମାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛନ୍ତି । ତାଙ୍କ ପାଇଁ ବଲିଉଡ୍‌ର ୬୫୦-୭୦୦ ଷ୍ଟଣ୍ଟମ୍ୟାନ୍ ଓ ଆକ୍ସନ୍ କ୍ରୁ ସଦସ୍ୟ ଏବେ ବୀମା ଅନ୍ତର୍ଭୁକ୍ତ ହୋଇଛନ୍ତି । ଏଥିରେ ଉଭୟ ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ବୀମା ରହିଛି । ଯଦି ଜଣେ ଷ୍ଟଣ୍ଟମ୍ୟାନ୍ ସୁଟିଂ ସେଟ୍‌ରେ ଆହତ ହୁଅନ୍ତି, ସେ ୫ରୁ ୫.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇପାରିବେ । ଅକ୍ଷୟ କୁମାର କେବଳ ଷ୍ଟଣ୍ଟମ୍ୟାନ୍‌ମାନଙ୍କର ବୀମା କରାଇଛନ୍ତି ତାହା ନୁହେଁ, ଏଥିପାଇଁ ପାଣ୍ଠି ମଧ୍ୟ ଦେଇଛନ୍ତି । ମୁଭି ଷ୍ଟଣ୍ଟ ଆର୍ଟିଷ୍ଟ ଆସୋସିଏସନ୍‌ର ଜେନେରାଲ ସେକ୍ରେଟାରୀ ଏଜାଜ ଖାନ୍ ଏହି ପ୍ରୟାସ ପାଇଁ ଅକ୍ଷୟ କୁମାରଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଗତ ୮ ବର୍ଷ ଧରି ଅକ୍ଷୟ କୁମାର ନିଜ ପକେଟ୍‌ରୁ ଏହି ବୀମା ପାଇଁ ପାଣ୍ଠି ପ୍ରଦାନ କରିଆସିଛନ୍ତି। ୨୦୧୭ ମସିହାରେ ଏହି ବୀମା ଷ୍ଟଣ୍ଟ ଆର୍ଟିଷ୍ଟ ଆସୋସିଏସନ୍‌କୁ ପ୍ରଦାନ କରାଯାଇଥିଲା । ସେବେଠୁ ଅନେକ ଷ୍ଟଣ୍ଟମ୍ୟାନ୍ ଏହାର ଲାଭ ପାଇଛନ୍ତି ।

## ପଓ୍ୱନଙ୍କ ସହ ନଜର ଆସିବେ ରଶି



ତେଲଗୁ ସୁପରଷ୍ଟାର ଓ ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପଓ୍ୱନ କଲ୍ୟାଣ ଏବେ ନିଜର ଅପ୍‌କମିଂ ପ୍ରୋଜେକ୍ଟ 'ଉସ୍ତାଦ୍ ଭଗତ ସିଂହ' ପାଇଁ ଚର୍ଚ୍ଚାରେ । ହାଇଦ୍ରାବାଦରେ ଫିଲ୍ମର ସୁଟିଂ ଚାଲୁଛି । ଶ୍ରୀଲୀଳା ଏଥିରେ ମୁଖ୍ୟ ଅଭିନେତ୍ରୀ ଅଛନ୍ତି । ତେବେ ଅଭିନେତ୍ରୀ ରାଶି ଖାନ୍ନାଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ । ସେ ଏଥିରେ ଦ୍ୱିତୀୟ ନାୟିକା ଭୂମିକାରେ ଅଭିନୟ କରିପାରନ୍ତି। ଏପରିକି ସେ ଫିଲ୍ମ ଲାଗି ସୁଟିଂ ଆରମ୍ଭ କରିଦେଇଥିବା ସୂଚନା ମିଳିଛି । ଫିଲ୍ମରେ ପବନ କଲ୍ୟାଣଙ୍କ ସହ ତାଙ୍କର ଅନେକ ରୋମାଣ୍ଟିକ ସିନ୍ ରହିବ ବୋଲି କୁହାଯାଉଛି। ଅବଶ୍ୟ ରାଶି ଏ ସଂପର୍କରେ କିଛି ପ୍ରତିକ୍ରିୟା ଦେଇନାହାନ୍ତି । ଖବରଟି ସତ ହୋଇଥିଲେ ଦର୍ଶକେ ପ୍ରଥମ ଥର ପାଇଁ ରାଶି ଓ ପଓ୍ୱନଙ୍କ ଯୋଡ଼ିକୁ ଦେଖିବାକୁ ପାଇବେ । ତେବେ ରାଶି କିଛି ବର୍ଷ ହେବ ତେଲୁଗୁ ସିନେମାରୁ ଦୂରରେ ରହିଥିଲେ। ୨୦୨୨ ପରେ ତାଙ୍କର କୌଣସି ତେଲୁଗୁ ଫିଲ୍ମ ରିଲିଜ୍ କରିନାହିଁ। ଏବେ ସେ 'ଉସ୍ତାଦ୍ ଭଗତ ସିଂହ' ମାଧ୍ୟମରେ ତେଲୁଗୁ ଇଣ୍ଡଷ୍ଟ୍ରିକୁ କମବ୍ୟାକ୍ କରୁଛନ୍ତି। ଏହି ଫିଲ୍ମକୁ ନେଇ ସେ ଖୁବ ଉତ୍ସାହିତ ଅଛନ୍ତି। ଫିଲ୍ମ ସାଇନ୍ କରିବାର ମାତ୍ର ଦୁଇ ଦିନ ପରେ ସେ ସୁଟିଂ ଆରମ୍ଭ କରିଛନ୍ତି।

## ଓଜନ ବୃଦ୍ଧିର ପ୍ରମୁଖ କାରଣ ଜାଣନ୍ତୁ....

*ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ସେବନ ମୋଟାପଣ ବା ମେଦବହୁଳତାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଏ। କିନ୍ତୁ ଜାଣନ୍ତି କି, ଆମର ଅନେକ ଛୋଟ ଛୋଟ କୁଅଭ୍ୟାସ ରହିଛି, ଯାହା ଶରୀରରେ ଓଜନ ବୃଦ୍ଧି କରିଥାଏ। ଏସବୁ କୁଅଭ୍ୟାସ କଣ, ଜାଣନ୍ତୁ...*



**ଅତ୍ୟଧିକ ଖାଇବା:** ଅଧିକ ଖାଇବା ଦ୍ୱାରା ଶୀଘ୍ର ଓଜନ ବୃଦ୍ଧି ପାଇଥାଏ। ଆବଶ୍ୟକତାଠାରୁ ଟିକେ କମ୍ ଖାଦ୍ୟ ଖାଆନ୍ତୁ, କିନ୍ତୁ ଅତ୍ୟଧିକ ଖାଆନ୍ତୁ ନାହିଁ।କାରଣ ଅଧିକ ଖାଇବା ଦ୍ୱାରା ମେଦବହୁଳତା ଏବଂ ପରେ ଅନ୍ୟ ବିପଦପୂର୍ଣ୍ଣ ରୋଗ ହୋଇପାରେ।ବିଶେଷ କରି ସୁସ୍ଥ ଓ ସନ୍ତୁଳିତ ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ।

**ନ ଖାଇବା:** ଯେପରି ଅତ୍ୟଧିକ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ, ସେହିପରି ନ ଖାଇବା ମଧ୍ୟ ହାନିକାରକ। ବ୍ରେକଫାଷ୍ଟ ସ୍କିପ୍ କରି ଦେବା କିମ୍ୱା ମଧ୍ୟାହ୍ନ ଭୋଜନ ନ କରି ପରବର୍ତ୍ତୀ ସମୟରେ ଖାଇବା, ଏସବୁ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ବାସ୍ତବରେ, କିଛି ସମୟ ନ ଖାଇବା ଦ୍ୱାରା ଅଧିକ ଭୋକ ଲାଗିଥାଏ, ଏହାପରେ ହଠାତ୍ ଅଧିକ ଖାଦ୍ୟ ଖାଇବା ଦ୍ୱାରା ଓଜନ ବଢିପାରେ।

**ବ୍ୟାୟାମ ନ କରିବା:** ଓଜନ ବଜାୟ ରଖିବା ପାଇଁ ଗୋଟିଏ ଦିନରେ କିଛି ସମୟ ବ୍ୟାୟାମ କରିବା ନିହାତି ଆବଶ୍ୟକ। ବ୍ୟାୟାମ କିମ୍ୱା ଶାରୀରିକ ପରିଶ୍ରମ ନ କରିବା ଦ୍ୱାରା ଚର୍ବି ଜମାଟ ବାନ୍ଧିଥାଏ। ଏହି କାରଣରୁ ଶରୀରରେ ଓଜନ ବୃଦ୍ଧି ହୁଏ ଏବଂ ରୋଗ ମାଡ଼ି ବସେ।

**ବିଳମ୍ୱିତ ରାତ୍ରି ଭୋଜନ:** ଓଜନ ବଜାୟ ରଖିବାକୁ ଚାହୁଁଥିଲେ ଉପଯୁକ୍ତ ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ। ରାତ୍ରି ଭୋଜନ ବିଳମ୍ୱ କରିବା ଯୋଗୁଁ ଶରୀରର ମେଟାବୋଲିଜିମ୍(ହଜମ) ଶକ୍ତି ମନ୍ଥର ହୋଇଯାଏ। ଏହି କାରଣରୁ କ୍ୟାଲୋରୀ ବର୍ନ ହୋଇପାରିନଥାଏ, ଧୀରେ ଧୀରେ ଚର୍ବି ଜମା ହେବା ଆରମ୍ଭ କରେ। ଫଳରେ ପରବର୍ତ୍ତୀ ସମୟରେ ମେଦବହୁଳତାର ଶିକାର ହେବାକୁ ପଡ଼େ।



## ମଡେଲିଂରୁ କ୍ୟାରିୟର ଆରମ୍ଭ କରିଛନ୍ତି 'ସୈୟାରା' ଅଭିନେତ୍ରୀ



୧୮ ଜୁଲାଇରେ ମୁକ୍ତିଲାଭ କରିଛି ଫିଲ୍ମ ସୈୟାରା । ଆହାନ ପାଣ୍ଡେଙ୍କ ସହିତ ଲିଡ୍ ହିରୋଇନ ଭାବେ ନଜର ଆସିଛନ୍ତି ଅନୀତ ପଡ୍ଡା । ଫିଲ୍ମ ସୈୟାରା ଏବେ ସବୁଠି ଆଲୋଚନା କେନ୍ଦ୍ରବିନ୍ଦୁ ସାଜିଛି । କିନ୍ତୁ ଜାଣନ୍ତି କି ସୈୟାରାର ମୁଖ୍ୟ ଅଭିନେତ୍ରୀ ଅନୀତ ପଡ୍ଡା କେତେ ପାଠପଢିଛନ୍ତି ସୈୟାରାରେ ଅନୀତଙ୍କର ଜବରଦସ୍ତ ଅଭିନୟ ଦର୍ଶକଙ୍କ ହୃଦୟରେ ଏକ ବଡ଼ ଛାପ ଛାଡିଛି । ସେ ବହୁତ କମ୍ ବୟସରେ ଏତେ ଲୋକପ୍ରିୟତା ହାସଲ କରିଛନ୍ତି। ଅନୀତ ପଡ୍ଡାଙ୍କ ଜନ୍ମ ୧୪ ଅକ୍ଟୋବର ୨୦୦୨ରେ ପଞ୍ଜାବର ଅମୃତସରରେ ହୋଇଥିଲା। ସେ ଅମୃତସରରୁ ହିଁ ତାଙ୍କର ସ୍କୁଲ ଶିକ୍ଷା ସମାପ୍ତ କରିଛନ୍ତି । ଏହି ଅଭିନେତ୍ରୀ ଅମୃତସରର ସ୍ପ୍ରିଙ୍ଗ ଡେଲ୍ ସିନିୟର ସ୍କୁଲରୁ ଦ୍ୱାଦଶ ପର୍ଯ୍ୟନ୍ତ ପାଠ ପଢିଥିଲେ। ତାଙ୍କର ଆଗକୁ ପଢିବା ପାଇଁ ସେ ରାଜଧାନୀ ଦିଲ୍ଲୀକୁ ବାଛିଥିଲେ । ଅନୀତ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତେବେ ସେ ପାଠପଢା ବ୍ୟତୀତ ଗୀତ ଗାଇବାରେ ମଧ୍ୟ ଖୁବ୍ ପାରଙ୍ଗମ। ସାୟାରା ଅଭିନେତ୍ରୀ ମଡେଲିଂରୁ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ । ଯାହା ପରେ ତାଙ୍କୁ ଅନେକ ଓ୍ୱେବ୍ ସିରିଜ୍ ଏବଂ ବିଜ୍ଞାପନରେ ଦେଖିବାକୁ ମିଳିଥିଲା। ଅନିତା ପଡ୍ଡା ୨୦୨୨ରେ କାଜୋଲଙ୍କ ସହିତ ସଲାମ୍ ଭେଙ୍କିରେ ମଧ୍ୟ କାମ କରିଛନ୍ତି । ଏହି ଫିଲ୍ମରେ ସେ ନନ୍ଦିନୀ ଭୂମିକାରେ ନଜର ଆସିଥିଲେ। ସେ ଓ୍ୱେବ୍ ସିରିଜ୍ ବିଗ୍ ଗାର୍ଲ୍ସ ଡୋଣ୍ଟ କ୍ରାଇରେ ରୁହି ଭୂମିକା ଜବରଦସ୍ତ ଅଭିନୟ କରିଥିଲେ । ଏବେ ସାୟାରା ମାଧ୍ୟମରେ ସେ ତାଙ୍କୁ ପରିଚୟ ମିଳିଛି ।

## ମଣିଷ ଜୀବନ ନେଲା ଏମ୍‌ଆର୍‌ଆଇ ମେସିନ୍



ଜୀବନ ନେଲା ଜୀବନ ବଞ୍ଚାଉଥିବା ମେସିନ୍ । ପତ୍ନୀକୁ ଏମ୍‌ଆର୍‌ଆଇ ମେସିନ୍ ଟେବୁଲ୍ ଉପରୁ ଓହ୍ଲାଉଥିଲେ । ଆଉ ଠିକ୍ ସେହି ସମୟରେ ଟାଣି ନେଲା ମେସିନ୍ । ମେସିନ ଭିତରେ ଛଟପଟ ହୋଇ ଚାଲିଗଲା ସ୍ୱାମୀଙ୍କ ଜୀବନ । ଘଟଣାଟି ଆମେରିକାର ଲଙ୍ଗ ଆଇଲ୍ୟାଣ୍ଡରେ ଘଟିଛି । ବ୍ୟକ୍ତି ଜଣକ ଓ୍ୱେଷ୍ଟବରିର ନାସାଉର ବାସିନ୍ଦା କିଥ୍ ମ୍ୟାକଆଲିଷ୍ଟର। ବୟସ ୬୧ ବର୍ଷ। ସେ ଏକ ଏମ୍‌ଆର୍‌ଆଇ ମେସିନ ଭିତରକୁ ଟାଣି ହୋଇ ଯାଇଥିଲେ । ଆଉ ଗୁରୁତର ଆହତ ହୋଇଥିଲେ । ଏଥିଯୋଗୁଁ ତାଙ୍କର ଏକାଧିକ ଥର ହୃଦଘାତ ହୋଇଥିଲା। ଫଳରେ କିଥ୍‌ଙ୍କର ହୋଇଥିଲା ମୃତ୍ୟୁ । ଏଭଳି ମୃତ୍ୟୁ ପଛର କାରଣ କ'ଣ ? ଏମ୍‌ଆର୍‌ଆଇ ମେସିନ କ'ଣ ନେଇପାରେ ଜୀବନ ଘଟଣାକୁ ନେଇ ଖବର ପ୍ରକାଶ କରିଛି। କିଥଙ୍କ ପତ୍ନୀ ଆଡ୍ରିଆନ୍ ଜୋନ୍ସ-ମ୍ୟାକଆଲିଷ୍ଟର କହିଛନ୍ତି ଯେ ସେ ତାଙ୍କ ଆଣ୍ଠୁର ଏମ୍‌ଆର୍‌ଆଇ କରିବାକୁ ଯାଇଥିଲେ । ଏମ୍‌ଆର୍‌ଆଇ କରିବା ପରେ ସେ ତାଙ୍କ ସ୍ୱାମୀଙ୍କୁ ଭିତରକୁ ପଠାଇବା ପାଇଁ ଟେକ୍ନିସିଆନଙ୍କୁ କରିଥିଲେ ଅନୁରୋଧ । ସ୍ୱାମୀ ତାଙ୍କୁ ଟେବୁଲ୍ ଉପରୁ ଓହ୍ଲାଇବାରେ ସାହାଯ୍ୟ କରିବେ। ଯେତେବେଳେ ମ୍ୟାକଆଲିଷ୍ଟର ସ୍କାନିଂ ରୁମ୍ ଭିତରକୁ ପ୍ରବେଶ କଲେ, ସେତେବେଳେ ତାଙ୍କ ବେକରେ ୨୦ ପାଉଣ୍ଡ ଓଜନର ଏକ ମେଟାଲ୍ ଚେନ୍ ଥିଲା । ତାଙ୍କ ସ୍ତ୍ରୀ କହିଛନ୍ତି ଯେ ସେ ଏହାକୁ ଓ୍ୱେଟ ଟ୍ରେନିଂ ପାଇଁ ବ୍ୟବହାର କରୁଥିଲେ । ରୁମରେ ଏଣ୍ଟ୍ରି କରିବାର କିଛି ସମୟ ପରେ ଏମ୍‌ଆର୍‌ଆଇ ମେସିନର ଶକ୍ତିଶାଳୀ ଚୁମ୍ବକ ହଠାତ୍ ତାଙ୍କୁ ଭିତରକୁ ଟାଣି ନେଇଗଲା। ଏପରି ମନେ ହେଉଥିଲା ଯେପରି ମେସିନ ତାଙ୍କୁ ଗିଳି ଦେଇଛି । ଜୋନ୍ସ କହିଛନ୍ତି କି ମୁଁ ତାଙ୍କୁ ଟେବୁଲ ପାଖକୁ ଆସୁଥିବାର ଦେଖିଲି। ଆଉ ହଠାତ୍ ତା'ପରେ ମେସିନ ତାଙ୍କୁ ଭିତରକୁ ଟାଣି ନେଇଗଲା । ପତ୍ନୀ ଅଭିଯୋଗ କରିଛନ୍ତି ଯେ ଟେକ୍ନିସିଆନ୍ ତାଙ୍କ ସ୍ୱାମୀଙ୍କୁ ରୁମରେ ଏଣ୍ଟ୍ରି କରିବାକୁ କିପରି ଦେଲେ, ଯେତେବେଳେ କି ତାଙ୍କ ବେକରେ ଚେନ୍ ଦେଖାଯାଉଥିଲା । ଜୋନ୍ସ କହିଛନ୍ତି ଯେ ଘଟଣା ପରେ ମ୍ୟାକଆଲିଷ୍ଟର ଅନେକଥର ହୃଦଘାତର ଶିକାର ହୋଇଥିଲେ ଏବଂ ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମ୍ୟାକଆଲିଷ୍ଟରଙ୍କ ଝିଅ ସାମନ୍ଥା ବୋଡେନ୍ ମଧ୍ୟ ତାଙ୍କ ମାଆଙ୍କ କଥାକୁ ଦୋହରାଇଛନ୍ତି । ତାଙ୍କ ବାପାଙ୍କ ଅକାଳ ମୃତ୍ୟୁ ପାଇଁ ଟେକ୍ନିସିଆନଙ୍କୁ ଦାୟୀ କରିଛନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ଗୋଇମୁଣ୍ଡ ପଞ୍ଚାୟତ ଗୁରୁଣ୍ଡା ଗ୍ରାମର ମାଲଖମ କୈବର୍ତ୍ତଙ୍କ ପୁଅ ତୋଫାନ କୈବର୍ତ୍ତ (୨୦)ଙ୍କ ବାଇକ ଧକ୍କାରେ ମୃତ୍ୟୁ ହୋଇଯାଇଥିଲା। ସୋମବାର ମୃତ୍ୟୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗ୍ରାମରେ ଶବ ପହଞ୍ଚିଲା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ପରିବାରକୁ କ୍ଷତିପୂରଣ ସହିତ ଅଭିଯୁକ୍ତକୁ ଗିରଫ ଦାବିରେ ୫୯ ନଂ ରାଜପଥକୁ ଅବରୋଧ କରିଥିଲେ। ଥାନା ଅଧିକାରୀ ସିପୋରା ସରୟା ଲୁଗୁନ, ଅତିରିକ୍ତ ତହସିଲଦାର ଖଦଳ ପାତ୍ର, ସରପଞ୍ଚ କାଳିଆ ସରାଫ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପଞ୍ଚାୟତ ତରଫରୁ ତିନି ହଜାର ଟଙ୍କା, ରେଡକ୍ରସ ତରଫରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଗୋଟିଏ ମାତ୍ର ରୋଜଗାରିଆ ପୁଅକୁ ହରାଇ ଭାଙ୍ଗି ପଡିଛନ୍ତି। ଜିଲ୍ଲା ପ୍ରଶାସନ ଗରିବ ପରିବାରକୁ ସାହାଯ୍ୟ କରିବା ସହିତ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପୁଲିସର ପ୍ରାଥମିକ ତଦନ୍ତରୁ ଗଁରେଇ ଗ୍ରାମର ଡଲୁ ସାହୁ ଓ ଲୋକେଶ ସାହୁ ବୋଲି ଜଣାପଡିଛି। ଅଭିଯୁକ୍ତକୁ ଶୀଘ୍ର ଧରାଯିବ ବୋଲି ମୁରିବାହାଲ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ଧଳା ଜହର କବଳରେ ଡେରାବିଶ ଯୁବପିଢ଼ି

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅଞ୍ଚଳର ଯୁବ ପିଢ଼ି ଏବେ ଧଳା ଜହର (ବ୍ରାଉନସୁଗାର) କବଳରେ କବଳିତ। ୨୬ ପଂଚାୟତକୁ ନେଇ ଗଠିତ ଏହି ବ୍ଲକରେ ଏବେ ଧଳା ଜହର ବ୍ୟବସାୟୀମାନେ ତାଙ୍କର କାୟା ବିସ୍ତାର କରିବାରେ ଲାଗିଛନ୍ତି। ଏହି ବେପାରୀମାନଙ୍କର ଲୋଲୁପ ଦୃଷ୍ଟି ଏବେ ପଡ଼ିଛି ଗ୍ରାମର ଯୁବ ସମାଜ ଉପରେ। ଶୁଣିବାକୁ ମିଳୁଛି ଗୁଆଳସିଂ ପଞ୍ଚାୟତ ଅଞ୍ଚଳର ଜଣେ ଯୁବକ ଏହି ବେପାରରେ ଲିପ୍ତ ରହି ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତକୁ ଯାଇ ଯୁବକମାନଙ୍କୁ ବ୍ରାଉନସୁଗର ବିକ୍ରି କରିବାରେ ଲାଗିଛନ୍ତି। ଏହି ବେପାରୀ ଜଣକ ବାଉନସୁଗର ସହିତ ଅନ୍ୟାନ୍ୟ ନିଶା ଯଥା ଇଞ୍ଜେକସନ୍ ଦ୍ୱାରା ନିଆଯାଉଥିବା ନିଶା ମଧ୍ୟ ବିକ୍ରି କରୁଥିବା ଶୁଣିବାକୁ ମିଳିଛି। ଶୁଣିବାକୁ ମିଳିଛି ଏହି ନିଶା ବେପାରୀ ଜଣକ ଗ୍ରାମାଞ୍ଚଳର ଯୁବକମାନଙ୍କୁ ପ୍ରଥମେ ମାଗଣାରେ ଅଳ୍ପ ପରିମାଣରେ ବ୍ରାଉନସୁଗାର ପ୍ରଦାନ କରି ସେମାନଙ୍କୁ ଅଭ୍ୟସ୍ତ କରୁଛି ପରେ ଯୁବକମାନେ ବ୍ରାଉନସୁଗାର କବଳରେ ପଡ଼ିଲା ପରେ ସେମାନଙ୍କୁ ବିକ୍ରି କରିବା ଆରମ୍ଭ କରୁଛି। ଏପରିକି ବହୁ ଯୁବକ ଏହି ବ୍ରାଉନ ସୁଗାର ଜାଲରେ ପଡ଼ି ନିଜ ଘରେ ଅଶାନ୍ତି ସୃଷ୍ଟି କରିବା ସହ ବାପା ମା'ମାନଙ୍କଠାରୁ ଜବରଦସ୍ତ ଟଙ୍କା ଆଣି ନିଶା ସେବନ କରୁଛନ୍ତି। ଏଥିପାଇଁ ବିଚରା ବାପାମା ମାନେ ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ଏପରିକି କିଛି ଯୁବକମାନଙ୍କୁ ତାଙ୍କ ପରିବାର ପକ୍ଷରୁ ନିଶାନିବାରଣ କେନ୍ଦ୍ରରେ ଭର୍ତ୍ତି କରାଯାଉ ଥିଲେ ମଧ୍ୟ ସେମାନେ ସେଠାରୁ ଫେରି ପୁନର୍ବାର ନିଶା କବଳରେ ପଡୁଛନ୍ତି। ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ଏକ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଶୁଣିବାକୁ ମିଳୁଛି ଡେରାବିଶ ବ୍ଲକର ଦାନପୁର ପଞ୍ଚାୟତ, ଚାଟରାଚକଡ଼ାର ଛତା ଅଞ୍ଚଳ, ଗୋଲରାହାଟ ପଞ୍ଚାୟତର ଗୋଲରାଟ ବଜାର, ଚାନ୍ଦୋଳ ପଞ୍ଚାୟତର ଗଣେଶପୁର ଛକ, ବାରିମୂଳ ପଞ୍ଚାୟତର ବାରିମୂଳ ଛକ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣ ପୁର ଛକ, ଏଣ୍ଡର ପଞ୍ଚାୟତର ପଞ୍ଚୁପାଣ୍ଡବ ଛକର ଇତ୍ୟାଦିରେ ଏହି ବେପାର ଖୁବ୍ ଜମୁଛି। ତେଣୁ ତୁରନ୍ତ ପୋଲିସ ପ୍ରଶାସନ ତୁରନ୍ତ ଏହି ବ୍ରାଉନସୁଗାର ବେପାରୀ ପ୍ରତି ଅଙ୍କୁଶ ଲଗାଇ ଗ୍ରାମାଞ୍ଚଳର ଯୁବବର୍ଗଙ୍କୁ ସୁରକ୍ଷା ଦେବାକୁ ଅଞ୍ଚଳ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

# ବିପଦରେ ଗ୍ରାମବାସୀଙ୍କ ଜୀବନ

ମହାକାଳପଡ଼ା, (ଭାସ୍କର ନ୍ୟୁଜ୍): ଗଡ ରୋମିତ ପଞ୍ଚାୟତର ଛଦା ଗ୍ରାମରେ ଗ୍ରାମ ଆରମ୍ଭରୁ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି। କେତେବେଳେ ଦୁର୍ଘଟଣା ଘଟିବ କିଛି କହିହେବନି। ଏହି ଟ୍ରାନ୍ସଫର୍ମର ପ୍ରାୟ ୬୦୦ ଉପଭୋକ୍ତା ନିର୍ଭର କରିଥାନ୍ତି। ବର୍ତ୍ତମାନ ଯୁଗରେ ବିଦ୍ୟୁତ୍ ସେବାର ନିହାତି ଆବଶ୍ୟକତା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ବିଦ୍ୟୁତ୍ ଶକ୍ତିର ଦୈନନ୍ଦିନ ଜୀବନରେ ଉପଯୋଗିତ ରହିଛି। ଏହି ଦୃଷ୍ଟିରୁ ଲୋକେ ଘରକୁ ବିଦ୍ୟୁତ୍ ସଂଯୋଗ ନେଉଛନ୍ତି । କିନ୍ତୁ ଅତ୍ୟନ୍ତ ଦାୟିତ୍ୱହୀନତା ଓ ବେପରୁଆ ଭାବେ ଟିପିସିଓଡି ଏଲ୍ ଅଧିକାରୀ ମାନଙ୍କ ଯୋଗୁ ଏହି ବିଦ୍ୟୁତ ଟ୍ରାନ୍ସଫର୍ମର ଲାଗି ଆଗାମୀ ଦିନରେ



ଦୁର୍ଘଟଣା ଘଟିପାରେ! ବିଦ୍ୟୁତ୍ ସେବା ଘରୋଇକରଣ ହେଲାପରେ ଭିତିଭୂମିର ବିକାଶ ଓ ୨୪ ଘଣ୍ଟା ବିଜୁଳି ସେବା ଲାଗି ନିର୍ଦ୍ଧାରିତ ସମୟରେ ଉପଭୋକ୍ତା ମାନେ ବିଦ୍ୟୁତ୍ ଶୁଳ୍କ ଦେଇ ଚାଲିଛନ୍ତି। କିନ୍ତୁ ଭିତିଭୂମିର ପୁନରୁଦ୍ଧାର ଲାଗି ଟିପିସିଓଡିଏଲ୍ ସରକାର ଓ ଉପରୋକ୍ତାଙ୍କ ପାଖରୁ ଯେଉଁ ଅର୍ଥ ନେଉଛନ୍ତି ତାହା ଗଡାରୋମିତ ପଞ୍ଚାୟତରେ ବିଭିନ୍ନ ଜାଗାରେ ଲାଗିଥିବା ଟ୍ରାନ୍ସଫର୍ମ ରେ କାର୍ଯ୍ୟକାରୀ ନହେଲା ଭଳି ଲାଗୁଛି। ଗାଇ, ଗୋରୁ, ଛେଳି, ମେଣ୍ଢା, ଖରାଦିନେ ବୁଲାବୁଲି କରୁଛନ୍ତି। ଏପରିକି କୋମଳମତି ପିଲାମାନେ ମଧ୍ୟ ଏହି ବାଟ ଦେଇ ଯିବା ଆସିବା କରୁଥିବାବେଳେ ଏହା କିପରି ଫୁଙ୍ଗୁଳା ହୋଇପଡ଼ିଛି। ଭୂଇଁ ପାଖରୁ ମାତ୍ର ଅଳ୍ପ ଉଚ୍ଚତାରେ ଏହି ବିଦ୍ୟୁତ୍ ଟ୍ରାନ୍ସଫରମର ବସିଛି। ଏ ଦିଗରେ ବିଦ୍ୟୁତ୍ ବିଭାଗର ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମର ମୁରବିମାନେ ଦାବି କରିଛନ୍ତି। ଯଦି ଟ୍ରାନ୍ସଫରମ ସୁରକ୍ଷା ବାଡ଼, ଫିଇଜୁ ବକ୍ସ ଓ ମାଡ଼ିଥିବା ଗଛଲତା ଯୋଗୁ ଗ୍ରାମରେ କାହାର ବି କ୍ଷତି ଘଟେ ସେଥିପାଇଁ ଟିପିସିଓଡିଏଲ୍‌ର ମହାକାଳପଡା ଶାଖା ସମ୍ପୂର୍ଣ୍ଣ ରୂପେ ଦାଇ ରହିବ ବୋଲି ପରୋକ୍ଷରେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ବିଦ୍ୟୁତ୍ ସବଡିଭିଜନ ଅଧିକାରୀ ବାବୁଲାଲ ହାତୀଙ୍କ ମତାମତ ଲୋଡ଼ିବା ଲାଗି ଟେଲିଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଟେଲିଫୋନ୍ ଉଠାଇ ନଥିଲେ।

## ୬ବର୍ଷ ବାଳକ ପୋଖରୀରେ ବୁଡ଼ି ମୃତ

ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ମହରମପୁର ପଞ୍ଚାୟତ ଅଧୀନ କନ୍ଦପୁର ଗ୍ରାମ ମାମୁଁ ଘରକୁ ବୁଲିଆସିଥିବା ୬ବର୍ଷର ଭଣଜାର ମଙ୍ଗଳବାର ସନ୍ଧ୍ୟା ୬ଟା ବେଳେ ଏକ ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି। ମୃତ ବାଳକର ନାଁ ପିୟାଂଶୁ ବୋଲି ଜଣାପଡିଛି। ସେ ମାର୍କୋଣା ଥାନା ଅଧୀନ ଡୁବିଗଡ଼ିଆ ଗ୍ରାମର ଚନ୍ଦନ ସିଂଙ୍କ ପୁଅ ଅଟନ୍ତି। ପ୍ରିୟାଂଶୁ ତାଙ୍କ ମାମୁଘରକୁ ବୁଲିବାକୁ ଆସିଥିଲେ। ଅପରାହ୍ଣରୁ ସେ ଘରୁ କେଉଁଆଡେ ଚାଲି ଯାଇଥିଲେ। ପରେ ତାଙ୍କ ମାମୁଘର ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ବାଳକକୁ ତାଙ୍କ ଘର ନିକଟସ୍ଥ ଏକ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ବାଳକକୁ ମୃତ ଘୋଷଣା କରିଥିଲେ। ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି।

## ପୂର୍ବ ଶତ୍ରୁତାରୁ କାର୍‌କୁ ପୋଡ଼ିଲେ ଦୁର୍ବୃତ୍ତ



କଣାସ, (ଭାସ୍କର ନ୍ୟୁଜ୍): କଣାସ ଥାନା କଣାସ ଗ୍ରାମପଞ୍ଚାୟତ ଜଳିଆପଡ଼ା ଗ୍ରାମରେ ଗତକାଲି ମଧ୍ୟରାତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦନାର୍ଦ୍ଦନ ମହାରଣାଙ୍କ କାରକୁ କେହି ଦୃର୍ବୃତ୍ତ ପୋଡ଼ିଦେଇଥିବା ମହାରଣା କଣାସ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ କଣାସ ଥାନା ଭାରପ୍ରାପ୍ତ ଅଧିକାରି ଦେବୀ ପ୍ରସାଦ ଲେଙ୍କା କଣାସ ଥାନା କେସ ନମ୍ବର ୧୬୬/୨୫ରେ ମକଦ୍ଦମା କରି ତଦନ୍ତ ଚଳାଇଛନ୍ତି। ପ୍ରକାଶ ଥାଉକି କିଛିଦିନ ହେଲା ଜଳିଆପଡା ଗ୍ରାମରେ ସରକାରୀ ଜମି ଜବରଦଖଲକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଛି। ପୁରୀରୁ ସାଇଣ୍ଟିଫିକ ଟିମ ଆସି ଘଟଣା ସ୍ଥଳରେ ପରୀକ୍ଷାନିରୀକ୍ଷା କରି ଫେରିଯାଇଛନ୍ତି।

### ଶିକାର ପାଇଁ ବେଆଇନ ହୁକିଂ

## ସରଞ୍ଜାମ ଜବତ, ୨ଶିକାରୀ ଗିରଫ

କଣିହାଁ, (ଭାସ୍କର ନ୍ୟୁଜ୍): ଜନ୍ତୁ ଶିକାର ପାଇଁ କୁମୁଣ୍ଡା ଜଙ୍ଗଲରେ ବେଆଇନ ହୁକିଙ୍ଗ କରିଥିବା ନେଇ କଣିହାଁ ବନବିଭାଗ ଏଥିରେ ସମ୍ପୃକ୍ତ ୨ଜଣକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ୨ଜଣ ହେଲେ ଗୋପାଳପ୍ରସାଦ ଥାନା ଅନ୍ତର୍ଗତ ଚିତଲପୁର ଗ୍ରାମର ମୁନା ନାଏକ (୨୮) ଓ ଭଗବାନ ଗୋଛାୟତ (୩୫)। କଣିହାଁ ବନବିଭାଗ ପେଟ୍ରୋଲିଙ୍ଗ କରୁଥିବା ସମୟରେ କୁମୁଣ୍ଡା ଜଙ୍ଗଲ ପେଟ୍ରୋଲ ପମ୍ପ ନିକଟରେ ଜନ୍ତୁ ଶିକାର ପାଇଁ ବେଆଇନ ଭାବରେ ବିଦ୍ୟୁତ୍ ତାର ବିଛାଯାଇଥିବା ଦେଖିଥିଲେ। ପରେ ବନବିଭାଗ କର୍ମଚାରୀ ମାନେ ତାର ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣକୁ ଗିରଫ କରିଥିଲେ।

## ତହସିଲ ପକ୍ଷରୁ ଚଢ଼ାଉ, ୪ ବାଲି ଗାଡି ଜବତ



ସୋର, (ଭାସ୍କର ନ୍ୟୁଜ୍): ସୋର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଚାରୋଟି ବେଆଇନ ବାଲି ବୋଝେଇ ଗାଡି ଜବତ କରାଯାଇଥିବା ବେଳେ ଖଣିବିଭାଗ ପକ୍ଷରୁ କୌଣସି ସହଯୋଗ ମିଳିନଥିବା ଜଣାପଡିଛି। ଆଜି ସକାଳେ ସୋର ତହସିଲଦାର ଦୈତାରି ମଲ୍ଲିକ ସଦଳବଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥରେ ବାଲିଗାଡି ଗୁଡିକର କାଗଜପତ୍ର ଯାଞ୍ଚ କରୁଥିବା ବେଳେ ଚାରୋଟି ବାଲିଗାଡି ବେଆଇନ ଭାବେ ଚୋରା ଚାଲାଣ କରୁଥିବା ଜାଣିବାକୁ ପାଇ ଗାଡ଼ିଗୁଡିକୁ ଜବତ କରିଥିଲେ। ଏହି ସମୟରେ ଖବର ପାଇ ଅନେକ ଗାଡି ଅଧରାସ୍ତାରେ ଅଟକି ଥିବା ବେଳେ କେତକ ଗାଡି ରାସ୍ତା କଡରେ ବାଲି ଢାଳି ଫେରାର ହୋଇଯାଇଥିଲେ। ଜବତ ଗାଡି ଗୁଡିକର ଚାଳକ ଫେରାର ହୋଇଯାଇଥିବା ବେଳେ ଗାଡ଼ିଗୁଡିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଅଛି। ଏହି ସମୟରେ ଖଣି ବିଭାଗ ଓ ପୁଲିସର ଅସହଯୋଗିତା ଦେଖିବାକୁ ମିଳିଥିଲା। ଚୋରା ବାଲି ଚାଲାଣ ଉପରେ ତହସିଲ ପକ୍ଷରୁ ଚଢ଼ାଉ ଜାରି ରହିଥିବା ବେଳେ ପୁଲିସ କିମ୍ବା ଖଣି ବିଭାଗର ନୀରବତା ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ବଣ୍ଟନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପକ୍ଷରୁ ହରସିଂହପୁର ପଞ୍ଚାୟତର ଅଜୟ ସ୍ୱାଇଁ ଓ ସନାତନ ବେହେରାଙ୍କୁ ସୋମବାର ଟ୍ରଇ ସାଇକେଲ ବଣ୍ଟନ କରାଯାଇଛି। ବିଡିଓ ନିରଞ୍ଜନ ବାରିକ ୨ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଟ୍ରାଇ ସାଇକେଲ ବଣ୍ଟନ ବେଳେ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ସହକାରୀ ନର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ହରିଶ୍ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ ବାଛୁରୀ, ୮ ଗୋରୁ ଉଦ୍ଧାର: ୩ଗାଡି ଜବତ, ୨ ଅଟକ





ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରା ବିଳମ୍ବିତ ରାତ୍ରୀରେ ୧୫ବାଛୁରୀ ଓ ୮ ଟି ଗାଇଙ୍କୁ ଉଦ୍ଧାର କରିବା ସହ ଦୁଇଟି ପିକଅପ୍ ଗାଡି ଓ ଗୋଟିଏ କାର ଜବତ କରିବାକୁ ସକ୍ଷମ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ଏକ ପିକଅପ୍ ଗାଡିରେ ବେଆଇନ ଭାବେ ଅତି ଦୟନୀୟ ଅବସ୍ଥାରେ ୧୫ ଗୋଟି ବାଛୁରୀ ଚାଲାଣ ହେଉଥିଲା। ବଡ଼ଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରା ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ବାଛୁରୀ ବୋଝେଇ ଗାଡିଟିକୁ କୌଶଳକ୍ରମେ ସୁଙ୍ଗୁଡା ଗୋଲେଇ ଛକ ନିକଟରେ ଅଟକାଇ ଥିଲେ। ଚାଳକ ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିଲା। ତଦନ୍ତ ଅଧିକାରୀ ଭାବେ ନିବାସନ୍ ପଙ୍ଗିଆରି। ସିଟି କେଶ୍ ନମ୍ବର ୨୪୦/୨୫ ରେ ମାମଲା ରୁଜୁ କରି ଗାଡିରେ କୌଣସି କାଗଜପତ୍ର ନ ଥିବାରୁ ଗାଡିକୁ ଫାଣ୍ଡିକୁ ଆଣି ସେଥିରେ ଥିବା ବାଛୁରୀକୁ ନିକଟସ୍ଥ ଗୋଶାଳାରେ ଛାଡିବା ସହ ଅଧିକ ତଦନ୍ତ ଚଳାଇଛନ୍ତି। ବିଳମ୍ବିତ ରାତିରେ ଆଉ ଏକ ପିକଅପ୍ ଗାଡିରେ ଭୁଷୁଣ୍ଡପୁର ପଞ୍ଚାୟତ ଖଟୁଆ ପଡାରୁ ୮ଗୋଟି ଗୋରୁ ଅତି ଦୟନୀୟ ଭାବେ ବୋଝଇ ହୋଇ ଆସୁଥିବାର ଖବର ପାଇଥିଲେ। ଥାନା ଅଧିକାରିଣୀ ଖଟୁଆପଡାକୁ ଯାଇ ଉକ୍ତ ଗାଡିରେ ଥିବା ଗୋରୁ ଉଦ୍ଧାର କରିବା ସହ ଗାଡିଟିକୁ ଜବତ କରିଥିଲେ। ସେଥିରେ ଥିବା ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ପୋଲିସ। ଗିରଫ ଚାଳକ ଜଣକ ଢେଙ୍କାନାଳ ଜିଲ୍ଲା ରସାଳ ଗ୍ରାମର ପ୍ରଦୀପ୍ତ କୁମାର ସ୍ୱାଇଁ ବୋଲି ଜଣାପଡ଼ିଛି। ଏକ ଧଳା ରଙ୍ଗର କାରରେ ଏହି ବେଆଇନ ଗୋଚାଲାଣରେ ସଂଶ୍ଲିଷ୍ଟ ଥିବା ଜାଣିପାରି ଉକ୍ତ ଗାଡିଟିକୁ ମଧ୍ୟ ଜବତ କରିଥିଲେ। ବଡ଼ଚଣା ଅଞ୍ଚଳରେ ଦିନକୁ ଦିନ ଗୋ ଚାଲାଣ ବଢ଼ିବଢ଼ି ଚାଲିଛି। ଗୋ ମାଫିଆ ମାନେ ପ୍ରତିଦିନ ନୂଆ ତରିକା ଓ ନୂଆନୂଆ ଗାଡିରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନକୁ ଗୋଚାଲାଣ କରୁଛନ୍ତି। କିଛିଦିନ ହେବ ବଡ଼ଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରା ଯୋଗଦେବା ଦିନରୁ ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର କରିବା ସହ ବହୁ ଗାଡି ମଧ୍ୟ ଜବତ କରିଛନ୍ତି। ତଥାପି ଗୋ ଚାଲାଣ ବନ୍ଦ ହେଉନି ଯାହାକି ସାଧାରଣରେ ଆଲୋଚନା ହେଉଅଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀ ରେ ତିନୋଟି ଥାନା ଥିବା ବେଳେ କେବଳ ବଡ଼ଚଣା ଥାନା ଅଧିକାରିଣୀ ଗୋରୁ ଗାଡି ଧରିବାକୁ ସକ୍ଷମ ହେଉଛନ୍ତି, ଅନ୍ୟ ଦୁଇଟି ଥାନା ବାଲିଚନ୍ଦ୍ରପୁର ଓ ବୈରୀ ଥାନା ଅଧିକାରୀଙ୍କ ଦ୍ୱାରା କେବେ ଗାଈ ଗାଡି ଧରାଯିବା ଖବର ଦେଖିବାକୁ ମିଳିନି। ଜିଲ୍ଲା ପୋଲିସ ପ୍ରଶାସନ ଉପରେ ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଭିସିରେ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଦୀର୍ଘ ବର୍ଷ ଧରି ହୋଇ ଆସୁଥିବା ଦାବି ପୂରଣ ପୂର୍ବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ସିଭିଲ ଜେଏମଏଫସି କୋର୍ଟର ଶୁଭାରମ୍ଭ ହୋଇଛି। ଅସ୍ତରଙ୍ଗ ତହସିଲ ନିକଟରେ ଲକ୍ଷାଧିକ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ସହ ମରାମତି ହୋଇଛି ଅସ୍ଥାୟୀ ଜେଏମଏଫସି କୋର୍ଟ। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏହାକୁ ଭିଡିଓ କନଫରେନ୍ସ ଦ୍ୱାରା ଉଦଘାଟନ କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ଏହି ଉଦଘାଟନୀ ପର୍ବରେ ଅସ୍ତରଙ୍ଗ କୋର୍ଟ ପରିସରରେ ନିମାପଡା ଅତିରିକ୍ତ ଜିଲ୍ଲା ଦୌରାଜଜ ସୋମ୍ୟକ ପାତ୍ର, ରେଜିଷ୍ଟର,ଅସ୍ତରଙ୍ଗ ଜେଏମ୍‌ଏଫସି କୋର୍ଟର ବିଚାରପତି ସୁଧାବାଇ ଅଗ୍ରୱାଲ, ଏଡ଼ିଏମ୍ ନୀଳ ମାଧବ ଭୋଇ, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ଏସ୍ପି ସଚିନ ପଟେଲ, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ସମେତ ଅସ୍ତରଙ୍ଗ ରେ ଓକିଲ ଉମାକାନ୍ତ ମିଶ୍ର, ଦିବ୍ୟଦର୍ଶୀ ବିଶ୍ୱାଳ, ଦିଲ୍ଲୀପ ବେହେରା, ଦିଲ୍ଲୀପ ବାରିକି, ସତ୍ୟ ନାରାୟଣ ପଣ୍ଡା, ସଦାଶିବ ପ୍ରଧାନ ପ୍ରମୁଖ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଅବକାରୀ ବିଭାଗ ଅନୁଯାୟୀ ଚୋରା ମଦ ବିକ୍ରି ମକଦ୍ଦମାରେ ୨ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।ସେହିପରି ଅସ୍ତରଙ୍ଗ କୋର୍ଟରେ ସହନ ଗ୍ରାମର ଟୁନିଲତା ମହାନ୍ତି ଙ୍କ ଅଭିଯୋଗ କ୍ରମେ ମାଡ଼ପିଟ ଘଟଣାରେ ଅସ୍ତରଙ୍ଗ ଥାନା କେଶ ନମ୍ବର ୧୪୪/୨୫ ମାମଲାରେ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଦଫା ୧୧୫(୨), ୧୧୭(୨), ୧୨୬(୨), ୨୯୬, ୩(୫), ୩୫୧(୨), ୭୪ ଅସ୍ତରଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଭିଯୁକ୍ତ କାଳନ୍ଦୀ ମହାନ୍ତିଙ୍କର ଜାମିନକୁ ଖାରଜ କରି ବିଚାର ବିଭାଗୀୟ ହାଜତ ନିମାପଡାକୁ ପଠାଇଥିଲେ। ଅସ୍ତରଙ୍ଗ ଅଞ୍ଚଳବାସୀଙ୍କ ଅନେକ ଦିନରୁ ସ୍ୱପ୍ନ ଆଜି ବାସ୍ତବରେ ପରିଣତ ହୋଇଥିବାରୁ ସମସ୍ତଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକେ ନିକଟରେ ଆଇନି ସେବା ପାଇପାରିବେ। ପୂର୍ବରୁ ସେମାନଙ୍କୁ ବିଭିନ୍ନ ମକଦ୍ଦମା ପାଇଁ ନିମାପଡା ଯିବାକୁ ପଡୁଥିଲା। ଯେଉଁଥି ପାଇଁ ସାଧାରଣ ଲୋକେ ବହୁ ଖର୍ଚ୍ଚାନ୍ତ ହେଉଥିଲେ। ଏଣିକି ଆଇନି ସେବା ନିକଟରେ ପାଇପାରିବେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।ଶୁଭାରମ୍ଭ କାର୍ଯ୍ୟକ୍ରମରେ ଷ୍ଟେନୋ, ପେସକାର, କିରାଣୀ, କନିଷ୍ଠ କିରାଣୀ, ପ୍ରୋସେସର, ଜୁନିୟର ଟାଇପିଷ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ କାରଖାନ ଉପରେ ଅବକାରୀ ବିଭାଗର ଚଢ଼ାଉ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଅବକାରୀ ଥାନା ପକ୍ଷରୁ ବଡ଼ସାହି ଥାନା ଅଧୀନ ଆମ୍ବଡାଳି ସ୍ଥିତ କାଜୁଜଙ୍ଗଲ ଭିତରେ ଚହଲାପଦା ଇଲାକାରେ ଚାଲିଥିବା ଚୋରା ଦେଶମଦ କାରଖାନା ସମେତ ବୈଶିଙ୍ଗା ଥାନା ଇଲାକାରେ ପୃଥକ ଭାବେ ଚଢାଉ କରିଛି। ଆମ୍ବଡାଳି କାଜୁଜଙ୍ଗଲ ସ୍ଥିତ ଚହଲାପଦା ଇଲାକାରେ ଚାଲିଥିବା ଚୋରା ଦେଶମଦ କାରକାନା ବାବଦରେ ଖବରପାଇ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ ଚଢାଉ କରିଥିଲେ। ଚଢାଉ ସମୟରେ ମଦମାଫିଆମାନେ କାଜୁ ଜଙ୍ଗଲ ଭିତରେ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ରନ୍ଧାମଦ ସମେତ ମହୁଲପୋଚ ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଭାଙ୍ଗିରୁଜି ନଷ୍ଟ କରାଯାଇଥିଲା। ସେହିଭଳି ବଡ଼ସାହି ଥାନା ଅଧୀନ ରଙ୍ଗପାଣି ଏବଂ ବୈଶିଙ୍ଗା ଥାନା ଅଧୀନ ଅଜାଡିହ ଗ୍ରାମରେ ମଧ୍ୟ ପୃଥକ ଭାବେ ବେତନଟୀ ଅବକାରୀ ଟିମ ଚଢାଉ କରିଥିଲା। ରଙ୍ଗପାଣି ଗ୍ରାମର କ୍ଷୀରୋଦ ଗୋଚ୍ଛାୟତ ଏବଂ ଅଜାଡିହ ଗ୍ରାମର ହେମନ୍ତ କୁମାର ସିଂକୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଚୋରା ଦେଶି ମଦ ଓ ବିଅର ଜବତ କରାଯାଇଥିଲା। ଏନେଇ ପୃଥକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିଲା।

## ମହୁଲ ଗଛରୁ ଏମସିଏଲ କର୍ମଚାରୀଙ୍କ ଝୁଲନ୍ତା ଶବ ଉଦ୍ଧାର

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ଥାନା ଅନ୍ତର୍ଗତ ଛେଳିଆ ଗ୍ରାମର ସୁନିଲ କୁମାର ପ୍ରଧାନ (୩୨) ନାମକ ଜଣେ ଏମସିଏଲ କର୍ମଚାରୀଙ୍କ ଝୁଲନ୍ତା ଶବ ଗ୍ରାମ ନିକଟସ୍ଥ ଜଙ୍ଗଲ ପାଖରେ ଥିବା ଏକ ମହୁଲ ଗଛରୁ ଉଦ୍ଧାର କରାଯାଇଛି। ସୁନିଲର ବାପା ନୟନ ପ୍ରଧାନଙ୍କ ଲିଖିତ ଅଭିଯୋଗ କ୍ରମେ କଣିହାଁ ପୁଲିସ ଏକ ଅପମୃତ୍ୟୁ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସୁନିଲ ଏମସିଏଲ ଲିଙ୍ଗରାଜ କୋଇଲା ଖଣି ରେ ଜଣେ ସ୍ଥାୟୀ କର୍ମଚାରୀ ଅଟନ୍ତି। ସୋମବାର ଦିନ ସକାଳେ ସୁନିଲ ବାଇକ ଯୋଗେ ଡ୍ୟୁଟି କରିବାକୁ କରିବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ପରେ ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ହେଁ ପାଇ ନଥିଲେ। ମଙ୍ଗଳବାର ସକାଳେ ୬ଘଟିକା ସମୟରେ ସୁନିଲର ଶବ ଏକ ମହୁଲ ଗଛରେ ବେକରେ ଗାମୁଛା ବନ୍ଧାଥାଇ ଝୁଲୁଥିବା ଦେଖିବାକୁ ମିଳିଥିବା ପରିବାର ଲୋକେ ଜାଣି ପୁଲିସକୁ ଖବର ଦେଇଥିଲେ।

# କେନ୍ଦୁଝରଗଡ ପୌରପାଳିକା ବର୍ଜ୍ୟବସ୍ତୁ ପରିଚାଳନାରେ ବିଫଳ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝରଗଡ ପୌରପାଳିକା ବର୍ଜ୍ୟବସ୍ତୁ ପରିଚାଳନାରେ ବିଫଳ ହୋଇଛି। କେନ୍ଦୁରଗଡ ଠାରେ ୧୯୫୨ ମସିହାଠାରୁ ଏହି ବ୍ୟବସ୍ଥା ପ୍ରଚଳନ ହୋଇଆସୁଥିବା ବେଳେ ଇତି ମଧ୍ୟମରେ ୭୩ ବର୍ଷ ବିତିଯାଇଥିଲେ ହେଁ କେନ୍ଦୁଝରଗଡ ପୌରପାଳିକା ମଧ୍ୟରେ ବର୍ଜବସ୍ତୁ ପରିଚାଳନା ବ୍ୟବସ୍ଥା ସୁଧୁରିବାର ନାଁ ଧରୁନାହିଁ। ପ୍ରାୟ ଏକଲକ୍ଷ ଜନସାଧାରଣ ବସବାସ କରୁଥିବା ଏହି ପୌରପାଳିକାରେ ଦିନକୁଦିନ ଯାନବାହାନ, ଦୋକାନ ବଜାରର ଆଦିର ଦୃତ ବୃଦ୍ଧି ପାଉଥିବା ବେଳେ ମଇଳା ଆବର୍ଜନା ସେ ଅନୁପାତରେ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ଏହି ମଇଳା ଆବର୍ଜନା ପରିଚାଳନା ନିମନ୍ତେ ଦୁଇଟି ଏମ୍ସିସି ପ୍ରକଳ୍ପକୁ ଛାଡିଦେଲେ କୌଣସି ବୃହତ ସ୍ଥାୟୀ ବ୍ୟବସ୍ଥା ହୋଇପାରି ନଥିବାରୁ ମଇଳା ପକାଇବାକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ଧରଣୀଧର ବିଶ୍ୱବିଦ୍ୟାଳୟ ଓ ପୁରୁଣା ସହର ନୂତନ ବସଷ୍ଟାଣ୍ଡ ନିକଟରେ ଦୁଇଗୋଟି ମାଇକ୍ରୋ କମ୍ପୋଷ୍ଟ ସେଂଟର ବା କ୍ଷୁଦ୍ର ବର୍ଜବସ୍ତୁ ପରିଚାଳନା କେନ୍ଦ୍ର ସ୍ଥାପିତ ହୋଇଥିବାବେଳେ ଏଠାରୁ ନିର୍ଗତ ହେଉଥିବା ଦୁର୍ଗନ୍ଧରେ ସ୍ଥାନୀୟ ଲୋକେ ବା ଯିବା ଆସିବା କରୁଥିବା ବ୍ୟକ୍ତି ନାକେଦମ ହେଉଛନ୍ତି। ସେଥିରୁ ବାହାରୁଥିବା ଦୁର୍ଗନ୍ଧ ଓ ଧୂଆଁ ରେ ଲୋକମାନେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ଏହି ସ୍ଥାନଟି ହେଉଛି ସୁଲେଇଖମାର ଗାଁ ନିକଟ ଦେଇ ଯାଇଥିବା ୨୦ନମ୍ବର ଜାତୀୟ ରାଜପଥର ଦୃଶ୍ୟ। ଯାହାକି ପ୍ରକୃତିର ଗନ୍ତାଘର କୁହାଯାଉଥିବା



ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସାନଘାଗରା,ବଡଘାଗରା ଯିବାର ପ୍ରବେଶ ପଥ। ଏହା ସହ ଏହାର କିଛି ଦୂରରେ ରହିଛି ସିଦ୍ଧମଠ, ଚୈତବଚା ଶୈବପୀଠ ଓ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ମନ୍ଦିର ଭଳି ଅନେକ ଦେବ ଦେବୀ ପୀଠସ୍ଥଳୀ। ଏହି ଅଂଚଳଟି ହାତୀ ଭାଲୁ ଇତ୍ୟାଦି ବନ୍ୟଜନ୍ତୁ ମାନଙ୍କର ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ସେମାନଙ୍କର ଚଳ ପ୍ରଚଳରେ ବାଧା ସୃଷ୍ଟି ହେଉଛି। ଅଳିଆ ଗଦାରୁ ନିର୍ଗତ ଧୂଆଁ ଯୋଗୁଁ ରାସ୍ତା ମଧ୍ୟ ଭଲଭାବେ ଦୃଶ୍ୟମାନ ହେଉ ନାହିଁ। ଯେଉଁଥିପାଇଁ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କର ଜୀବନହାନୀ ଘଟୁଛି। କେନ୍ଦୁଝର ସହରରୁ ଯେତିକି ଆବର୍ଜନା ବାହାରୁଛି ତାକୁ ପରିଚାଳନା କରିବା ପାଇଁ ଯଥେଷ୍ଟ ହେଉନଥିବାରୁ ସେ ସବୁକୁ ଜାତୀୟ ରାଜପଥ ୨୦ର ସିଦ୍ଧମଠ ନିକଟ ବାଇପାସ ରାସ୍ତାରେ ପକାଯାଇ ପୋଡି ଦିଆଯାଉଛି। ପୌରପାଳିକାର ଅଳିଆ ବୋଝକୁ ପଞ୍ଚାୟତ ବାସୀ ମୁଣ୍ଡାଉଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସରକାର ଅନୁଦାନ ଯୋଗାଇ ଦେଇଥିଲେ ମଧ୍ୟ ପୌର ପ୍ରଶାସନର ଦାୟିତ୍ୱହୀନତା ପାଇଁ ଆଜି ପର୍ଯ୍ୟନ୍ତ ଡମ୍ପିଂୟାର୍ଡ ହୋଇନପାରିବା ଦୁର୍ଭାଗ୍ୟର ବିଷୟ। ସୂଚନା ଅନୁଯାୟୀ, ସ୍ଥାନୀୟ ଧୂପଦା ନିକଟରେ ରାଜସ୍ୱ ବିଭାଗ ପକ୍ଷରୁ ପୌର ପାଳିକାର ଚାହିଦା ଅନୁଯାୟୀ ଜମି ଯୋଗାଇଥିଲା। ଡମ୍ପିଂୟାର୍ଡ କୁ ଗାଡି ଚଳାଚଳ ପାଇଁ ପୌରପାଳିକା ପକ୍ଷରୁ ୨୦ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତା ନିର୍ମାଣ କରିଥିଲା। ପରବର୍ତ୍ତୀ ସମୟରେ ଡମ୍ପିଂୟାର୍ଡ ପାଇଁ ଟେଣ୍ଡର ହୋଇଥିଲେ ବି ଅଞ୍ଚଳବାସୀଙ୍କ ବିରୋଧ ଯୋଗୁଁ ତାହା ବାତିଲ ହୋଇଥିଲା। ଏହାପରେ ଡମ୍ପିଂୟାର୍ଡ ପାଇଁ ଜମି ସମସ୍ୟା ଯୋଗୁଁ ଅନୁଦାନ ବିନିଯୋଗ ହୋଇ ପାରୁନଥିବା ପୌରପାଳିକା କହିଛି। ଡମ୍ପିଂୟାର୍ଡ ପାଇଁ ବିକଳ୍ପ ସ୍ଥାନ ଚିହ୍ନଟ କରିବାରେ ପ୍ରଶାସନ ଆଉ ଆନ୍ତରିକତା ଦେଖାଇନଥିଲା। ଡମ୍ପିଂୟାର୍ଡ ନଥିବାରୁ ସହରର ମଇଳା ଆବର୍ଜନାଗୁଡିକ ପୌର ସଂସ୍ଥା ବାଂଶପାଳ ବ୍ଲକ ତଳଚମ୍ପେଇ ପଞ୍ଚାୟତର ଭାଲିଆଡାଳ ଗ୍ରାମ ଜାତୀୟ ରାଜପଥ ପାର୍ଶ୍ୱର୍ରେ ଫିଙ୍ଗି ଦେଉଥିବାରୁ ଦୁର୍ଗନ୍ଧମୟ ପରିବେଶ ଜନସାଧାରଣଙ୍କୁ ଅତିଷ୍ଠ କରି ପକାଉଛି। ଫଳରେ ବିଭିନ୍ନ ସଂକ୍ରମଣ ରୋଗ ବ୍ୟାପିବାର ସମ୍ଭାବନା ରହୁଛି। ଶହଶହ ଗୋରୁ, ଗାଇ ଅଳିଆରୁ ଖାଦ୍ୟ ସଂଗ୍ରହ କରୁଥିବାବେଳେ ପଲିଥିନକୁ ଖାଇ ଦେଉଥିବାରୁ ପ୍ରାଣ ହରାଇବା ଭଳି ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଫଳରେ ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ସମୟରେ ଲୋକମାନେ ଦୁର୍ଗନ୍ଧମୟ ପରିବେଶକୁ ସାମ୍ନା କରୁଛନ୍ତି। ପ୍ରତିଦିନ ଅଳିଆ ପକାଉଥିବାରୁ ସେଥିରେ ନିଆଁ ମଧ୍ୟ ଲଗାଇ ଦିଆଯାଉଛି। ଏହି ବାଇପାସ ଦେଇ ଲୋକମାନେ ଶ୍ରୀ ଶ୍ରୀ ବଳଦେଜୀଉ ମନ୍ଦିର, ସିଦ୍ଧମଠ, ସାନଘାଗରା, ବଡଘାଗରା, ଗୋନାସିକା ଆଦି ଯାଉଥିବା ବେଳେ ଏହା ଏକ ଅସୁନ୍ଦର ପରିବେଶ ସୃଷ୍ଟି କରୁଛି। ପରିବେଶ ପ୍ରଦୂଷଣ ରୋକିବା ସହ ପରିବେଶକୁ ନିର୍ମଳ ଓ ସ୍ୱଚ୍ଛ ରଖିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରିବା ସହ କୋଟି କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟ କରୁଛନ୍ତି। କିନ୍ତୁ ଏଠାରେ ସବୁଠାରୁ ଆଶ୍ଚର୍ଯ୍ୟର କଥାହେଲା ଯେ କେନ୍ଦୁଝରଗଡ ପୌରପାଳିକା, ସହର ଓ ତାର ଆଖ ପାଖ ଅଞ୍ଚଳର ପରିବେଶ ପ୍ରଦୂଷିତ କରୁଛି। ଯାହାକୁ ନେଇ ପରିବେଶବିତ୍‌ଙ୍କ ଠାରୁ ଆରମ୍ଭ କରି କେନ୍ଦୁଝରପ୍ରେମୀ, ବରିଷ୍ଠ ଚିନ୍ତାଶୀଳ ନାଗରିକମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ପୌରପାଳିକା ଅଳିଆ ଆବର୍ଜନାକୁ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ନିଆ ନଯାଇ ପରିବେଶ ପ୍ରଦୂଷଣ କରି ରାସ୍ତା କଡରେ ଫୋପାଡି ଦିଆଯାଉଛି ତାହା ଉପରେ ଉଠିଛି ପ୍ରଶ୍ନ।

## ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବୋଲଗଡ, (ଭାସ୍କର ନ୍ୟୁଜ୍): କଣ୍ଟାବାଡ ଗ୍ରାମ ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଷାଠିଏତମ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର ସଂସଦର ସଭାପତି ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଉପେନ୍ଦ୍ର ଦାଶଙ୍କ ସଂଯୋଜନାରେ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର, ସଦସ୍ୟ ଡ଼ ଅମରେନ୍ଦ୍ର ମହାପାତ୍ର, ଡ ସର୍ବ ନାରାୟଣ ମିଶ୍ର, ଶିଶିର କୁମାର ଆଚାର୍ଯ୍ୟ, ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ଗଗନ ବିହାରୀ ବେହେରା, ବଂଶୀଧର ପାଣିଗ୍ରାହୀ, ମନ ରଞ୍ଜନ ପଣ୍ଡା, ସଦସ୍ୟ ହରିହର ସାହୁ, ଶ୍ରୀକାନ୍ତ କୁମାର ବାହିନୀପତି,ଦିଲ୍ଲୀପ କୁମାର ପାଣିଗ୍ରାହୀ ଓ ଡ ବିଦ୍ୟାଧର ମହାରଣାଙ୍କ ସମେତ ପୁରାତନ ଛାତ୍ର ଯୋଗ ଦେଇ ହୀରକ ଜୟନ୍ତୀକୁ ସଫଳ କରିବା ପାଇଁ ମତାମତ ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତୁତି ବୈଠକ ପୁନର୍ବାର ଚଳିତ ବର୍ଷ ଅଗଷ୍ଟ ମାସ ୧୭ ରିଖ ରବିବାର ହେବ ବୋଲି ଦିନ ସ୍ଥିରୀକୃତ ହୋଇଥିବା ବେଳେ ହୀରକ ଜୟନ୍ତୀ ଉତ୍ସବଟି ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ମସିହା ଜାନୁଆରୀ ମାସ ପ୍ରଥମ ସପ୍ତାହରେ କରାଯିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ ହୋଇଥିଲା। ସଭାର ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ବୃକ୍ଷ ରୋପଣ କରାଯାଇଥିଲା।



କାକଟପୁର, (ଭାସ୍କର ନ୍ୟୁଜ୍): ନ୍ୟାୟିକ ସେବାକୁ ସରଳ, ସହଜ ଓ ଗ୍ରାମାଞ୍ଚଳର ସମସ୍ତବର୍ଗର ଜନସାଧାରଣଙ୍କ ନିକଟତର କରି ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ପୁରୀ ଜିଲ୍ଲାର କାକଟପୁର ବ୍ଲକରେ ଅସ୍ଥାୟୀ ଗୃହରେ ଦେୱାନୀ ବିଚାରପତି ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଦେଶ ଅଦାଲତ ଉଦଘାଟିତ ହୋଇଯାଇଛି। ଓଡ଼ିଶା ଉଚ୍ଚନ୍ୟାୟାଳୟର ମାନ୍ୟବର ମୁଖ୍ୟ ନ୍ୟାୟାଧିଶ ହରିଶ ଟଣ୍ଡନ ଆଭାସୀ ମାଧ୍ୟମରେ କୋର୍ଟ ଉଦଘାଟନ କରିଥିଲେ। କାକଟପୁର ବ୍ଲକ ପରିସରରେ ଉଦଘାଟନ ସମୟରେ ଅତିରିକ୍ତ ଜିଲ୍ଲା ଜଜ୍ ଚିନ୍ମୟ ମିଶ୍ର, କାକଟପୁର ଜଜ୍ ଶ୍ରୀଚନ୍ଦନ ଦାଶ, କୋର୍ଟ ମ୍ୟାନେଜର ମଳୟ ଗିରି, ପୁରୀ ଜିଲ୍ଲା ଅତିରିକ୍ତ ଏସପି ସୌମ୍ୟରଞ୍ଜନ ମଲ୍ଲିକ,ଏସଡିପିଓ ନିମାପଡ଼ା, କାକଟପୁର ଆଇଆଇସି ଉମେଶ ସାହୁ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ତହସିଲଦାର ଅଙ୍କିତା ଅନାନ୍ଦିତା,ବରିଷ୍ଠ ଆଇନଜୀବି ପ୍ରଫୁଲ୍ଲ କୁମାର ନାୟକ, ଅଶୋକ କୁମାର ଦାଶ, ମିହିର ରଞ୍ଜନ ମହାନ୍ତି, ସୌମ୍ୟ କାନ୍ତ ଖୁଣ୍ଟିଆ, କୋଣାର୍କ, ନିମାପଡ଼ା ବାର ଆସୋସିଏସନର ସଭ୍ୟମାନେ, ସ୍ଥାନୀୟ ବୁଦ୍ଧି ଜିବି ସମେତ ବିଭିନ୍ନ ବର୍ଗର ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ଡକ୍ଟର ବନ୍ଦନା ତ୍ରିପାଠୀ ତୃତୀୟ ସ୍ମାରକୀ ବକ୍ତୃତା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଗୃହବିଜ୍ଞାନ ବିଭାଗ ଦ୍ୱାରା ଡକ୍ଟର ବନ୍ଦନା ତ୍ରିପାଠୀ ତୃତୀୟ ସ୍ମାରକୀ ବକ୍ତୃତା ଅନୁଷ୍ଠିତ କରାଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଆଇ.ଏ.ଏସ ଡକ୍ଟର ରବିନାରାୟଣ ସେନାପତି ଯୋଗ ଦେଇଥିଲେ। ଡକ୍ଟର ରବିନାରାୟଣ ସେନାପତି ତାଙ୍କ ପତ୍ନୀ ସ୍ୱର୍ଗୀୟା ଡକ୍ଟର ବନ୍ଦନା ତ୍ରିପାଠୀଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଏହି ସ୍ମାରକୀ ବକ୍ତୃତା ର ଆୟୋଜନକରି ଏହି ବିଭାଗର ମର୍ଯ୍ୟାଦା ବଢାଇବାସହ ଅନେକ ଛାତ୍ରୀ ଓ ଅଧ୍ୟାପିକା ମାନଙ୍କୁ ସମୟୋପଯୋଗୀ ସ୍ମାରକୀ ବକ୍ତୃତା ଦ୍ୱାରା ଉପକୃତ କରାଇବା ରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ମୁଖ୍ୟବକ୍ତା ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର୍ ଅନିତା ଦାଶ ଯୋଗଦେଇ 'ଲିଙ୍ଗଗତ ଅସମାନତା-ନୂତନ ଧାରା ଏବଂ ଆହ୍ୱାନ' ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଛାତ୍ରୀମାନଙ୍କୁ ନିଜର ଓଜସ୍ୱୀନୀ ବକ୍ତବ୍ୟ ମାଧ୍ୟମରେ ଛାତ୍ରୀମାନଙ୍କୁ ଶିକ୍ଷାକ୍ଷେତ୍ରରେ ଲିଙ୍ଗଗତ ଅସମାନତାର ନୂତନ ଧାରା ବିଷୟରେ ପରିଚୟ ପ୍ରଦାନ କରିବା ସହିତ ସମସ୍ତ ଆୟୋଜକ ଏବଂ ପୃଷ୍ଠପୋଷକ ପରିବାର ବର୍ଗଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଶୁଭ ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତି ମନସ୍ୱିନୀ ସାହୁ ମହୋଦୟା ତଥା ଅନ୍ୟାନ୍ୟ ବିଶିଷ୍ଟ ପଦସ୍ଥ ପ୍ରାଧ୍ୟାପକ, ପ୍ରାଧ୍ୟାପିକାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାର ଶୋଭାବର୍ଦ୍ଧନ କରିଥିଲେ। ଗୃହବିଜ୍ଞାନ ବିଭାଗରମୁଖ୍ୟା ଡକ୍ଟର ଜ୍ୟୋତିର୍ମୟୀ ଉଦଗାତା ସ୍ୱାଗତ ଭାଷଣ ଦେଇ ସଭାଟିର ଶୁଭାରମ୍ଭ କରିଥିଲେ ଏବଂ ଗୃହବିଜ୍ଞାନର ଅନ୍ୟ ପ୍ରାଧ୍ୟାପିକା ମାନେ ଉକ୍ତ କାର୍ଯ୍ୟକ୍ରମଟିର ଆୟୋଜନ ଏବଂ ସୁପରିଚାଳନାରେ ନିଜର ସମ୍ପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଡକ୍ଟର ବନ୍ଦନା ତ୍ରିପାଠୀଙ୍କ ଆତ୍ମୀୟ ସ୍ୱଜନ ବିଶ୍ୱ ବିଦ୍ୟାଳୟର ବହୁସଂଖ୍ୟକଛାତ୍ରୀ ଏବଂ ବିଶ୍ୱବିଦ୍ୟାଳୟ ସହଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକର ଛାତ୍ରୀ ଓ ଅଧ୍ୟାପିକା ଯୋଗଦେଇ ଏହି କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡିତ କରିଥିଲେ। ଏହି ଅବସରରେ ଗୃହ ବିଜ୍ଞାନ ବିଭାଗ ବାର୍ଷିକ ସମ୍ବାଦପତ୍ରିକା 'ହୋମ୍ ଇକୋଲୋଜି' ଏବଂ ସହକାରୀ ପ୍ରାଧ୍ୟାପିକା ଡକ୍ଟର ସରିତା ମିଶ୍ର ଏବଂ ପି.ଏଚ୍.ଡି ପ୍ରାପ୍ତ ଛାତ୍ରୀ ଡକ୍ଟର ରୋଜା ଘୋଷଙ୍କ ଦ୍ୱାରା ଲିଖିତ ପୁସ୍ତକ 'କ୍ୱାଲିଟୀ ଅଫ୍ ଲାଇଫ୍ : ଏ କେସ୍ ଷ୍ଟଡି ଅଫ୍ ପର୍ମିଙ୍ଗ ଆରଟିଜାନ୍ସ ଅଫ୍ ଓଡ଼ିଶା' ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ବିଭାଗର ସହଯୋଗୀ ପ୍ରାଧ୍ୟାପିକା ଡଃ ସୂର୍ଯ୍ୟମଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୌନ ନିର୍ଯାତନା ସମ୍ପର୍କିତ ବୈଠକ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସରକାରୀ ମହିଳା ମହା ବିଦ୍ୟାଳୟରେ ଯୌନ ନିର୍ଯାତନା ଭିତ୍ତିକ ସଭା ସୋମବାର ପାଳନ ହୋଇ ଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀବୃନ୍ଦ, ଛାତ୍ରୀଗଣ, ସାମାଜିକକର୍ମୀ ଆଡଭୋକେଟ୍ ଡ.ସନ୍ଦିପ୍ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ଓ ଅଧ୍ୟକ୍ଷ ପ୍ରଫେସର୍ ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭାଅନୁଷ୍ଠିତ ହୋଇଥିଲା। ଜଣେ ଜଣଙ୍କ ପ୍ରତି ସମ୍ମାନ ପ୍ରଦର୍ଶନର ଅଭାବ, ଛାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯୌନ ନିର୍ଯାତନା କିମ୍ବା ମାନସିକ ନିର୍ଯ୍ୟାତନା ଭୋଗ କରୁଥିଲେ ଛାତ୍ରୀଗଣ ଆଭ୍ୟନ୍ତରୀଣ କମିଟିଙ୍କୁ ଅବଗତ କରେଇବାକୁ ଅନୁରୋଧ ଏବଂ ଛାତ୍ରୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ସୁବିଧା ସୁଯୋଗ ସହ ପ୍ରାଧାନ୍ୟ ଦିଆଯାଉ ଓ ତାଙ୍କର ସମସ୍ୟା ଆଗ ବୋଲି ସଭାରେ ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ। ଡ. ପଟ୍ଟନାୟକ ଯୋଗ ଦେଇ କହିଥିଲେ ଯେ, ଯଦି କେହି ଛାତ୍ରୀମାନଙ୍କ କଥା ନ ଶୁଣନ୍ତି, ତେବେ ମୁଁ କଥା ଦେଉଛି, ଅଭିଯୋଗ ମୋ ପାଖକୁ ଆସିଲେ କିମ୍ବା ଅବଗତ ହେଲେ ଗୋଟିଏ ଦିନ ଭିତରେ ତା'ର ସମାଧାନ କରିବି। ଛାତ୍ରୀଙ୍କୁ ଶକ୍ତିଶ୍ରୀ ଆପ୍ ବିଷୟରେ ମଧ୍ୟ ଅବଗତ କରାଇଥିଲେ। ଆଭ୍ୟନ୍ତରୀଣ କମିଟିର ସଦସ୍ୟ ମାନଙ୍କ ନାମ ସହ ଫୋନ୍ ନମ୍ବର୍ ସମସ୍ତଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯିବା ସହ କାନ୍ଥରେ ମଧ୍ୟ ସେମାନଙ୍କ ନାମ ଓ ଫୋନ୍ ନମ୍ବର୍ ତଥା ଶିକ୍ଷାନୁଷ୍ଠାନ ପାଇଁ ହେଲ୍ପଲାଇନ ନମ୍ବର ୧୮୧ର ପ୍ରଚାର ଫର୍ଦ୍ଦ ମରାଯାଇଛି। ସଭାରେ କର୍ମଚାରୀମାନେ ଓ ଛାତ୍ରୀଗଣ ଯୌନ ନିର୍ଯାତନାକୁ ବିରୋଧ ଓ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ଶପଥ ପାଠ ନେଇଥିଲେ। ପରିଶେଷରେ ଅର୍ଥନୀତି ବିଭାଗର ଆଭ୍ୟନ୍ତରୀଣ କମିଟି ମୁଖ୍ୟ ଗୀତାଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନସିକ ବିକୃତ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ

ଗୋପ, (ଭାସ୍କର ନ୍ୟୁଜ୍): ନାରୀ ନିର୍ଯାତନାକୁ ନେଇ ସାରା ରାଜ୍ୟରେ ରାଜନୀତି ସରଗରମ ରହିଥିବା ବେଳେ ମଙ୍ଗଳବାର ଦିନ ଗୋପ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ପଷ୍ଟ ଦିବାଲୋକରେ ଜଣେ ମାନସିକ ବିକୃତ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ନିରାଶ ହେବା ପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ମାତ୍ର ପୋଲିସ ଏଭଳି ସମ୍ବେଦନଶୀଳ ଘଟଣାର ଅଭିଯୋଗ ପରେ ମଧ୍ୟ ଚୁପ୍ ହୋଇ ବସିଥିବା ତାଙ୍କ ଭାଇ ଅଭିଯୋଗ କରିଛନ୍ତି। ଏପରି ଲଜ୍ଜାଜନକ ଘଟଣା ଘଟିଛି ପୁରୀ ଜିଲ୍ଲା ଗୋପ ଥାନା ଅଧିନ ବେଦପୁର ଗ୍ରାମରେ। ଅଭିଯୋଗ ମୁତାବକ ବେଦପୁର ଗ୍ରାମର ଲଛମନ ପୃଷ୍ଟିଙ୍କ ଭଉଣୀ କନକଲତା ମହାପାତ୍ର (୪୮)ଜଣେ ମାନସିକ ବିକୃତ ମହିଳା। ସେ ମଙ୍ଗଳବାର ମଧ୍ୟାହ୍ନରେ ତାଙ୍କ ଘର ନିକଟ ଭରତ ବେହେରାଙ୍କ ଘର ବାରଣ୍ଡାରେ ବସିଥିବା ବେଳେ ଏକୁଟିଆ ପାଇ ସେହି ଗ୍ରାମର ହରୁ ସାହୁ ତାଙ୍କପ୍ରତି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ନିକଟସ୍ଥ କେନାଲ ବନ୍ଧକୁ ଡାକିଥିଲେ। ସେ ନଯିବାରୁ ହରୁ ତାଙ୍କୁ ଟଣା ଓଟରା କରିବା ସହ ତଳେ ପକାଇ ତାଙ୍କ ବେକ ଚିପିବାସହ ଏକ କାଠଫାଳିଆ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ମାନସିକ ବିକୃତ ମହିଳାଙ୍କ ଦୁଇଟି ଗୋଡ଼ ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ତାଙ୍କ ଭାଇ ଲଛମନ ପୃଷ୍ଟି ଘଟଣା ସ୍ଥଳରେ ପହଞ୍ଚିବାରେ ହରୁ ତାଙ୍କୁ ବିଭିନ୍ନ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ଗୁରୁତର ଆହତ ମହିଳାଙ୍କୁ କିଛି ଗ୍ରାମବାସୀ ଓ ପରିବାର ଲୋକେ ଉଦ୍ଧାର କରି ଗୋପ ଡ଼ାକ୍ତର ଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଡ଼ାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ଏନେଇ ମହିଳାଙ୍କ ଭାଇ ଲଛମନ ପୃଷ୍ଟି ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଜଣେ ମାନସିକ ବିକୃତ ମହିଳାଙ୍କ ପ୍ରତି ହୋଇଥିବା ପାଶବିକ ସମ୍ବେଦନଶୀଳ ଘଟଣାକୁ ନେଇ ସାଧାରଣରେ ଝଡ ସୃଷ୍ଟି ହୋଇଛି। ତୁରନ୍ତ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କୁ ପଚାରିବାରେ ସେ କୁହନ୍ତି ଅଭିଯୋଗ ପହଁଚିଛି ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସ୍ୱାମୀଙ୍କ ଗୋଇଠା ମାଡ଼ରେ ପତ୍ନୀଙ୍କ ଗର୍ଭନଷ୍ଟ, ସ୍ୱାମୀ ଗିରଫ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଚକ ପଞ୍ଚାୟତ ଅଧୀନ ବାଲିପାଳ ଗ୍ରାମର ଜଣେ ମହିଳାଙ୍କ ପେଟକୁ ତାଙ୍କ ସ୍ୱାମୀ ଗୋଇଠା ମାରି ଗର୍ଭ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୁଲିସ ୨୩୩/୨୫ରେ ଏକ ମକଦ୍ଦମା ରୁଜୁ କରି ସ୍ୱାମୀ ସେକ୍ ସାହାବୁଦ୍ଦୀନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ଭାଟପଡ଼ା ପଞ୍ଚାୟତ ଅଧୀନ ମିର୍ଜାପୁର ଗ୍ରାମର ସମିନା ବିବି ବାଲିପାଳ ଗ୍ରାମର ସେକ୍ ସାହାବୁଦ୍ଦୀନ ନାମକ ଜଣେ ଯୁବକଙ୍କୁ ବିବାହ କରିଥିଲେ। ବିବାହ ପରେ ସମିନାଙ୍କର ୨ଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲେ। ସମିନା ତୃତୀୟଥର ଗର୍ଭବତୀ ହୋଇଥିଲେ। ମାତ୍ର ସ୍ୱାମୀ ସେକ୍ ସାହାବୁଦ୍ଦୀନ ପୁଣି କନ୍ୟା ସନ୍ତାନ ହେବା ସନ୍ଦେହରେ ପତ୍ନୀ ସମିନାଙ୍କୁ ମାରଧର ଓ ନିର୍ଯାତନ ଦେଉଥିଲେ। ନିର୍ଯାତନା ସହି ନପାରି ସମିନା ମିର୍ଜାପୁର ଗ୍ରାମ ସ୍ଥିତ ବାପଘରକୁ ପଳାଇ ଆସି ରହିଥିଲେ। ସ୍ୱାମୀ ସେକ୍ ସାହାବୁଦ୍ଦୀନ ଜୁଲାଇ ୪ ତାରିଖ ଦିନ ଶଶୁରଘର ମିର୍ଜାପୁକୁ ଆସି ଘରେ କେହି ନଥିବାର ସୁଯୋଗ ନେଇ ସମିନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରି ତଳି ପେଟକୁ ଗୋଇଠା ମାରିଥିଲେ। ଫଳରେ ସମିନାଙ୍କର ଗର୍ଭନଷ୍ଟ ହୋଇ ଯାଇଥିବା ଥାନାରେ ଅଭିଯୋଗ କରିଥିଲେ।

# ଜଙ୍ଗଲରେ ପରିଣତ ହେଲାଣି ବସପୁର ଲକ୍ ପାଖ ଖେଳପଡ଼ିଆ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଅନ୍ତର୍ଗତ ବସପୁର ସ୍ଥିତ ଲୁଣାନଦୀ ପଠାରେ ବସପୁର ଲକ୍ ନିକଟରେ ନିର୍ମିତ ହୋଇଥିବା ଖେଳପଡ଼ିଆଟି ଏବେ ଜଙ୍ଗଲରେ ପରିଣତ ହୋଇଯାଇଛି। ଏହି ଖେଳ ପଡ଼ିଆରେ ଏବେ ମଣିଷ ବଦଳରେ ବିଷାକ୍ତ ସରିସୃପମାନେ ବେଶ୍ ଆନନ୍ଦରେ ଖେଳୁଥିବା ଲକ୍ଷ୍ୟ କରାଯାଇଛି। ଗତ ୨୦୧୯-୨୦ଆର୍ଥିକ ବର୍ଷରେ ଡେରାବିଶ ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ଅନ୍ତର୍ଗତ ବସପୁର ପଞ୍ଚାୟତର ଲୁଣାନଦୀ ପଠାରେ ବସ୍ପୁର ଲକ୍ ନିକଟରେ ଏକ ଖେଳ ପଡ଼ିଆର ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା। ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୫ ଲକ୍ଷଟଙ୍କା ବ୍ୟୟ କରାଯାଇ ଏହି ପଡ଼ିଆଟିର ଉନ୍ନତିକରଣ କରାଯାଇଥିଲା। ଏହି ପଡ଼ିଆର ଦୁଇପଟରେ ଫୁଟବଲ୍ ପୋଷ୍ଟ, ଗୋଟଏ ପାଖରେ ଭଲ୍ଲୀବଲ୍ ପୋଷ୍ଟ ସହିତ ଏକ ଷ୍ଟେଜ୍ ମଧ୍ୟ ନିର୍ମାଣ କରାଯାଇଥିଲା। ହେଲେ ଏହି ପଡ଼ିଆଟି ଏବେ ଘାସ, ଓ ଗଛଲଟା ପରିପୂର୍ଣ୍ଣ ହୋଇ ପଡ଼ିଛି। ଏପରିକି ଦୂରରୁ ଏହା ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏହି ପଡ଼ିଆ ପାଖକୁ ପଡ଼ିଥିବା ରାସ୍ତାଟି କାଦୁଅପନ୍ତାରେ ପରିପୂର୍ଣ୍ଣ ହୋଇଥିବା ବେଳେ ଏହା ନିକଟକୁ ଦିନରେ ମଧ୍ୟ ଯିବାକୁ ଭୟ ଲାଗୁଛି। ପାଖକୁ ଗଲେ କେବଳ ଫୁଟବଲ୍ ପୋଷ୍ଟ ଓ ଭଲ୍ଲୀବଲ୍ ପୋଷ୍ଟ ଦୁଇଟିକୁ ଦେଖିଲେ ଏହାକୁ ଖେଳପଡ଼ିଆ ବୋଲି ଅନୁମାନ କରିହେଉଛି। ଏଥିସହିତ ଏହି ପଡ଼ିଆ କଡ଼ରେ ଥିବା ଷ୍ଟେଜ୍ ଉପର ଓ କଡ଼ରେ ମଧ୍ୟ ଗଛଲଟା ପରିପୂର୍ଣ୍ଣ ହୋଇ ତାହା କେବେ ଠାରୁ ଲୁଚିଗଲାଣି। ତୁରନ୍ତ ଏହି ଖେଳ ପଡ଼ିଆରୁ ଅନବାନ ଜଙ୍ଗଲ ସଫେ ଖେଳଉପଯୋଗୀ କରିବା ଓ ପଡ଼ିଆ ମଧ୍ୟକୁ ଭଲ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବଡ଼ବିଲ ଆଇଟିଆଇ ଶ୍ରେଷ୍ଠ ଶିଳ୍ପ ତାଲିମ କେନ୍ଦ୍ର ଭାବେ ସମ୍ମାନିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୂର୍ବ ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ଭାବରେ ସମ୍ମାନିତ ହୋଇଛି। ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମରେ ଆୟୋଜିତ ସ୍କିଲ ଇଣ୍ଡିଆ ମିଶନର ୧୦ ବାର୍ଷିକୀ ପୂର୍ତ୍ତୀ ଉପଲକ୍ଷେ ଅନୁଷ୍ଠିତ ହେଉଥିବା 'ଭାରତ ସ୍କିଲନେକ୍ସଟ୍-୨୦୨୫'ର ଉଦଘାଟନୀ ଉତ୍ସବରେ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କଠାରୁ ଡିଟିଇଟି ନିର୍ଦ୍ଦେଶକ ସମର୍ଥ ବର୍ମା ଓ ଆଇଟିଆଇ ବଡ଼ବିଲର ଅଧ୍ୟକ୍ଷ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ସମ୍ମାନ ଦକ୍ଷତା ବିକାଶ ଅଭିଯାନକୁ ସାର୍ଥକ କରିବା ଓ ଭାରତର କାର୍ମିକ ଶକ୍ତିକୁ ସଶକ୍ତ କରିବା ଦିଗରେ ବଡ଼ବିଲ ଶିଳ୍ପ ତାଲିମ କେନ୍ଦ୍ର ଓ ସର୍ବୋପରି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଏହି ସମ୍ମାନ କେନ୍ଦୁଝର ଜିଲ୍ଲା ଓ ଓଡ଼ିଶା ପାଇଁ ଗର୍ବ ଆଣିଦେଇଛି।

# ବାଇକ୍ ଡିକି ଭାଙ୍ଗି ୨ଲକ୍ଷ ୪୫ହଜାର ଲୁଟ୍

ସୋର, (ଭାସ୍କର ନ୍ୟୁଜ୍): ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ଚଡକମରା ଛକ ନିକଟରୁ ତଳନଗର କଲେଜ ଅଧକ୍ଷଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୨ଲକ୍ଷ ୪୫ ହଜାର ଟଙ୍କା ଲୁଟିନେଇଥିବା ଜଣାପଡିଛି। ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ମଙ୍ଗଳବାର ମଧ୍ୟାହ୍ନରେ ତଳନଗର କଲେଜର ଅଧକ୍ଷ ଓ ଜଣେ ଅଧ୍ୟାପକ ଜାମୁଝାଡ଼ି ଷ୍ଟେଟ ବ୍ୟାଙ୍କରୁ ୨ ଲକ୍ଷ ୪୫ ହଜାର ଟଙ୍କା ଉଠାଣ କରି କଲେଜ ଅଭିମୁଖେ ଫେରୁଥିଲେ। ଏହି ସମୟରେ ଅଧିକ ଖରା କାରଣରୁ ଚଡକମରା ଛକ ନିକଟରେ ବାଇକଟିକୁ ରଖି ଗଛ ମୂଳେ ଛିଡା ହୋଇଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଅଧକ୍ଷଙ୍କ ବାଇକ ଡିକି ଭାଙ୍ଗି ଉକ୍ତ ଟଙ୍କା ସମେତ ଚେକ ବୁକ ଓ ଷ୍ଟାମ୍ପ ଥିବା ବ୍ୟାଗଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଧକ୍ଷ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମୁଖ୍ୟ ବିଚାରପତିଙ୍କ ଯାଜପୁର ଜିଲ୍ଲା ଗସ୍ତ



ବଡ଼ଚଣା, (ଭାସ୍କର ନ୍ୟୁଜ୍): ଓଡିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାର ପତି ଜଷ୍ଟିସ ହରିଶ ଟଣ୍ଡନ ସପତ୍ନୀକଙ୍କ ଯାଜପୁର ଗସ୍ତ ଅବସରରେ ଜିଲ୍ଲାର ବିଭିନ୍ନ ଧାର୍ମିକ ପୀଠ ଦର୍ଶନ କରିଛନ୍ତି ପ୍ରଥମେ ପ୍ରସିଦ୍ଧ ଛତିଆ ବଟ ମନ୍ଦିର, ଚଣ୍ଡିଖୋଲ ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ମହାବିନାୟକ ମନ୍ଦିର ପରେ ଯାଜପୁରର ଶକ୍ତି ପିଠ ମା ବିରଜା ମନ୍ଦିର, ମହାପୁରୁଷ ସନ୍ଥଅରକ୍ଷିତ ଦାସ ପିଠ ଓଳାଶୁଣି ଗୁମ୍ଫା ଦର୍ଶନ କରିଥିଲେ। ଏହି ଅବସରରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର କର୍ମକର୍ତ୍ତା ମାନେ ମହାବିନାୟକ ପୀଠଠାରେ ସୌଜନ୍ୟ ମୂଳକ ସାକ୍ଷାତ କରି ଜଷ୍ଟିସ ଟଣ୍ଡନ ଓ ତାଙ୍କ ଧର୍ମପତ୍ନୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର କର୍ମକର୍ତ୍ତା ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ଉପ ସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଶିରୀଶ ସାମଲ, ପୂର୍ବତନ ସଭାପତି ଦେବରାଜ ବେହେରା, ସୁରେଶ ଚନ୍ଦ୍ର ସାହାଣୀ, ଦୀନବନ୍ଧୁ ନାୟକ, ଅବିନାଶ ପଣ୍ଡା, ଜୋତିଶଙ୍କର ମହାପାତ୍ର, ବୀରେନ୍ ବିଶ୍ୱାଳ.ସଂଗ୍ରାମ ନାୟକ ପ୍ରିୟ ଗୋବିନ୍ଦ ଦାସ, ବେବିନା ଓଝାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ, ଏହି ଗସ୍ତ କାର୍ଯ୍ୟକ୍ରମରେ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ ଅଶାନ୍ତ ଦାସ, ମୁଖ୍ୟ ବିଚାର ପତିଙ୍କ ପ୍ରଧାନ ସଚିବ ଆନନ୍ଦ ଚନ୍ଦ୍ର ଦାସ ଯାଜପୁର ଜିଲ୍ଲା ଜଜ ଅମୃତ ରଞ୍ଜନ ନନ୍ଦ, ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲାଜଜ ଗୋପବନ୍ଧୁ ଗଡ଼ନାୟକ, ଉଚ୍ଚନ୍ୟାୟାଳୟର ପ୍ରୋଟୋକଲ୍ ଜଜ ଦେଶପ୍ରିୟ ବାରିକ, ସବଜଜ୍ ବିଶ୍ୱ ଦୀପକ ସାହୁ, ଜେଏମ୍ଏଫସି ସ୍ମୃତି ଅଭିଲାଷା, ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଆରକ୍ଷୀ ଅଧିକ୍ଷକ ଯସପ୍ରତାପ ଶ୍ରୀମଲ, ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ବଡଚଣା ବିଡିଓ ରବିନ୍ଦ୍ର କୁମାର ପ୍ରଧାନ ସମେତ ଜିଲ୍ଲାର ବିଚାର ବିଭାଗୀୟ ଓ ପ୍ରଶାସନିକ ପଦାଧିକାରୀ ପ୍ରମୁଖ ସାମିଲ ଥିଲେ।

# ଭାଜପା ସାଂଗଠନିକ ପ୍ରସ୍ତୁତି ବୈଠକ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଓ ବେଗୁନିଆ ବ୍ଲକର ୪୦ଟି ପଞ୍ଚାୟତର ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ପିଚୁକୁଳି ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ଏକ ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନପାଇଁ ରଣନୀତି ପ୍ରସ୍ତୁତି, ବ୍ଲକ ଠାରୁ ବୁଥ ପର୍ଯ୍ୟନ୍ତ ସାଂଗଠାନିକ ପୁନାର୍ବିନ୍ୟସ ଏବଂ ଦଳର ଆଗାମୀ କାର୍ଯ୍ୟପନ୍ଥା ସ୍ଥିରକରିବା ପାଇଁ ବିଜେପି ଯୁବନେତା ରୁଦ୍ରପ୍ରସାଦ ବାହିନୀପତିଙ୍କ ଆବାହକତ୍ୱରେ ଆହୁତ ଉକ୍ତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ଯୋଗ ଦେଇଥିଲେ।ଏଥିରେ ରାଜ୍ୟ ନେତୃତ୍ୱଙ୍କ ସହ ପରାମର୍ଶ କରି ଆଗାମୀ ୧୫ଦିନମଧ୍ୟରେ ମଣ୍ଡଳ, ପଞ୍ଚାୟତ ଓ ବୁଥ ସ୍ତର ପର୍ଯ୍ୟନ୍ତ କମିଟି ଗଠନ କରାଯିବା ନେଇ ନିଷ୍ପତ୍ତି ହୋଇଥିବା ବେଳେ ପଞ୍ଚାୟତ ନିର୍ବାଚନ ପାଇଁ ଐକ୍ୟବଧ ହୋଇ ଲଢେଇରେ ଅବତୀର୍ଣ୍ଣ ହେଲେ ସଫଳତା ମିଳିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅଜୟ ମାର୍ଥା, ଚନ୍ଦ୍ରଭାନୁ ମହରଥା, ସୌମ୍ୟରଞ୍ଜନ ବଳିୟାର ସିଂହ, ସୁମିତ୍ରା ବାହିନୀପତି, ଭଗବାନ ପଣ୍ଡା, ଯଜ୍ଞେଶ୍ୱର ସୁନ୍ଦରାୟ, ରଶ୍ମିରଞ୍ଜନ ଜେନା, ବିଶ୍ୱରଂଜନ ଦାସ ଓ ମନୋଜ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ ସଦସ୍ୟ ଓ ନୂଆ ପୁରୁଣା କର୍ମକର୍ତ୍ତାମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚାରୁକଳା ମହାବିଦ୍ୟାଳୟର ସ୍ୱାଗତିକା ଉତ୍ସବ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଶାନ୍ତିସ୍ତୁପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳରେ ଆୟୋଜିତ ହୋଇଯାଇଛି ସ୍ୱାଗତିକା ଉତ୍ସବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ସଦସ୍ୟା କମଳିନୀ ରଥ ଓ ରଣପୁର ବ୍ଲକ ରିଶୋର୍ସ ଟିଚର ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କଠିନ ପରିଶ୍ରମ ଓ ସାଧନା ଛାତ୍ର ଛାତ୍ରୀମାନଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥାଏ ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ଅତିଥି ମାନେ ଅନୁଷ୍ଠାନର ସୃଜନଶୀଳ ଦିଗ ଓ ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବ ଅବସରରେ ମହା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନବାଗତ ଛାତ୍ର ଓ ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହା ବିଦ୍ୟାଳୟର ୩ ୟ ବର୍ଷର ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ରାମଶଙ୍କର ସାହୁ, ଯାନିତା ପ୍ରିୟଦର୍ଶିନୀ, ଭୂପତିଭୂଷଣ ପଣ୍ଡା, ସୁବାସ ମୁଦୁଲି, ଲକ୍ଷ୍ମୀଧର ସ୍ୱାଇଁ ଓ ସୋଫିଆ ଜସ୍ମିନ ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ କଳାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଗୁଣି ସନ୍ଦେହରେ ବୃଦ୍ଧକୁ ହତ୍ୟା ଉଦ୍ୟମ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ବଡସରପଲ୍ଲୀ ପଞ୍ଚାୟତ ଏଲଙ୍ଗାବାଲସା ଗାଁରେ ଜଣେ ବୃଦ୍ଧାଙ୍କୁ ଗୁଣି ସନ୍ଦେହରେ ହତ୍ୟା ଉଦ୍ୟମ କରାଯାଇଛି। ପ୍ରାପ୍ତ ସୁଚନା ଅନୁଯାୟୀ ଆଚା କାଡ୍ରାକା ୨୦ବର୍ଷ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ। ସେଠାରେ ଜ୍ୱରରେ ପୀଡ଼ିତ ହୋଇ ନିଜ ଘରକୁ ଫେରି ଆସିଥିଲେ। ପରେ ଜ୍ୱର ନ କମିବାରୁ ଆଚା କାଡ୍ରାକା ପରିବାର ଲୋକଙ୍କ ସହିତ ଯାଇ କିଛି ବୈଦ୍ୟଙ୍କ ଠାରୁ ଚେରମୁଳି ଔଷଧ ଖାଇ ଆସୁଥିଲେ। ଜ୍ୱର ଓ ଖାସ ଲାଗି ରହିବାରୁ ଗାଁର ଆଶା ଦିଦି ଲୀଳା କୁମାରୀ ଗୌଡ ପୀଡ଼ିତ ଆଚାଙ୍କୁ ବନ୍ଧୁଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି କଫ ଓ ରକ୍ତ ପରୀକ୍ଷା କରାଇ ଥିଲେ। କଫ ନମୁନାରୁ ଗତ ମାସ ତା ୫/୬/୨୫ ଦିନ ଆଚା କାଡ୍ରାକାଙ୍କୁ ଟିବି ରୋଗରେ ଆକ୍ରାନ୍ତ ଥିବା ଜାଣିବାକୁ ପାଇ ଥିଲେ। ଆଶା ଦିଦି ମେଡିକାଲରୁ ଟିବି ରୋଗ ପାଇଁ ଔଷଧ ଆଣି ଦେଇଥିଲେ ମଧ୍ୟ ସେ ଔଷଧ ନ ଖାଇ ଚେରମୁଳି ଖାଇବା ସହିତ ସାନସରପଲ୍ଲୀ ପ୍ରାଇବେଟ କ୍ଲିନିକଙ୍କ ପାଖରେ ମେଲେରିଆ ଟାଇଫଏଡ ଥିବା ରୁ ଚିକିତ୍ସା କରିଥିଲେ, ପୁଣି ସୁସ୍ଥ ନ ହେବା ଯୋଗୁଁ ଆଲମଣ୍ଡାକୁ ଯାଇ ରକ୍ତ ପରୀକ୍ଷା କରି ଜଣ୍ଡିସ ରୋଗ ହୋଇଥିବା ଜାଣିବାକୁ ପାଇ ଔଷଧ ବ୍ୟବହାର କରୁଥିଲେ। ଏଥିରେ ମଧ୍ୟ ଚିକିତ୍ସିତ ହୋଇ ନ ପାରିବାରୁ ଗାଁରେ ଥିବା ମାଲି କାଡ୍ରାକା (୫୮) ଗୁଣି ଗାରେଡ଼ି କରିଥିବା ସନ୍ଦେହ କରିଥିଲେ। ଏପଟେ ଟିବି ରୋଗ ଔଷଧ ନ ଖାଇ ରୋଗି ଗୁରୁତର ହୋଇ ଘରେ ଖଟିଆ ପଡ଼ି ରହି ଥିଲେ। ଅଳ୍ପଦିନ ତଳେ ପରିବାର ଲୋକ ଗୁଣିଆ ମାଲି କାଡ୍ରାକାଙ୍କୁ ସାକ୍ଷାତ କରି ଗୁଣି କରିଛୁ, ଚିକିତ୍ସା କରେ କହି ଧମକ ଚମକ ଦେଇ ଫେରି ଆସିଥିଲେ। ମଙ୍ଗଳବାର ମଧ୍ୟାହ୍ନ ୨ଟା ସମୟରେ ଆଚା କାଡ୍ରାକା ସମ୍ପର୍କୀୟ ଭାଇ ଅଦମା କାଡ୍ରାକା, ଲାଚା କାଡ୍ରାକା, ଉଦେଶ କାଡ୍ରାକା ଓ ବଡି କାଡ୍ରାକା ମିଶି ମାଲି କାଡ୍ରାକାଙ୍କ କୁଡ଼ିଆ ଘରକୁ ଯାଇ ମାଡ ମାରିଥିଲେ। ମାଡରେ ମାଲି କାଡ୍ରାକାଙ୍କ ହାତ ଭାଙ୍ଗିଥିବା ବେଳେ ମୁହଁ ମାଡ ହୋଇ ଗୁରୁତର ଆହତ ହୋଇଥିଲେ। ପୋଲିସ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର ଖବର ପାଇବା ପରେ ନିର୍ଦ୍ଦେଶକ୍ରମେ ଏଏସଆଇ ବିଟି ସାଧୁ ଓ ଟିମ ଗାଁ'କୁ ଯାଇ ଗୁରୁତର ଆହତ ହୋଇ ଦୋରମୋଡା ଅବସ୍ଥାରେ କୁଡ଼ିଆ ଘରେ ଥିବା ବେଳେ ମାଲି କାଡ୍ରାକାଙ୍କୁ ଉଦ୍ଧାର କରି ବନ୍ଧୁଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଗୁରୁତର ଆହତ କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଭଲ ଚିକିତ୍ସା ପାଇଁ କୋରାପୁଟ ଜିଲ୍ଲା ମେଡ଼ିକାଲକୁ ଆମ୍ବୁଲାନ୍ସରେ ପଠାଇ ଦେଇଛନ୍ତି।

# ଟ୍ରାକ୍ଟର ତଳେ ଚାପିହୋଇ ଯୁବକ ମୃତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଗୁଆମାଳ ପଞ୍ଚାୟତ ଅଧୀନ ଗଣ୍ଡପଡ଼ା ଗ୍ରାମର ଚିତ୍ତରଞ୍ଜନ ନାୟକଙ୍କ ପୁଅ ବିଶ୍ୱରଂଜନ ନାୟକ (୨୮)ଙ୍କର ଟ୍ରାକ୍ଟର ଚକା ତଳେ ଜୀବନ ଚାଲି ଯାଇଛି। ମୃତ ବିଶ୍ୱରଂଜନ ଗଞ୍ଜାମ ଜିଲା ବ୍ରହ୍ମପୁରରେ ଏକ ଘରୋଇ କାମ୍ପାନୀରେ ଚାକିରୀ କରୁଥିଲେ। ରବିବାର ସନ୍ଧ୍ୟାରେ ସେ ଗୋପାଳପୁର-ବ୍ରହ୍ମପୁର ରାସ୍ତାରେ ବାଇକ୍‌ରେ ଫେରୁଥିବା ବେଳେ ଟ୍ରାକ୍ଟର କାଜୁଆଲରେ ପିଟି ହୋଇ ପଡ଼ି ଯାଇଥିଲେ। ଫଳରେ ଟ୍ରାକ୍ଟର ତାଙ୍କ ଉପରେ ଚଢ଼ି ଯାଇଥିଲା। ଖବର ପାଇ ସ୍ଥାନୀୟ ଲୋକ ତାଙ୍କୁ ହସ୍ପିଟାଲ ନେଇ ଯାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଯୋଗ୍ୟ ଯେ ବିଶ୍ୱରଂଜନ ଗତ ୨ମାସ ତଳେ ବିବାହ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ଆମ କଳାହାଣ୍ଡି





## ଜମି ଫାଟି ଆଁ କଲାଣି : ଚିନ୍ତାରେ ଚାଷୀ

# ପାଣି ଅଭାବରୁ ଅଟକିଛି ଧାନରୁଆ



କର୍ଲାମୁଣ୍ଡା,(ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ ଚଳିତ ଖରିଫରେ ବର୍ଷା ଅଭାବ ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ଶ୍ରାବଣ ମାସରେ ଚାଷ ଜମିରେ ପାଣି ନାହିଁ। ଫଳରେ ଧାନରୁଆ ଓ ବିହୁଡା କାର୍ଯ୍ୟ ଅଟକି ରହିଛି। ଚଳିତ ବର୍ଷା ଋତୁରେ କେବେ କେମିତି କାଁ ଭାଁ ବର୍ଷା ହେଉଛି। ପୋଖରୀ, ଜୋର, ନାଳ, ଶୁଖିଲା ରହିଥିବା ବେଳେ ବାହାଲରେ ଅଦ୍ୟାବଧି ପାଣି ଚାଲି ନାହିଁ। ଅନେକ ଜମି ଫାଟି ଆଁ କଲାଣି। ଏପଟେ କେନାଲ ଦ୍ୱାରା ଜଳସେଚନ ହେଉଥିଲେ ମଧ ତଳ ମୁଣ୍ଡରେ ପାଣି ସଠିକ ଭାବେ ପହଞ୍ଚି ପାରୁନାହିଁ। କେନାଲ ସଫେଇ କିଛି ସ୍ଥାନରେ କରି ଅଧାପନ୍ତରିଆ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ସମସ୍ୟା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଭବାନୀପାଟଣା ଏସ୍‌ଆର୍‌ଏମ୍ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

- ପୁରୁଷ ରୋଗୀଙ୍କୁ ମହିଳା ୱାର୍ଡରେ ଭର୍ତ୍ତି କଲେ କଲେଜ କର୍ତ୍ତୃପକ୍ଷ
- ଡାକ୍ତରଙ୍କ ଅବହେଳା ପାଇଁ ବାଟରେ ଚାଲିଗଲା ରୋଗୀଙ୍କ ଜୀବନ
- ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ଭାଷାଗତ ବୁଝାମଣାର ଅଭାବ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : 'ଆଗରୁ ଆମ ଭବାନୀପାଟଣା ଡାକ୍ତରଖାନା ଭଲଥିଲା, ଆମମାନଙ୍କ ଦୁଃଖ ଯନ୍ତ୍ରଣା କଥା ଡାକ୍ତରମାନେ ଶୁଣୁଥିଲେ, ବୁଝୁଥିଲେ। ଆମେ ବୁଝି ନପାରିଲେ ସେମାନେ ଆମକୁ ଭଲରେ ବୁଝେଇ ଦେଉଥିଲେ। ଆମେ ଦୁଇଦିନ ଜାଗାରେ ଚାରିଦିନ ରହି ସୁସ୍ଥ ହୋଇ ଫେରୁଥିଲୁ। ହେଲେ ଏବେ ଏଠାରେ ମେଡିକାଲ କଲେଜ ସ୍ଥାପନ ହେବା ପରଠାରୁ ମାଳମାଳ ଡାକ୍ତର ଓ ବଡବଡ ଡାକ୍ତରବାବୁମାନେ ଥିଲେ ମଧ ଆମେ ଠିକ୍ ରୂପେ ଚିକିତ୍ସା ନ ପାଇ ହନ୍ତସନ୍ତ ହେଉଛୁ' ବୋଲି ଅତି ଦୁଃଖରେ କହିଛନ୍ତି କଳାହାଣ୍ଡି ଜିଲ୍ଲା ଦୁର୍ଗମ ଅଞ୍ଚଳର କିଛି ରୋଗୀ ଓ ତାଙ୍କ ସହକାରୀମାନେ। ଇଏ ତ ଭାତହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଘଟଣା। ଦୈନନ୍ଦିନ ଏମିତି ବହୁ ଘଟଣା ଘଟି ଚାଲିଛି ଏହି ମୁଖ୍ୟ ଡାକ୍ତରଖାନାରେ ମେଡ଼ିକାଲ କଲେଜ ହେଲା ଦିନଠାରୁ। ତେବେ ଏକ ସମ୍ବେଦନଶୀଳ ଘଟଣାକୁ ଉଦାହରଣ ଭାବେ ନିଆଯାଉ। ଦୁଇଦିନ ତଳେ ସଡକ ଦୁର୍ଘଟଣାରେ ଆହତ ଜଣେ ଗୁରୁତର ରୋଗୀକୁ ଶହୀଦ ରେଣ୍ଡୋମାଝୀ ମେଡ଼ିକାଲ କଲେଜ ଓ ହସପିଟାଲ, ଭବାନୀପାଟଣାକୁ ଅଣାଯାଇଥିଲା। ତାଙ୍କୁ ଦିନ ପ୍ରାୟ ୧୨ଟା ସମୟରେ ଆଶୁଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଥିଲା। ବିଭାଗୀୟ ପଞ୍ଜିକରଣ ପରେ ଡାକ୍ତର ତାଙ୍କୁ ପ୍ରାଥମିକ ଯାଞ୍ଚ ନକରି ସଙ୍କଟାପନ୍ନ ଅବସ୍ଥାରେ ଥିବା ରୋଗୀକୁ ମହିଳା ୱାର୍ଡକୁ ପଠାଇ ଦେଇଥିଲେ। ସେଠାରୁ ପୁଣି କାଜୁଏଲିଟିରେ ରେଜିଷ୍ଟ୍ରେସନ କରାଇ ସର୍ଜରୀ ବିଭାଗରେ ଭର୍ତ୍ତି କରିବାପାଇଁ ପରିବାର ଲୋକଙ୍କୁ କୁହାଯାଇଥିଲା। ରୋଗୀ ଜଣକ ଥୁଆମୂଳ ରାମପୁର ରାଣୀଡୁମେର ଗ୍ରାମର ଲମ୍ବୋଦର ମାଝୀ ଓ ଜଣେ ଗ୍ରାମରକ୍ଷୀ ବୋଲି ପୋଲିସ କହିଛି। ଏହି ଖବର ପାଇ ଥୁଆମୂଳ ସରପଞ୍ଚ ବଳଭଦ୍ର ଯାନୀ ଡାକ୍ତରଖାନାରେ ପହଞ୍ଚି ଘଟଣାରେ ହସ୍ତକ୍ଷେପ କରିଥିଲେ ଓ ସଂଧ୍ୟାରେ ଗୁରୁତର ଲମ୍ବୋଦରଙ୍କୁ ସର୍ଜିକାଲ୍ ବିଭାଗରେ ଭର୍ତ୍ତି କରାଯାଇଥିଲା। ସେଠାରେ ମଧ ରୋଗୀଙ୍କୁ କୌଣସି ଉତ୍ତମ ଚିକିତ୍ସା ନଦେବାରୁ ସରପଞ୍ଚ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ଜଣାଇଥିଲେ। ଏହିପରି ଦୀର୍ଘ ସାତଘଣ୍ଟା ପରେ ଜଣେ ମହିଳା ଡାକ୍ତର ରୋଗୀ ପାଖରେ ପହଞ୍ଚି ରୋଗୀର ଅବସ୍ଥା କ୍ରିଟିକାଲ୍ ଅଛି, ଏଠାରେ ଏହାର ଚିକିତ୍ସା ଅସମ୍ଭବ ବୋଲି କହି ହଠାତ ବୁର୍ଲା ରେଫର୍ କରିଦେଲେ। ଶେଷରେ ବୁର୍ଲାକୁ ନେଉଥିବା ବେଳେ ବାଟରେ ରୋଗୀଙ୍କ ପ୍ରାଣ ବାୟୁ ଉଡିଯାଇଥିଲା। ଏହି ଦୁଃଖଦ ମୃତ୍ୟୁକୁ ନେଇ ଘରଲୋକେ ଏବଂ ସାଧାରଣ ଜନତା କ୍ଷୋଭ ପ୍ରକାଶ କରିଥିଲେ। ଶହୀଦ ରଣ୍ଡୋ ମାଝୀ ମେଡ଼ିକାଲ କଲେଜଟି ମୁଖ୍ୟ ଡାକ୍ତରଖାନା ଠାରୁ ପ୍ରାୟ ପାଞ୍ଚ ଛଅ କି.ମି. ଦୂରରେ ରହୁଥିବାରୁ ସେଠାରେ କଲେଜର ଡିନ୍‌ଙ୍କ ଠାରୁ ଆରମ୍ଭ କରି ପ୍ରଫେସର, ସହକାରୀ ପ୍ରଫେସର, ଡାକ୍ତର ତଥା ଡାକ୍ତରୀ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ରହନ୍ତି। ଡାକ୍ତରଖାନାକୁ ପ୍ରତିଦିନ ଯେଉଁ ଡାକ୍ତର, ସହକାରୀ ପ୍ରଫେସର ମାନେ ଆସନ୍ତି ସେମାନେ ଠିକ୍ ରୂପେ ଆଦିବାସୀ ଓ ସାଧାରଣ ଲୋକ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ପାରନ୍ତି ନାହିଁ କି ଆଦିବାସୀ ମାନଙ୍କ ଭାଷାକୁ ମଧ୍ୟ ବୁଝି ପାରନ୍ତି ନାହିଁ। ତେଣୁ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥାଏ ବୋଲି ଲୋକମାନେ ଆଲୋଚନା କରୁଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ଓ ନିଜେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସୁଧୁରିବା ପାଇଁ ଚେଷ୍ଟା କରନ୍ତୁ ବୋଲି ଦାବି ଉଠିଛି। ଏହା ମଧ ବିଡମ୍ବନାର ବିଷୟ ଯେ ଚାକିରୀକାଳ ଆଉ ମାତ୍ର ଦୁଇ ମାସ ବାକି ଥିବା ଜଣେ ବରିଷ୍ଠ ଡାକ୍ତର ସିଡିଏମ୍‌ଓ ହୋଇ କଳାହାଣ୍ଡି ଆସିଛନ୍ତି। ସରକାରୀ ନିୟମ ଅନୁସାରେ ଚାକିରୀରୁ ଅବସର ନେବାର ତିନିମାସ ବାକି ଥିଲେ ବରିଷ୍ଠ ଚାକିରୀଆ ଜଣଙ୍କୁ ବଦଳି କରାଯାଏନାହିଁ। ନୂତନ ସିଡିଏମ୍‌ଓ ପୂର୍ବରୁ କେନ୍ଦୁଝରରେ ସିଡିଏମ୍‌ଓ ଥିଲେ। ତାଙ୍କ ଚାକିରୀ କାଳ ଆଉ ଦୁଇମାସ ଥିଲାବେଳେ ଶେଷ ବେଳକୁ ତାଙ୍କୁ କେଉଁ ଦୋଷରେ କଳାହାଣ୍ଡି ପଠାଇଛନ୍ତି ବୁଝା ପଡୁନାହିଁ ବୋଲି ଜିଲ୍ଲାବାସୀ ଅଭିଯୋଗ କରିଛନ୍ତି।

## ସରକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ସ୍ଥିତ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ ମଙ୍ଗଳବାର ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଏନ୍‌ଏସି ଅଧକ୍ଷ ଅଶୋକ କୁମାର ମହାନ୍ତି, ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ଭାରପ୍ରାପ୍ତ ଉପଜିଲ୍ଲାପାଳ, ବିଭାଗୀୟ ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ 'ମା ପାଇଁ ଗଛ ଟିଏ' ଅଭିଯାନ ଅନ୍ତର୍ଗତ ମାଧମରେ ଚାରାରୋପଣ କାର୍ଯ୍ୟ ମଧ ସମ୍ପନ୍ନ ହୋଇଯାଇଛି।



## 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମ




ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଆଜି ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାନବିଶ ଅଧିକାରୀ ଅନିମେଶ ପ୍ରଧାନ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ରୂପସିଂ ରାଉତଙ୍କ ସହିତ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଦକ୍ଷିଣ ବନଖଣ୍ଡ ଅଧିକାରୀ, ବିଶ୍ୱନାଥପୁର ବନାଞ୍ଚଳ ଅଧିକାରୀ ନରୋତ୍ତମ ମାଝୀ, ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧରିତ୍ରୀ ବିଶୋଇ, ସ୍ନେହଲତା ବେହେରା, ଅଙ୍କିତା ଠାକୁର୍, କେ. ଶୈଳଜା, କାଳିଆସୁନା ବର୍ଦ୍ଧନ, ବିଭୀଷଣ ମାମ୍ବାଲାକା, ରୋଷନ ରାଉଳ, ବିଶ୍ୱାମିତ୍ର ଘଡେଇ, ମୋତିଲାଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ୟାରିସରେ ଅନ୍ତର୍ଜାତୀୟ ଇତିହାସ ଅଲମ୍ପିଆଡ଼ରେ ସ୍ୱର୍ଣ୍ଣ ଜିତିଲେ ଇଶାନ ପାତ୍ର




ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସମ୍ପ୍ରତି ପ୍ୟାରିସ ଠାରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ଇତିହାସ ଅଲମ୍ପିଆଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଧର୍ମଗଡ (ଗମ୍ଭାରୀ ଗୁଡା)ର ଇଶାନ ପାତ୍ର । ତାଙ୍କର ଏହି ସଫଳତାରେ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ଲିଙ୍ଗରାଜ ପାତ୍ର ଏବଂ ମୈତ୍ରେୟୀ ବେହେରାଙ୍କ ପୁଅ ଇଶାନ ପାତ୍ର, ପ୍ୟାରିସରେ ଅନୁଷ୍ଠିତ-୨୦୨୫ ଅନ୍ତର୍ଜାତୀୟ ଇତିହାସ ଅଲିମ୍ପିଆଡରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ସହର ନିକଟସ୍ଥ ଗମ୍ଭାରିଗୁଡ଼ାରୁ ଆସିଥିବା ଇଶାନ ବର୍ତ୍ତମାନ ଜାପାନଦେଶ ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଯେଉଁଠାରେ ସେ ଅଧ୍ୟୟନ କରୁଛନ୍ତି। ସେ ପୂର୍ବରୁ ଜାପାନରେ ଜାତୀୟସ୍ତରୀୟ ଇତିହାସ ଅଲିମ୍ପିଆଡରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ ଏବଂ ଗତ ବର୍ଷ ଥାଇଲ୍ୟାଣ୍ଡରେ ଏସୀୟ ଇତିହାସ ଅଲିମ୍ପିଆଡରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ, ଯେଉଁଠାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ-ପ୍ୟାରିସରେ ଅନ୍ତର୍ଜାତୀୟ ଇଭେଣ୍ଟରେ ତାଙ୍କର ଚୟନ ପାଇଁ ପଥ ପ୍ରଶସ୍ତ କରିଥିଲେ। ଯଦିଓ ସେ ଜାପାନର ପ୍ରତିନିଧି ଭାବରେ ଅଂଶଗ୍ରହଣ କରିଥିଲେ, ଇଶାନଙ୍କ ଉଲ୍ଲେଖନୀୟ ସଫଳତା ପରିବାର, ବନ୍ଧୁ, କଳାହାଣ୍ଡି ଏବଂ ଓଡ଼ିଶାର ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବ ଆଣିଥାଏ। ବିଶ୍ୱ ସ୍ତରରେ ଚମକୁଥିବା ଏକ ପ୍ରକୃତ କଳାହାଣ୍ଡିଆ ଓ ଓଡ଼ିଆ।

## ବ୍ଲକ ଉନ୍ନତି ଉପରେ ଆଲୋଚନା

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ କଳାହାଣ୍ଡି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଶିକ୍ଷାନବିଶ ଆଇଏଏସ ଅଧିକାରୀ ଅନିମେଶ ପ୍ରଧାନ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, କେସିଙ୍ଗା ପୋଲିସ ଉପଖଣ୍ଡ ଅଧିକାରୀ ସମ୍ବିତ ମାଝୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ବ୍ଲକ ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ, ମୋବାଇଲ ଟାୱାର ସଂଯୋଗ, ମନରେଗା, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା ଆଦି ସମ୍ପର୍କରେ ଲୋକେ ଆପତ୍ତି ଅଭିଯୋଗ କରିଥିଲେ। ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର, ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କ ସହିତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୭୯ଗୋଟି ବ୍ୟକ୍ତିଗତ ଓ ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା।




## ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ




ନର୍ଲା (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକରେ ଅଙ୍ଗନୱାଡ଼ି କର୍ମୀଙ୍କ ଦକ୍ଷତା ବିକାଶ ତାଲିମ ଆରମ୍ଭ ହୋଇଯାଇଛି। ମ୍ୟାନେଜ୍‌ମେଣ୍ଟ୍ ଆଣ୍ଡ୍ ଏଣ୍ଟ୍ରେପ୍ରେନ୍ୟୁରସିପ୍ ଆଣ୍ଡ୍ ପ୍ରଫେସ୍‌ନାଲ୍ ସ୍କିଲ୍ କାଉନ୍‌ସିଲ୍ ପକ୍ଷରୁ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ସହଯୋଗରେ ପରିଚାଳିତ ଏହି ୩୮ ଦିବସୀୟ ତାଲିମ କାର୍ଯ୍ୟକ୍ରମ ନର୍ଲା, ଭାନପୁର ଏବଂ ତୁଳାପଡ଼ା ସେକ୍ଟର ଅନ୍ତର୍ଭୁକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ନର୍ଲା ବ୍ଲକ୍ ସିଡିପିଓ ଅଞ୍ଜଳୀ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ୍ ସଂଯୋଜକ କ୍ଷୀରସିନ୍ଧୁ ମହାଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ସୁପରଭାଇଜର ଯଶୋବନ୍ତି ନାଏକ, ଗୀତାଞ୍ଜଳୀ ସାହୁ ଏବଂ କୁନ୍ତଳା ନାଗ ମାର୍ଗ ଦର୍ଶନ କରିଥିଲେ। ପ୍ରଥମ ଦିବସରେ ତାଲିମ ଦାତା ଅରୁଣ କୁମାର ପ୍ରଧାନୀ, ଜୟଶଙ୍କର ରାଉତ ତାଲିମ ପ୍ରଦାନ କରିଥିବା ବେଳେ ସୁଶ୍ରୀ ଝରଣା ପ୍ରଧାନୀ ଏବଂ ପିତାମ୍ବର ଗଉଡ଼ ସହଯୋଗ କରିଥିଲେ।

## ଦିଲ୍ଲୀ ଏମ୍ସରେ ପୀଡିତାଙ୍କୁ ଭେଟିଲେ ସୁନୀତି ମୁଣ୍ଡ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀର ବଳଙ୍ଗା ଠାରେ ଷୋହଳ ବର୍ଷର ନାବାଳିକାଙ୍କୁ ସୁନୀତି ମୁଣ୍ଡ ଦିଲ୍ଲୀ ସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧିନ ଥିବା ଅବସ୍ଥାରେ ଭେଟିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଓ ଅଭାବନୀୟ ଘଟଣା ପ୍ରତି ସୁନୀତି ଦୁଃଖ ପ୍ରକାଶ କରିବା ସହିତ ଅତ୍ୟନ୍ତ ମର୍ମାହତ ଥିବା ବ୍ୟକ୍ତ କରିଛନ୍ତି। ପୀଡିତାଙ୍କ ଶରୀର ଉପରି ଭାଗରେ ବିଶେଷ କ୍ଷତି ନାହିଁ କିନ୍ତୁ ପେଟ ଠାରୁ ତଳକୁ ପାଦ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ହୋଇଥିବା ସେ ପ୍ରକାଶ କରିଛନ୍ତି। ସୁନୀତି ପୀଡିତାଙ୍କ ପିତାଙ୍କ ସହିତ କଥା ହୋଇ ଝିଅଟିର ଚିକିତ୍ସା ସମ୍ପର୍କରେ ବୁଝାଶୁଝା କରିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା ପରିବାର ଲୋକଙ୍କ ଠାରୁ ଶୁଣିବାକୁ ପାଇଥିଲେ। ଝିଅର ଅବସ୍ଥାକୁ ନେଇ ତାଙ୍କ ପିତା ଖୁବ୍ ଭାଙ୍ଗିପଡିଥିବା ବେଳେ ସୁନୀତି ତାଙ୍କୁ ଆଶ୍ୱସ୍ତ କରିଛନ୍ତି। ତାଙ୍କର ଦୁଇ ଝିଅ ମଧ୍ୟରୁ ପୀଡିତା ବଡ, ଯିଏକି ଅଷ୍ଟମ ଶିକ୍ଷାପରେ ତିନି ବର୍ଷ ହେଲା ପାଠପଢ଼ା ଛାଡି ଦେଇ ଘରେ ଥିଲା। ଦୁର୍ଘଟଣା ଦିନ ସକାଳ ସାତଟା ସମୟରେ ସେ ଘରୁ କୌଣସି କାରଣ ବଶତଃ ବାହାରକୁ ଯାଇଥିବାବେଳେ କିଛି ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇ ଥିବା ଜଣାପଡ଼ିଛି। ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଶୀଘ୍ର ସୁସ୍ଥ ହୁଅନ୍ତୁ, ଏହା ମହାପ୍ରଭୁଙ୍କ ଠାରେ ସେ ପ୍ରାର୍ଥନା କରିଛନ୍ତି। ଦୁର୍ବୃତ୍ତ ମାନଙ୍କୁ ସରକାର ଶୀଘ୍ର ଠାବ କରି ଉପଯୁକ୍ତ ଦଣ୍ଡ ତୁରନ୍ତ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ଶ୍ୱାସରୁଦ୍ଧ ସ୍ଥିତିରେ ଜୁନାଗଡ଼ କଳମପୁର ଛକ କେନାଲ



**ଚିନ୍ତାରେ ଚାଷୀ**

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର କଳମପୁର୍ ଛକ ଗାୟତ୍ରୀ ମନ୍ଦିର ପାଖ ଦେଇ ଯାଇଥିବା ଜଳସେଚନ କେନାଲର ସ୍ଥିତି ଏବେ ବିପନ୍ନ ହୋଇପଡ଼ିଛି। କିଛି ବଡ଼ ବଡ଼ିଆ ବାବୁ କେନାଲକୁ ଅବରୋଧ କରି ଅଟ୍ଟାଳିକା ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ମେରିଆବନ୍ଧଲି ଦେଇ ଆସିଥିବା ଇନ୍ଦ୍ରାବତୀ ଜଳସେଚନ ବିଭାଗର ଏହି କେନାଲ ସହର କଡେ କଡେ ଆସି ଏବର ଶ୍ରୀଦୁର୍ଗା ନଗର, ସାହୁପଡ଼ା ପଛପଟ ହୋଇ ଜୁନାଗଡ଼-ବ୍ରାହ୍ମଣୀଗୁଡା ରାସ୍ତା ପାରି ହୋଇ କଳମପୁର ଛକ ଗାୟତ୍ରୀ ମନ୍ଦିର ପର୍ଯ୍ୟନ୍ତ ରହିଥିବା ବେଳେ ଆଗକୁ କେନାଲ କିଛି ବ୍ୟବସାୟୀ ଅବରୋଧ କରିଥିବା ହେତୁ ଆଉ ଆଗକୁ କେନାଲର ଚିହ୍ନ ବର୍ଣ୍ଣ ମଧ ନାହିଁ। ଏହି କେନାଲ ଉପରେ ଅଞ୍ଚଳର ଶହ ଶହ ଚାଷୀ ନିର୍ଭର କରୁଥିବା ବେଳେ, କେନାଲ ଓ ଜଳସେଚନର ଦୁଃସ୍ଥିତିକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ପୂର୍ବରୁ ଏହି କେନାଲ ଦେଇ ଜଳସେଚଚନ ଖାଲିଅଭଟା ସହ ତାଲବନ୍ଧପଡା ଶେଷ ମୁଣ୍ଡ ପର୍ଯ୍ୟନ୍ତ ଯାଉଥିବା ଚାଷୀମାନେ ପ୍ରକାଶ କରନ୍ତି। ହେଲେ ଏବେ ଏହି କେନାଲର ଗତିପଥ ଗାୟତ୍ରୀ ମନ୍ଦିର ଠାରୁ କେଉଁଆଡ଼େ ଉଭେଇ ଯାଇଛି। ତାହା ଜଣାପଡୁ ନାହିଁ। ବ୍ରାହ୍ମଣୀଗୁଡା ରାସ୍ତା ପାଖରୁ କଳମପୁର ଛକ ଗାୟତ୍ରୀ ମନ୍ଦିର ମଧ୍ୟରେ ଅଧାରୁ କେନାଲ ରାସ୍ତା ଦୀର୍ଘଦିନରୁ ଅବରୋଧ ହୋଇଛି। ସମ୍ପୃକ୍ତ କେନାଲର ସଂଲଗ୍ନ ସରକାରୀ ଜମି ଲୋକେ ଅଧିକୃତ କିଛି ଶିଳ୍ପପତି ବେଆଇନ ଅକ୍ତିଆର କରିଥିବା ସର୍ବସାଧାରଣରେ ଅଭିଯୋଗ ହୁଏ। ଜୁନାଗଡ ସହର କଳମପୁର ଛକ ସ୍ଥିତ ଗାୟତ୍ରୀ ମନ୍ଦିର ପାଖରେ ନିଜର ଗତିପଥ ଅଣ୍ଡାଳୁଥିବା ଏହି କେନାଲର ସ୍ଥିତି ସଙ୍ଗିନ ହୋଇଛି। ପୂର୍ବରୁ କୁଆଡ଼େ ଏହି କେନାଲର ଗତିପଥ ଯାଇଥିବା ଜାଗାରେ ଏବେ ବଡ଼ବଡ଼ ଶିଳ୍ପପତି-ବ୍ୟବସାୟୀଙ୍କ କବଜା ରହିଛି। କେନାଲ ପାର୍ଶ୍ୱବର୍ତ୍ତୀ ଲୋକେ କେନାଲକୁ ଡ୍ରେନ ଭଳି ବ୍ୟବହାର କରି କୁଢ଼କୁଢ଼ ଅଳିଆ ଆବର୍ଜନା ପକାଉଛନ୍ତି। କେନାଲର ବହୁବିଧ ସମସ୍ୟା ସମ୍ପର୍କରେ ସଂପୃକ୍ତ ଇନ୍ଦ୍ରାବତୀ ଜଳସେଚନ ବିଭାଗର ଯନ୍ତ୍ରୀଙ୍କୁ ମତାମତ ନେବାରୁ ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। କେନାଲ ଜମି କବଜା ଉପରେ ଏକ ଆରଡିସି ସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ଏନେଇ ପ୍ରଶାସନ ଦୃଷ୍ଟି ଦେଇ କେନାଲର ପୂର୍ବ ସ୍ଥିତିକୁ ଫେରାଇବା ପାଇଁ ସାଧରଣରେ ଦାବି ହେଉଛି।

# ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରୋତ୍ସାହନ ରାଶି ହଡ଼ପ ଅଭିଯୋଗ


ଗୋଲାମୁଣ୍ଡା,(ଓଡିଶା ଭାସ୍କର): ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଦିଗରେ ସରକାର ବିଭିନ୍ନ ଯୋଜନା ମାନ ପ୍ରଣୟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ବିଭାଗ ତରଫରୁ ମଧ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ମତ୍ସ୍ୟ ଚାଷ ନିମନ୍ତେ ସରକାରୀ ପ୍ରୋତ୍ସାହନ ରାଶି ଯୋଗାଇଦିଆଯାଉଛି । ହେଲେ ଏହି ରାଶିକୁ ଗ୍ରୁପର ସଦସ୍ୟାଙ୍କ ଅଜାଣତରେ ଗ୍ରୁପର ସମ୍ପାଦିକା ଓ ସଭାନେତ୍ରୀ ଚକ୍ରାନ୍ତ କରିଥିବା ନେଇ ଗୋଲାମୁଣ୍ଡା ଥାନା ରେ ଏକ ଅଭିଯୋଗ ହୋଇଛି। ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ପଞ୍ଚାୟତ ଲିମସେର ଗାଁର ୧୦ଜଣ ମହିଳା ମିଶି ମା' ଧରଣୀ ସ୍ୱୟଂ ସହାୟିକା ଗୋଷ୍ଠୀ କରିଥିଲେ। ସେମାନେ ଲିମସେର ଗ୍ରାମର ଦୁଲ୍‌କିସାଗର ନାମକ ଏକ ପୋଖରୀ ନିଲାମରେ ସାମିଲ ହୋଇ ମାଛ ଚାଷ ପାଇଁ ୫ ବର୍ଷ ପାଇଁ ଲିଜ୍ ?ରେ ନେଇଥିଲେ। ସରକାରଙ୍କ ନିୟମ ମୁତାବକ ପୋଖରୀରେ ମାଛ ଚାଷ ପାଇଁ ମହିଳାଙ୍କୁ ସରକାରୀ ପ୍ରୋତ୍ସାହନ ରାଶି ଯୋଗାଇଦେଇଥାନ୍ତି। ଏହା ଜାଣିବା ପରେ ଗୋଷ୍ଠୀର ସମସ୍ତ ମହିଳା ମାନେ ଏକ ବୈଠକ କରି ସରକାରୀ ପ୍ରୋତ୍ସାହନ ରାଶି ନିମନ୍ତେ ଆବେଦନ କରିଥିଲେ। ଆବେଦନ ଅନୁସାରେ ସରକାର ମା'ଧରଣୀ ସ୍ୱୟଂ ସହାୟିକା ଗୋଷ୍ଠୀର ବ୍ୟାଙ୍କ ଆକାଉଣ୍ଟରେ ପ୍ରୋତ୍ସାହନ ରାଶି ଯୋଗାଇଦେଇଥିଲେ। କିନ୍ତୁ ଚକ୍ରାନ୍ତ କରି ଗୋଷ୍ଠୀର ସଭାନେତ୍ରୀ ରୁକ୍ମିଣୀ ମଙ୍ଗରାଜ ଓ ସଂପାଦିକା ସଭ୍ୟା ପଟେଲ ଉକ୍ତ ପ୍ରୋତ୍ସାହନ ରାଶିକୁ ବ୍ୟାଙ୍କରୁ ଉଠାଣ କରି ନେଇଥିବା ଏତଲାରେ ଦର୍ଶାଯାଇଛି। ସମସ୍ତ ସଭ୍ୟା ଟଙ୍କା କୁଆଡ଼େ ଗଲା ବୋଲି ପଚାରିବାରୁ ସଭାନେତ୍ରୀ ଓ ସଂପାଦିକା ଦୁଇ ଜଣ ଗାଳିଗୁଲଜ ଓ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଏନେଇ ଗୋଲାମୁଣ୍ଡା ଥାନାରେ ଏହି ଗ୍ରୁପର ଅନ୍ୟ ସଦସ୍ୟା ମାନେ ଆଜି ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିବା ମହିଳାମାନେ ପ୍ରକାଶ କରିଛନ୍ତି।

## ରାଶିଫଳ


ବୁଧବାର, ୨୩ ଜୁଲାଇ ୨୦୨୫



**ମେଷ:** ପରିବାର ସହିତ ବୈଠକର ଆପଣ ମହତ୍ୱପୂର୍ଣ୍ଣ ଚର୍ଚ୍ଚା-ବିଚାରଣା କରିବେ। ଘରର ସାଜ-ସଜ୍ଜାରେ ଆପଣଙ୍କୁ ପରିବର୍ତ୍ତନ କରିବାକୁ ଇଚ୍ଛା ହେବ। ଅଫିସ୍ କିମ୍ବା ବ୍ୟବସାୟ କ୍ଷେତ୍ରରେ ଅଧିକାରୀମାନଙ୍କ ସହିତ ମଧ ମହତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଚର୍ଚ୍ଚା ହେବ। କାର୍ଯ୍ୟଭାର ବଢ଼ିପାରେ।




**ବୃଷ:** ନୂଆ କାର୍ଯ୍ୟର ପ୍ରେରଣା ମିଳିବ ଏବଂ ଆପଣ ତାଙ୍କୁ ପ୍ରାରମ୍ଭ କରିପାରିବେ। କୌଣସି ଧାର୍ମିକ ସ୍ଥଳ ଯାତ୍ରାକରି ଆପଣଙ୍କ ମନ ଭକ୍ତିମୟ ହୋଇଯିବ। ଲମ୍ବା ଯାତ୍ରାର ଯୋଗ ଅଛି। ଦୂର ସ୍ଥିତ ସ୍ନେହୀଜନ କିମ୍ବା ମିତ୍ରମାନଙ୍କର ଶୁଭ ସମାଚାର ମିଳିବ।



**ମିଥୁନ:** ନିଷେଧାତ୍ମକ ବିଚାରରୁ ଦୂରରେ ରହିବାକୁ ଉପଦେଶ। ନୂଆ କାର୍ଯ୍ୟର ପ୍ରାରମ୍ଭ ତଥା ସ୍ୱାସ୍ଥ୍ୟ ଉପଚାର ପ୍ରାରମ୍ଭ କରିବା ହୀତକର ନୁହେଁ। କ୍ରୋଧର ଭାବନାକୁ ନିୟନ୍ତ୍ରଣରେ ରଖିବେ। ନହେଲେ ଅନିଷ୍ଟକର ପ୍ରସଙ୍ଗର ସମ୍ଭାବନା ଅଛି। ଖର୍ଚ୍ଚ ଅଧିକ ହେବ। ଧନର ସଙ୍କଟ ଅନୁଭବ ହେବ।



**କର୍କଟ:** ବୈଭବ ଜୀବନଶୈଳୀ ତଥା ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆଜି ଆପଣ ଆନନ୍ଦିତ ରହିବେ। ବ୍ୟବସାୟ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ମାନ-ପ୍ରତିଷ୍ଠାରେ ବୃଦ୍ଧି ହେବ। ଯାତ୍ରା କିମ୍ବା ପ୍ରବାସର ଆୟୋଜନ କରି ପାରିବେ।




**ସିଂହ:** ପାରିବାରିକ ସଦସ୍ୟମାନଙ୍କ ସହିତ ବାଣୀରେ ନିୟନ୍ତ୍ରଣ ରଖିବେ। ଯାହାଫଳରେ ସଂଘର୍ଷ ଟାଳି ପାରିବେ। ଦୈନିକ କାର୍ଯ୍ୟରେ ବିଘ୍ନ ଆସିପାରେ। ସେଥିପାଇଁ କାର୍ଯ୍ୟ ସଂପନ୍ନ ହେବାରେ ସହାୟତା ମିଳିବ। ଅଧିକ ପରିଶ୍ରମ ପରେ ମଧ ପ୍ରାପ୍ତି କମ ହେବାରୁ ହତାଶା ଅନୁଭବ ହୋଇପାରେ। ମାତାଙ୍କର ଚିନ୍ତା ରହିବ।




**କନ୍ୟା:** ଆଜିର ଦିନ ଆପଣଙ୍କୁ କୌଣସି ଭାବରେ କଳହ ଏବଂ ଚର୍ଚ୍ଚାରୁ ଦୂରରେ ରହିବାକୁ ଉପଦେଶ ଦେଉଛି। ଆକସ୍ମିକ ଖର୍ଚ୍ଚର ସମ୍ଭାବନା ଅଛି। ବିଦ୍ୟାର୍ଥୀମାନଙ୍କପାଇଁ ପାଠପଢାରେ ବାଧା ଆସିବ। ପେଟ ସମ୍ବନ୍ଧିତ ପୀଡ଼ା ହୋଇପାରେ।




**ତୁଳା:** ଆପଣଙ୍କପାଇଁ ସମୟ ଶୁଭ ଅଟେ। ମନରେ ସମ୍ବେଦନଶୀଳତାର ମାତ୍ରା ଅଧିକ ରହିବ। ଶାରୀରିକ ସ୍ଫୁର୍ତ୍ତିର ଅଭାବ ରହିବ। ମାନସିକ ବ୍ୟଗ୍ରତା ମଧ ରହିବ। ଧନ ଏବଂ କୀର୍ତ୍ତିର ହାନି ହେବ। ମାତାଙ୍କର ସ୍ୱାସ୍ଥ୍ୟର ଚିନ୍ତା ରହିବ। ନିକଟ ସମ୍ବନ୍ଧିମାନଙ୍କ ସହିତ ଝଗଡ଼ା କିମ୍ବା ବିବାଦର କାରଣରୁ ମନକୁ ଚୋଟ ପହଁଚିବାର ପ୍ରସଙ୍ଗ ବନିବ।



**ବିଛା:** ଆଜି ପୂରା ଦିନ ଆପଣ ପ୍ରସନ୍ନ ରହିବେ। କୌଣସି ନୂଆ କାର୍ଯ୍ୟର ପ୍ରାରମ୍ଭ କରି ପାରିବେ। ସାଥିମାନଙ୍କଠାରୁ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ମିତ୍ର ଏବଂ ସ୍ୱଜନମାନଙ୍କର ଭେଟ ହୋଇପାରେ। କୌଣସି କାମରେ ଆଜି ଆପଣଙ୍କୁ ସଫଳତା ମିଳିବ। ଆର୍ଥିକ ଲାଭ ଏବଂ ଭାଗ୍ୟବୃଦ୍ଧିର ଯୋଗ ଅଛି। ଭାଇ-ଭଉଣୀମାନଙ୍କଠାରୁ ଲାଭ ହେବ।




**ଧନୁ:** ଆପଣଙ୍କର ଦିନ ମିଶ୍ର ଫଳଦାୟୀ ଅଟେ। ଅସାମଞ୍ଜସ୍ୟ କାରଣରୁ ନିର୍ଣ୍ଣୟ ନେବା କଠିନ ହେବ। ମନରେ ବ୍ୟଗ୍ରତା ରହିବ। ପରିବାରଜନମାନଙ୍କ ସହିତ ମନମାଳିନ୍ୟ ନ ହେଉ ଏହାର ଧ୍ୟାନ ରଖିବେ। କାର୍ଯ୍ୟରେ ଅପେକ୍ଷିତ ସଫଳତା ନ ମିଳିବାରୁ ନିରାଶା ହେବ। କାର୍ଯ୍ୟଭାର ମଧ ବଢିପାରେ।



**ମକର:** ଜଗନ୍ନାଥଙ୍କର ଆଶୀର୍ବାଦରେ ଆଜି ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସରଳତାରେ ପୂର୍ଣ୍ଣ ହେବ। କାର୍ଯ୍ୟାଳୟରେ ତଥା ବ୍ୟବସାୟ ସ୍ଥଳରେ ଆପଣଙ୍କ ପ୍ରତିଷ୍ଠାରେ ବୃଦ୍ଧି ହେବ। ପଦୋନ୍ନତିର ଯୋଗ ଅଛି। ଗୃହସ୍ଥଜୀବନରେ ଆନନ୍ଦର ବାତାବରଣ ରହିବ। ଶାରୀରିକ ହାନିର ଯୋଗ ହେବାରୁ ସମ୍ଭାଳିକରି ରୁହନ୍ତୁ। ମିତ୍ର ତଥା ସ୍ନେହୀଜନମାନଙ୍କ ସାଥିରେ ଭେଟ ହେବ। ମାନସିକ ରୂପରେ ଶାନ୍ତି ରହିବେ।



**କୁମ୍ଭ:** ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ଉପଦେଶ। ମାନସିକ ସୁସ୍ଥତା କମ ରହିବ। କୋର୍ଟ-କଚେରୀର ମାମଲାରେ ପଡ଼ନ୍ତୁନାହିଁ। ଅନୁଚିତ ସ୍ଥାନରେ ପୁଞ୍ଜି ନିବେଶ ନ ହେଉ ଏହାର ଧ୍ୟାନ ରଖିବେ। ପରିବାରର ସଦସ୍ୟ ବିରୋଧୀ ବ୍ୟବହାର କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଧନ ଖର୍ଚ୍ଚର ଯୋଗ ଅଛି।



**ମୀନ:** ଆଜି ଆପଣ ପାରିବାରିକ ତଥା ସାମାଜିକ କଥାଗୁଡ଼ିକରେ ବିଶେଷ ଲିପ୍ତ ରହିବେ। ମିତ୍ରମାନଙ୍କସହ ଭେଟ ହେବ ଏବଂ ତାଙ୍କ ଖର୍ଚ୍ଚ କରିବାକୁ ପଡ଼ିବ। ରମଣୀୟ ସ୍ଥାନକୁ ଯାତ୍ରା କରିବାର ସମ୍ଭାବନା ଅଛି। ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କୁ ଲାଭ ହେବ। ଜୀବନସାଥୀ ଇଚ୍ଛୁକଙ୍କୁ ଭଲ ଜୀବନସାଥୀ ମିଳିବାର ଯୋଗଅଛି।



ଜ୍ୟୋତିଷ ପୃଷ୍ଠା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯